


‘ୱେଲ୍‌କମ୍ ୪’ କାମ ଆରମ୍ଭ

▸ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-260 ◆THURSDAY ◆19 MARCH 2026 ◆PAGE-12 ◆₹ 7.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୨୬୦ ◆ଗୁରୁବାର ◆୧୯ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


### ଆମେରିକାର ଏଫ୍-୧୫ ଇଗଲ୍ ଅଜାଡ଼ିଲା ୨୨ କ୍ୱିଣ୍ଟାଲର ବଙ୍କର ବଷ୍ଟର

## ଖାର୍ଗ ଉପଦ୍ୱୀପରେ ଇରାନ କ୍ଷେପଣାସ୍ତ୍ର ଘାଟି ଧ୍ୱସ୍ତବିଧ୍ୱସ୍ତ

■ ତେହରାନ, ୧୮।୩ (ଏଜେନ୍ସି): ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ ‘ହର୍ମୁଜ ପ୍ରଣାଳୀ’କୁ ଇରାନ କବଳରୁ ମୁକ୍ତ କରିବାକୁ ଆମେରିକା ଆରମ୍ଭ କରିଛି ସାମରିକ କାର୍ଯ୍ୟାନୁଷ୍ଠାନ। ଆମେରିକୀୟ ସେନା ଖାର୍ଗ ଦ୍ୱୀପରେ ଇରାନ୍‌ର କ୍ଷେପଣାସ୍ତ୍ର ଘାଟି ଉପରେ ଏଫ୍-୧୫ ଇଗଲ ବୋମାବର୍ଷୀ ବିମାନରୁ ୨୨ କ୍ୱିଣ୍ଟାଲ ଓଜନ ବିଶିଷ୍ଟ ବଙ୍କର ଭେଦୀ ‘ଡ଼ିପ୍ ଥ୍ରୋଟ’ ଫିଙ୍ଗି ସମ୍ପୂର୍ଣ୍ଣ କ୍ଷେପଣାସ୍ତ୍ର ପ୍ରଣାଳୀକୁ ଧ୍ୱଂସ କରିଥିବା ଦାବି କରିଛି। ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ସୂଚନା ଅନୁସାରେ ଇରାନୀ କ୍ଷେପଣାସ୍ତ୍ର ଘାଟି ଉପରେ ୫୦୦୦ ପାଉଣ୍ଡ (୨୨.୬୮ କ୍ୱିଣ୍ଟାଲ) ଓଜନର ଏକାଧିକ ଭୂତଳ ଭେଦୀ ବଙ୍କର ବଷ୍ଟର ବ୍ୟବହାର କରିଛନ୍ତି। ଏହି ବୋମାଗୁଡ଼ିକ ମାଟି ତଳେ ବହୁ ଗଭୀରରେ ଥିବା ଘାଟିକୁ ନଷ୍ଟ କରିବାର କ୍ଷମତା ରଖିଥାଏ। ଏହି ବୋମାର ଅନୁମାନିକ ମୂଲ୍ୟ ପ୍ରାୟ ୨,୮୮,୦୦୦ ଡଲାର ଅର୍ଥାତ ୨ କୋଟି ୪୦ ଲକ୍ଷ ୪୮ ହଜାର ଟଙ୍କା ବୋଲି କୁହାଯାଏ।

ଇସ୍ରାଏଲ୍ ଓ ଆମେରିକାର ମିଳିତ ଆକ୍ରମଣ ପରେ ଇରାନ ସମ୍ପୂର୍ଣ୍ଣ ହର୍ମୁଜ ପ୍ରଣାଳୀକୁ ନିଜ ନିୟନ୍ତ୍ରଣରେ ରଖିଛି। ଏହି ପଥ ଦେଇ ତୈଳ ଓ ପ୍ରାକୃତିକ ଗ୍ୟାସ ପରିବହନ କରୁଥିବା ଅନ୍ୟ ଦେଶର ଜାହାଜ ଉପରେ ଆକ୍ରମଣ ପାଇଁ ଆଣ୍ଟି ସିପ୍ କ୍ରୁଜ ମିଶାଇଲ୍ ଖଞ୍ଜିଥିଲା। ହର୍ମୁଜ ପ୍ରଣାଳୀକୁ ଇରାନ୍ ଦଖଲରୁ ମୁକ୍ତ ପାଇଁ ଆମେରିକା ରାଷ୍ଟ୍ରପତି ନାଟୋ ଦେଶ ଓ ୟୁରୋପୀୟ ସମୁଦାୟର ସହଯୋଗ ଲୋଡ଼ିଥିଲେ, ଏପରିକି ଇରାନ ଉପରେ ଆକ୍ରମଣ ପାଇଁ ସାଉଦୀ ଆରବ ଓ ଅନ୍ୟ ଆରବୀୟ ଦେଶଗୁଡ଼ିକୁ ▸ପୃଷ୍ଠା-୭

### ଇରାନ ଗୁଇନ୍ଦା ବିଭାଗ ମନ୍ତ୍ରୀଙ୍କୁ ହତ୍ୟା କରାଯିବା ନେଇ ଇସ୍ରାଏଲର ଦାବି



# ବିଧାନସଭାରେ ‘ରାମ୍ ନାମ୍ ସତ୍ୟ ହେ..’

## ଏସ୍‌ସିବି ତାତି: ସ୍ୱାସ୍ଥ୍ୟ ବିଭାଗର କୋକେଇ ଉଠାଇଲେ ବିରୋଧୀ

■ ଭୁବନେଶ୍ୱର, ୧୮।୩ (ସମିସ): ବିଧାନସଭାରେ ଦେଖିବାକୁ ମିଳିଛି ଏକ ଅଭୂତପୂର୍ବ ଦୃଶ୍ୟ। ରାମନାମ ସତ୍ୟ ହେ, ହରିନାମ ସତ୍ୟ ହେ ଧ୍ୱନି ଦେଇ ଏସ୍‌ସିବି ନିଆଁରେ ମୃତ ସ୍ୱାସ୍ଥ୍ୟ ବିଭାଗର ପ୍ରତୀକାତ୍ମକ ଶବକୁ କୋକେଇରେ ବୁଲେଇଛନ୍ତି ବିରୋଧୀ। ବିଧାନସଭା ଗୃହ ମଧ୍ୟରେ ବିଜେଡି ସଦସ୍ୟମାନେ ରିପୋର୍ଟର୍ସ ଟେବୁଲ ଉପରେ ପ୍ରତୀକାତ୍ମକ ଶବ ରଖି ପ୍ରତିବାଦ କରିଛନ୍ତି। ସେହିପରି ବିଧାନସଭା ପରିସରରେ ଖଇ କଉଡ଼ି ବିଞ୍ଚି କୋକେଇ ପରିକ୍ରମା କରିଛନ୍ତି। ସରକାରଙ୍କ ବିବେକ ଓ ନୈତିକତାକୁ ନେଇ ପ୍ରଶ୍ନ ଉଠାଇବା ସହ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ତୁରନ୍ତ ଇସ୍ତଫା ଦାବି କରିଛନ୍ତି ବିଜେଡି ଓ କଂଗ୍ରେସ। ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ କାରଣରୁ ବିଧାନସଭା ଆଜି ମଧ୍ୟ ଚାଲିପାରି ନ ଥିବା ବେଳେ ଅପରାହ୍ନରେ ବିନା ବିରୋଧୀଙ୍କ ଅଂଶଗ୍ରହଣରେ ପଞ୍ଚାୟତିରାଜ ବିଭାଗର ଖର୍ଚ୍ଚଦାବି ପାରିତ ହୋଇଛି।

ବୁଧବାର ବିଧାନସଭାରେ ବିରୋଧୀ ଦଳର ବିଧାୟକମାନେ ଏସସିବି ଦୁର୍ଘଟଣା ପ୍ରସଙ୍ଗକୁ ନେଇ ଭିନ୍ନ ଢ଼ଙ୍ଗରେ ପ୍ରତିବାଦ କରିଛନ୍ତି। ଗୃହ କାର୍ଯ୍ୟ ଆରମ୍ଭ ହେବ କ୍ଷଣି ଉଭୟ ଦଳର ବିଧାୟକମାନେ ଗୃହର ମଧ୍ୟ ଭାଗକୁ ଆସି ‘ରାମ ନାମ ସତ୍ୟ ହେ ହରି ନାମ ସତ୍ୟ ହେ’ ସ୍ଲୋଗାନ ଦେଇ ଗୃହ କମ୍ପାଇଥିଲେ। ସାଥିରେ ଆଣିଥିବା ବିଭିନ୍ନ ବ୍ୟାନର ମଧ୍ୟ ପ୍ରଦର୍ଶିତ କରିଥିଲେ। ବିଜେଡି ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ଗୃହ ମଧ୍ୟରେ ଥିବା ରିପୋର୍ଟର୍ସ ଟେବୁଲରେ ଏକ ତଉଲିଆକୁ ଶବ ଆକାରରେ ସଜାଇ ଫୁଲମାଳ ଦେଇଥିଲେ। ବିଜେଡିର ଅନ୍ୟ ସଦସ୍ୟମାନେ ହାତରେ ପୋଷ୍ଟର ବ୍ୟାନର ଧରି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଟେବୁଲ ଚାରିପାଖେ ବୁଲି ସ୍ଲୋଗାନ ଦେଉଥିଲେ। ରାଜ୍ୟର ସ୍ୱାସ୍ଥ୍ୟ ବିଭାଗ ମୃତ ଅବସ୍ଥାରେ ଥିବା ଆକ୍ଷେପ କରି ସରକାରଙ୍କୁ ଟାର୍ଗେଟ କରିଥିଲେ। ବିରୋଧୀଙ୍କ ପ୍ରତିବାଦ ତୀବ୍ର ହେବାରୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ୧୦ ଟା ୩୭ ରୁ ୧୧ ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଗୃହ ମୁଲତବୀ ହେବ ପରେ ବିରୋଧୀ ଦଳର ସଦସ୍ୟମାନେ ଗୃହ ବାହାରେ ବିଧାନସଭା ପରିସରରେ ପ୍ରତୀକାତ୍ମକ ଶୋଭାଯାତ୍ରା କରିଥିଲେ। ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଗୌତମବୁଦ୍ଧ ଦାସ କୋଡେଇ ବାନ୍ଧିଥିଲେ। ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପ୍ରଶାନ୍ତ ବେହେରା, କଂଗ୍ରେସ ବିଧାୟକ ମଙ୍ଗୁ ଖିଲ ଓ ନୀଳମାଧବ ହିକ୍କା କୋକେଇ କାନ୍ଧେଇଥିଲେ। ବିଜେଡି ବିଧାୟକ ଧ୍ରୁବ ଚରଣ ▸ପୃଷ୍ଠା-୭



- ରିପୋର୍ଟସ ଟେବୁଲ ଉପରେ ପ୍ରତୀକାତ୍ମକ ଶବ ରଖି ବିଜେଡିର ପ୍ରତିବାଦ
- ଖଇ ବିଞ୍ଚି ବିଧାନସଭା ପରିସରରେ ବିରୋଧୀ କଲେ ‘କୋକେଇ’ ପରିକ୍ରମା
- ବିନା ବିରୋଧୀରେ ଗୃହରେ ପାରିତ ହେଲା ପଞ୍ଚାୟତିରାଜ ବିଭଗର ଖର୍ଚ୍ଚ ଦାବି

# ଏସ୍‌ସିବିରେ ପୁଣି ନିଆଁ

## ଟ୍ରମା ପରେ ଏବେ ‘ନନ୍-ଟ୍ରମା’ ୟୁନିଟ୍‌ରେ ଅଗ୍ନିକାଣ୍ଡ

■ କଟକ,୧୮।୩ (ସମିସ): ରାଜ୍ୟର ପ୍ରମୁଖ ଚିକିତ୍ସା କେନ୍ଦ୍ର କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ଏବେ “ଅଗ୍ନିରାକ୍ଷସ’ର କବଳରେ ଥିବା ପରି ମନେହେଉଛି। ଗତ ରବିବାର ବିଳମ୍ବିତ ରାତିରେ ଟ୍ରମା ଆଇସିୟୁରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡର କ୍ଷତ ଏବେ ବି ଶୁଖି ନ ଥିବା ବେଳେ ବୁଧବାର ପୁଣିଥରେ “ନନ୍-ଟ୍ରମା କାଜୁଆଲଟି’ ୟୁନିଟରେ ନିଆଁ ଲାଗିଯିବା ଘଟଣା ସାରା ରାଜ୍ୟରେ ଆତଙ୍କ ଖେଳାଇ ଦେଇଛି। ଏକ ବୈଦ୍ୟୁତିକ ବୋର୍ଡରେ ସର୍ଟସର୍କିଟ୍ ଯୋଗୁଁ ଏହି ଅଘଟଣ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଘଟଣା ସମୟରେ ଉକ୍ତ ୟୁନିଟରେ ଶହ ଶହ ରୋଗୀ ଚିକିତ୍ସିତ ହେଉଥିଲେ, ମାତ୍ର ସୌଭାଗ୍ୟବଶତଃ ଅଗ୍ନିଶମ ବାହିନୀ ତୁରନ୍ତ ସମୟ ମଧ୍ୟରେ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସଫଳ ହେବାରୁ ଏକ ବଡ଼ ଧରଣର ବିପଦକୁ ଏଡ଼ାଇ ଦିଆଯାଇଛି। କୌଣସି ପ୍ରାଣହାନି ଘଟି ନ ଥିଲେ ହେଁ, ବାରମ୍ବାର ଘଟୁଥିବା ଏହି ଅଘଟଣ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ▸ପୃଷ୍ଠା-୭

- ଅଳ୍ପକେ ବର୍ତ୍ତିଲେ ଶହ ଶହ ରୋଗୀ
- ସର୍ଟସର୍କିଟ୍‌ରୁ ବୈଦ୍ୟୁତିକ ବୋର୍ଡରେ ଲାଗିଲା ନିଆଁ
- ପ୍ରଶାସନିକ ଅବହେଳାକୁ ନେଇ ବଢୁଛି ଅସନ୍ତୋଷ



## ୪ ଅଧିକାରୀ ନିଲମ୍ବିତ

■ ଭୁବନେଶ୍ୱର, ୧୮।୩ (ସମିସ): କଟକ ଏସ୍‌ସିବି ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କାର୍ଯ୍ୟରେ ଅବହେଳା ପାଇଁ ୪ ଜଣ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ସେମାନେ ହେଲେ କଟକ ସର୍କଲର ଡେପୁଟି ଫାୟାର ଅଫିସର ପ୍ରକାଶ ଜେନା, କଟକ ସର୍କଲର ଆସିଷ୍ଟାଣ୍ଟ ଫାୟାର ଅଫିସର ସଞ୍ଜୀବ ବେହେରା, ଏସସିବି ମେଡିକାଲ ଓ ହସ୍ପିଟାଲର ଷ୍ଟେସନ ଅଫିସର ଅଭିନବ ପୃଷ୍ଟି ଏବଂ କଟକ ଜିଇଡି ଅନ୍ତର୍ଗତ ଏସସିବି ସବ୍-ଡିଭିଜନର ଆସିଷ୍ଟାଣ୍ଟ ଏକ୍ସିକ୍ୟୁଟିଭ ଇଞ୍ଜିନିଅର ରଞ୍ଜନ ବିଶ୍ୱାଳ। ସୂଚନଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଅଗ୍ନିକାଣ୍ଡ ଘଟଣାର ଅନୁଧ୍ୟାନ ପାଇଁ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଫ୍ୟାକ୍ଟ ଫାଇଣ୍ଡିଙ୍ଗ୍ ଟିମ୍ ଗଠନ କରିଥିଲେ। ଟିମ୍‌ର ରିପୋର୍ଟ ଆଧାରରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି।

### ମୁମ୍ବାଇ ଓ ଦିଲ୍ଲୀ ସବୁଠୁ ମହଙ୍ଗା ସହର

# ମଧ୍ୟବିତ୍ତଙ୍କୁ ସୁହାଉଛି ଭୁବନେଶ୍ୱର



■ ନୂଆଦିଲ୍ଲୀ, ୧୮।୩: ଗରିବ ଏବଂ ମଧ୍ୟବିତ୍ତଙ୍କ ପାଇଁ ଅପହଞ୍ଚ ହେଲାଣି ଦିଲ୍ଲୀ ଓ ମୁମ୍ବାଇ ଭଳି ମେଟ୍ରୋ ସହର। ଏହିସବୁ ସହରରେ ଜୀବନଧାରଣ ଖର୍ଚ୍ଚ (କଷ୍ଟ ଅଫ୍ ଲିଭିଂ) ବଢ଼ି ବଢ଼ି ଚାଲିଛି। ଦେଶର ବିଭିନ୍ନ ସହରରେ ‘ନୁମ୍ବେଓ’ ନାମକ ଏକ ସଂସ୍ଥା ସର୍ଭେ କରି ଯେଉଁ ତଥ୍ୟ ଦେଇଛି, ସେଥିରୁ ଜଣାପଡୁଛି ଯେ ବିଭିନ୍ନ ସହରରେ ଜୀବନଧାରଣ ଖର୍ଚ୍ଚ ଅଲଗା ଅଲଗା ରହିଛି। ତେବେ ବଡ଼ ବଡ଼ ମେଟ୍ରୋ ସହର ମହଙ୍ଗା ହେବାକୁ ଲାଗିଛି। ଅନ୍ୟପକ୍ଷରେ ଜୀବନଧାରଣ ଖର୍ଚ୍ଚ ଦୃଷ୍ଟିରୁ କୋଲକତା, ଚେନ୍ନାଇ ଏବଂ ଭୁବନେଶ୍ୱର ମଧ୍ୟବିତ୍ତ ଓ ଗରିବଙ୍କ ପାଇଁ ବାସୋପଯୋଗୀ ବୋଲି କୁହାଯାଇଛି। ଦେଶରେ ହାରାହାରି ଜଣେ ବ୍ୟକ୍ତିର ମାସିକ ଖର୍ଚ୍ଚ ୨୭ ହଜାର ୩୦୦ ଟଙ୍କା ରହିଥିବା ବେଳେ ୪ ଜଣିଆ ପରିବାରର ମାସିକ ଖର୍ଚ୍ଚ ୯୮ ହଜାର ଟଙ୍କା ରହିଛି। ଏଥିରେ ଘରଭଡ଼ା ସାମିଲ କରାଯାଇ ନାହିଁ। ଏଥିରେ କେବଳ ଖାଇବା, ଯିବାଆସିବା, ମଉଜମସ୍ତି ଏବଂ ଆଉ କିଛି ଅତ୍ୟାବଶ୍ୟକ ଖର୍ଚ୍ଚ ରହିଛି। ଏଥିରେ ଘରଭଡ଼ା ଯୋଡ଼ିଲେ ଏହି ଖର୍ଚ୍ଚ ଯଥେଷ୍ଟ ଅଧିକ ରହିବ। କାରଣ ମେଟ୍ରୋ ସହରରେ ଘରଭଡ଼ା ଅଧିକ ରହିଛି।

‘ନୁମ୍ବେଓ’ ରିପୋର୍ଟ ଅନୁଯାୟୀ ରହିବା ପାଇଁ ମୁମ୍ବାଇ ହେଉଛି ସବୁଠାରୁ ମହଙ୍ଗା ସହର। ଏଠାରେ ମାସିକ ଜୀବନଧାରଣ ଖର୍ଚ୍ଚ ୩୦ ହଜାରରୁ ୬୦ ହଜାର ଟଙ୍କା ମଧ୍ୟରେ ରହିଛି। ସେହିଭଳି ଦିଲ୍ଲୀରେ ଏହି ଖର୍ଚ୍ଚ ୨୨ ହଜାରରୁ ୫୦ ହଜାର ଟଙ୍କା ଥିବା ବେଳେ ପୁନେରେ ୨୫ ହଜାରରୁ ୪୫ ହଜାର ଟଙ୍କା, ବେଙ୍ଗାଲୁରୁରେ ୨୦ ହଜାରରୁ ୫୦ ହଜାର ଟଙ୍କା, ହାଇଦ୍ରାବାଦରେ ୧୨ ହଜାରରୁ ୫୦ ହଜାର ଟଙ୍କା, ଚନ୍ନାଇରେ ୧୫ ହଜାରରୁ ୫୦ ହଜାର ଟଙ୍କା ଏବଂ କୋଲକାତାରେ ୨୦ ହଜାରରୁ ୪୦ ହଜାର ଟଙ୍କା ରହିଛି।

ସେହିଭଳି ଭୁବନେଶ୍ୱର ସହରରେ ଜଣେ ବ୍ୟକ୍ତିର ଜୀବନଧାରଣ ଖର୍ଚ୍ଚ ୧୬ ହଜାରରୁ ୩୦ ହଜାର ଟଙ୍କା ରହିଛି। ଏଥିରେ ଘରଭଡ଼ା ସାମିଲ କରାଯାଇ ନାହିଁ। ତେବେ ୪ ଜଣିଆ ପରିବାରର ମାସିକ ଖର୍ଚ୍ଚ ୬୦ ହଜାରରୁ ଏକ ଲକ୍ଷ ୫ ହଜାର ଟଙ୍କା ରହିଛି। ଏଥିରେ ଘରଭଡ଼ା ସାମିଲ କରାଯାଇଛି। ଏତିକି ଖର୍ଚ୍ଚରେ ଗୋଟିଏ ମଧ୍ୟବିତ୍ତ ପରିବାର ଆରାମରେ ଚଳିପାରିବ ବୋଲି କୁହାଯାଉଛି। ତେବେ ଲାଇଫଷ୍ଟାଇଲକୁ ନେଇ ଖର୍ଚ୍ଚ ଅଲଗା ହୋଇପାରେ। ଏହି ସଂସ୍ଥାର ରିପୋର୍ଟ ଅନୁଯାୟୀ ଦ୍ରୁତ ଗତିରେ ଭୁବନେଶ୍ୱର ମହାନଗରର ସଂପ୍ରସାରଣ ହେଉଥିଲେ ମଧ୍ୟ ଦେଶର ଟାୟର-୨ ସହର ତୁଳନାରେ ଭୁବନେଶ୍ୱର ବିଭିନ୍ନ ଦୃଷ୍ଟିରୁ ଆରାମଦାୟକ। ଭୁବନେଶ୍ୱରରେ ଘରଭଡ଼ା ଠାରୁ ଆରମ୍ଭ କରି ରେସ୍ତୁରାଁରେ ଖାଇବା ଖର୍ଚ୍ଚ, ମାର୍କେଟିଂ, ପରିବହନ, ସ୍କୁଲ ଫି ମେଟ୍ରୋ ସହର ତୁଳନାରେ ଖୁବ କମ୍ ରହିଛି। ଏପରିକି ମୋବାଇଲ ଏବଂ ଇଣ୍ଟରନେଟ୍ ଖର୍ଚ୍ଚ ମଧ୍ୟ କମ୍। ସହରରେ ଜଣେ ବ୍ୟକ୍ତିର ହାରାହାରି ମାସିକ ଦରମା ୩୪ ହଜାରରୁ ଅଧିକ ଟଙ୍କା ବୋଲି ରିପୋର୍ଟରେ କୁହାଯାଇଛି।

**ରାଜଧାନୀରେ ୧ଲକ୍ଷ ଭିତରେ ଚଳିଯାଉଛି ୪ ଜଣିଆ ପରିବାର**

### ‘ଫାଉଣ୍ଡେସନ’ ଚର୍ଚ୍ଚାରେ ଯବନିକା ଟାଣିଲେ ନବୀନ

# ଓଡ଼ିଶାବାସୀଙ୍କ ହିତ ଲାଗି ଉଦ୍ଦିଷ୍ଟ; ଦଳ ସହ ସମ୍ପର୍କ ନାହିଁ

■ ଭୁବନେଶ୍ୱର, ୧୮।୩ (ସମିସ): ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟରେ ବିଜୁ-ନବୀନ ଇନସ୍ପିରେସନାଲ ଫାଉଣ୍ଡେସନ ସଂକ୍ରାନ୍ତରେ ଚାଲିଥିବା ବିଭିନ୍ନ ଚର୍ଚ୍ଚାରେ ଯବନିକା ଟାଣିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଏହି ଫାଉଣ୍ଡେସନ ଓଡ଼ିଶାବାସୀଙ୍କ ହିତ ପାଇଁ ଉଦ୍ଦିଷ୍ଟ, ଏହା ସହ ଦଳ ବା ଦଳୀୟ ପାଣ୍ଠିର କୌଣସି ସମ୍ପର୍କ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

ନବୀନ କହିଛନ୍ତି ଯେ ଆପଣମାନେ ଜାଣନ୍ତି ଯେ ନିଜର ପରୋପକାରୀ କାର୍ଯ୍ୟ ପାଇଁ ବିଜୁବାବୁ ବେଶ୍ ଜଣାଶୁଣା ଥିଲେ। ମାତ୍ର ୩୦ ବର୍ଷ ବୟସରେ ସେ ବିଜ୍ଞାନର ପ୍ରଚାରପ୍ରସାର ପାଇଁ ପ୍ୟାରିସରେ ‘କଳିଙ୍ଗ ୟୁନେସ୍କୋ ପୁରସ୍କାର’ ଆରମ୍ଭ କରିଥିଲେ। ନିଜ ଜୀବନକାଳ ମଧ୍ୟରେ ସେ ଓଡ଼ିଶାବାସୀଙ୍କ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ କରିଛନ୍ତି। ମୋ ଭାଇ, ଭଉଣୀ ଏବଂ ମୁଁ କଟକସ୍ଥିତ ପୈତୃକ ବାସଭବନ ଆନନ୍ଦ ଭବନକୁ ଓଡ଼ିଶାର ଜନସାଧାରଣଙ୍କ ବ୍ୟବହାର ଓ ସ୍ୱାର୍ଥ ପାଇଁ ମଧ୍ୟ ଆମେ ଦାନ କରିସାରିଛୁ। ମୋର ବେକ ଅପରେସନ୍ କରିବା ପାଇଁ ବମ୍ବେ ଯିବା ପୂର୍ବରୁ ଏ ସଂକ୍ରାନ୍ତରେ ପରାମର୍ଶ ନିମନ୍ତେ ଦିଲ୍ଲୀ ଯାଇଥିଲି। ସେଠାରେ ଅନେକ ବରିଷ୍ଠ ଆଇନଜୀବୀ ଓ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ସହ କଥାବାର୍ତ୍ତା ସମୟରେ ସେମାନେ ▸ପୃଷ୍ଠା-୭



**ବିଜୁ ବାବୁଙ୍କ ନାମରେ ଟ୍ରଷ୍ଟ ଖୋଲିବାକୁ ମୁଁ ନିଷ୍ପତ୍ତି ନେଇଥିଲି**

# ଅଗ୍ନିକାଣ୍ଡରେ ୧୭ ଦଗ୍ଧ

**୪ ମହଲା କୋଠାରେ ନିଆଁ ଲାଗି ୯ ମୃତ**

■ ନୂଆଦିଲ୍ଲୀ, ୧୮।୩ (ଏଜେନ୍ସି): ଦିଲ୍ଲୀର ପାଲମ ଅଞ୍ଚଳରେ ଥିବା ଏକ ୪ ମହଲା କୋଠାରେ ବୁଧବାର ସକାଳେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩ ନାବାଳିକାଙ୍କ ସହ ୯ ଜଣ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣାରେ ଅନେକ ଲୋକ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ପାଲମ ଗ୍ରାମର ରାମ ଚୌକ ବଜାରରେ ଥିବା ଏକ ୪ ମହଲା ବିଶିଷ୍ଟ କୋଠାରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ସକାଳ ପ୍ରାୟ ୭ଟା ସମୟରେ ତଳ ମହଲାରେ ଥିବା ଏକ କପଡ଼ା ଓ ପ୍ରସାଧନ ସାମଗ୍ରୀ ଶୋ’ରୁମ୍‌ରେ ନିଆଁ ଲାଗି ଯାଇଥିଲା। ଏହି ଶୋ ରୁମ୍ ମାର୍କେଟର ମୁଖ୍ୟ ରାଜେନ୍ଦ୍ର କାଶ୍ୟପଙ୍କର ଥିବା ବେଳେ ତାଙ୍କ ପରିବାର ଉପର ▸ପୃଷ୍ଠା-୭

**କାର୍ ଚାର୍ଜିଂ ବେଳେ ଜଳିଗଲା ଘର; ୮ ମୃତ**

■ ଇନ୍ଦୋର, ୧୮।୩ (ଏଜେନ୍ସି): ମଧ୍ୟପ୍ରଦେଶର ଇନ୍ଦୋର ସହରରେ ଏକ ବଡ଼ ଧରଣର ଅଘଟଣ ଘଟିଛି। ଗୋଟିଏ ଇଲେକ୍ଟ୍ରିକ କାର୍ (ଇଭି) ଚାର୍ଜିଂ ହେଉଥିବା ସମୟରେ ସର୍ଟ ସର୍କିଟ ଯୋଗୁଁ ନିଆଁ ଲାଗିଯାଇଥିଲା, ଯାହା ଫଳରେ ଗୋଟିଏ ପରିବାରର ୮ ଜଣ ସଦସ୍ୟଙ୍କର ମୃତ୍ୟୁ ହୋଇଛି। ବଙ୍ଗାଳୀ ଛକ ନିକଟସ୍ଥ ଗ୍ରେଟର ବ୍ରିଜେଶ୍ୱରୀ କଲୋନୀରେ ଏକ ‘ଟାଟା ପଞ୍ଚ୍’ ଇଲେକ୍ଟ୍ରିକ କାର ଚାର୍ଜ ହେଉଥିବା ବେଳେ ସର୍ଟ ସର୍କିଟ ହୋଇଥିଲା। ଏହି ନିଆଁ ତୁରନ୍ତ ୩ ମହଲା ବିଶିଷ୍ଟ ଘରକୁ ବ୍ୟାପି ଯାଇଥିଲା। ଘର ଭିତରେ ରଖାଯାଇଥିବା ଗ୍ୟାସ ସିଲିଣ୍ଡରଗୁଡ଼ିକରେ ନିଆଁ ଲାଗିଯିବା କାରଣରୁ ଏକାଧିକ ବିସ୍ଫୋରଣ ମଧ୍ୟ ହୋଇଥିଲା, ଯାହା ଫଳରେ ଘରର ଏକ ଅଂଶ ▸ପୃଷ୍ଠା-୭

### ବିଜେଡିରେ ବିଭାଜନ ଷଡ଼ଯନ୍ତ୍ର

# ତିନି ମାସ ତଳୁ ସୁରାକ ପାଇଥିଲେ ନବୀନ

■ ଭୁବନେଶ୍ୱର, ୧୮।୩ (ସମିସ): ରାଜ୍ୟସଭା ନିର୍ବାଚନରେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ସପକ୍ଷରେ ବିଜେଡିର ୨ ନିଲମ୍ବିତଙ୍କ ସହ ୮ ଓ କଂଗ୍ରେସର ୩ ଜଣ ବିଧାୟକଙ୍କ କ୍ରସ ଭୋଟିଂକୁ ନେଇ ଏବେ ରାଜ୍ୟରେ ଆଲୋଡ଼ନ। ଦତ୍ତେଶ୍ୱରଙ୍କ ସପକ୍ଷରେ ମତଦାନ ନିମନ୍ତେ ବିଜେଡି ଓ କଂଗ୍ରେସର ହ୍ୱିପ୍ ଉଲ୍ଲଂଘନ କରି ୧୧ ବିଧାୟକ ବାଡ଼ ଡେ଼ଇଁବା ଘଟଣାକୁ ନେଇ ଯିଏ ଯେତେ କାହାଣୀ କହିଲେ ମଧ୍ୟ ଏହା ପଛରେ ରହିଛି ଏକ ବଡ଼ ଷଡ଼ଯନ୍ତ୍ର। ୧୯୯୫ ମସିହାରେ ନିଜର ମହତ୍ୱାକାଂକ୍ଷା ପରିପୂରଣ ପାଇଁ ଯେଉଁ ବ୍ୟକ୍ତିମାନେ ଷଡ଼ଯନ୍ତ୍ରର ଜାଲ ବିଛାଇଥିଲେ, ୩ ଦଶନ୍ଧି ପରେ ୨୦୨୫ରେ ବି ଠିକ୍ ଅନୁରୂପ ଏକ ଷଡ଼ଯନ୍ତ୍ରର ଜାଲ ବୁଣା ଯାଇଥିଲା। ଅନ୍ୟମାନଙ୍କ ଉପରେ ଆଖିବୁଜି ବିଶ୍ୱାସ କରୁଥିବା ବିଜୁ ସେତେବେଳେ ସେହି ଷଡ଼ଯନ୍ତ୍ରର ଶିକାର ହୋଇଥିଲେ; ମାତ୍ର ନିଜ ଦଳର ପ୍ରତ୍ୟେକ ନେତା ଓ ସେମାନଙ୍କ ନିର୍ବାଚନମଣ୍ଡଳୀରେ ଘଟୁଥିବା ଘଟଣାକ୍ରମ ଉପରେ ତୀକ୍ଷ୍ଣ ନଜର ରଖିଥିବା ନବୀନ ଷଡ଼ଯନ୍ତ୍ର ଆରମ୍ଭରୁ ଏ ସମ୍ପର୍କରେ ସୂଚନା ପାଇଥିଲେ। ଜାନୁଆରୀ ୧୫ ତାରିଖରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳର ନିଲମ୍ବନ ଥିଲା ଏହାର ପ୍ରାଥମିକ ପ୍ରତିଫଳନ।

ରାଜନୀତି ସହ ରୁଚି ରଖୁଥିବା ବ୍ୟକ୍ତିବିଶେଷ ଓ ସମୀକ୍ଷକମାନେ ସମ୍ଭବତଃ ୨୦୨୪ ଅକ୍ଟୋବର ଓ ନଭେମ୍ବର ମାସରେ ସାମାଜିକ ଗଣମାଧ୍ୟମରେ ଏକ ଚର୍ଚ୍ଚାକୁ ବିଶେଷ ଗୁରୁତ୍ୱ ଦେଇ ନ ଥିବେ। ସେହି ଚର୍ଚ୍ଚାଟି ଥିଲା ବିଜେଡିକୁ ବିଜୟ ମହାପାତ୍ରଙ୍କ ପ୍ରତ୍ୟାବର୍ତ୍ତନ ସଂକ୍ରାନ୍ତ। କୌଣସି ଭିତ୍ତିଭୂମି ଓ ପ୍ରାସଙ୍ଗିକତା ନ ଥାଇ ଏହି ଚର୍ଚ୍ଚାଟିକୁ ସାମାଜିକ ଗଣମାଧ୍ୟମରେ ପ୍ରତିରୋପଣ କରାଯାଇଥିଲା। ସେତେବେଳେ କ୍ଷମତା ହରାଇବାର ରୋଷ ଦଳର କର୍ମୀ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ରହିଥିଲା। ଏହାର ସୁଯୋଗ ନେବାକୁ ସେତେବେଳେ ଉଦ୍ୟମ ହୋଇଥିଲା ଓ ଦଳରୁ ବିଭିନ୍ନ ସମୟରେ ବହିଷ୍କୃତ ନେତାଙ୍କୁ ଏକାଠି କରି ବିଜେଡିକୁ ଦଖଲ ପାଇଁ ଯୋଜନା ହୋଇଥିଲା। ମାତ୍ର କୌଣସି କାରଣରୁ ଏହି ଯୋଜନା ଦାନା ବାନ୍ଧି ନ ଥିଲା। ମାତ୍ର ୨୦୨୫ ଅଗଷ୍ଟ ମାସରେ ନବୀନ ଚିକିତ୍ସା ▸ପୃଷ୍ଠା-୭

**କଂଗ୍ରେସ ଭାଙ୍ଗିବାକୁ ବି ହୋଇଛି ଯୋଜନା**




ସକାଳ
THE SAKALA
www.sakalaepaper.com

# ପୁଲିସକୁ ଚ୍ୟାଲେଞ୍ଜ ଦେଇଥିବା ଗ୍ୟାଙ୍ଗଷ୍ଟରକୁ ଏନ୍‌କାଉଣ୍ଟର

ପାଟନା, ୧୮ ।୩(ଏଜେନ୍ସି): ବିହାରର ମୋତିହାରୀରେ ପୁଲିସ ଓ ଅପରାଧୀଙ୍କ ମଧ୍ୟରେ ଭୟଙ୍କର ଗୁଳି ବିନିମୟ ଘଟିଛି । ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଥିବା ଗ୍ୟାଙ୍ଗଷ୍ଟର କୁନ୍ଦନ ଠାକୁର ଏନ୍‌କାଉଣ୍ଟରରେ ନିହତ ହୋଇଛି । ପୁଲିସକୁ ସମୟ ଓ ସ୍ଥାନ ସ୍ଥିର କରିବାକୁ ଚ୍ୟାଲେଞ୍ଜ ଦେଇଥିବା କୁଖ୍ୟାତ ଗ୍ୟାଙ୍ଗଷ୍ଟର କୁନ୍ଦନ ଶେଷରେ ପୁଲିସ ଗୁଳିରେ ହିଁ ନିହତ ହୋଇଛି । ଏହି ଘଟଣାରେ ଜଣେ ପୁଲିସ କନଷ୍ଟେବଳ ସହିଦ ହୋଇଥିବା ବେଳେ ଅନ୍ୟ ଦୁଇଜଣ ଅପରାଧୀ ମଧ୍ୟ ପ୍ରାଣ ହରାଇଛନ୍ତି । ଏନ୍‌କାଉଣ୍ଟରର ଦୁଇଦିନ ପୂର୍ବରୁ କୁନ୍ଦନ ଠାକୁରର ଏକ ଅଡ଼ିଓ ଭାଇରାଲ ହୋଇଥିଲା । ସେଥିରେ ସେ ଚକିଆ ଥାନାର ଡେପୁଟି ଷ୍ଟେସନ ଅଫିସରଙ୍କୁ ଫୋନ୍ କରି ଧମକ ଦେଇଥିଲା । ସେ କହିଥିଲା ଯେ, ପରବର୍ତ୍ତୀ ବଡ଼ ଖବର ଏହା ହେବ ଯେ ଏନକାଉଣ୍ଟରରେ ୧୦-୧୫ ଜଣ ପୁଲିସ ପ୍ରାଣ ହରାଇବେ ଓ ମୁଁ ଖସି ପଳାଇବି । କୁନ୍ଦନ ପୁଲିସକୁ କହିଥିଲା ଯେ ସେ କୌଣସି ଫେରାର ଅପରାଧୀ ନୁହେଁ । ପୁଲିସ ଯେଉଁ ସ୍ଥାନ ଓ ସମୟ କହିବ, ସେଠାରେ ହିଁ ସାମ୍ନାସାମ୍ନି ଲଢ଼େଇ କରିବାକୁ ପ୍ରସ୍ତୁତ ଅଛି । ପୁଲିସ କୁନ୍ଦନର ଲୋକେସନ ସମ୍ପର୍କରେ ସୂଚନା ପାଇବା ପରେ ଏକ ସ୍ୱତନ୍ତ୍ର ଟିମ୍ ସହ ସେହି ଅଞ୍ଚଳକୁ ଘେରାବନ୍ଦୀ କରିଥିଲା । ପୁଲିସକୁ ଦେଖିବା ମାତ୍ରେ ଅପରାଧୀମାନେ ଅତର୍କିତ ଗୁଳିଚାଳନା କରିଥିଲେ । ଏଥିରେ ଜଣେ ଏସ୍‌ଟିଏଫ୍ ଜବାନ ଗୁରୁତର ଆହତ ହୋଇଥିଲେ ଓ ପରେ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା । ନିଜର ସୁରକ୍ଷା ପାଇଁ ପୁଲିସ ପକ୍ଷରୁ କରାଯାଇଥିବା ପାଲଟା ଗୁଳିଚାଳନାରେ କୁନ୍ଦନ ସମେତ ୩ ଜଣ ଅପରାଧୀ ନିହତ ହୋଇଛନ୍ତି । ଯେଉଁ ଘରେ ଅପରାଧୀମାନେ ଲୁଚି ରହିଥିଲେ, ସେହି ଘରର ମାଲିକ ଉଜ୍ଜ୍ୱଳ କୁମାର ଓ ତାଙ୍କ ପିତାଙ୍କୁ ପୁଲିସ ଗିରଫ କରି ପଚାରଉଚରା କରିଛି । ପୂର୍ବ ଚମ୍ପାରଣ ଏସ୍‌ପି ସ୍ୱର୍ଣ୍ଣ ପ୍ରଭାତ କହିଛନ୍ତି ଯେ କୁନ୍ଦନ ଠାକୁର ଦୀର୍ଘଦିନ ହେବ ପୁଲିସକୁ ଧମକ ଦେଇ ଆସୁଥିଲା । ତାକୁ ଧରିବା ପାଇଁ ଅନେକ ଚେଷ୍ଟା କରାଯାଇଥିଲ, କିନ୍ତୁ ଶେଷରେ ସାମ୍ନାସାମ୍ନି ଲଢ଼େଇରେ ତା'ର ଅନ୍ତ ଘଟିଛି ।

# ବିଜେପିରେ ଯୋଗ ଦେଲେ ଆସାମର କଂଗ୍ରେସ ସାଂସଦ

ଗୌହାଟୀ, ୧୮ ।୩(ଏଜେନ୍ସି): ଆସାମ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସକୁ ଏକ ବଡ଼ ଶକ୍ତ ଝଟ୍‌କା ଲାଗିଛି । କଂଗ୍ରେସ ସାଂସଦ ପ୍ରଦ୍ୟୁତ ବୋର୍ଦୋଲୋଇ ଦଳରୁ ଇସ୍ତଫା ଦେଇ ବୁଧବାର ବିଜେପିରେ ସାମିଲ ହୋଇଛନ୍ତି । ଅନ୍ୟପଟେ ନିର୍ବାଚନ କମିଶନ ପଶ୍ଚିମବଙ୍ଗରେ ବଡ଼ ଧରଣର ପ୍ରଶାସନିକ ଅଦଳବଦଳ କରିଛନ୍ତି । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ଉପସ୍ଥିତିରେ ପ୍ରଦ୍ୟୁତ ବିଜେପିରେ ଯୋଗ ଦେଇଛନ୍ତି । ସେ କହିଛନ୍ତି ଯେ କଂଗ୍ରେସରେ ମୁଁ ଅଣନିଶ୍ୱାସୀ ଅନୁଭବ କରୁଥିଲି ଓ ମୋତେ ସେଠାରେ ଅପମାନିତ କରାଯାଉଥିଲା । ହିମନ୍ତ ଘୋଷଣା କରିଛନ୍ତି ଯେ ୧୨୬ଟି ଆସନ ମଧ୍ୟରୁ ବିଜେପି ୮୯ଟିରେ ପ୍ରତିଦ୍ୱନ୍ଦ୍ୱୀତା କରିବ । ଅବଶିଷ୍ଟ ଆସନ ମଧ୍ୟରୁ ଆସାମ ଗଣ ପରିଷଦ (ଏଜିପି) ୨୬ଟି ଓ ବୋଡ଼ୋଲ୍ୟାଣ୍ଡ ପିପୁଲ୍ସ ଫ୍ରଣ୍ଟ (ବିପିଏଫ୍) ୧୧ଟି ଆସନରେ ଲଢ଼ିବ । ଅନ୍ୟପଟେ ପଶ୍ଚିମବଙ୍ଗରେ ନିର୍ବାଚନକୁ ସ୍ୱଚ୍ଛ କରିବା ପାଇଁ ନିର୍ବାଚନ କମିଶନ ୧୩ ଆଇଏଏସ୍ ଓ ୫ ଜଣ ଡିଆଇଜିସ୍ତରୀୟ ଅଧିକାରୀଙ୍କୁ ବଦଳି କରିଛନ୍ତି । ନୂତନ ଜିଲ୍ଲାପାଳମାନଙ୍କୁ ଜିଲ୍ଲା ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି । ସେପଟେ କେରଳ ବିଧାନସଭା ନିର୍ବାଚନ ପାଇଁ ଆମ ଆଦମୀ ପାର୍ଟି (ଆପ୍) ନିଜର ଦ୍ୱିତୀୟ ପ୍ରାର୍ଥୀ ତାଲିକା ଜାରି କରିଛି । ଏଥିରେ ୨୧ ଜଣ ପ୍ରାର୍ଥୀଙ୍କ ନାମ ରହିଛି । ଏହାପୂର୍ବରୁ ଦଳ ୨୨ଜଣଙ୍କ ନାମ ଘୋଷଣା କରିଥିଲା ।

# ଗଙ୍ଗାରେ ଚିକେନ ବିରିୟାନୀ ଭିଡିଓ ଭାଇରାଲ; ୧୪ ଗିରଫ

ବାରାଣସୀ, ୧୮ ।୩(ଏଜେନ୍ସି): ପବିତ୍ର ଗଙ୍ଗା ନଦୀ ମଝିରେ ନୌକା ଉପରେ ଭୋଜି ଆୟୋଜନ କରି ଚିକେନ ବିରିୟାନୀ ଖାଇବା ଓ ଧାର୍ମିକ ଭାବନାକୁ ଆଘାତ ଦେବା ଅଭିଯୋଗରେ ପୁଲିସ ୧୪ ଜଣ ବ୍ୟକ୍ତିଙ୍କୁ ଗିରଫ କରିଛି । ସୋସିଆଲ ମିଡ଼ିଆରେ ଏହି ଘଟଣା ଭାଇରାଲ ହେବା ପରେ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ବିଜେପି ଯୁବମୋର୍ଚ୍ଚାର ସହର ୟୁନିଟ୍ ମୁଖ୍ୟ ରଜତ ଜୈସୱାଲଙ୍କ ଲିଖିତ ଅଭିଯୋଗ ଆଧାରରେ ବାରାଣସୀ କୋତୱାଲି ପୁଲିସ ଷ୍ଟେସନରେ ଏହି ମାମଲା ରୁଜୁ କରାଯାଇଛି । ଅଭିଯୋଗକାରୀଙ୍କ ଅନୁଯାୟୀ ଗଙ୍ଗା ନଦୀ ସନାତନ ଧର୍ମାବଲମ୍ବୀଙ୍କ ପାଇଁ ଅତ୍ୟନ୍ତ ପବିତ୍ର । ନଦୀ ମଝିରେ ଆମିଷ ଖାଇବା ଓ ଏହାର ଅବଶିଷ୍ଟାଂଶକୁ ପାଣିରେ ଫିଙ୍ଗିବା ଦ୍ୱାରା ହିନ୍ଦୁମାନଙ୍କ ଧାର୍ମିକ ଭାବନାକୁ ଜାଣିଶୁଣି ଆଘାତ କରାଯାଇଛି । ଗତ ସୋମବାର ଏହି ଭିଡ଼ିଓ ଭାଇରାଲ ହୋଇଥିଲା, ଯେଉଁଥିରେ କିଛି ଲୋକ ଏକ ନୌକା ଉପରେ ଏକତ୍ରିତ ହୋଇ ବିରିୟାନୀ ଖାଉଥିବାର ଦେଖାଯାଇଥିଲା । ଅତିରିକ୍ତ ପୁଲିସ କମିସନର ବିଜୟ ପ୍ରତାପ ସିଂହ କହିଛନ୍ତି ଯେ, ଏହି ଘଟଣାରେ ବିଭିନ୍ନ ଗୁରୁତର ଧାରାରେ ମାମଲା ରୁଜୁ କରାଯାଇଛି । ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ବଢ଼ାଇବା ଓ ଧର୍ମକୁ ଅପମାନିତ କରିବା, ଗଙ୍ଗା ଜଳକୁ ଅପବିତ୍ର କରିବା ଏବଂ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନ୍, ୧୯୪୭ର ଉଲ୍ଲଂଘନ, ସାଧାରଣରେ ଅଶାନ୍ତି ସୃଷ୍ଟି କରିବା ଅଭିଯୋଗରେ ମାମଲା ରୁଜୁ ହୋଇଛି ।

# ମୁନ୍ଦ୍ରା ବନ୍ଦରରେ 'ଜଗ୍ ଲାଡ଼କୀ'

ମୁନ୍ଦ୍ରା, ୧୮ ।୩(ଏଜେନ୍ସି): ଭାରତୀୟ ପତାକାଧାରୀ ବିଶାଳ ତୈଳ ଟ୍ୟାଙ୍କର 'ଜଗ୍ ଲାଡ଼କୀ' ସଫଳତାର ସହ ଗୁଜରାଟର ଆଦାନୀ ମୁନ୍ଦ୍ରା ବନ୍ଦରରେ ପହଞ୍ଚିଛି । ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧାବସ୍ଥା ମଧ୍ୟରେ ଏହି ତୈଳ ଆମଦାନୀ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱ ବହନ କରୁଛି । ଏହି ଜାହଜଟିରେ ପ୍ରାୟ ୮୦, ୮୮୬ ମେଟ୍ରିକ ଟନ୍ ଆଶୋଧିତ ତୈଳ ଧରି ପହଞ୍ଚିଛି । ଏହି ତୈଳ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରୁ ଅଣାଯାଇଛି ଓ ଏହାର ଫୁଜୈରା ବନ୍ଦରରୁ ଲୋଡ଼ ହୋଇ ବାହାରିଥିଲା । ଏହି ବିଶାଳ ଟ୍ୟାଙ୍କରଟି ୨୭୪.୧୯ ମିଟର ଲମ୍ବା ଓ ଏହାର ଓଜନ କ୍ଷମତା ପ୍ରାୟ ୧.୬୪ ଲକ୍ଷ ଟନ । ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ଓ ହର୍ମୁଜ ପ୍ରଣାଳୀରେ ଯୁଦ୍ଧ ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ନୌସେନା ସତର୍କ ରହିଛି । ଭାରତୀୟ ନୌସେନା ଭାରତୀୟ ବାଣିଜ୍ୟିକ ଜାହାଜଗୁଡ଼ିକୁ ସୁରକ୍ଷିତ ଭାବେ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ପାଇଁ 'ଅପରେସନ ସଂକଳ୍ପ' ଜାରି ରଖିଛି ।

# ୨୭ ମାସରେ ୪ କୋଟିର ମେଡିକାଲ ବିଲ୍



ପୁଅକୁ ବଞ୍ଚାଇବା ପାଇଁ ମୁମ୍ବଇ ଦମ୍ପତିଙ୍କ ସଂଘର୍ଷ

ମୁମ୍ବଇ, ୧୮ ।୩(ଏଜେନ୍ସି): ମୁମ୍ବଇର ଏକ ପରିବାର ପାଇଁ ଜୀବନ ଏକ ଦୁଃସ୍ୱପ୍ନ ପାଲଟିଛି । ଗତ ଅଢ଼େଇ ବର୍ଷ ହେବ ୩୫ ବର୍ଷୀୟ ଆନନ୍ଦ ଦୀକ୍ଷିତ 'ଭେଜିଟେଟିଭ ଷ୍ଟେଟ୍' ଅର୍ଥାତ ଅଚେତ ଅବସ୍ଥାରେ ଜୀବନ ଓ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି । ପୁଅର ହୃତ୍‌ସ୍ପନ୍ଦନକୁ ଚାଲୁ ରଖିବା ପାଇଁ ପରିବାର ଏବେ ନିଜର ସର୍ବସ୍ୱ ହରାଇ ସାରିଛନ୍ତି । ୨୦୨୩ ଡିସେମ୍ବର ୧୯ରେ ଏକ ସ୍କୁଟର ଦୁର୍ଘଟଣାରେ ଆନନ୍ଦ ଗୁରୁତର ଭାବେ ଆହତ ହୋଇଥିଲେ । ସେବେଠାରୁ ସେ ଟ୍ୟୁବ ସାହାଯ୍ୟରେ ଖାଦ୍ୟ ଗ୍ରହଣ କରୁଛନ୍ତି ଓ ମେସିନ ସାହାଯ୍ୟରେ ନିଶ୍ୱାସ ନେଉଛନ୍ତି । ଇତିମଧ୍ୟରେ ୨୭ ମାସ ବିତିଯାଇଥିବା ବେଳେ ପୁଅର ଚିକିତ୍ସା ପାଇଁ ଏପର୍ଯ୍ୟନ୍ତ ୪ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି । ପରିବାର ନିଜର ଜମି ଓ ସମସ୍ତ ସଞ୍ଚିତ ପୁଞ୍ଜି ବିକ୍ରି କରିଦେଇଛନ୍ତି । ପରିବାରର ଅଭିଯୋଗ ଅନୁଯାୟୀ, 'କେୟାର ହେଲଥ୍ ଇନସ୍ୟୁରାନ୍ସ' ସେମାନଙ୍କର କ୍ଲେମକୁ ଖାରଜ କରିଦେଇଛି, ଯାହା ଫଳରେ ସେମାନେ ଅଧିକ ୫୦ ଲକ୍ଷ ଟଙ୍କାର ଋଣ ଜାଲରେ ଫସିଯାଇଛନ୍ତି । ଯେତେବେଳେ ପରିବାର ହସ୍ପିଟାଲରେ ନିଜର ପୁଅ ଜୀବନ ବଞ୍ଚାଇବାକୁ ଲଢୁଥିଲେ, ସେହି ସମୟରେ ମହାନଗର ନିଗମ (ବିଏମ୍‌ସି) ସେମାନଙ୍କ ଏକମାତ୍ର ଘରକୁ ଭାଙ୍ଗି ଦେଇଛି । କୌଣସି ଆଇନଗତ ବିବାଦ ଯୋଗୁଁ ବିଲ୍ଡିଂକୁ ଭାଙ୍ଗି ଦିଆଯିବା ଫଳରେ ଏହି ଅସହାୟ ପରିବାର ଏକ ଭଡ଼ା ଘରେ ରହି ପୁଅର ସେବା କରୁଛନ୍ତି । ଆନନ୍ଦଙ୍କ ମା ଆଜି ବି ଆଶା ରଖିଛନ୍ତି ଯେ, କୌଣସି ଚମତ୍କାର ହେବ । ସେ ପ୍ରତିଦିନ ଆନନ୍ଦଙ୍କ ଫୋନ ଓ ଘଣ୍ଟାକୁ ସଜାଡ଼ି ରଖନ୍ତି, ଏହି ଆଶାରେ ଯେ ଦିନେ ତାଙ୍କ ପୁଅ ଆଖି ଖୋଲିବ ଓ ତାଙ୍କୁ ମା' ବୋଲି ଡାକିବ । ଆମେ ଆମର ସବୁକିଛି ହରାଇ ସାରିଛୁ । ହସ୍ପିଟାଲ ବିଲ୍ ଓ ଇନସୁରାନ୍ସ କମ୍ପାନୀ ଆମକୁ ଆର୍ଥିକ ଭାବେ ଲୁଟିଛନ୍ତି ବୋଲି ଆନନ୍ଦଙ୍କ ପିତା କହିଛନ୍ତି ।

# ହିମାଚଳରେ କର୍ମଚାରୀଙ୍କ ପାଇଁ ଡ୍ରେସ୍‌କୋଡ୍



ଜିନ୍ସ- ଟିସାର୍ଟ ପିନ୍ଧିବା ଉପରେ ରୋକ୍, ସୋସିଆଲ ମିଡ଼ିଆ ଉପରେ କଟକଣା

ସିମଲା, ୧୮ ।୩(ଏଜେନ୍ସି): ହିମାଚଳ ସରକାର ନିଜ କର୍ମଚାରୀଙ୍କ ପାଇଁ ଏକ କଠୋର ନିୟମାବଳୀ ଜାରି କରିଛନ୍ତି । ଏଣିକି ସରକାରୀ କାର୍ଯ୍ୟାଳୟରେ କର୍ମଚାରୀମାନେ ଜିନ୍ସ, ଟିସାର୍ଟ କିମ୍ବା ପାର୍ଟି ଓ୍ୱାର ପିନ୍ଧି ପାରିବେ ନାହିଁ । କର୍ମଚାରୀ ବିଭାଗ ପକ୍ଷରୁ ଜାରି ହୋଇଥିବା ଏହି ନିର୍ଦ୍ଦେଶନାମାରେ ଡ୍ରେସ୍ କୋଡ୍ ସହ ସୋସିଆଲ ମିଡିଆ ବ୍ୟବହାର ଉପରେ ମଧ୍ୟ କଟକଣା ଲଗାଯାଇଛି । ପୁରୁଷ କର୍ମଚାରୀମାନେ କେବଳ ଫର୍ମାଲ ସାର୍ଟ, ପ୍ୟାଣ୍ଟ ଓ ଟ୍ରାଉଜର ପିନ୍ଧି ଆସିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ମହିଳା କର୍ମଚାରୀମାନଙ୍କ ପାଇଁ ଶାଢ଼ି, ସାଲୱାର- ସୁଟ୍ ଓ ଅନ୍ୟାନ୍ୟ ଫର୍ମାଲ ପୋଷାକ ନିର୍ଦ୍ଧାରିତ କରାଯାଇଛି । ସରକାରୀ କାର୍ଯ୍ୟାଳୟରେ ଅନୁଶାସନ, ଗାରିମା ଓ ପେସାଦାର ଭାବମୂର୍ତ୍ତି ବଜାୟ ରଖିବା ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି କୁହାଯାଇଛି । ଡ୍ରେସ୍ କୋଡ୍ ସହିତ ସରକାର ସୋସିଆଲ ମିଡ଼ିଆ ବ୍ୟବହାର ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ସରକାରୀ ନୀତି ଉପରେ କର୍ମଚାରୀମାନେ ସର୍ବସାଧାରଣରେ ନିଜର ବ୍ୟକ୍ତିଗତ ମତାମତ ଦେଇପାରିବେ ନାହିଁ । ରାଜନୈତିକ କିମ୍ବା ଧାର୍ମିକ ବିବୃତିରୁ ଦୂରେଇ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସରକାର କିମ୍ବା ଅନୁଷ୍ଠାନର ଭାବମୂର୍ତ୍ତି ଖରାପ କରୁଥିବା ଭଳି କୌଣସି ପୋଷ୍ଟ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏହାକୁ ପାଳନ ନ କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ପୂର୍ବରୁ ୨୦୧୭ରେ ମଧ୍ୟ ଏଭଳି ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ଏଥର ଏହାକୁ ଆହୁରି କଡ଼ାକଡ଼ି କରାଯାଇଛି । ହିମାଚଳ ପ୍ରଦେଶରେ ମୋଟ ଉପରେ ପ୍ରାୟ ୨, ୨୦ ଲକ୍ଷ ସରକାରୀ କର୍ମଚାରୀ ରହିଛନ୍ତି ।

## ମଧ୍ୟପ୍ରାଚ୍ୟରେ ମହାଯୁଦ୍ଧ

# ଦୁବାଇରେ ବିସ୍ଫୋରଣ



ଦୁବାଇ/ଆବୁଧାବି, ୧୮ ।୩(ଏଜେନ୍ସି): ଆମେରିକା- ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ବୁଧବାର ବିଂଶତମ ଦିନରେ ପହଞ୍ଚିଛି । ଇରାନ ପକ୍ଷରୁ ସାଉଦି ଆରବ, ୟୁଏଇ ଓ କାତାରର ତୈଳ ପ୍ରତିଷ୍ଠାନ ନିକଟରେ ରହୁଥିବା ଲୋକଙ୍କୁ ସେହି ସ୍ଥାନ ଖାଲି କରିବାକୁ ଚେତାବନୀ ଦିଆଯାଇଛି । ଇରାନର ତୈଳ ପ୍ରତିଷ୍ଠାନ ଉପରେ ଆମେରିକା ଆକ୍ରମଣ କରିଥିବାରୁ ଏହାର ପ୍ରତିଶୋଧ ନେବାଲାଗି ଏହି ଉପସାଗରୀୟ ଦେଶର ତୈଳ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବାକୁ ଇରାନ ଧମକ ଦେଇଛି ।

ଗତକାଲି ଭୋର ସମୟରେ ଦୁବାଇରେ କ୍ରମାଗତ ଅନେକ ବିସ୍ଫୋରଣ ଶବ୍ଦ ଶୁଣାଯାଇଛି । ଇରାନ ପକ୍ଷରୁ ଉପସାଗରୀୟ ଦେଶଗୁଡ଼ିକ ଉପରେ କରାଯାଉଥିବା ପାଲଟା ଆକ୍ରମଣ ଯୋଗୁଁ ଏହି ସ୍ଥିତି ଉପୁଜିଛି । ଦୁବାଇ ସରକାର କହିଛନ୍ତି ଯେ ସେମାନଙ୍କ ଏୟାର ଡିଫେନ୍ସ ସିଷ୍ଟମ ଇରାନରୁ ଆସୁଥିବା କ୍ଷେପଣାସ୍ତ୍ର ଓ ଡ୍ରୋନ୍‌କୁ ଆକାଶରେ ହିଁ ଧ୍ୱଂସ କରିଛନ୍ତି । ଫଳରେ ବିସ୍ଫୋରଣ ଶବ୍ଦ ଶୁଣାଯାଉଛି । ଯୁଦ୍ଧ ଆରମ୍ଭରୁ ୟୁଏଇ ଉପରେ ପ୍ରାୟ ୨,୦୦୦ରୁ ଅଧିକ ଆକ୍ରମଣ ହୋଇଛି । ସେପଟେ ୟୁଏଇ କର୍ତ୍ତୃପକ୍ଷ କହିଛନ୍ତି ଯେ ସେମାନଙ୍କର ପ୍ରତିରକ୍ଷା ବାହିନୀ ଶତ୍ରୁପକ୍ଷର କ୍ଷେପଣାସ୍ତ୍ରକୁ ଆକାଶରେ ହିଁ ଧ୍ୱଂସ କରିଦେଇଛନ୍ତି । ୟୁଏଇର ପୂର୍ବ ଉପକୂଳରେ ଥିବା ପ୍ରମୁଖ ତୈଳ ବନ୍ଦର ଫୁଜୈରାରେ ଏକ ଡ୍ରୋନ୍ ଆକ୍ରମଣ ଫଳରେ ଭୟଙ୍କର ନିଆଁ ଲାଗିଯାଇଛି । ସେହପରି ଆବୁଧାବିରେ ମିସାଇଲ ଧ୍ୱଂସ ହେବା ପରେ ଏହାର ଭଗ୍ନାଂଶ ପଡ଼ି ଜଣେ ପାକିସ୍ତାନୀ ନାଗରିକ ମୃତ୍ୟୁବରଣ କରିଛନ୍ତି । ଇରାନର ଏକ କ୍ଷେପଣାସ୍ତ୍ର ୟୁଏଇରେ ଥିବା ଅଷ୍ଟ୍ରେଲିଆ ସାମରିକ ମୁଖ୍ୟାଳୟ ନିକଟରେ ପଡ଼ିଛି । ଅନ୍ୟପଟେ ସୋଉଦି ଆରବର ରିୟାଦ ନିକଟରେ ଏକ ବାଲିଷ୍ଟିକ ମିସାଇଲ ଓ ୮ଟି ଡ୍ରୋନକୁ ଖସାଇ ଦିଆଯାଇଛି । ଦୋହା ଆକାଶରେ ମଧ୍ୟ କ୍ଷେପଣାସ୍ତ୍ରକୁ ଧ୍ୱଂସ କରାଯାଇଛି । ଯାହା ଫଳରେ ସହର ମଧ୍ୟରେ ଜୋରଦାର ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା । ୟୁଏଇରେ ସୁରକ୍ଷା ଦୃଷ୍ଟିରୁ ସମସ୍ତ ବାସିନ୍ଦାଙ୍କୁ ନିଜ ନିଜ ଘରେ କିମ୍ବା ସୁରକ୍ଷିତ ସ୍ଥାନରେ ରହିବାକୁ ପରାମର୍ଶ ଦେଇଛି ।

## ଏପର୍ଯ୍ୟନ୍ତ ୨.୬ ଲକ୍ଷ ଭାରତୀୟ ସ୍ୱଦେଶ ଫେରିଲେଣି

ନୂଆଦିଲ୍ଲୀ, ୧୮ ।୩(ଏଜେନ୍ସି): ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଜନିତ ସଙ୍କଟ ମଧ୍ୟରେ ଭାରତ ସରକାର ନିଜ ନାଗରିକଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ଉଦ୍ୟମ ଜାରି ରଖିଛନ୍ତି । ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ଗତ ଫେବୃଆରୀ ୨୮ ରୁ ଏପର୍ଯ୍ୟନ୍ତ ପ୍ରାୟ ୨ ଲକ୍ଷ ୬୦ ହଜାର ଭାରତୀୟ ସେହି ଅଞ୍ଚଳରୁ ସୁରକ୍ଷିତ ଭାବେ ଭାରତକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଇତିମଧ୍ୟରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରୁ ଭାରତକୁ ବିମାନ ଚଳାଚଳ ସ୍ଥିତିରେ ସୁଧାର ଆସିଛି । ବୁଧବାର ୟୁଏଇ ବିମାନ ବନ୍ଦରରୁ ଭାରତର ବିଭିନ୍ନ ସହରକୁ ୭୦ଟି ବିମାନ ଚଳାଚଳ କରିଥିବା ସୂଚନା ମିଳିଛି । ଇରାନ ରାଜଧାନୀ ତେହରାନରେ ଥିବା ଭାରତୀୟ ଦୂତାବାସ ନାଗରିକ ଏବଂ ବିଶେଷ କରି ଛାତ୍ରଛାତ୍ରୀମାନଙ୍କୁ ସହାୟତା ପ୍ରଦାନ କରୁଛି ।

## ଇରାନକୁ ମେଡ଼ିକାଲ ସହାୟତା ପଠାଇଲା ଭାରତ

ନୂଆଦିଲ୍ଲୀ, ୧୮ ।୩(ଏଜେନ୍ସି): ଇସ୍ରାଏଲ-ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ମଧ୍ୟରେ ଏଭ ଭଲ ଖବର ସାମ୍ନାକୁ ଆସିଛି । ଭାରତ ପକ୍ଷରୁ ଇରାନକୁ ମାନବୀୟ ସହାୟତା ପ୍ରଦାନ କରାଯାଇଛି । ଭାରତ ସରକାର ଇରାନକୁ ଜରୁରୀକାଳୀନ ଔଷଧ ଓ ମେଡିକାଲ ସରଞ୍ଜାମର ପ୍ରଥମ ପର୍ଯ୍ୟାୟ ସହାୟତା ପଠାଇଛନ୍ତି । ଜଣାଶୁଣା ନ୍ୟୁଜ ଏଜେନ୍ସି ଏଏନ୍‌ଆଇ ଅନୁଯାୟୀ, ଭାରତ ପକ୍ଷରୁ ପଠାଯାଇଥିବା ଏହି ସହାୟତା ଇରାନର ରେଡ୍‌କ୍ରସ ସୋସାଇଟିକୁ ପ୍ରଦାନ କରାଯାଇଛି । ଭାରତୀୟ ଜନସାଧରଣଙ୍କ ପକ୍ଷରୁ ମିଳିଥିବା ଏହି ସହଯୋଗ ପାଇଁ ଭାରତରେ ଥିବା ଇରାନ ଦୂତାବାସ କୃତଜ୍ଞତା ପ୍ରକାଶ କରିଛି ।

## ଇସ୍ରାଏଲ ପାଇଁ ଗୁଇନ୍ଦାଗିରି: ଇରାନରେ ଯୁବକଙ୍କୁ ମୃତ୍ୟୁଦଣ୍ଡ

ତେହରାନ, ୧୮ ।୩(ଏଜେନ୍ସି): ଇସ୍ରାଏଲ ପାଇଁ ଗୁପ୍ତଚର ବୃତ୍ତି କରିବା ଅଭିଯୋଗରେ ବୁଧବାର ଇରାନରେ ଜଣେ ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଛି । ଇରାନ ନ୍ୟାୟପାଳିକା 'ମିଜାନ ଅନଲାଇନ୍' ୱେବ୍‌ସାଇଟ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଗତ ଜୁନ୍ ମାସରେ ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ୧୨ ଦିନିଆ ଯୁଦ୍ଧ ସମୟରେ ଏହି ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା । ସେହି ସମୟରେ ଆମେରିକା ମଧ୍ୟ ଇରାନର ପରମାଣୁ ପ୍ରତିଷ୍ଠାନଗୁଡ଼ିକ ଉପରେ କିଛି ମାତ୍ରରେ ଆକ୍ରମଣ କରିଥିଲା । ମୃତ୍ୟୁଦଣ୍ଡ ପାଇଥିବା ବ୍ୟକ୍ତିଙ୍କ ନାମ କୌରଶ କେୱାନି ବୋଲି ଜଣାପଡ଼ିଛି । କେୱାନି ଇସ୍ରାଏଲର ଗୁଇନ୍ଦା ସଂସ୍ଥା ମୋସାଦ ପାଇଁ କାର୍ଯ୍ୟ କରୁଥିଲେ । ସେ ଇରାନର ସମ୍ବେଦନଶୀଳ ସ୍ଥାନରେ ଫଟୋ ଓ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଇସ୍ରାଏଲକୁ ଯୋଗାଉଥିଲେ । ରିପୋର୍ଟ ଅନୁଯାୟୀ, କେୱାନି ୬ଟି ୟୁରୋପୀୟ ଦେଶ ଓ ତେଲ ଅଭିଭ୍‌ରେ ମୋସାଦ ଏଜେଣ୍ଟଙ୍କଠାରୁ ପ୍ରଶିକ୍ଷଣ ନେଇଥିଲେ । ମିଜାନ ଅନୁସାରେ କେୱାନିଙ୍କର ମୋସାଦ ଏଜେଣ୍ଟମାନଙ୍କ ସହିତ ଅନେକ ବୈଠକ ବସିଥିଲା ।




## ଚୀନ ନ ଯାଇ ଭାରତ ଆସୁଛି ୭ ରୁଷୀୟ ତେଲ ଟ୍ୟାଙ୍କର

ନୂଆଦିଲ୍ଲୀ, ୧୮ ।୩(ଏଜେନ୍ସି): ଇରାନ ଯୁଦ୍ଧ ଯୋଗୁଁ ବିଶ୍ୱ ବିଜାରରେ ତୈଳ ସଙ୍କଟ ଦେଖା ଦେଇଥିବା ବେଳେ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି । ରୁଷିଆରୁ ତୈଳ ଧରି ଚୀନ୍ ଅଭିମୁଖେ ଯାଉଥିବା ଏକ ବିଶାଳ ଟ୍ୟାଙ୍କର 'ଆକ୍ୱା ଟାଇଟନ' ଏବେ ମଝି ସମୁଦ୍ରରେ ଦିଗ ବଦଳାଇ ଭାରତ ଅଭିମୁଖେ ଯାତ୍ରା କରୁଛି । ଏହି ଜାହାଜଟି ମାର୍ଚ୍ଚ ୨୧ରେ କର୍ଣ୍ଣାଟକର ନିଉ ମାଙ୍ଗାଲୋର ବନ୍ଦରରେ ପହଞ୍ଚିବାର କର୍ଯ୍ୟକ୍ରମ ରହିଛି । ଦକ୍ଷିଣ ଚୀନ ସାଗର ଦେଇ ଚୀନର ରିଝାଓ ବନ୍ଦରକୁ ଯାଉଥିବା ଏହି ଟ୍ୟାଙ୍କରଟି ହଠାତ ନିଜର ଗତିପଥ ବଦଳାଇ ଭାରତ ଅଭିମୁଖେ ବାହାରିଛି । ଆମେରିକା ପକ୍ଷରୁ ଭାରତକୁ ରୁଷିଆରୁ ଅଧିକ ତୈଳ ଆମଦାନୀ କରିବା ପାଇଁ ଅସ୍ଥାୟୀ ଅନୁମତି ମିଳିବା ପରେ ଏହି ପଦକ୍ଷେପ ନିଆଯାଇଛି । କେବଳ ଆକ୍ୱା ଟାଇଟନ ନୁହେଁ, ବରଂ ପ୍ରାୟ ୭ଟି ରୁଷୀୟ ତୈଳ ଟ୍ୟାଙ୍କର ଚୀନ ଯିବା ପରିବର୍ତ୍ତେ ଭାରତ ଅଭିମୁଖେ ଗତିପଥ ପରିବର୍ତ୍ତନ କରିଛନ୍ତି । ଇରାନରେ ଚାଲିଥିବା ଯୁଦ୍ଧ ଯୋଗୁଁ ମଧ୍ୟପ୍ରାଚ୍ୟରୁ ତୈଳ ଆମଦାନୀ ବାଧାପ୍ରାପ୍ତ ହୋଇଛି । ଏହି ସମୟରେ ରୁଷିଆରୁ ମିଳୁଥିବା ତୈଳ ଭାରତର ଚାହିଦା ପୂରଣ କରିବାରେ ସହାୟକ ହେବ । ଇତିମଧ୍ୟରେ ଭାରତର ତୈଳ ଆମଦାନୀରେ ବୃଦ୍ଧି ହୋଇଛି । ଗତ ଏକ ସପ୍ତାହ ମଧ୍ୟରେ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ରୁଷିଆରୁ ପ୍ରାୟ ୩ କୋଟି ବ୍ୟାରେଲ ଆଶୋଧିତ ତୈଳ କିଣିବା ପାଇଁ ଚୁକ୍ତି କରିଛନ୍ତି । ଆକ୍ୱା ଟାଇଟନ ବ୍ୟତୀତ 'ଜୁଜୁ ଏନ୍' ନାମକ ଏକ ବଡ଼ ଟ୍ୟାଙ୍କର ମଧ୍ୟ ମାର୍ଚ୍ଚ ୨୫ ସୁଦ୍ଧା ଗୁଜରାଟର ସିକ୍କା ବନ୍ଦରରେ ପହଞ୍ଚିବାର ସମ୍ଭାବନା ରହିଛି ।

## କ୍ୟୁବାକୁ ଧମକାଇଲେ ଟ୍ରମ୍ପ

ୱାସିଂଟନ/ହାଭାନା, ୧୮ ।୩(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାରିବିୟାନ କ୍ରୋକୋଡ଼ାଇଲ କୁହାଯାଉଥିବା କ୍ୟୁବାକୁ ନେଇ ଚକିତ କଲା ଭଳି ମନ୍ତବ୍ୟ ଦେଇଛନ୍ତି । ଓଭାଲ କାର୍ଯ୍ୟାଳୟରେ ସାମ୍ବାଦିକମାନଙ୍କ ସହ କଥା ହେବା ବେଳେ ଟ୍ରମ୍ପ କହିଛନ୍ତି ଯେ, ସେ କ୍ୟୁବାକୁ ନିଜ ଅଧିନକୁ ନେବାକୁ ଚାହୁଁଛନ୍ତି । ଟ୍ରମ୍ପଙ୍କ ଏହି ମନ୍ତବ୍ୟ ପରେ ଦୁଇଦେଶ ମଧ୍ୟରେ ଦୀର୍ଘ ୬୫ ବର୍ଷଧରି ଚାଲିଥିବା ବିବାଦ ଏବେ ଏକ ନୂଆ ମୋଡ଼ ନେଇଛି । ଟ୍ରମ୍ପ କହିଛନ୍ତି ଯେ ମୁଁ କୌଣସି ନା କୌଣସି ପ୍ରକାରେ କ୍ୟୁବାକୁ ହାସଲ କରିବି । ଜାନୁଆରୀ ମାସରୁ ଆମେରିକା କ୍ୟୁବାକୁ ହେଉଥିବା ତୈଳ ଯୋଗାଣକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି ଦେଇଛି । ଏପରିକି ଅନ୍ୟ ଦେଶର ଟ୍ୟାଙ୍କରକୁ ମଧ୍ୟ କ୍ୟୁବାକୁ ଯିବାକୁ ରୋକା ଯାଉଛି । ଫଳରେ ତୈଳ ଅଭାବରୁ କ୍ୟୁବାରେ ଭୟଙ୍କର ସଙ୍କଟ ଦେଖା ଦେଇଛି । ସେଠାରେ ପେଟ୍ରୋଲ ଦର ଗ୍ୟାଲନ ପିଛା ୩୫ ଡଲାରରେ ପହଞ୍ଚିଥିବା ବେଳେ ସାରା ଦେଶରେ ବ୍ଲାକ ଆଉଟ୍ ବା ବିଦ୍ୟୁତ ସଙ୍କଟ ଦେଖାଦେଇଛି । ଡାକ୍ତରଖାନରେ ଅପରେସନ ମଧ୍ୟ ବନ୍ଦ ରହିଛି ଓ ଖାଦ୍ୟାଭାବ ମଧ୍ୟ ବଢ଼ିବାରେ ଲାଗିଛି । ଆମେରିକା ଚାହୁଁଛି ଯେ, କ୍ୟୁବା ରାଷ୍ଟ୍ରପତି ମିଗେଲ ଡିଆଜ- କାନେଲ ନିଜ ପଦରୁ ହଟିଯାଆନ୍ତୁ । ଟ୍ରମ୍ପ କ୍ୟୁବାକୁ ଏକ ଅସଫଳ ଦେଶ ଭାବେ ବର୍ଣ୍ଣନା କରିଛନ୍ତି । ରାଜନୀତି ବ୍ୟତୀତ ଟ୍ରମ୍ପ କ୍ୟୁବାକୁ ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ଦେଖୁଛନ୍ତି । ପୂର୍ବରୁ ତାଙ୍କ କମ୍ପାନୀ ସେଠାରେ ଗଲ୍ଫ କୋର୍ସ ଓ ରିସୋର୍ଟ କରିବାକୁ ଯୋଜନା କରିଥିଲେ । ଇତିମଧ୍ୟରେ ରୁଷିଆ କ୍ୟୁବାକୁ ସମର୍ଥନ କରିବାକୁ ସଙ୍କେତ ଦେଇଛି । ଯଦି ଆମେରିକା କୌଣସି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ, ତେବେ ରୁଷିଆ କ୍ୟୁବା ସହ ଠିଆ ହେବ ବୋଲି କହିଛି । ଏବେ ଆର୍ଥିକ ସଙ୍କଟରୁ ମୁକ୍ତି ପାଇବା ପାଇଁ କ୍ୟୁବା ସରକାର ଏକ ବଡ଼ ଘୋଷଣା କରିଛି । ଏଣିକି ବିଦେଶରେ ରହୁଥିବା କ୍ୟୁବା ନାଗରିକମାନେ ନିଜ ଦେଶରେ ପୁଞ୍ଜିନିବେଶ ଓ ବ୍ୟାଙ୍କିଙ୍ଗ୍ କାରବାର କରିପାରିବେ । ଆଶ୍ଚର୍ଯ୍ୟର କଥା ହେଉଛି ଯେ, ବିଦ୍ୟୁତ ନଥିବାରୁ ଏହି ଘୋଷଣା ଟିଭି ପରିବର୍ତ୍ତେ ରେଡ଼ିଓରେ କରାଯାଇଥିଲା ।

## ଝିଅ ଘରେ ଥିବା ବେଳେ କ୍ଷେପଣାସ୍ତ୍ର ମାଡ଼: ଲାରିଜାନି ଓ ତାଙ୍କ ପୁଅଙ୍କ ମୃତ୍ୟୁ

ତେହରାନ, ୧୮ ।୩(ଏଜେନ୍ସି): ଇରାନର ଜଣେ ପ୍ରଭାବଶାଳୀ ରାଜନେତା ଅଲି ଲାରିଜାନି ଇସ୍ରାଏଲ ବିମାନ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ୬୭ ବର୍ଷୀୟ ଲାରିଜାନିଙ୍କ ସହ ତାଙ୍କ ପୁଅ ମଧ୍ୟ ଏହି ଆକ୍ରମଣରେ ନିହତ ହୋଇଥିବା ଇରାନ ରାଷ୍ଟ୍ରୀୟ ଗଣମାଧ୍ୟମ ନିଶ୍ଚିତ କରିଛି । ମଙ୍ଗଳବାର ତାଙ୍କ ମୃତ୍ୟୁ ନେଇ ଇସ୍ରାଏଲ ଦାବି କରିଥିଲେ ମଧ୍ୟ ଇରାନ ଅସ୍ୱୀକାର କରୁଥିଲା । କିନ୍ତୁ ଇରାନର ଜାତୀୟ ଗଣମାଧ୍ୟମ ଏ ନେଇ ସ୍ପଷ୍ଟ କରିବା ପରେ ତାଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି । ଝିଅ ଘରେ ଥିବା ବେଳେ ତାଙ୍କ ଉପରେ ଆକ୍ରମଣ ହୋଇଥିବା କୁହାଯାଇଛି । ଲାରିଜାନି ଇରାନର ଜଣେ ଦକ୍ଷ କୂଟନୀତିଜ୍ଞ ଓ ସଂସଦର ପୂର୍ବତନ ବାଚସ୍ପତି ଥିଲେ । ୨୦୨୫ରେ ଇରାନର ଶୀର୍ଷ ସୁରକ୍ଷା ଅଧିକାରୀ ଭାବେ ସେ ଦ୍ୱିତୀୟଥର ଦାୟିତ୍ୱ ଗ୍ରହଣ କରିଥିଲେ । ସ୍ୱର୍ଗତ ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମନେଇଙ୍କ ପରେ ତାଙ୍କ ପୁଅ ମୋଜତବା ଖାମନେଇଙ୍କୁ ସର୍ବୋଚ୍ଚ ନେତା କରିବା ପ୍ରସ୍ତାବକୁ ଲାରିଜାନି ବିରୋଧ କରୁଥିଲେ । ରାଜତନ୍ତ୍ର ଭଳି ବଂଶାନୁକ୍ରମିକ ପରମ୍ପରା ଇସଲାମିକ ରିପବ୍ଲିକ୍‌ର ନୀତି ବିରୋଧୀ ବୋଲି ସେ ମତ ଦେଇଥିଲେ । ଖାମନେଇଙ୍କ ମୃତ୍ୟୁ ପରେ ଲାରିଜାନି ଦେଶର ରଣନୀତି ପ୍ରସ୍ତୁତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ଲାରିଜାନିଙ୍କୁ ଇରାନର ସାମରିକ ଓ ରାଜନୈତିକ ବ୍ୟବସ୍ଥା ମଧ୍ୟରେ ସେତୁ ଭାବେ ବିଚାର କରାଯାଉଥିଲା ।

# ନିର୍ବାଚନ କମିସନଙ୍କ ଟାର୍ଗେଟରେ ମମତାଙ୍କ ଅଫିସର

## ପୁଣି ବଦଳିଲେ ୧୧ ଆଇଏଏସ୍, ୫ ଆଇପିଏସ୍



କୋଲକାତା, ୧୮ ।୩ (ଏଜେନ୍ସି): ଆସନ୍ତାମାସ ୪ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ଏଥିଲାଗି ତାରିଖ ଘୋଷଣା କରିବା ପରେ ନିର୍ବାଚନ କମିସନ ମମତା ବାନାର୍ଜୀଙ୍କ ପଶ୍ଚିମ ବଙ୍ଗକୁ ନିଜର ଫୋକସରେ ରଖିଛନ୍ତି । ତାରିଖ ଘୋଷଣା କରିବାର ୨୪ ଘଣ୍ଟା ଭିତରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ, ମୁଖ୍ୟ ସଚିବ, ଗୃହ ସଚିବ ଏବଂ କୋଲକାତା ପୁଲିସ କମିସନରଙ୍କୁ ହଟାଇ ସେମାନଙ୍କ ସ୍ଥାନରେ ନୂଆ ଅଫିସରଙ୍କୁ ନିଯୁକ୍ତ ଦେଇଥିଲେ । ନିର୍ବାଚନ କମିସନ ଏକପାଖିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ତଥା ଟିଏମସି ମୁଖ୍ୟ ମମତା ବାନାର୍ଜୀ ବିରକ୍ତି ପ୍ରକାଶ କରିଥିଲେ । ଏହାକୁ ନେଇ ସେ ମୁଖ୍ୟ ନିର୍ବାଚନ କମିସନଙ୍କୁ ଚିଠି ଲେଖିଥିବା ବେଳେ ନିର୍ବାଚନ କମିସନ କିନ୍ତୁ ଏହାକୁ ଗୁରୁତ୍ୱ ନଦେଇ ଆଜି ପୁଣି ରାଜ୍ୟ ଆଇଏସ୍ ଏବଂ ଆଇପିଏସ୍ ଅଧିକାରୀ ସ୍ତରରେ ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି । ଡିଆଇଜି ର୍‍ୟାଙ୍କ୍‌ର ୫ ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀ ଏବଂ ୧୧ ଜଣ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ସେମାନଙ୍କ ପଦରୁ ହଟାଇ ଦେଇଛନ୍ତି । ସେମାନଙ୍କ ସ୍ଥାନରେ ନୂଆ ଅଧିକାରୀଙ୍କୁ ନିଯୁକ୍ତ କରାଯାଇଛି । ହଟିଥିବା ଅଧିକାରୀମାନଙ୍କୁ ନିର୍ବାଚନ ସଂକ୍ରାନ୍ତ କୌଣସି ପଦବୀରେ ଅବସ୍ଥାପିତ ନକରିବା ଲାଗି କମିସନ ପଶ୍ଚିମ ବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ସେ କହିଛନ୍ତି ଯେ ନିର୍ବାଚନ କମିସନଙ୍କ ଏଭଳି କାର୍ଯ୍ୟ କେବଳ ସଂଘୀୟ ବ୍ୟବସ୍ଥା ବିରୋଧୀ ନୁହେଁ, ଏହା ସାମ୍ବିଧାନିକ ପରମ୍ପରାର ମଧ୍ୟ ଘୋର ଉଲ୍ଲଂଘନ । ନିର୍ବାଚନର ସମ୍ମୁଖୀନ ଅନ୍ୟ ରାଜ୍ୟ ତୁଳନାରେ ପଶ୍ଚିମ ବଙ୍ଗକୁ କମିସନ କାହିଁକି ଟାର୍ଗେଟ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । କମିସନ ଯାହା କୟଲେ ମଧ୍ୟ ତାଙ୍କ ଦଳ ଏଥର ଅଧିକ ଆସନ ପାଇ କ୍ଷମତା ବଜାୟ ରଖିବ । ପଶ୍ଚିମବଙ୍ଗ ବିରୋଧରେ ଚାଲିଥିବା ଷଡ଼ଯନ୍ତ୍ରର ରାଜ୍ୟ ଭୋଟର ଏହାର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି ।

## ଅସନ୍ତୋଷ ଝାଡ଼ିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୮ ।୩(ଏଜେନ୍ସି): କଲିକତା ଆଇ-ପାକ୍ ଅଫିସରେ ଇଡି ଚଢ଼ଉ ବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାରେ ପହଞ୍ଚି ଯେଉଁଭଳି ଇଡି ଅଧିକାରୀଙ୍କ ଠାରୁ ଫାଇଲ ଛଡ଼ାଇ ଆଣିଲେ, ତାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସୁପ୍ରିମ କୋର୍ଟ । ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ଜଣେ ମୁଖ୍ୟମନ୍ତ୍ରୀ ଏଭଳି ଆଚରଣ କଲେ ଯାଞ୍ଚ ଅଧିକାରୀ କଣ କରିବେ । କୋଇଲା ଦୁର୍ନୀତି ମାମଲାରେ ଚଢ଼ାଉ କରାଯାଇଥିଲା ବୋଲି ଇଡି କହୁଥିବା ବେଳେ ମମତା କହୁଛନ୍ତି ଯେ ଆଇ-ପାକ୍ ହେଉଛି ଟିଏମସିର କନସଲଟାଣ୍ଟ । ଅଫିସରୁ ଟିଏମସି ନିର୍ବାଚନ ଫାଇଲ ନେବାକୁ ରେଡ୍ କରାଯାଇଥିଲା ।

## ଆହୁରି ୩ ଦିନ ବିଜୁଳି ଘଡ଼ଘଡ଼ି ସହ ବର୍ଷା

ଭୁବନେଶ୍ୱର, ୧୮ ।୩ (ସମିସ): ରାଜ୍ୟରେ ଆହୁରି ୩ ଦିନ ପର୍ଯ୍ୟନ୍ତ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସ୍ଥିତି ଜାରି ରହିବ । ବିଶେଷକରି ଉତ୍ତର ଓ ଉପକୂଳବର୍ତ୍ତୀ ଜିଲ୍ଲାରେ ଏହାର ପ୍ରଭାବ ସବୁଠୁ ଅଧିକ ରହିବ । ପଶ୍ଚିମାଝଡ଼ ପ୍ରଭାବରେ ଗତ ୧୫ ତାରିଖରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ସ୍ଥିତି ଲାଗି ରହିଛି । ଅପରାହ୍ଣ ପରେ ରାଜ୍ୟର ଅନେକ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଅନୁଭୂତ ହେଉଛି । ଏହି ସମୟରେ ଅନେକ ସ୍ଥାନରେ କୁଆପଥର ପଡ଼ିବା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହେଉଛି ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ୨୦ ଓ ୨୧ ତାରିଖରେ ବର୍ଷା ପବନର ପ୍ରଭାବ ସବୁଠୁ ଅଧିକ ରହିବ । ୨୦ ତାରିଖରେ ପ୍ରବଳ କୁଆପଥର ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଘଣ୍ଟାପ୍ରତି ୫୦-୬୦ କିମି ବେଗରେ ପବନର ବହିବାର ସମ୍ଭାବନା ରହିଛି । ଏହାକୁ ନେଇ ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରୁ ପାଣିପାଗ ବିଭାଗ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି । ସେହିପରି ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର, ନୂଆପଡ଼ା ଜିଲ୍ଲାରେ ୪୦-୫୦ କିମି ବେଗରେ ପବନ ବହିବା ସହ ବର୍ଷା ଓ ପ୍ରବଳ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ଆଶଙ୍କା କରିଛି । ରାୟଗଡ଼ା, କନ୍ଧମାଳ, କୋରାପୁଟ, ମାଲକାନଗିରି, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ୩୦-୪୦ କିମି ବେଗରେ ପବନ ବହିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ୨୧ ତାରିଖରେ କେନ୍ଦୁଝର, ଭଦ୍ରକ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି । ଏହି ୪ ଜିଲ୍ଲାରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ୫୦-୬୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର କହିଛି ।

ରାଜ୍ୟରେ ବର୍ତ୍ତମାନ ଦିନ ବେଳା ପ୍ରବଳ ଖରା ହେଉଥିବା ବେଳେ ଅପରାହ୍ଣ ପରେ ପାଗରେ ପରିବର୍ତ୍ତନ ଆସୁଛି । ଅପରାହ୍ଣ ପରେ ବର୍ଷା ଆରମ୍ଭ ହେଉଥିବା ବେଳେ ଅଧିକାଂଶ ସ୍ଥାନରେ ବିଳମ୍ବିତ ରାତିରେ ମଧ୍ୟ ବର୍ଷା ହେଉଛି । ଗତ ୩୬ ଘଣ୍ଟାରେ ଦାରିଙ୍ଗବାଡ଼ିରେ ସର୍ବାଧିକ ୨୯ ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ନୂଆପଡ଼ା ୨୨, ନବରଙ୍ଗପୁର ୧୫ ଓ ରାଉରକେଲାରେ ୧୩ ମିମି ବର୍ଷା ରେକର୍ଡ ହୋଇଛି ।

## ଏସସିବି ଅଗ୍ନିକାଣ୍ଡ

## ସରକାରୀ ଅବହେଳାରୁ ଚାଲିଗଲା ୧୩ ଜୀବନ: ବିଜେଡି

ଭୁବନେଶ୍ୱର,୧୮ ।୩(ସମିସ): କଟକର ଏସସିବି ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ୍ ଗତ ୧୬ ତାରିଖରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡ ଘଟଣାକୁ ବିଜେଡି ତୀବ୍ର ଭାବେ ନିନ୍ଦା କରିଛି । ଏହି ଦୁର୍ଘଟଣାରେ ୧୩ ଜଣ ରୋଗୀଙ୍କ ମୃତ୍ୟୁ ହୋଇଛି ଓ ଏହା ଓଡ଼ିଶା ସରକାରୀ ହସ୍ପିଟାଲ୍ ଅଗ୍ନିକାଣ୍ଡ ଇତିହାସରେ ସର୍ବାଧିକ । ଏହା ବିଜେପି ସରକାରଙ୍କର ଗଭୀର ଅପରାଧିକ ଅବହେଳାକୁ ପ୍ରକାଶ କରିଛି । ସମଗ୍ର ଘଟଣାରେ ନୈତିକତା ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ପ୍ରଦାନ କରନ୍ତୁ ବୋଲି ବିଜେଡି ଦାବି କରିଛି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର ଏବଂ ଉପସଭାପତି ତଥା ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ବିଜେପି ସରକାରଙ୍କ ଉପରେ ପ୍ରବଳ ବର୍ଷିଥିଲେ । ଦେବୀ ପ୍ରସାଦ ମିଶ୍ର କହିଥିଲେ ଯେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଟ୍ରମା ସେଣ୍ଟର ସମେତ ୩୩ଟି ଭବନରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇ ନାହିଁ । ପୂର୍ବ ଘଟଣାରୁ ପ୍ରଶାସନ କୌଣସି ଶିକ୍ଷା ନେଇପାରିଲା ନାହିଁ ।



ଏସସିବି ଅଗ୍ନିକାଣ୍ଡ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିଚାର ବିଭାଗୀୟ ନିର୍ଦ୍ଦେଶ ସ୍ୱାଗତଯୋଗ୍ୟ । ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତଦନ୍ତ କମିଟି ଏଯାଏଁ ରିପୋର୍ଟ ଦାଖଲ ନ କରିବା ଦୁର୍ଭାଗ୍ୟଜନକ । ପରିବାରବର୍ଗ ଶୋକରେ ଥିବା ସମୟରେ ରାଜ୍ୟସଭା ନିର୍ବାଚନ ପାଇଁ ବିଧାନସଭାରେ ରାଜନୈତିକ କାର୍ଯ୍ୟକଳାପରେ ସ୍ୱାସ୍ଥ୍ୟମନ୍ତ୍ରୀ ବ୍ୟସ୍ତ ରହିବା ନିନ୍ଦନୀୟ । ନୈତିକତା

- ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ତୁରନ୍ତ ଇସ୍ତଫା ଦିଅନ୍ତୁ
- ସରକାର ତୁରନ୍ତ ଅଗ୍ନି ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରନ୍ତୁ
- ଅଧୀକ୍ଷକ ଓ ଅତିରିକ୍ତ ଅଧୀକ୍ଷକଙ୍କୁ ତୁରନ୍ତ ଗିରଫ କରାଯାଉ

ଦୃଷ୍ଟିରୁ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଥିଲେ ।

ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ ଏସସିବିରେ ସୁପରିନଟେଣ୍ଡେଣ୍ଟଙ୍କ ନିଯୁକ୍ତି ନ୍ୟାସନାଲ ମେଡିକାଲ କମିଶନ ନିୟମ ଉଲ୍ଲଙ୍ଘନ କରୁଛି । ବିଜେପି ଚାପରେ ରାଜନୈତିକ ସମ୍ପର୍କିତ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଛି । ବିଜେପି ସରକାର ଆସିବା ପରେ କୌଣସି ସ୍ୱାସ୍ଥ୍ୟ ସୁରକ୍ଷା ଅଡିଟ୍ ହୋଇନାହିଁ । ଏସସିବିର ସୁପରିନଟେଣ୍ଡେଣ୍ଟ ଏବଂ ଅତିରିକ୍ତ ସୁପରିନଟେଣ୍ଡେଣ୍ଟଙ୍କୁ ଅପରାଧିକ ଅବହେଳା ପାଇଁ ଗିରଫ କରାଯିବା ଦରକାର । ଏହାସହିତ ମୃତକଙ୍କ ପରିବାରବର୍ଗଙ୍କୁ ୫୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଆଯାଉ । ତଦନ୍ତ ରିପୋର୍ଟ ଶୀଘ୍ର ଦାଖଲ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ । ସେହିପରି ସମସ୍ତ ସରକାରୀ ହସ୍ପିଟାଲରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉ । ନହେଲେ ଆଗାମୀ ଦିନରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ନ ଆସିଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ନାୟକ କହିଥିଲେ ।

## ଦୁର୍ଦ୍ଧାନ୍ତ ଅପରାଧୀ ଟିମା ଝାଙ୍କରକୁ ଏନ୍‌କାଉଣ୍ଟର

ସମ୍ବଲପୁର/ରେଢ଼ାଖୋଲ/ନାକଟିଦେଉଳ, ୧୮ ।୩(ସମିସ): ବୁଧବାର ଭୋର୍‌ରୁ ସମ୍ବଲପୁର ଜିଲ୍ଲା ନାକଟିଦେଉଳ ପୁଲିସ ପୁଲିସ ସହ ଗୁଳି ବିନିମୟରେ ଦୁର୍ଦ୍ଧାନ୍ତ ଅପରାଧୀ ସମ୍ବଲପୁର ସଦରଥାନା ରାସନପୁରର ଧନେଶ୍ୱର ଝାଙ୍କର ଓରଫ୍ ଟିମା ଝାଙ୍କର (୪୨) ଆହତ ହୋଇଛି । ଟିମା ସହ ତା'ର ୩ ଜଣ ସହଯୋଗୀଙ୍କୁ ଗିରଫ କରାଯାଇଛି । ଟିମାକୁ ପ୍ରଥମେ ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନା ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଛି । ଟିମା ନାଁରେ ୪୧ରୁ ଅଧିକ ଅପରାଧିକ ମାମଲା ରହିଥିବାବେଳେ ସହଯୋଗୀ ମାନଙ୍କ ନାମରେ ମଧ୍ୟ ମାମଲା ରହିଛି ବୋଲି ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି । ଏହି ମାମଲାରେ ଫେରାର ଥିବା ଆଉ କେତେଜଣ ଅପରାଧୀଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି ।

ଅପରାଧୀ ଟିମା ସହ ଗିରଫ ହୋଇଥିବା ତିନିଜଣ ସହଯୋଗୀ ହେଲେ ସଦର ଥାନା ବାରିଆବନ୍ଧର ସତ୍ୟଜିତ ପ୍ରଧାନ (୨୭), କ୍ଷେତରାଜପୁର ଥାନା କ୍ରିଷ୍ଟାନଗରର ଦିଲ୍ଲୀପ





ରାୟ (୩୪) ଓ ସଦର ଥାନା ମିର୍ଗାମୁଣ୍ଡାର ପ୍ରଶାନ୍ତ ମିର୍ଦ୍ଧା (୪୦) । ଅଭିଯୁକ୍ତ ମାନଙ୍କଠାରୁ ପୁଲିସ ଗୋଟିଏ ଦେଶୀ ପିସ୍ତଲ,୨ ରାଉଣ୍ଡ ଗୁଳି, ୫ଟି ଖୋକା, ଗୋଟିଏ ବୋଲେରୋ ଗାଡ଼ି ନଂ-

### ୩ ସହଯୋଗୀ ଗିରଫ, ବନ୍ଧୁକ, ଗୁଳି ଜବତ

ଓଡି୧୫ଏଇ-୫୮୭୧), ଗୋଟିଏ ତାର କଟା ଯନ୍ତ୍ର ଏବଂ ଆଲୁମିନିୟମ ତାର ଚୋରିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରିଛି । ରେଢ଼ାଖୋଲ ଥାନା କେସ ନଂ. ୪୭/୨୦୨୬ ଦଫା ୧୦୯(୧) / ୨୨୪ / ୧୩୨ / ୩(୫) ବିଏନ୍‌ଏସ୍ ଏବଂ ୨୫ / ୨୭ ଆର୍ମସ ଆକ୍ଟରେ ପୁଲିସ ମାମଲା ରୁଜୁ କରିଛି । ପୁଲିସର ସୂଚନା ଅନୁଯାୟୀ, ଅପରାଧୀ ଟିମା ନାମରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଡକାୟତି, ରାହାଜାନି, ଆର୍ମସ୍ ଆକ୍ଟ ଏବଂ ଆଲୁମିନିୟମ ତାର ଚୋରି ଭଳି ପ୍ରାୟ ୪୧ରୁ ଅଧିକ ସଙ୍ଗୀନ ମାମଲା ରହିଛି । ଏହି ଘଟଣାରେ ପୁଲିସ ତଦନ୍ତ ଜାରି ରଖିଛି ।

ପୁଲିସର ସୂଚନା ଅନୁଯାୟୀ, ଗତ ଫେବୃଆରୀ ୫ ତାରିଖରେ ନାକଟିଦେଉଳ ଥାନାରେ ଏକ ୧୧ କେଭିଏ କଣ୍ଡକ୍ଟର ତାର ଚୋରି ମାମଲା ରୁଜୁ ହୋଇଥିଲା । ଏଥିରେ ଅପରାଧି ଟିମା ଓ ତାର ସହଯୋଗୀମାନେ ସଂଶ୍ଳିଷ୍ଟ ଥିବା ସନ୍ଦେହ କରାଯାଇଥିଲା । ଗତକାଲି ବିଳମ୍ବିତ ରାତିରେ ନାକଟିଦେଉଳ ପୁଲିସ ନାଇଟ୍ ପାଟ୍ରୋଲିଂ ସମୟରେ ଅପରାଧୀମାନେ ସେହି ଅଞ୍ଚଳରେ ଡକାୟତି ଯୋଜନା କରୁଥିବା ଖବର ପାଇଥିଲା । ନାକଟିଦେଉଳ ମନ୍ଦିର ଛକରେ ଏକ ବୋଲେରୋ ଗାଡ଼ି ଅଟକାଇବା ସମୟରେ ତାହା ରେଢ଼ାଖୋଲ ପଟକୁ ଚାଲିଯାଇଥିଲା । ଆଜି ଭୋର୍ ପ୍ରାୟ ୫ଟା ୪୫ ମିନିଟ୍ ସମୟରେ ରେଢ଼ାଖୋଲ ଥାନା ଅନ୍ତର୍ଗତ ଦୁମଛାଲି ଜଙ୍ଗଲ ଅଞ୍ଚଳରେ ଟିମା ଓ ତାର ୩ ଜଣ ସହଯୋଗୀ ଲୁଚି ରହିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା । ନାକଟିଦେଉଳ ପୁଲିସ ଟିମ୍ ସେଠାରେ ପହଞ୍ଚି ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିବାବେଳେ ଅଭିଯୁକ୍ତ ଟିମା ପୁଲିସ ଉପରକୁ ଗୁଳି ଚଳାଇ ଫେରାର ହେବାକୁ ଉଦ୍ୟମ କରିଥିଲେ । ପୁଲିସ ଆମ୍ରକ୍ଷା ପାଇଁ ଗୁଳି ଚଳାଇଥିଲା । ପୁଲିସର ଗୁଳି ଟିମାଙ୍କ ଡାହାଣ ଗୋଡ଼ରେ ବାଜିବାରୁ ସେ ଆହତ ହୋଇଥିଲା । ଘଟଣାସ୍ଥଳରୁ ପୁଲିସ ଦଳ ଟିମା ସହ ତାର ୩ ଜଣ ସହଯୋଗୀଙ୍କୁ ଗିରଫ କରିଥିଲା । ଆହତ ଟିମାକୁ ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭିମସାରକୁ ସ୍ଥାନାନ୍ତରିତ କରାଯାଇଛି ।

### ଯାଜପୁର ଶିକ୍ଷା ବିଭାଗରେ ଘୋଟାଲା ପ୍ରସଙ୍ଗ

## ବାପ ପୁଅ ଲୁଟିଥିଲେ କୋଟି କୋଟି ଟଙ୍କା

ଯାଜପୁର,୧୮ ।୩(ସମିସ): ଯାଜପୁର ଜିଲ୍ଲା କୋରେଇ ବ୍ଲକ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକ ଏବଂ ମୃତକ ଶିକ୍ଷକଙ୍କୁ ଚାକିରିରେ ଥିବା ଦର୍ଶାଇ କୋଟି କୋଟି ଟଙ୍କା ହଡ଼ପ ଘଟଣାର ତଦନ୍ତ କରୁଥିବା ଭିଜିଲାନ୍ସ ଲୁଟେରାଙ୍କୁ କାବୁ କରିଛି । ଏଥିରେ ୫.୫୬ କୋଟି ଟଙ୍କା ହଡ଼ପ କରାଯାଇଥିଲା । ଟଙ୍କା ହଡ଼ପର ମାଷ୍ଟର ମାଇଣ୍ଡ ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ କୁମାର ମହାନ୍ତି ଏବଂ ବ୍ୟାଙ୍କରେ କାର୍ଯ୍ୟରତ ତାଙ୍କ ପୁଅ ମାତୃପ୍ରସାଦ ମହାନ୍ତି ଥିବା ଜଣାପଡ଼ିଛି । ଏହି ଘଟଣାର ତଦନ୍ତ କରୁଥିବା ଭିଜିଲାନ୍ସ ମାତୃପ୍ରସାଦଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ବାପା ଫେରାର ହେବାରେ ସକ୍ଷମ ହୋଇଛନ୍ତି ।



ସୂଚନା ମୁତାବକ କୋରେଇ ବ୍ଲକ ବିଇଓ ଅଫିସରେ କାର୍ଯ୍ୟରତ ପ୍ରଦୀପ ମହାନ୍ତି ଭଦ୍ରକରେ କାର୍ଯ୍ୟରତ ନିଜ ବ୍ୟାଙ୍କ ମ୍ୟାନେଜର ପୁଅ ମାତୃପ୍ରସାଦଙ୍କ ସହିତ ମିଶି ଶିକ୍ଷକମାନଙ୍କ ଏଚ୍‌ଆର୍‌ଏମ୍‌ଏସ୍‌କୁ ଟାମ୍ପରିଂ କରି ୫.୫୬ କୋଟି ଟଙ୍କା ହଡ଼ପ କରିନେଇଛନ୍ତି । ଅଡିଟ୍ ସମୟରେ ଏଭଳି ହଡ଼ପ ଘଟଣା ଜଣାପଡିବା ପରେ ଏହାର ତଦନ୍ତ ପାଇଁ ଭିଜିଲାନ୍ସକୁ ଦାୟିତ୍ୱ ଦିଆଯାଇଥିଲା । ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ତଦନ୍ତ କରାଯିବା ପରେ ସେ ୧୩ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କ ପରିଚୟ ବ୍ୟବହାର କରି ଏହି ଅର୍ଥ ହଡ଼ପ କରାଯାଇଥିବା ଜଣାପଡିଛି । ସେହିପରି ଅବସରପ୍ରାପ୍ତ ଶିକ୍ଷକମାନେ

### ଭିଜିଲାନ୍ସ ଦ୍ୱାରା ପୁଅ ଗିରଫ, ବାପ ଫେରାର

ଏବେ ମଧ୍ୟ କାର୍ଯ୍ୟରତ ଅଛନ୍ତି ବୋଲି ଦର୍ଶାଇ ସେମାନଙ୍କ ନାମରେ ମାସିକ ପେନସନ୍ ବିଲ୍ ପ୍ରସ୍ତୁତ କରିଥିଲେ । ହଡ଼ପ ଅର୍ଥକୁ ସେ ଷ୍ଟେଟ୍‌ବ୍ୟାଙ୍କର ବିଭିନ୍ନ ଶାଖାରେ ଥିବା ନିଜର ସଂପର୍କୀୟମାନଙ୍କ ଆକାଉଣ୍ଟକୁ ପଠାଇଥିଲେ । ନଭେମ୍ବର ୨୦୧୮ରୁ ସେପ୍ଟେମ୍ବର ୨୦୨୪ ମଧ୍ୟରେ, ପ୍ରାୟ ୬ ବର୍ଷ ଧରି ଏହି ଜାଲିଆତି ଚାଲିଥିଲା । ଏହି ଘଟଣାରେ କଟକ ଭିଜିଲାନ୍ସ ଥାନା କେସ୍ ନମ୍ବର ୧୧/୨୦୨୬ ଅନୁଯାୟୀ ମାମଲା ରୁଜୁ ହୋଇଛି । ମାତୃପ୍ରସାଦ ମହାନ୍ତିଙ୍କୁ ଗିରଫ କରାଯାଇ ଆଜି କୋର୍ଟଚାଲାଣ କରାଯାଇଥିବା ବେଳେ ପ୍ରଦୀପ କୁଆଡ଼େ ଫେରାର ହୋଇଯାଇଛନ୍ତି ।

### ୨ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ବାଚସ୍ପତିଙ୍କୁ ଭେଟିଲା କଂଗ୍ରେସ

## ରମେଶ ଜେନାଙ୍କୁ ହେବ କାରଣ ଦର୍ଶାଅ ନୋଟିସ

ଭୁବନେଶ୍ୱର,୧୮ ।୩(ସମିସ): ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ବାଚସ୍ପତି ସୁରମା ପାଢ଼ୀଙ୍କୁ ସାକ୍ଷାତ କରି ୨ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇ ଦାବି କରିଛି । ବୁଧବାର ପିସିସି ସଭାପତିଙ୍କ ନେତୃତ୍ୱରେ କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ, ମୁଖ୍ୟ ସଚେତକ ସିଏସ ରାଜନ ଏକ୍କା, ବିଧାୟକ ସାଗର ଦାସ, ବିଧାୟକ ପବିତ୍ର ସାଉଁତା, ବିଧାୟକ ମଙ୍ଗୁ ଖିଲ୍ଲଙ୍କୁ ନେଇ ଏକ ପ୍ରତିନିଧି ଦଳ ସାମ୍ବିଧାନିକ ନିୟମ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବିଧାୟକ ଦାଶରଥି ଗମାଙ୍ଗୋ ଓ ସୋଫିଆ ଫିର୍‌ଦୋସଙ୍କ ସଭ୍ୟପଦ ରଦ୍ଦ କରିବା ପାଇଁ ଆବେଦନ ପତ୍ର ପ୍ରଦାନ କରିଛନ୍ତି । ରାଜ୍ୟସଭା ପାଇଁ ଭୋଟ୍ ପଡ଼ିବା ପୂର୍ବରୁ ଏହି ଦୁଇ ଜଣ ବିଧାୟକ ହାବଭାବକୁ ଆଧାର କରି ଦଳ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିଲା । ହେଲେ ଦୁଇ ବିଧାୟକ ଯେଉଁ ଉତ୍ତର ଦେଇଛନ୍ତି, ସେଥିରେ ଦଳ ସନ୍ତୁଷ୍ଟ ନ ଥିବାରୁ ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି । ଅନ୍ୟପଟେ ରମେଶ ଜେନାଙ୍କ କ୍ରସଭୋଟିଂ ଆଶ୍ଚର୍ଯ୍ୟଜନକ ହୋଇଥିବାରୁ କଂଗ୍ରେସ ଦଳ ଦିନେ ଦୁଇ ଦିନ ଭିତରେ ତାଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବ ବୋଲି ଜଣାପଡ଼ିଛି । ଏହି ନୋଟିସ୍ ଉତ୍ତର ପାଇବା ପରେ ପରବର୍ତ୍ତୀ ପଦକ୍ଷପ ନେଇ ଦଳ ନିଷ୍ପତ୍ତି ନେବ ବୋଲି ଦଳୀୟ ସୂତ୍ରରୁ ଜଣାପଡ଼ିଛି ।

ଭକ୍ତ କହିଛନ୍ତି ଯେ ଏହି ବିଧାୟକମାନେ କ୍ରସ ଭୋଟିଂ କରିବା ପୂର୍ବରୁ ଦଳରେ ଥାଇ ଦଳରେ ନ ରହିବା ଭଳି ଆଚରଣ କରିଛନ୍ତି । ପାର୍ଟିର ମିଟିଂରେ ସାମିଲ ନ ହେବା ଓ ଦଶମ ଅନୁଚ୍ଛେଦ ଅନୁଯାୟୀ ବିଭିନ୍ନ ଉଲ୍ଲଂଘନକୁ ଦର୍ଶାଇ ତାଙ୍କର ସଭ୍ୟପଦ ରଦ୍ଦ ଦାବି କରାଯାଇଛି । ଅନ୍ୟପଟେ ରମେଶ ଜେନା ଆଜି ସାମ୍ବାଦିକ ସମ୍ମିଳନୀ କରି ପିସିସିର କାର୍ଯ୍ୟ ସମ୍ପର୍କରେ ଅଭିଯୋଗ ପ୍ରସଙ୍ଗରେ ସେ କହିଛନ୍ତି ଯେ ବର୍ତ୍ତମାନ ସେ ହାଇକମାଣ୍ଡଙ୍କୁ ସିଧା ଗାଳି କରୁଛନ୍ତି । ଏହାଦ୍ୱାରା ସଦସ୍ୟତା କିପରି ରଦ୍ଦ ହେବ ନାହିଁ ? 'ବାପା ଏଜେଣ୍ଟ ଓ ପୁଅ ଭୋଟ୍'ର ଅଭିଯୋଗର ଉତ୍ତର ଦେଇ ସେ କହିଛନ୍ତି, ପ୍ରଥମ ୪ ଜଣ ଭୋଟ୍ ଦେବା ସମୟରେ ପିସିସି ପ୍ରଭାରୀ ଅଜୟ ଲଲ୍ଲୁ ଏଜେଣ୍ଟ ଭାବେ ବସିଥିଲେ । ଏହି ସମୟରେ ବିଧାୟକ ସାଗର ଦାସ ଭୋଟ୍ ଦେଇଛନ୍ତି । ତେଣୁ ଏହି ଅଭିଯୋଗର କୌଣସି ଆଧାର ନାହିଁ । ଏହି ବିଧାୟକମାନେ କଂଗ୍ରେସରୁ ବାହାରିଯିବାକୁ ଯୋଜନା କରିଥିଲେ । ବିଜେପି ସହିତ ମିଶି ସେମାନେ ନିଜର ଦୋକାନ ଚଲାଇବାକୁ ନିଷ୍ପତ୍ତି ନେଇଛନ୍ତି । ତେଣୁ ଏବେ ସେମାନେ ବିଭିନ୍ନ ବାହାନା କରୁଛନ୍ତି ବୋଲି ଭକ୍ତ କହିଛନ୍ତି ।

## କ୍ରସ୍ ଭୋଟିଂ କରି ପ୍ରତିଶୋଧ ନେଇଛି: ରମେଶ

### ପିସିସି ସଭାପତି ନିଜକୁ ହିଟ୍‌ଲର୍ ଭାବୁଛନ୍ତି

ଭୁବନେଶ୍ୱର,୧୮ ।୩(ସମିସ): କଂଗ୍ରେସରୁ ନିଲମ୍ବନ ପରେ ପ୍ରଥମଥର ମୁହଁ ଖୋଲିଛନ୍ତି କଂଗ୍ରେସର ସାନଖେମୁଣ୍ଡି ବିଧାୟକ ରମେଶ ଜେନା । ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ଯୋଗୁଁ ତାଙ୍କୁ କଂଗ୍ରେସ ଦଳ ନିଲମ୍ବନ କରିଛି । ଏହି ନିଲମ୍ବନ ପରେ ବୁଧବାର ଶ୍ରୀ ଜେନା ସାମ୍ବାଦିକ ସମ୍ମିଳନୀ କରି ପ୍ରତିଶୋଧ ନେବାକୁ ସେ କ୍ରସ ଭୋଟିଂ କରିଥିବା କହିଛନ୍ତି । ଶ୍ରୀ ଜେନା କହିଛନ୍ତି, ବିଜେଡି ତାଙ୍କୁ ତଳିତଳାନ୍ତ କରିଛି; ତାଙ୍କୁ ଅନେକ କେସ୍‌ରେ ଛନ୍ଦା ଯାଇଛି । ତାଙ୍କ ବାପା ମଧ୍ୟ କେସ୍‌ରେ ପଡ଼ିଛନ୍ତି । ତେଣୁ ବିବେକ ଅନୁଯାୟୀ ସେ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ନାହାନ୍ତି । ୨୦୧୬ରେ ସେ ଗିରଫ ହେବା ଘଟଣା ସହ ଅନ୍ୟ କିଛି ଘଟଣାକୁ ଆଧାର କରି ସେ ପ୍ରତିଶୋଧ ନେଇଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି । ଅନ୍ୟପଟେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କର ରାଜ୍ୟ ରାଜନୀତି ଉପରେ କୌଣସି ଅଭିଜ୍ଞତା ନାହିଁ ବୋଲି କହି ରମେଶ ତାଙ୍କୁ ନିଶାଣ କରିଛନ୍ତି । ପୂର୍ବରୁ ଏଆଇସିସିରୁ ଭକ୍ତ ବିଭିନ୍ନ ରାଜ୍ୟର ପ୍ରଭାରୀ ନିଯୁକ୍ତ ହୋଇଥିଲେ । ମାତ୍ର ସେହି ରାଜ୍ୟଗୁଡ଼ିକରେ କ'ଣ ସଂଗଠନ କରିଛନ୍ତି ତାହା ସମସ୍ତଙ୍କୁ ଜଣା ବୋଲି ରମେଶ କହିବା ସହ ଭକ୍ତଙ୍କ ସାଂଗଠନିକ ଦକ୍ଷତାକୁ ସମାଲୋଚନା କରିଛନ୍ତି ।

ଏହାସହ ରାଜ୍ୟସଭା ନିର୍ବାଚନରେ ବିଜେଡି ନୁହେଁ କଂଗ୍ରେସର ଦୁଇ ବିଧାୟକ ଦିଲ୍ଲୀପ ରାୟଙ୍କୁ ଭୋଟ୍ ଦେଇଥିବା ନେଇ ରମେଶ ଅଭିଯୋଗ କରିବା ସହ ଭକ୍ତଙ୍କ ବିଧାୟକ ପୁଅ ସାଗର ଦାସଙ୍କ ଭୂମିକା ଉପରେ ସେ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ସେ କହିଛନ୍ତି, ବିଜେଡି ନୁହେଁ ବରଂ କଂଗ୍ରେସର ଦୁଇ ଜଣ ବିଧାୟକ ଦିଲ୍ଲୀପ ରାୟଙ୍କୁ ଭୋଟ୍ ଦେଇଛନ୍ତି । ବାପା ଏଜେଣ୍ଟ ରହିଥିବା ହେତୁ ତାଙ୍କ ପୁଅ ଭୋଟ୍ କାହାକୁ ଦେଲେ ତାହା କିପରି ଜଣାପଡ଼ିବ ବୋଲି ସେ ପ୍ରଶ୍ନ କରିଛନ୍ତି । ପିସିସି ସଭାପତି କାହାର ମତ ନେଉ ନାହାନ୍ତି । ନିଜକୁ ହିଟଲର ଭାବୁଛନ୍ତି । ନୂଆପଡ଼ା ଉପନିର୍ବାଚନରେ ଘାସିରାମ ମାଝୀଙ୍କୁ ଟିକଟ ଦିଆଯିବା ସହିତ ଉପକୂଳବର୍ତ୍ତୀ ନେତାଙ୍କୁ ସେଠାକୁ ଛଡ଼ାଗଲା ନାହିଁ । ନିଜ ଦମ୍‌ରେ ସେ ତିଆରି ହୋଇଛନ୍ତି; ତେଣୁ ନିଲମ୍ବନକୁ ସେ ସ୍ୱାଗତ କରୁଛନ୍ତି ବୋଲି ରମେଶ କହିଛନ୍ତି ।

## ଅଫିସରେ କାର୍ଯ୍ୟରତ ଆର୍‌ଆଇଙ୍କୁ ଆଖିବୁଜା ମାଡ଼

ଭଦ୍ରକ,୧୮ ।୩(ସମିସ): ସରକାରୀ କାର୍ଯ୍ୟାଳୟ ଭିତରେ ପଶି କାର୍ଯ୍ୟରତ ଆର୍‌ଆଇ(ରାଜସ୍ୱ ନିରୀକ୍ଷକ)ଙ୍କୁ ଆଖିବୁଜା ଘୋଷାଡ଼ି ଘୋଷାଡ଼ି ମାଡ଼ ମାରିଛନ୍ତି ଜଣେ ଯୁବକ । ମଙ୍ଗଳବାର ଦିନ ଦ୍ୱିପ୍ରହରରେ ଓ ସର୍ବସମ୍ମୁଖରେ ଏଭଳି ଅଭାବନୀୟ ଘଟଣା ଘଟିଛି । ଏମିତି କି ଅଫିସ ଗୃହରୁ ଘୋଷାଡ଼ି ଘୋଷାଡ଼ି ମାଡ଼ ମାରିବା ସହ ବାହାରକୁ ଟାଣିକି ନେଇ ମାଡ଼ ମାରିବା ଘଟଣା ସିସିଟିଭି କ୍ୟାମେରାରେ କଏଦ ହୋଇଥିବା ଦେଖିବାକୁ ମିଳିଛି । ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ତହସିଲ୍ ଅଧୀନସ୍ଥ ସାରଣା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ । ପ୍ରକାଶ ଯେ, ଆର୍‌ଆଇ ତାପସ ରଞ୍ଜନ ଜେନା ଅଫିସରେ କାର୍ଯ୍ୟ କରୁଥିବା ସମୟରେ ଭୂଇଁବୃତି ପଞ୍ଚାୟତ ଜଗନ୍ନାଥପୁର ଗାଁର ସର୍ବେଶ୍ୱର ଦାସଙ୍କ ପୁଅ ସୁବାସ ଦାସ ନାମକ ଜଣେ ଯୁବକ ଆର୍‌ଆଇ ଅଫିସକୁ ଯାଇ କିଛି ବେଆଇନ କାର୍ଯ୍ୟ କରିବା ପାଇଁ କହିଥିଲେ । କିନ୍ତୁ ଆର୍‌ଆଇ ଶ୍ରୀ ଜେନା ଏଥିପାଇଁ ତାଙ୍କୁ ମନା କରି ଦେବାରୁ ସୁବାସ ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଆର୍‌ଆଇଙ୍କ ଦେହ ଅସୁସ୍ଥ ହେବାରୁ ସେ



ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ନ୍ୟାୟ ପାଇଁ ଆର୍‌ଆଇ ଚାନ୍ଦବାଲି ଥାନାରେ ଓ ତହସିଲ୍‌ଦାରଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ଚାନ୍ଦବାଲି ତହସିଲ୍‌ଦାର ଭବତୋଷ ମଲ୍ଲିକ କହିଛନ୍ତି, ଏଭଳି କାଣ୍ଡ ଘଟାଇଥିବା ବ୍ୟକ୍ତି ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ।

## ଗୌରବ ହରାଉଛି ଗ୍ରନ୍ଥାଗାର

ଭୁବନେଶ୍ୱର,୧୮ ।୩(ସମିସ): ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ରାଜ୍ୟର ସମସ୍ତ ଲାଇବ୍ରେରୀ । ସବୁଆଡ଼େ କର୍ମଚାରୀଙ୍କ ମରୁଡ଼ି ପଡ଼ିଥିବାବେଳେ ସରକାରଙ୍କ ନିଘା ନାହିଁ । ଏପରିକି କେଉଁ ଲାଇବ୍ରେରୀରେ କେତେ କର୍ମଚାରୀ ଓ କେତେ ସଂଖ୍ୟାରେ ପୁସ୍ତକ ରହିଛି, ତାହା ମଧ୍ୟ ସରକାରଙ୍କୁ ଜଣା ନାହିଁ । ରାଜ୍ୟରେ ମୋଟ୍

- କର୍ମଚାରୀ ଓ ପୁସ୍ତକ ତଥ୍ୟ ସଂଗ୍ରହ କରୁଛନ୍ତି ସରକାର
- ମାତ୍ର ୬ଟି ପାଠାଗାର ତଥ୍ୟ ଗୃହରେ ରଖିଲେ ମନ୍ତ୍ରୀ

୩୧ଟି ସାର୍ବଜନୀନ ପାଠାଗାର ରହିଥିବାବେଳେ ମାତ୍ର ୬ଟି ରେ କାର୍ଯ୍ୟରତ କର୍ମଚାରୀ ଓ ପୁସ୍ତକ ସମ୍ପର୍କରେ ସରକାର ଅବଗତ ଅଛନ୍ତି । ଅବଶିଷ୍ଟ ପାଠାଗାରରେ କେତେ କର୍ମଚାରୀ ଅଛନ୍ତି ଓ କେତେ ପୁସ୍ତକ ରହିଛି, ସେ ସମ୍ପର୍କରେ ସରକାର ତଥ୍ୟ ସଂଗ୍ରହ କରୁଛନ୍ତି ବୋଲି ବିଧାନସଭାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉତ୍ତର ରଖିବା ପରେ ପାଠାଗାରକୁ ନେଇ ସରକାରଙ୍କ ଆନ୍ତରିକତା ପଦାରେ ପଡ଼ିଛି ।

ବିଧାନସଭାରେ ମନ୍ତ୍ରୀ ରଖିଥିବା ତଥ୍ୟ ଅନୁଯାୟୀ, ଭୁବନେଶ୍ୱରସ୍ଥିତ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାରରେ ମାତ୍ର ୧୯ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ପ୍ରାୟ ୨ ଲକ୍ଷ ୯୩ ହଜାର ପୁସ୍ତକ ରହିଛି । ସେହିପରି ବଲାଙ୍ଗୀର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲା ପାଠାଗାରରେ କାର୍ଯ୍ୟରତ କର୍ମଚାରୀ ଓ ପୁସ୍ତକ ସଂଖ୍ୟା ଦର୍ଶାଇଛନ୍ତି । କଟକ ଓ ମୟୁରଭଞ୍ଜ ଜିଲ୍ଲା ପାଠାଗାରରେ ପୁସ୍ତକ ସଂଖ୍ୟା ସରକାର ଅବଗତ ଥିବାବେଳେ କେନ୍ଦୁଝର ଜିଲ୍ଲା ପାଠାଗାର ଓ ରାଇରଙ୍ଗପୁର ଉପଖଣ୍ଡ ପାଠାଗାରରେ କର୍ମଚାରୀ ସଂଖ୍ୟା ମନ୍ତ୍ରୀ ଦର୍ଶାଇଛନ୍ତି । ଅନ୍ୟ ସମସ୍ତ ପାଠାଗାରରେ କାର୍ଯ୍ୟରତ କର୍ମଚାରୀ ଓ ପୁସ୍ତକ ତଥ୍ୟ ସଂଗ୍ରହ କରାଯାଉଥିବା କହିଛନ୍ତି ।

ବିଧାନସଭାର ଅତି ନିକଟରେ ଥିବା ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ମୋଟ୍ ୪୩ଟି ମଞ୍ଜୁରୀପ୍ରାପ୍ତ ପଦ ରେ ୨ଜଣ ନିୟମିତ କର୍ମଚାରୀଙ୍କ ସମେତ ୧୯ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି । ଫଳରେ ପ୍ରାୟ ୨ଲକ୍ଷରୁ ଅଧିକ ବହି ରକ୍ଷଣାବେକ୍ଷଣ ହୋଇପାରୁ ନାହିଁ । କର୍ମଚାରୀ ଅଭାବରୁ ଗବେଷକମାନେ ବହି ପାଇପାରୁ ନାହାନ୍ତି । ଦୈନିକ ୬ଶହରୁ ଅଧିକ ପିଲା ବିଭିନ୍ନ ପରୀକ୍ଷା ପ୍ରସ୍ତୁତି କରିବାକୁ ଏଠାରେ ପଢୁଥିଲେ ମଧ୍ୟ ସେମାନଙ୍କୁ ପାଠାଗାରରେ ଅବଶ୍ୟକ ସହଯୋଗ ମିଳିପାରୁନି । ଅନୁରୂପ ଭାବେ ପ୍ରତି ଜିଲ୍ଲାରେ ଥିବା ପାଠାଗାର, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅନେକ କର୍ମଚାରୀ ପଦ ଖାଲି ପଡ଼ିଛି । ଦୀର୍ଘ ଦିନରୁ ଗ୍ରନ୍ଥାଗାରିକ (ଲାଇବ୍ରେରୀଆନ୍) ପଦରେ ନିଯୁକ୍ତି ଦିଆଯାଉ ନ ଥିବାରୁ ପାଠାଗାରର ହୃତଗୌରବ ହ୍ରାସ ପାଉଛି । ଅପରପକ୍ଷରେ ଲାଇବ୍ରେରିଆନ୍ ହେବା ପାଇଁ ବହୁ ଛାତ୍ରଛାତ୍ରୀ ପାଠପଢ଼ି ଅନାଇ ବସିଛନ୍ତି । ରାଜ୍ୟର ୬ଟି ସରକାରୀ ବିଶ୍ୱବିଦ୍ୟାଳୟରୁ ବ୍ୟାଚଲର୍ ଇନ୍ ଲାଇବ୍ରେରୀ ଆଣ୍ଡ ଇନଫରମେସନ୍ ସାଇନ୍ସ ଏବଂ ମାଷ୍ଟର ଇନ୍ ଲାଇବ୍ରେରୀ ସାଇନ୍ସ ପାଠ୍ୟକ୍ରମରେ ପ୍ରତିବର୍ଷ ପ୍ରାୟ ୭ଶହ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହେଉଛନ୍ତି । ଦୀର୍ଘ ବର୍ଷରୁ ନିଯୁକ୍ତି ହେଉ ନ ଥିବାରୁ ୧୦ହଜାରରୁ ଅଧିକ ଆଶାୟୀ ବେକାରୀ ହେଉଛନ୍ତି ।

### ୬ ମାସ ପରେ ବି ପ୍ରତିଶ୍ରୁତି ପାଳିଲେନି ସରକାର

## ଆଜିଠୁ କନିଷ୍ଠ ଶିକ୍ଷକଙ୍କ ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନ

ଭୁବନେଶ୍ୱର, ୧୮ ।୩(ସମିସ): ରାଜ୍ୟର ଶିକ୍ଷା ବ୍ୟବସ୍ଥାରୁ ଠିକା ବ୍ୟବସ୍ଥା ଉଚ୍ଛେଦ କରାଯିବା ସହ କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ପଦକୁ ମଧ୍ୟ ନିୟମିତ କରାଗଲା ବୋଲି ଗତ ଅଗଷ୍ଟ ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ ଏଯାଏଁ କାର୍ଯ୍ୟକାରୀ କରାଯାଉ ନାହିଁ । ଘୋଷଣାର ୬ ମାସ ମଧ୍ୟରେ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଏକାଧିକବାର ଆନ୍ଦୋଳନ ଓ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ଚେତାଇଥିଲେ ମଧ୍ୟ ଫଳ ମିଳିନି । ଏଣୁ ଆସନ୍ତାକାଲି ଅର୍ଥାତ୍ ଗୁରୁବାରଠାରୁ କନିଷ୍ଠ ଶିକ୍ଷକମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିଧାନସଭା ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି ସଂଘର ସଭାପତି ଶେଷଦେବ ଯଜ୍ଞକାମ ଦେଓ କହିଛନ୍ତି ।

ଶିକ୍ଷକଙ୍କ ଅଭିଯୋଗ ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଚୁକ୍ତିଭିତ୍ତିକ ପ୍ରଥାର ମୂଳୋତ୍ପାଟନ କରୁଥିବା ନେଇ ସରକାର ବ୍ୟାପକ ପ୍ରଚାରପ୍ରସାର କରିଥିଲେ । ଏକାଧିକ ସଭାରେ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀ ପ୍ରମୁଖ ଏହାକୁ ବାରମ୍ବାର ଦୋହରାଇଥିଲେ । ମାତ୍ର ଦୀର୍ଘ ୬ ମାସ ମଧ୍ୟରେ ଘୋଷଣାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି । ରାଜ୍ୟ ଶାସନର ମୁଖ୍ୟଙ୍କ ଘୋଷଣା ଯଦି କାର୍ଯ୍ୟକାରୀ ହେଉନାହିଁ, ତା'ହେଲେ ସରକାର କିପରି ଚାଲୁଛି ବୋଲି ପ୍ରଶ୍ନ କରିଛନ୍ତି । ୩ ମାସ ପୂର୍ବରୁ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ସରକାର ଓ ବିଭାଗୀୟ ମନ୍ତ୍ରୀ ସେମାନଙ୍କ ଦାବି ଶୀଘ୍ର ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ଏବେ ସୁଦ୍ଧା ନାଲି ଫିତା ତଳେ ଫାଇଲ୍ କାର୍ଯ୍ୟ ଚାପି ହୋଇ ରହିଛି । ସେମାନଙ୍କ ଆନ୍ଦୋଳନ ଫଳରେ ଶିକ୍ଷାଦାନ କ୍ଷେତ୍ରରେ ଯେଉଁ ଗୁରୁତର ବାଧା ସୃଷ୍ଟି ହେବ, ସେଥିପାଇଁ ସରକାର ପ୍ରତ୍ୟକ୍ଷ ଭାବେ ଦାୟୀ ବୋଲି ସଂଘ ପକ୍ଷରୁ କୁହାଯାଇଛି ।

### ଛୁଟି ଦିନରେ ଖାତା ଦେଖାକୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିରୋଧ

ଭୁବନେଶ୍ୱର,୧୮ ।୩(ସମିସ): ଦଶମ ବୋର୍ଡ ପରୀକ୍ଷାର ମୂଲ୍ୟାଙ୍କନ ଆସନ୍ତାକାଲି ଠାରୁ ଆରମ୍ଭ ହେବ । ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ମୂଲ୍ୟାଙ୍କନ କରିବେ । ମାତ୍ର ଏହି ସମୟରେ ଛୁଟି ଦିବସରେ ମଧ୍ୟ ଖାତା ଦେଖା ଚାଲୁ ରଖିବାକୁ ହୋଇଥିବା ନିଷ୍ପତ୍ତିକୁ ଶିକ୍ଷକ ଶିକ୍ଷୟତ୍ରୀମାନେ ବିରୋଧ କରିଛନ୍ତି । ଆସନ୍ତା ୨୧ରେ ଇଦ-ଉଲ-ଫିତର ଏବଂ ୨୭ରେ ରାମନବମୀ ପଡୁଛି । ଏହି ଦୁଇ ଦିବସକୁ ପୂର୍ବରୁ ସରକାର ଛୁଟି ଘୋଷଣା କରିଥିଲେ ମଧ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ବା ବୋର୍ଡ ଏହାକୁ ମାନିନାହିଁ । ସମସ୍ତ ୫୧ ଟି ମୂଲ୍ୟାୟନ କେନ୍ଦ୍ରରେ ଏହି ଦୁଇଦିନ ମଧ୍ୟ ଶିକ୍ଷକ ଶିକ୍ଷୟତ୍ରୀମାନେ ଖାତା ଦେଖିବେ ବୋଲି ବୋର୍ଡ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅର୍ଥାତ୍ ଯେଉଁମାନେ ଖାତା ଦେଖିବେନି ସେମାନେ ଛୁଟି ପାଇବେ ଏବଂ ଖାତା ଦେଖା ଦାୟିତ୍ୱରେ ଥିବା ଶିକ୍ଷକମାନେ ଛୁଟି ପାଇବେ ନାହିଁ । ଏହା ସେମାନଙ୍କ ମଧ୍ୟରେ ପାତର ଅନ୍ତର ସଦୃଶ ଓ ଧାର୍ମିକ ଭାବନା ପ୍ରତି ଅଣଦେଖା ବୋଲି ଅଭିଯୋଗ ହୋଇଛି । ଓଡ଼ିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ସମେତ ଗଣଶିକ୍ଷା ମନ୍ତ୍ରୀ ଓ ବୋର୍ଡ ଅଧିକାରୀଙ୍କୁ ଅବଗତ କରାଯାଇଛି । ସମସ୍ୟାର ସମାଧାନ ନ କଲେ ଆନ୍ଦୋଳନ ସହ ଆଇନର ଆଶ୍ରୟ ନେବୁ ବୋଲି ଚେତାବନୀ ଦେଇଛନ୍ତି ।

● ମହିଳାଙ୍କୁ ଦୁଷ୍କର୍ମ ମାମଲା

# ଦୋଷୀକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ରାୟଗଡା,୧୮।୩(ସମିସ): ଆଶ୍ରୟ ଦେବାକୁ କହି ଜଣେ ମହିଳାଙ୍କୁ ଦୁଷ୍କର୍ମ କରିବା ମାମଲାରେ ରାୟଗଡା ଜିଲ୍ଲା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଅଲ୍ପନା ସ୍ୱାଇଁ ଚୂଡାନ୍ତ ରାୟ ପ୍ରକାଶ କରି ଦୁଷ୍କର୍ମକାରୀକୁ ୧୦ ବର୍ଷ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଅର୍ଥଦଣ୍ଡ ଅନାଦେୟ ହେଲେ ଅଧିକା ୬ ମାସ ସଶ୍ରମ କାରାଦଣ୍ଡ ପାଇଁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଅଲ୍ପନା ସ୍ୱାଇଁ ରାୟରେ ପ୍ରକାଶ କରିଛନ୍ତି। ସେହିପରି ପୀଡିତାଙ୍କୁ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ୧୨୦ ଦିନ ଅର୍ଥାତ ୪ ମାସ ମଧ୍ୟରେ ଏହି ମାମଲାରେ କୋର୍ଟ ଅଭିଯୁକ୍ତକୁ ଦଣ୍ଡାଦେଶ ଶୁଣାଇଥିବା ଜଣାପଡିଛି। ୧୯ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିବା ବେଳେ ୬୮ଟି ଦସ୍ତାବିଜ ଓ ୧୦ଟି କେସ ସଂପର୍କିୟ ସାମଗ୍ରୀକୁ ଆଧାର କରି କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଥିବା ସରକାରଙ୍କ ପକ୍ଷରୁ ମାମଲାର ପରିଚାଳନା କରୁଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ରାମନାଥ ପାତ୍ର କହିଛନ୍ତି।

**୪ ମାସରେ ଶୁଣାଣି**

# କୋଲନରାରୁ ପୁରୀ ଗଲେ ୧୧୧ ଯାତ୍ରୀ



ରାୟଗଡା/କୋଲନରା,୧୮।୩(ସମିସ): ଓଡ଼ିଶା ସରକାରଙ୍କ ପ୍ରଚଳିତ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାରେ ରାୟଗଡା ଜିଲ୍ଲାର କୋଲନରା ବ୍ଲକରୁ ୧୧୧ ଜଣ ଯାତ୍ରୀ ଓ ୯ ଜଣ ଏସ୍କର୍ଟ ଅଧିକାରୀଙ୍କ ସହ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। କୋଲନରା ବସଷ୍ଟାଣ୍ଡରୁ ୩ଟି ବସ୍ ମାଧ୍ୟମରେ ଏହି ପବିତ୍ର ଯାତ୍ରାର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ, ବିଡିଓ କୋଲନରା ଶ୍ରୀମତୀ ରୀନା ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, ଜିଲ୍ଲା ପରିଚାଳକ ଓଡିଶା ରାଜ୍ୟ ପରିବହନ ନିଗମ, ପଞ୍ଚାୟତ ସମିତି କୋଲନରା, ଅଧକ୍ଷା ସଂଯୁକ୍ତା କୁଲେସିକା ଓ ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରୀୟା ଉପସ୍ଥିତ ରହି ଯାତ୍ରୀମାନଙ୍କୁ ଫୁଲ ଓ ଶୁଭେଚ୍ଛା ସହ ଆଶୀର୍ବାଦ ଜଣାଇଥିଲେ। ସମସ୍ତ ଯାତ୍ରୀଙ୍କ ପାଇଁ ଯାତାୟାତ, ଖାଦ୍ୟ, ରହଣିଆ ଓ ଚିକିତ୍ସା ସହିତ ଆବଶ୍ୟକ ସୁବିଧା ସରକାର ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ବେଳେ ଯାତ୍ରା ସମୟରେ ସମ୍ପୂର୍ଣ୍ଣ ନିରାପତ୍ତା ଓ ନିରୀକ୍ଷଣ ପାଇଁ ଏସ୍କର୍ଟ ଅଧିକାରୀମାନେ ନିଯୁକ୍ତ ହୋଇଛନ୍ତି।

# ସଦର ଆଇଆଇସି ଦାୟିତ୍ୱରେ ପ୍ରବେଶନାରୀ ଅଧିକାରୀ

ଜୟପୁର,୧୮।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ଅଧିକାରୀ ଭାବେ ଆସନ୍ତା ୧୨ ସପ୍ତାହ ପାଇଁ ଜଣେ ପ୍ରବେଶନାରୀ ଆଇପିଏସ୍ ଅଧିକାରୀ ରାମଶାଦ କେ.ବିଙ୍କୁ ଆଜି ଠାରୁ ଦାୟୀତ୍ୱ ପ୍ରଦାନ କରାଯାଇଛି। ହାଇଦ୍ରାବାଦ ସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜାତୀୟ ପୁଲିସ ଏକଡେମୀ (ଆଇପିଏସ) ତାଲିମକେନ୍ଦ୍ରର ନିର୍ଦ୍ଦେଶକ୍ରମେ ଓଡିଶା କ୍ୟାଡେର ଆପିଏସ ଅଧିକାରୀ ଶ୍ରୀ ରାମଶାଦଙ୍କୁ କୋରାପୁଟ ଜିଲ୍ଲା ଏସପି ରୋହିତ ବର୍ମା ଗ୍ରାମାଞ୍ଚଳରେ ବିଭିନ୍ନ ଅପରାଧ ଅନ୍ୟାନ୍ୟ ଆଇନ ବ୍ୟବସ୍ଥା କାର୍ଯ୍ୟର ତାଲିମପ୍ରାପ୍ତ ପାଇଁ ସଦରଥାନା ଅଧିକାରୀ ଭାବେ ଗତ ୯ ତାରିଖ ଠାରୁ ଆସନ୍ତା ମେ ମାସ ୫ ତାରିଖ ପର୍ଯ୍ୟନ୍ତ ୧୨ ସପ୍ତାହ ପର୍ଯ୍ୟନ୍ତ ଦାୟୀତ୍ୱ ପ୍ରଦାନ କରିଛନ୍ତି। ଆଜି ନୂତନ ଥାନା ଅଧିକାରୀ ଭାବେ ଶ୍ରୀ ରାମଶାଦ ସଦରଥାନା ଅଧିକାରୀ ଭାବେ ଦାୟୀତ୍ୱ ଗ୍ରହଣ କରିଛନ୍ତି। ବର୍ତ୍ତମାନ ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ନୂତନ ଥାନା ଅଧିକାରୀ ଆଇପିଏସ ଶ୍ରୀ ରାମଶାଦଙ୍କୁ ଦାୟୀତ୍ୱ ପ୍ରଦାନ କରିଥିବା ବେଳେ ଶ୍ରୀ ପ୍ରଧାନ ଅତିରିକ୍ତ ଥାନା ଅଧିକାରୀ ଭାବେ ଦାୟିତ୍ୱରେ ରହିବା ସହିତ ସମସ୍ତ କାର୍ଯ୍ୟରେ ନୂତନ ଆଇପିଏସ ଥାନା ଅଧିକାରୀଙ୍କୁ ସହାୟତା କରିବେ ବୋଲି ଜଣାପଡ଼ିଛି।



# କୁଆପଥର ମାଡରେ ୨୦୦ଏକରରୁ ଊର୍ଦ୍ଧ୍ୱ ମକାଚାଷ ନଷ୍ଟ

କୋଷାଗୁମୁଡା,୧୮।୩(ସମିସ): ମଙ୍ଗଳବାର ହୋଇଥିବା କୁଅପଥର ବର୍ଷାରେ କୁଆପଥର ମାଡରେ କୋଷାଗୁମୁଡା ବ୍ଲକର ୨୦୦ ଏକରରୁ ଊର୍ଦ୍ଧ୍ୱ ମକାଚାଷ ନଷ୍ଟ ହୋଇଛି। ବିଶେଷକରି କୋଷାଗୁମୁଡା ବ୍ଲକର ବିଏମ ସେମଳା, ଦୁରାଗାଁ, ବାକଟିଗୁଡା ଓ କେରାଣ୍ଡିମାଳ ଗ୍ରାମରେ ମକା ଚାଷ ନଷ୍ଟ ହୋଇଥିବା ଜଣାପଡ଼ିଛି। ତହସିଲଦାର ତୁଳା ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ବିଏମ ସେମଳା ରାଜସ୍ୱ ନିରୀକ୍ଷକ ଓ କୋଷାଗୁମୁଡା କୃଷି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନଷ୍ଟ ହୋଇଥିବା ମକାଚାଷର କ୍ଷୟକ୍ଷତି ଆକଳନ କରି ପାଖାପାଖି ୫୦ ଏକର ଚାଷ ନଷ୍ଟ ହୋଇଥିବା ସୂଚନା ଦେଇଛନ୍ତି। ତେବେ ଧାରକରଜ କରି ମକାଚାଷ କରିଥିବା ଚାଷୀମାନେ ବର୍ତ୍ତମାନ ଋଣ କିପରି ସୁଝିବେ ବୋଲି ଚିନ୍ତାରେ ଭାଙ୍ଗି ପଡିଛନ୍ତି। ତେଣୁ ପ୍ରଶାସନ ନଷ୍ଟ ହୋଇଥିବା ମକାଚାଷର ଠିକ ଆକଳନ କରି କ୍ଷତି ପୂରଣ ଯୋଗେଇ ଦେବାକୁ ଚାଷୀ ଦାବି କରିଛନ୍ତି। ଏହି ବର୍ଷାରେ ଦୁରାଗାଁର ଧନୁର୍ଜୟ ବିଷୋୟୀ, କୃତିବାସ ମାଝୀ, ବନସିଂ ମାଝୀ, ରାମ ପୂଜାରୀ, ପାରେଶ୍ୱର ବିଷୋୟୀ, ପଦ୍ମସାଇ ମାଝୀ, ସିନ୍ଧୁ ମାଝୀ, କୃପା ଭତରା, ମହେଶ୍ୱର ମାଝୀ, କେରାଣ୍ଡିମାଳର ସମାରୁ ପୂଜାରୀ, ଦେଇନୁ ଗୌଡ଼, ଇଶ୍ୱର ରନ୍ଧାରୀ, ଦୈତାରୀ ଗୌଡ଼, ନନ୍ଦ ଭତରା, ବାକଟିଗୁଡାର ସିମାଞ୍ଚଳ ବିଷୋୟୀ, ଧନିରାମ ବିଷୋୟୀ, କମଳ ବିଷୋୟୀ, ପଦମ ଗୌଡ଼, ସରାଧୁ ଗୌଡ଼, ଡମ୍ବୁ ଗୌଡ଼, ଲଖି ଭତରାଙ୍କ ମକା ଚାଷ ନଷ୍ଟ ହୋଇଥିବା ସୂଚନା ମିଳିଛି।



# ପୋଖରୀରେ ବୁଡ଼ି ନାବାଳିକା ମୃତ

କୋଷାଗୁମୁଡ଼ା,୧୮।୩(ସମିସ): ଆଜି କୋଷାଗୁମୁଡ଼ା ଥାନା ଅନ୍ତର୍ଗତ ବଡଆମ୍ବଡା ଫାଣ୍ଡି ସଦର ମହକୁମାଠାରେ ଏକ ୭ବର୍ଷର ନାବାଳିକା ପୋଖରୀକୁ ସାଙ୍ଗ ମାନଙ୍କ ସହ ଗାଧେଇବାକୁ ଯାଇ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। କୋଷାଗୁମୁଡ଼ା ଥାନାରେ ଏନେଇ ମୃତ ଝିଅର ବାପା ଏକ ଲିଖିତ ଅଭିଯୋଗ କରିଛନ୍ତି। ଥାନାଧିକାରୀ ଏଏସଆଇ ଲଳିତ କୁମାର ପଣ୍ଡାଙ୍କୁ ଘଟଣାର ତଦନ୍ତ ଦାଇତ୍ୱ ଦେଇଛନ୍ତି। ଥାନାରେ ଏକ ଅପମୃତ୍ୟୁ ମାମଲା(୫/୨୬) ରୁଜୁ କରାଯାଇଥିବା ବୋଲି ଥାନାଧିକାରୀ ଶ୍ରୀମତୀ ବଙ୍ଗୀ ସୂଚନା ଦେଇଛନ୍ତି। ଗୁରୁବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ଥାନା ପକ୍ଷରୁ ଜଣାପଡିଛି।

# ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଓ ଏନ୍‌ବିସିସି ମଧ୍ୟରେ ଏମ୍‌ଓୟୁ



ଜୟପୁର,୧୮।୩(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ବିକ୍ରମ ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମ ଭବନ, ସେମିନାର କକ୍ଷ, ଛାତ୍ରୀ କମନରୁମ୍ ନିର୍ମାଣ ଏବଂ ବାଣିଜ୍ୟ ବିଭାଗ, ଦିୱାନ ବଙ୍ଗଳା, ପ୍ରଶାସନିକ ଭବନ ମରାମତି ପିଏମ୍ ଉଷା ଯୋଜନାରେ କରାଯିବା ନେଇ ବିକ୍ରମଦେବ କର୍ତ୍ତୃପକ୍ଷ ଏବଂ ଏନ୍‌ବିସିସି ଇଣ୍ଡିଆ ଲିମିଟେଡ ଘରୋଇ ନିର୍ମାଣକାରୀ ସଂସ୍ଥା ସହିତ ଆଜି ଏମଓୟୁ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଭବନଠାରେ ସ୍ୱାକ୍ଷରିତ ହୋଇଛି। ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ମହେଶ ଚନ୍ଦ୍ର ନାୟକ ଏବଂ ଏନବିସିସିର ସାଧାରଣ ପରିଚାଳକଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏଥିରେ ୮କୋଟି ୪୦ ଲକ୍ଷ ଟଙ୍କାର ପାଠ୍ୟକ୍ରମ ଭବନ, ଦେଢ କୋଟି ଟଙ୍କାର ସମ୍ମିଳନୀ କକ୍ଷ, ୫୦ ଟଙ୍କାର ଛାତ୍ରୀ କମନ ରୁମ ନୂତନ ଭାବେ ନିର୍ମାଣ କରାଯିବ। ସେହିପରି ଶୌଚାଳୟ, ବାଣିଜ୍ୟ ବିଭାଗ ଭବନ, ଦିୱାନ ବଙ୍ଗଳା, ପ୍ରଶାସନିକ ଭବନ ଏବଂ ନୂତନ ଏକାଡେମୀ ଭବନର ଆବଶ୍ୟକ ଅନୁଯାୟୀ ମରାମତି ଏହି ପିଏମ ଉଷା ଯୋଜନାରେ ଆଗନ୍ତା ଏପ୍ରେଲ ମାସ ଠାରୁ କାର୍ଯ୍ୟାରମ୍ଭ କରାଯିବ।

# ସିୱାଇଏସ୍‌ଡିର ସ୍ଥାପନା ଦିବସ



ବୈପାରୀଗୁଡା,୧୮।୩(ସମିସ): ବୈପାରୀଗୁଡା ବ୍ଲକ ମୁଣ୍ଡାଗୁଡା ସ୍ଥିତ ସେଣ୍ଟର ଫର ୟୁଥ ଏଣ୍ଡ ସୋସିଆଲ ଡେଭଲପମେଣ୍ଟ(ସିୱାଇଏସଡି) କାର୍ଯ୍ୟାଳୟ ପରିସରରେ ଅନୁଷ୍ଠାନର ୪୪ତମ ସ୍ଥାପନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ଗ୍ରାମୀଣ ମହିଳା ସଂସ୍ଥାଙ୍କ ନେତୃତ୍ୱ ସଶକ୍ତୀକରଣ' ବିଷୟରେ ଜୋନାଲ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋରାପୁଟ ଜିଲ୍ଲା ଉଦ୍ୟାନ ପରିଚାଳନା ଅଧିକାରୀ ସୁଧାନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଅନ୍ୟ ଅତିଥି ଭାବେ ସାନ୍ତାକର ଚେଲାପିଲା ଯୋଗଦେଇଥିଲେ। ଏହି ସମ୍ମିଳନୀରେ ଗୋଷ୍ଠୀ ସମ୍ବଳ ବ୍ୟକ୍ତି, ଗୋଷ୍ଠୀ ଆଧାରିତ ସଂଗଠନ ନେତା, ଯୁବ ନେତା, ପଞ୍ଚାୟତିରାଜ ପ୍ରତିନିଧି, ସାମାଜିକ ସଂଗଠନର ପ୍ରତିନିଧି ଏବଂ ସିୱାଇଏସଡି ଟିମ ସଦସ୍ୟଙ୍କୁ ମିଶାଇ ୨୦୦ ଜଣ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଗ୍ରାମୀଣ ସମୁଦାୟରେ ଉଲ୍ଲେଖନୀୟ କାମ କରୁଥିବା ମହିଳା ନେତା, ଯୁବ ନେତା ଓ ସଂସ୍ଥାମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଜୋନାଲ ଲିଡ୍ ଇଣ୍ଟିଗ୍ରେଟର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ସଂଚାଳିତ ହୋଇଥିବାବେଳେ ଦେବାଶିଷ ସାହୁ ଓ ତାଙ୍କ ଟିମ୍ ସହଯୋଗ କରିଥିଲେ।

# ଭତ୍ତାରୁ ବଞ୍ଚିତ ମହିଳା ବିଡିଓଙ୍କ ଦ୍ୱାରସ୍ଥ



ବୈପାରିଗୁଡା,୧୮।୩(ସମିସ): ସ୍ୱାମୀଙ୍କ ମୃତ୍ୟୁ ପରେ ମୃତ୍ୟୁ ପ୍ରମାଣପତ୍ର ନ ମିଳିବାରୁ ଭତ୍ତାରୁ ବଞ୍ଚିତ ରହିଥିବା ବିଧବା ମହିଳା ଯଥାଶୀଘ୍ର ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ ପାଇଁ ବିଡ଼ିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବୈପାରିଗୁଡା ବିଡ଼ିଓ ସୁବ୍ରତ ସାହୁଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ବିଚଲକୋଟା ଗ୍ରାମର ମୃତକ ଧୋବା ପରଜାଙ୍କ ସ୍ତ୍ରୀ ମଣି ପରଜା। ସୂଚନା ଥାଉକି, ୨୦୨୪ ମସିହା ନଭେମ୍ବର ୨୨ ତାରିଖ ଦିନ ବିଚଲକୋଟା ଗ୍ରାମର ଧୋବା ପରଜା, ଲକିନାଥ ପରଜା, ଧନୁର୍ଜୟ ପରଜା ଏବଂ ଘାସିରାମ ପରଜା ଚାରିଜଣ ଭଟ୍ଟାଛିଞ୍ଚି ନିକଟରେ ଗ୍ରାମର ଜଣେ ଚାଷୀଙ୍କ ଜମିକୁ ଧାନ କାଟିବା ପାଇଁ ଯାଇଥିବା ବେଳେ ଜବାକେନାଡି ଗ୍ରାମ ନିକଟରେ ସଡ଼କ ଦୁର୍ଘଟଣାରେ ଟ୍ରକ୍ ଚକା ତଳେ ଚାପି ହୋଇ ମୃତ୍ୟୁବରଣ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ମୃତକଙ୍କ ପରିବାରକୁ ସେମାନଙ୍କୁ ମୃତ୍ୟୁ ପ୍ରମାଣପତ୍ର ମିଳିପାରିନାହିଁ। ଦୁର୍ଘଟଣାରେ ମୃତ ଧୋବା ପରଜାଙ୍କ ବିଧବା ପତ୍ନୀ ମଣି ପରଜା ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇ ନଥିବାରୁ ସେ ବିଧବା ଭତ୍ତାରୁ ବଞ୍ଚିତ ରହିଥିବା ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ମୃତ୍ୟୁ ପ୍ରମାଣପତ୍ର ଯୋଗାଇଦେବାକୁ ସେ ବିଡିଓଙ୍କୁ ନିବେଦନ କରିଛନ୍ତି।

# ଟ୍ରକ୍ ଧକ୍କାରେ ବାଇକ ଚାଳକ ମୃତ

ରାୟଗଡ଼ା,୧୮।୩ (ସମିସ): ଆଜି ଅପରାହ୍ନରେ ରାୟଗଡ଼ା ସହରର ମା ମଝିଘରିଆଣୀ ମନ୍ଦିର ନିକଟ ରାୟଗଡ଼ା-କେରଡା ମୁଖ୍ୟ ରାସ୍ତାରେ ଏକ ଟ୍ରକ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ବାଇକ ଚାଳକ ଜଣକ ରାୟଗଡ଼ା ଥାନା ଅନ୍ତର୍ଗତ ତଳଗୁମ୍ପା ଗ୍ରାମର କାଶଣା କଂଜକା ବୋଲି ଜଣାପଡିଛି। ଘଟଣା ସ୍ଥଳରେ ରାୟଗଡ଼ା ଥାନା ପୋଲିସ ପହଞ୍ଚି ଶବ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ ଓ ଟ୍ରକକୁ ଥାନାକୁ ନିଆଯାଇଥିବା ଜଣାପଡିଛି। କାଶଣା ଆଜି ନିଜ ବାଇକ (ଓଡି ୧୮ ଏଚ ୫୨୧୬) ଯୋଗେ ରାୟଗଡ଼ା ମା ମଝିଘରିଆଣୀ ମନ୍ଦିର ସମ୍ମୁଖ ରାସ୍ତାର ଅଣ୍ଡରପାସ ଦେଇ ରାୟଗଡ଼ା-କେରଡା ମୁଖ୍ୟ ରାସ୍ତାରୁ ପୀତାମହଲ ପଟକୁ ଯାଉଥିବା ସମୟରେ କେରଡା ପଟରୁ ରାୟଗଡ଼ା ସହରକୁ ଆସୁଥିବା ଏକ ମାଲ ବୋଝେଇ ଟ୍ରକ୍ (ଏପି ୦୫ ଟିବି ୨୭୨୭) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ କାଶଣାର ମୃତ୍ୟୁ ହୋଇଥିବା ଜଣାପଡିଛି। ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂଚନା ଦେଇଛି।

# ଜବାହାର ନବୋଦୟ ବିଦ୍ୟାଳୟରୁ ଛାତ୍ର ନିଖୋଜ

ମାଲକାନଗିରି,୧୮।୩(ସମିସ): ମାଲକାନଗିରିର ପିଏମ ଶ୍ରୀ ଜବାହାର ନବୋଦୟ ବିଦ୍ୟାଳୟ-୧ ପରିସରରୁ ନବମ ଶ୍ରେଣୀର ଜଣେ ଜନୈକ ଛାତ୍ର ନିଖୋଜ ହୋଇଥିବା ନେଇ ଆଦର୍ଶ ଥାନାରେ ଏକ ମାମଲା ରୁଜୁ ହୋଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏନେଇ ଅଭିଯୋଗ ହୋଇଥିବା ବେଳେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ମାଲକାନଗିରିର ଜିଲ୍ଲା ସଦରରେ ଥିବା ଜବାହାର ନବୋଦୟ ବିଦ୍ୟାଳୟ-୧ରେ ନବମ ଶ୍ରେଣୀର ଜଣେ ଛାତ୍ର ବୁଧବାର ବିଦ୍ୟାଳୟରେ ଥିବା ବେଳେ ଦିନ ପ୍ରାୟ ୧୧ଟା୧୫ ସମୟରେ ସେ ବିଦ୍ୟାଳୟ ପାଚେରି ଡେଇଁ କେଉଁଆଡେ ଚାଲିଯାଇଥିଲେ। ଏନେଇ କିଛି ସମୟ ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ପରିବାର ସଦସ୍ୟ ଜାଣିବା ପରେ ତାଙ୍କୁ ଖୋଜା ଖୋଜି କରିଥିଲେ। ତେବେ ତାଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନଥିବା ବେଳେ ବିଦ୍ୟାଳୟର ଅଧକ୍ଷ ଏସଏନପି କୋଡାଲି ଆଦର୍ଶ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିବା ନେଇ ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

# ପ୍ରୀତମ ପଣ୍ଡାଙ୍କ ପି.ଏଚ୍.ଡି ଲାଭ




ବାରିପଦାର ଶ୍ରୀ ପ୍ରୀତମ ପଣ୍ଡା , ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେ ବାଇଗଣବାଡିଆର ବି.ବି.କଲେଜ, ବାଣିଜ୍ୟ ବିଭାଗର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ସନ୍ଦୀପ କୁମାର ପଟ୍ଟନାୟକ ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର( ବିଜନେସ୍ ଆଡମିନିଷ୍ଟ୍ରେସନ) ବିଭାଗ ର ମୁଖ୍ୟଡ଼. ସୀତାରାମ ଦାସଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ । । ଶ୍ରୀ ପ୍ରୀତମ ପଣ୍ଡାଙ୍କ ସନ୍ଦର୍ଭ "SELF-HELP-GROUPS as a strategy of poverty alleviation : A Study on Mayurbhanj District in Odisha" ଉଚ୍ଚପ୍ରଶଂସିତ ହୋଇଛି । ସେ ବାରିପଦା ସହରର ଶ୍ରୀମତୀ ଅଞ୍ଜଳୀ ପଣ୍ଡା ଏବଂ ଶ୍ରୀ ଲକ୍ଷ୍ମୀକାନ୍ତ ପଣ୍ଡା ଙ୍କ କନିଷ୍ଠ ପୁତ୍ର ଅଟନ୍ତି । ତାଙ୍କର ପତ୍ନୀ ଜୟଶ୍ରୀ ମିଶ୍ର ଓ କନ୍ୟା ପି.ପ୍ରାଣଭୀ ପ୍ରିୟାନଶୀ ମଧ୍ୟ ଖୁସି ବ୍ୟକ୍ତ କରିଛନ୍ତି । ତାଙ୍କର ଏହି ସଫଳତା ପାଇଁ ସେ ତାଙ୍କୁ ସହଯୋଗ କରିଥିବା ପ୍ରତେକ ବ୍ୟକ୍ତିବିଶେଷଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ଶ୍ରୀରାମ ନବମୀ ପାଇଁ କଳସ ଯାତ୍ରା



ଦାମନଯୋଡ଼ି,୧୮।୩(ସମିସ): ନାଲକୋ ଟାଉନସିପ ସେକ୍ଟର-୧ ସ୍ଥିତ ମାରୁତି ମଣ୍ଡପ ଠାରେ ଚଳିତ ମାସ ୧୯ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ୯ଦିନ ବ୍ୟାପି ଶ୍ରୀରାମନବମୀ ଉତ୍ସବ ପାଳିତ ହେଉଛି। ଏହି ଅବସରରେ ବୁଧବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ବହୁ ଶ୍ରଦ୍ଧାଳୁ ସ୍ଥାନୀୟ ଶ୍ରୀଜଗନ୍ନାଥ ମନ୍ଦିର ପରିସର ନରେନ୍ଦ୍ର ପୁଷ୍କରିଣୀରୁ ପୂଜାର୍ଚ୍ଚନା ପରେ କଳସରେ ଜଳ ଆଣି ଶୋଭାଯାତ୍ରାରେ ଆସି ମଣ୍ଡପରେ ସ୍ଥାପନ କରିଥିଲେ। ସେହିପରି ଶ୍ରୀଜଗନ୍ନାଥ ମନ୍ଦିରରୁ ଶ୍ରୀ ହନୁମାନ,ପ୍ରଭୁ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣଲାଲ ଜୀ ଓ ମାତା ଜାନକୀଙ୍କ ବିଗ୍ରହକୁ ମଧ୍ୟ ଘଣ୍ଟଘଣ୍ଟା, ହରିବୋଲ,ହୁଳହୁଳି ମଧ୍ୟରେ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଆଜି ମଧ୍ୟ ଅଧିବାସ ସହିତ ମା'କଣ୍ଟାବାଉଁଶୁଣୀଙ୍କ ଠାରେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ପଣ୍ଡିତ ବଳରାମ ଦାଶ(ଭଦ୍ରକ) ଓ ସହଯୋଗୀ ପୂଜାକାର୍ଯ୍ୟ କରିଥିଲେ। ଚଳିତ ବର୍ଷ କେ.ଚଣ୍ଡିପ୍ରସାଦ ରାଓ ଓ ତାଙ୍କ ଧର୍ମପତ୍ନୀ କେ.ଭବାନୀ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ନାଲକୋ ମୁଖ୍ୟ ମହାପ୍ରବନ୍ଧକ ସଂଜୟ କୁମାର ପଟ୍ଟନାୟକ, ଅଧିକାରୀ କୈଳାସ ସେନାପତି ପ୍ରମୁଖ ପ୍ରଥମ ଦିବସରେ ପରିଦର୍ଶନ କରିଛନ୍ତି। ଶ୍ରୀରାମନବମୀ ପୂଜାକମିଟି ପକ୍ଷରୁ ସଭାପତି ତଥା ନାଲକୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ ଗୁପ୍ତାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ଉତ୍ସବରେ ସମ୍ପାଦକ ଅନାମ ଚରଣ ନାୟକ, କୋଷାଧ୍ୟକ୍ଷ ଲମ୍ବୋଦର ସ୍ୱାଇଁ ଓ ଯୁଗ୍ମ ସମ୍ପାଦକ ରଞ୍ଜନ କୁମାର ବେହେରାଙ୍କ ସହିତ କର୍ମକର୍ତ୍ତା ସୁଜିତ କୁମାର ଜେନା, ଶିଶିର ପରିଡ଼ା, ପିକେ ମୁନୀ, ତ୍ରିଲୋଚନ ଚୌଧୁରୀ, ମୁରଲୀଧର ମହାପାତ୍ର, ସଦାଶିବ ବେହେରା, ଡ.ଅଶୋକ କୁମାର ମହାନ୍ତି, ରମେଶ ଚନ୍ଦ୍ର ଦାଶ, ସଞ୍ଜୟ ସାହୁ, ଉପେନ୍ଦ୍ର ପାଣିଗ୍ରାହୀ, ରାଜୀବ ଜିରାଇ, ଡ.ନିରୋଦ ପ୍ରଧାନ, ସୁଶାନ୍ତ ଦାଶ, ମିହିର କୁମାର ଜେନା, ମନୋଜ ନାୟକ, ସିନ୍ଥଲ କୁମାର, ସଞ୍ଜୟ ବିଶ୍ୱାଳ, ଟୁକୁନା ସାହୁ ଓ ଅନୁଜ ଶୁକ୍ଳା ପ୍ରମୁଖ ପରିଚାଳନା କରିଥିଲେ।

● ପିଲାଚୋର ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା ଘଟଣା

# ୯ ଜଣ ଗିରଫ



ନବରଙ୍ଗପୁର,୧୮।୩(ସମିସ): ପିଲା ଚୋର ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା ଘଟଣାରେ ୯ ଜଣଙ୍କୁ ଗିରଫ କରିଛି ନବରଙ୍ଗପୁର ପୁଲିସ। ଏନେଇ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ବୁଧବାର ସନ୍ଧ୍ୟାରେ ସୂଚନା ଦେଇଛନ୍ତି ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା। ଘଟଣା ଅନୁଯାୟୀ, ୧୫ ମାର୍ଚ୍ଚ ସନ୍ଧ୍ୟାରେ ନବରଙ୍ଗପୁର ଥାନା ଖଣ୍ଡିଗୁଡା ଗ୍ରାମ ନିକଟରେ କିଛି ଲୋକ ପ୍ରାୟ ୫୫ ରୁ ୬୦ ବର୍ଷ ବୟସର ଜଣେ ଅଜଣା ବୃଦ୍ଧଙ୍କୁ ପିଲା ଚୋର ସନ୍ଦେହରେ ଆକ୍ରମଣ କରି ହତ୍ୟା କରିଥିଲେ। ଏସ୍ଆଇ ସୀମା ଲାକ୍ରା ଏବଂ ଆଇଆଇସି ନବରଙ୍ଗପୁର ଥାନା ସମ୍ବିତ କୁମାର ବେହେରା ନିଜ ଆଡୁ ମାମଲା ରୁଜୁ କରିଥିଲେ। ଏନେଇ ନବରଙ୍ଗପୁର ଥାନା କେସ୍ ନଂ ୯୪ ତାରିଖ ୧୬.୦୩.୨୦୨୬, ୟୁ/ଏସ-୧୮ ୯(୨)/୧୯୧(୨)/୧୯୧(୩)/୧୦୩(୧)/୧୯୦ ବିଏନଏସ୍ ଅନୁଯାୟୀ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ନବରଙ୍ଗପୁର ଏସ୍ପିଙ୍କ ନିର୍ଦ୍ଦେଶ ଅନୁଯାୟୀ ଅତିରିକ୍ତ ଏସ୍ପି ଆଦିତ୍ୟ ସେନ୍, ଏସ୍ଡିପିଓ ନବରଙ୍ଗପୁର କୃଷ୍ଣ ଚନ୍ଦ୍ର ଭତ୍ରାଙ୍କ ନେତୃତ୍ୱରେ ଏକ ଦଳ ଗଠନ କରାଯାଇଥିଲା। ବିଶ୍ୱସ୍ତ ସୂତ୍ରରୁ ପ୍ରାପ୍ତ ସୂକ୍ଷ୍ମ ତଦନ୍ତ ଏବଂ ଡିଜିଟାଲ୍ ପ୍ରମାଣ (ମୋବାଇଲ୍ ଭିଡିଓ ଫୁଟେଜ୍) ମାଧ୍ୟମରେ ପୋଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା। ପରେ ଉକ୍ତ ଗ୍ରାମର ଦେବେନ୍ଦ୍ର କୁମାର ଭତରା, ମାନସିଂ ଭତରା, ପରମାନନ୍ଦ ପାଟିଲି, ମାଚିନ୍ଦ୍ର ଭତରା, ଗଦାଧରା ପାଟିଲି, ଡମ୍ବୁ ଭତରାଙ୍କୁ ଗିରଫ କରିଥିବା ବେଳେ ବୁଧବାର ସିନ୍ଧିଗାମ ଗାଁର ସୀତାରାମ ଭତରା,ଧନପତି ରନ୍ଧାରୀ ଏବଂ ଫାକିର ମୋହନ ନାୟକ ଉଫ୍ର୍ ପପୁନୁଙ୍କ ସହିତ ନଅ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ଅଧିକ ତଦନ୍ତ ଜାରି ରହିଛି ବୋଲି ନବରଙ୍ଗପୁର ଆଦର୍ଶ ଥାନା ଅଧିକାରୀ ସମ୍ବିତ କୁମାର ବେହେରା ସୂଚନା ଦେଇଛନ୍ତି।

# ବୋରିଗୁମ୍ମାରେ ପହଞ୍ଚିଲା ଏସ୍ସିବି ଅଗ୍ନିକାଣ୍ଡରେ ମୃତ ଯୁବକଙ୍କ ଶବ

## ଦୁର୍ଘଟଣାରୁ ବଞ୍ଚିଥିଲେ; ଅଗ୍ନିକାଣ୍ଡରେ ଜୀବନ ହାରିଲେ

କୋରାପୁଟ,୧୮।୩(ସମିସ):

ଅନେକଙ୍କ ବିଶ୍ୱାସ ରହିଛି ମଣିଷ ଜନ୍ମ ସମୟରେ ତାର ମୃତ୍ୟୁ କେଉଁଠି କିପରି ହେବ ଲେଖା ଯାଇଥାଏ। ଏଭଳି ଅନେକ ଘଟଣା ଦେଖିବାକୁ ମିଳିଛି ଯାହାକି ଉପରୋକ୍ତ କଥାକୁ ପ୍ରମାଣିତ କରୁଛି। ଦୁଇଦିନ ପୂର୍ବରୁ କଟକ ଏସ୍ସିବି ଅଗ୍ନିକାଣ୍ଡରେ ବୋରିଗୁମ୍ମା ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଆଜି ତାଙ୍କ ଶବ ଗାଁରେ ପହଞ୍ଚିବା ପରେ ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଉପୋରକ୍ତ ଉକ୍ତି ସବୁରି ମୁହଁରୁ ଶୁଣିବାକୁ ମିଳୁଛି। ବୋରିଗୁମ୍ମା ବ୍ଲକ ପଣ୍ଡସଗୁଡ଼ା ଗ୍ରାମର ୨୦ ବର୍ଷୀୟ ଯୁବକ ପବିତ୍ର ଦିଶାରୀ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହେବା ସହ ଡାହାଣ ଗୋଡ଼ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଚୁର୍ମାର୍ ହୋଇଥିଲା। ଗରିବ ପରିବାର ଅସହାୟ ବାପା ମା କୌଣସି ପ୍ରକାରେ ପୁଅର ଚିକିତ୍ସା କରିବାକୁ ଅଣ୍ଟା ଭିଡ଼ି ଥିଲେ। ପବିତ୍ରକୁ ପ୍ରଥମେ କୋରାପୁଟର ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଗଲା। କିନ୍ତୁ ଅବସ୍ଥା ଅତି ସଙ୍କଟ ଜନକ ଥିବାରୁ ବ୍ରହ୍ମପୁର ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ସେଠାରୁ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର କଥା ଏମ୍ସ ମଧ୍ୟ ଫେରେଇ ଦେବା ପରେ ପରିବାର ଲୋକ ନିରାଶ ହୋଇଥିବା ବେଳେ କଟକ ବଡ଼ ଡାକ୍ତରଖାନାର ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ସୁରେଶ ଝଙ୍କାରଙ୍କ ଦୃଷ୍ଟିକୁ ଆସିଥିଲା। ସେତେବେଳେ ପବିତ୍ରଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ, ହେମୋଗ୍ଲୋବିନ ମାତ୍ର ୩ ଗ୍ରାମ ତଥାପି ଡା. ସୁରେଶ ଝଙ୍କାର ହାର ନମାନି ପବିତ୍ରକୁ ବଞ୍ଚାଇବା ପାଇଁ ଉଦ୍ୟମ କରିଥିଲେ। ଡାକ୍ତର ଝଙ୍କାର ନିଜେ ରିସ୍କ ନେଇ ରକ୍ତ ବ୍ୟବସ୍ଥା କଲେ। ପରେ ଅପରେସନ କରାଇଲେ। ଏବଂ ପବିତ୍ରଙ୍କୁ ନୂଆ ଜୀବନ ଦେବା ପାଇଁ କୃତ୍ରିମ ଗୋଡ଼ ପ୍ରତ୍ୟାରୋପଣ କରାଇଲେ। ଅପରେସନ ସଫଳ ହେଲା ପରେ ତାଙ୍କୁ ଆଇସିୟୁରେ ରଖାଗଲା। ପବିତ୍ର ପୁନର୍ଜନ୍ମ ପାଇବା ଭଳି ଲାଗିଲା। ତେଣୁ ସମସ୍ତେ ଭାବିଲେ ସେ ବଞ୍ଚିଗଲେ। କିନ୍ତୁ ଭାଗ୍ୟର ଖେଳ ଏଭଳି ହେଲା ଦୁର୍ଭାଗ୍ୟବଶତଃ ୧୫ ତାରିଖ ବିଳମ୍ବିତ ରାତିରେ କଟକ ବଡ଼ ମେଡିକାଲର ଆଇସିୟୁରେ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟି ମୃତ୍ୟୁବରଣ କରିଥିବା ୧୦ ଜଣ ରୋଗୀଙ୍କ ମଧ୍ୟରେ ପବିତ୍ର ଦିଶାରୀ ମଧ୍ୟ ରହିଥିବା ଜଣାପଡିଥିଲା। ବୁଧବାର ପୂର୍ବାହ୍ନରେ ପବିତ୍ରଙ୍କ ଶବ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।



# ସୁପୋଷିତ ଯୋଜନାର ଜିଲ୍ଲାସ୍ତରୀୟ କର୍ମଶାଳା

କୋରାପୁଟ,୧୮।୩(ସମିସ):

ସୁପୋଷିତ ଓଡ଼ିଶା ମିଶନର ଜିଲ୍ଲାସ୍ତରୀୟ କର୍ମଶାଳା ସ୍ଥାନୀୟ ସଦଭାବନା ସଭାଗୃହ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ପ୍ରମୁଖ ସଚିବ ଡ. ମୃଣାଳିନୀ ଦର୍ଶୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ମହିଳା ଓ ଶିଶୁ କୁପୋଷଣର ଶିକାର ହୋଇ ନାନା ରୋଗରେ ପୀଡ଼ିତ ହେଉଛନ୍ତି, ସେମାନଙ୍କ ସୁସ୍ଥ ଜୀବନଯାପନ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇ ସୁପୋଷିତ ଓଡ଼ିଶା ମିଶନ ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଗର୍ଭବତୀ, ପ୍ରସୂତୀ ଏବଂ ନବ ଜାତ ଶିଶୁଙ୍କ ସମେତ ଅଙ୍ଗନବାଡ଼ି କେନ୍ଦ୍ରର ଶିଶୁମାନଙ୍କୁ ସ୍ୱତନ୍ତ୍ର ଖାଦ୍ୟ ଦିଆଯିବ ବୋଲି ଡ. ଦର୍ଶୱାଲ ବକ୍ତବ୍ୟ ରଖିଥିଲେ। ଉପାନ୍ତ ଅଞ୍ଚଳର ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକର ଭିତ୍ତିଭୂମି ଉନ୍ନତ କରିବା ସହ ସମସ୍ତ କେନ୍ଦ୍ରରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବ, ପ୍ରତି ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ କୋଠା ନିର୍ମାଣ କରିବାକୁ ସରକାର ନିଷ୍ପତ୍ତି ନେଇଥିବା ବେଳେ କୋଠା ନିମନ୍ତେ ସରକାରୀ ଜମି ଯୋଗାଇ ଦେବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ଆବଶ୍ୟକ ସ୍ଥଳେ ବ୍ୟକ୍ତିଗତ ପଟ୍ଟା ଜମି କିଣି ଅଙ୍ଗନବାଡି ଗୃହ ନିର୍ମାଣ କରାଯିବ ବୋଲି ବିଭାଗୀୟ ସଚିବ ଡ. ମୃଣାଳିନୀ ଦର୍ଶୱାଲ ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜ୍ୟୋତ୍ସ୍ନା ରାଣୀ ପାଢ଼ୀଙ୍କ ସମେତ ସମସ୍ତ ସିଡିପିଓ, ଆଇସିଡିଏସ ସୁପରଭାଇଜର ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଡ. ଦର୍ଶୱାଲ ବିଭିନ୍ନ ସ୍ଥାନ ପରିଦର୍ଶନ କରି ବିଭାଗୀୟ ସମୀକ୍ଷା କରିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



# ଶେଷ ହେଲା ଅଗ୍ନିଗଙ୍ଗା ମା’ ଯାତ୍ରା



ସେମିଲିଗୁଡା,୧୮।୩(ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକରେ ଚାଲିଥିବା ଅଗ୍ନିଗଙ୍ଗାମା’ଙ୍କ ନବଦିନାତ୍ମକ ଯାତ୍ରା ଶେଷ ହୋଇଛି। ପାଖଝୋଲା ପଞ୍ଚାୟତ ଅଧିନରେ ରାଜନାଗୁଡ଼ା, ଅଲିଗାଁ, ନୂଆଁ ପୁଟ, ଦଳାଇଗୁଡ଼ା ଗାଁ ଦାଣ୍ଡରେ ମା’ ଅଗ୍ନିଗଙ୍ଗାମା’ ଏହି ୯ ଦିନ ଧରି ପୂଜା ପାଇଥିଲେ। ବହୁ ଶ୍ରଦ୍ଧାଳୁ ପୂଜାରେ ଯୋଗଦେଇ ଥିଲେ। ଗତ ୯ ତାରିଖରୁ ଆରମ୍ଭ ହୋଇଥିବା ଦେବୀ ଅଗ୍ନିଗଙ୍ଗାମ୍ମାଙ୍କ ୯ ଦିନିଆ ଘଟଯାତ୍ରା ମଙ୍ଗଳବାର ନବମ ଦିନରେ ପହଞ୍ଚିଥିଲା। ପୂଜା ମଣ୍ଡପରେ ଭକ୍ତଙ୍କ ଭିଡ ବୃଦ୍ଧି ପାଇଥିଲା। ମାଁ ଅଗ୍ନୀ ଗାଙ୍ଗାମାଙ୍କୁ ଦୀପ ଧୂପ ସମର୍ପଣ କରିଥିଲେ। ଦିନସାରା ମଣ୍ଡପରେ ପୂଜାର୍ଚ୍ଚନା, ଘଟଦାନ ଆଦି ପର୍ବ ଚାଲିଥିଲା। ସନ୍ଧ୍ୟାରେ ଘଟ ନଗର ପରିକ୍ରମା କରିଥିଲା। ମା’ଙ୍କ ଅନେକ ସ୍ଥାନରେ ନିଆଁ ମାଡ଼ିବା ଦୃଶ୍ୟ ଦେଖିବାକୁ ଗାଁ ଦାଣ୍ଡ ଦୁଲିକି ଥିଲା। ଯାତ୍ରାକୁ ଆକର୍ଷଣ କରିବା ନେଇ କମିଟି ତରଫରୁ ନୀଳବାଡି ପାହାଡ଼ ନିକଟରେ ଲିଚୁ ମାଳ ରେ ସଜ୍ଜିତ କରାଯାଇଥିଲା। ଏହି ଯାତ୍ରା ଦେଖିବାକୁ ସେମିଳିଗୁଡା, ପଟ୍ଟାଙ୍ଗି, ନନ୍ଦ ପୁର, କୋରାପୁଟ ଆଦି ଅଞ୍ଚଳରୁ ଭକ୍ତ ଯୋଗ ଦେଇଥିଲେ ଓ ନାଚ, ନାଟକ କାର୍ଯ୍ୟକ୍ରମ ଦେଖିବା ପାଇଁ ବହୁତ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ। ଦୀର୍ଘ ଦିନରୁ ଚାଲିଥିବା ମାଙ୍କ ଯାତ୍ରା ଶାନ୍ତି ପୂର୍ଣ୍ଣ ଭାବେ ରେ ଉଦଯାପିତ ହୋଇଯାଇଛି। ଭକ୍ତ ମାନଙ୍କ ପାଇଁ ପ୍ରସାଦ ମଧ୍ୟ ବଣ୍ଟନ କରାଯାଇଥିଲା। ହଜାର ହଜାର ସଂଖ୍ୟାରେ ଲୋକଙ୍କ ସମାଗମରେ ବହୁ ବୁଦ୍ଧିଜୀବୀ ମା’ ଙ୍କର ଆଶୀର୍ବାଦ ନେଇଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ବିଷମ କଟକ,୧୮।୩(ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ବିଷମ କଟକ ବ୍ଲକ ପ୍ରଶାସନ ପକ୍ଷରୁ ଆଜି ଚଳିତ ବର୍ଷର ଦ୍ୱିତୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମଟି ବିଷମ କଟକ ସଦର କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଥିଲା। ବିଷମ କଟକ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମୁନା ତାଡିଙ୍ଗଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଉଦ୍ଘାଟନ କରିଛନ୍ତି। ରାୟଗଡ଼ା ଭିନ୍ନକ୍ଷମ ମାହାସଂଘ ଜିଲ୍ଲା ସଭାପତି ଶିଶିର ରାଉଳ, ଉପସଭାପତି ଅମରେନ୍ଦ୍ର ନାଥଙ୍କ ସମେତ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଏହି ଶିବିରରେ ଉପସ୍ଥିତ ରହି ସହଯୋଗ କରିଥିଲେ। ଆୟୋଜିତ ଶିବିରରେ ସର୍ବମୋଟ ୧୧୪ ଜଣ ଭିନ୍ନକ୍ଷମ ପଞ୍ଜୀକୃତ ହୋଇଥିବା ବେଳେ ଭିନ୍ନକ୍ଷମମାନଙ୍କ ରୋଗ ଚିହ୍ନଟ କରିବା ଓ ପ୍ରମାଣ ପତ୍ର ଯୋଗାଇ ଦେବା ସହ ଜଣଙ୍କୁ ସିପି ଚେୟାର, ୩୫ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗର ବିଶେଷଜ୍ଞମାନେ ଉପସ୍ଥିତ ଥିଲେ। ଚକ୍ଷୁ ବିଶେଷଜ୍ଞ ଡାକ୍ତର ଏମ. ସୁରେଶ କୁମାର, ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ସୁରେଶ କୁମାର ଦେ, ନାକ, କାନ, ଗଳା ବିଭାଗୀୟ ବିଶେଷଜ୍ଞ ଡାକ୍ତର ସଙ୍ଘମିତ୍ରା ପାତ୍ର, ଡାକ୍ତର ରଞ୍ଜନ କୁମାର ପାତ୍ର, ଡାକ୍ତର କଲ୍ୟାଣ କୁମାର ପାତ୍ର, ଡାକ୍ତର ଏମ୍ଏସ୍ କୁମାର, ଫାର୍ମାସୀ ଅଧିକାରୀ ଜଗନ୍ନାଥ ନାୟକ ଉପସ୍ଥିତ ରହି ଶିବିରକୁ ଆସିଥିବା ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରି ପ୍ରମାଣ ପତ୍ର ଯୋଗାଇ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ, କିରାଣୀ ସୁଧାରକ ଗରଡିଆ, ବ୍ଲକ ମିଶନ ଶକ୍ତି କାର୍ଯ୍ୟାଳୟର ବିପିଏମ୍ ମାନସି ଟାକ୍ରି ଏବଂ ବ୍ଲକ୍ର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଭାରତମାଳା ପ୍ରକଳ୍ପ ପକ୍ଷରୁ ଛାତ୍ରୀଙ୍କୁ ସାଇକଲ ବଣ୍ଟନ

ନବରଙ୍ଗପୁର,୧୮।୩(ସମିସ): ଭାରତମାଳା ପ୍ରକଳ୍ପ ପରିଯୋଜନା ଅନ୍ତର୍ଗତ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ଅଧୀନରେ ଛାତ୍ରୀଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ଓଡିଶା ଆଦର୍ଶ ବିଦ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ବଳଭଦ୍ର ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ୧୩୫ ଜଣ ଛାତ୍ରୀଙ୍କୁ ସାଇକଲ ବଣ୍ଟନ କରିଥିଲେ। କେନ୍ଦ୍ର ସରକାରଙ୍କ “ବେଟି ବଚାଓ ବେଟି ପଢ଼ାଓ’ ଯୋଜନା ସଫଳ ରୁପାୟନ ସ୍ୱରୂପ ପ୍ରତ୍ୟେକ ଛାତ୍ରୀଙ୍କୁ ସୁରକ୍ଷିତ ଭାବେ ବିଦ୍ୟାଳୟ ଅଭିମୁଖୀ କରି ଆତ୍ମବିଶ୍ୱାସ ବୃଦ୍ଧି ସହ ଶିକ୍ଷା, ସମାନତା, ସଶକ୍ତୀକରଣ ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ସାଂସଦ ବଳଭଦ୍ର ମାଝୀ ମତବ୍ୟକ୍ତ କରିଥିଲେ। ଓଡିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲପାଳ ଡଃ ମହେଶ୍ୱର ସ୍ୱାଇଁ, ଏନ୍ଏଚଏଆଇ ନବରଙ୍ଗପୁରର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରକାଶ କୁମାର, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ ଉପସ୍ଥିତ ଥିଲେ। ଏନ୍ଏଚଏଆଇ ନବରଙ୍ଗପୁର ପକ୍ଷରୁ ଜିଲ୍ଲାର ଉମରକୋଟ, ଝରିଗାଁ, ରାଇଘର, ଡାବୁଗାଁ ଓ ନବରଙ୍ଗପୁରର ୫ଟି ବିଦ୍ୟାଳୟର ୯ ମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୧୧୬୩ ଜଣ ଛାତ୍ରୀଙ୍କୁ ସାଇକଲ ବଣ୍ଟନ କରାଯିବ ବୋଲି ଜଣାପଡ଼ିଛି।



# କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ



ନାରାୟଣପାଟଣା,୧୮।୩(ସମିସ): ନାରାୟଣାପାଟଣା ସଦର ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆଠାରେ ମା’ ଚୈତ୍ରାଇ ଯୁବକ ସଂଘ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ସମ୍ମାନିତ ଅତିଥି ଭାବେ ବିଜୁ ଜନତା ଦଳର ଜିଲ୍ଲା ସଭାପତି ଝିନ୍ନ ହିକକା, ବ୍ଲକ ଅଧ୍ୟକ୍ଷ ଗୋଲାପି ତ୍ରିନାଥ, ସମାଜସେବୀ ରମେଶ ଦାସ, ବିଜୁ ଜନତା ଦଳର ସଭାପତି ପ୍ରହ୍ଲାଦ ଖୋସଲା, ପୂର୍ବତନ ସଭାପତି ଏମ୍ ଏଗୀ ନାରାୟଣ, ସମାଜସେବୀ ଦୟାନିଧି ପ୍ରଧାନ, ସମାଜସେବୀ ଖ୍ରୀଷ୍ଟାଦାସ ଗରଡା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଆସନ୍ତା ୨୭ ତାରିଖ ଫାଇନାଲ ମ୍ୟାଚ ଖେଳାଯିବ। ଦିନକୁ ଦୁଇଟି ମ୍ୟାଚ ଖେଳାଯାଉଥିବା ବେଳେ ପ୍ରଥମ ମ୍ୟାଚ ସେମିଳିଗୁଡା ବ୍ଲକର ନାରାଙ୍ଗୀ ପଦର ଓ ଲକ୍ଷ୍ମୀପୁର ବ୍ଲକ କାନପାଡ଼ି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କାନପାଡ଼ି ପ୍ରଥମେ ବ୍ୟାଟିଂ କରି ୧୧୩ ରନ କରିଥିବାବେଳେ ନାରାଙ୍ଗିପଦାର ୧୧୪ ରନ କରି ବିଜୟ ଲାଭ କରିଥିଲା। ଲୁଲୁ ନାୟକ ଏବଂ ପ୍ରଦୀପ ବିଡ଼ିକା ଆଜିର ମ୍ୟାଚ୍ରେ ଖେଳ ପରିଚାଳନା କରୁଥିବା ବେଳେ ଧାରା ବିବରଣୀ ପ୍ରଦାନ କରିଥିଲେ ଜଳେନ୍ଦ୍ର ମୁଦୁଲି। ମା’ ଚୈତ୍ରାଇ ଯୁବକ ସଂଘର ସମସ୍ତ ଖେଳାଳି ସହଯୋଗ କରିଥିଲେ।

# ମୁକୁଳା ଲାଟିନ ଟାଙ୍କିରେ ଖସିପଡିଲା ଷଣ୍ଢ



ନନ୍ଦପୁର,୧୮।୩(ସମିସ): ନନ୍ଦପୁର ସଦର ମହକୁମା ସ୍ଥିତ ବଡସାହି ଅଞ୍ଚଳରେ ଗତରାତିରେ ଗୋଟିଏ ଷଣ୍ଢ ଏକ ମୁକୁଳା ଲାଟିନ ଟାଙ୍କି ଭିତରକୁ ଖସିପଡିଥିଲା। ଘଟଣାଟି ରାତି ଅଧରେ ଘଟିଥିବାରୁ ସ୍ଥାନୀୟ ଲୋକମାନେ ଏ ବିଷୟରେ ଅଜ୍ଞ ଥିଲେ। ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ସକାଳ ପ୍ରାୟ ୭ଟା ୩୫ ସମୟରେ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। କିଛି ସମୟର ପ୍ରୟାସ ପରେ ଷଣ୍ଢଟିକୁ ସୁରକ୍ଷିତ ଭାବେ ଟାଙ୍କିରୁ ବାହାର କରାଯାଇଥିଲା। ଏହି ଘଟଣାରେ ଷଣ୍ଢଟି ସାମାନ୍ୟ କ୍ଷତବିକ୍ଷତ ହୋଇଥିବା ବେଳେ ସ୍ଥାନୀୟ ପଶୁ ଡାକ୍ତରଖାନା ଡାକ୍ତରମାନଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା କରାଯାଇଥିବା ସୂଚନା ରହିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପର୍ଯ୍ୟନ୍ତ ଭିଡ଼ ଲାଗିଥିଲା। ଉଦ୍ଧାର ଓ ଚିକିତ୍ସା ପରେ ଷଣ୍ଢଟି ବର୍ତ୍ତମାନ ସୁସ୍ଥ ଥିବା ଜଣାପଡିଛି।

# ବାଲିପେଟା ସେବାଶ୍ରମରେ ବାର୍ଷିକ ଉତ୍ସବ




ନାରାୟଣପାଟଣା,୧୮।୩(ସମିସ): ଆଜି ନାରାୟଣପାଟଣା ଅନ୍ତର୍ଗତ ବାଲିପେଟା ଗ୍ରାମ ପଞ୍ଚାୟତର ବାଲିପେଟା ସେବାଶ୍ରମର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ମୁଖ୍ୟବକ୍ତା ଭାବେ ଦେବବ୍ରତ ମିଶ୍ର, ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ସନ୍ତୋଷ ଚୈଧୁରୀ, ପ୍ରଧାନ ଶିକ୍ଷକ କିଶୋର ଚୈଧୁରୀ, ପି. ଦିବିୟା, ଭି. ଆଲେଖ୍ୟା, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ, ଅଭିଭାବିକା, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରମୁଖ ଉପସ୍ଥିତ ଥିଲେ। ଲିଙ୍ଗରାଜ ଗରଡା ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଶିକ୍ଷକ ଲିଙ୍ଗରାଜ ଗରଡା ଧନ୍ୟବାଦ ଦେଇଥିଲେ।

# ସାଉନିପୂଜାରୀପୁଟରେ ପୁସିଂ ବ୍ରିଜ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର




ନନ୍ଦପୁର,୧୮।୩(ସମିସ): ଦୀର୍ଘ ଦଶନ୍ଧି ଧରି ରେଳ ଲାଇନ୍ ଯୋଗୁଁ ଯାତାୟାତ ସମସ୍ୟା ଭୋଗୁଥିବା ସାଉନି ପୂଜାରୀପୁଟ ଓ ପାଶ୍ୱବର୍ତ୍ତୀ ଗ୍ରାମବାସୀମାନେ ଏକ ପୁସିଂ ବ୍ରିଜ ନିର୍ମାଣ ପାଇଁ ଦାବି କରିଛନ୍ତି। ବୁଧବାର ମାଳି ବେଲଗାଁ ପଞ୍ଚାୟତ ସରପଞ୍ଚ ପ୍ରହ୍ଲାଦ ମୁଦୁଲିଙ୍କ ଅଧ୍ୟକ୍ଷତାରେ ସମିତି ସଭ୍ୟ ମଙ୍ଗୁଲୁ ଖରା, ସମସ୍ତ ୱାର୍ଡ ମେମ୍ବର ଓ ବୁଦ୍ଧିଜୀବୀ କୋରାପୁଟ ଜିଲ୍ଲାପାଳଙ୍କୁ ଭେଟି ଏନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାନୁଯାୟୀ, କିରଣ୍ଡଳ-ବିଶାଖାପାଟଣା ରେଳପଥ ଅଧୀନସ୍ଥ ମାଛକୁଣ୍ଡ ରେଳ ଷ୍ଟେସନ ନିକଟରେ ପ୍ରାୟ ଆଠଖଣ୍ଡ ଗାଁ ରହିଛି। ଏହି ଗାଁଗୁଡିକର ଲୋକମାନେ ଦୈନିକ ଯାତାୟାତ, ଚାଷକାମ, ଶିକ୍ଷା ଓ ଆପତ୍କାଳୀନ ସେବା ପାଇଁ ବିପଦସଙ୍କୁଳ ଭାବେ ରେଳ ଲାଇନ୍ ପାର୍ ହୋଇ ଯାଉଛନ୍ତି। ବହୁବାର ଦୁର୍ଘଟଣା ଘଟିଥିବା ସତ୍ତ୍ୱେ ମଧ୍ୟ ଏହାର କୌଣସି ସ୍ଥାୟୀ ସମାଧାନ ନ ହେବା ନେଇ ଗ୍ରାମବାସୀମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶେଷକରି ବର୍ଷା ଋତୁରେ ପରିସ୍ଥିତି ଅଧିକ ଜଟିଳ ହୋଇପଡୁଥିବା ବେଳେ ଛାତ୍ରଛାତ୍ରୀ, ବୃଦ୍ଧ ଓ ରୋଗୀମାନେ ଜୀବନକୁ ବାଜି ଲଗାଇ ରେଳ ଲାଇନ୍ ପାର କରିବାକୁ ବାଧ୍ୟ ହେଉଛନ୍ତି। ଏହି ପରିପ୍ରେକ୍ଷିରେ ସାଉନି ପୂଜାରୀପୁଟ ବ୍ରିଜ ତଳେ ପୁସିଂ ବ୍ରିଜ ନିର୍ମାଣ ହେଲେ ଲୋକମାନଙ୍କ ଦୀର୍ଘଦିନର ଯନ୍ତ୍ରଣାର ଶେଷ ହେବ ବୋଲି ଗ୍ରାମବାସୀମାନେ ଆଶା ପ୍ରକାଶ କରିଛନ୍ତି। ଏହି ଦାବିକୁ ଗୁରୁତ୍ୱ ସହ ଗ୍ରହଣ କରି ଶୀଘ୍ର ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ତ୍ୱରିତ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ସାଧାରଣରେ ଆଶା ପ୍ରକାଶ କରିଛନ୍ତି।

St. XAVIER'S HIGH SCHOOL
EDUCATION FOR ALL
Co-Ed. English Medium, C.B.S.E. Pattern
GALLERY NO. 5, CLUB HOUSE GATE, BARABATI STADIUM, CUTTACK- 753001

PUBLIC NOTICE

St. Xavier's High School (CBSE Pattern), At: Gallery No-5, Barabati Stadium, Cuttack-753001 having COR No. 211218048/COR/2023 is established, run and managed by St. Xavier'sEducational and Charitable Trust (PAN No. AAHTS3592G)
IMPORTANT ADVISORY TO PARENTS: All parents and guardians are hereby notified and requestd to deposit the school fee amount ONLY into the authorized school/ trust bank accounts listed below.

ACCOUNT DETAILS

Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : Axis Bank
A/C No. : 926020008300220

Account Name : St. Xavier's High School
Entity Name : St. Xavier's Educational and Charitable Trust
Bank Name : IOB Bank
A/C No. : 182101000002533

-By order of Managment

THE SAKALA

# ସମ୍ପାଦକୀୟ



ଜାତୀୟ ସୁରକ୍ଷା ଯେକୌଣସି ସରକାରର ପ୍ରଥମ କର୍ତ୍ତବ୍ୟ; କିନ୍ତୁ ନାଗରିକଙ୍କ ସାମ୍ବିଧାନିକ ସ୍ୱାଧୀନତାର ସୁରକ୍ଷା ପାଇଁ ମଧ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ହେବା ଦରକାର।

- ଥେରେସା ମେ

## ନିର୍ବାଚନ ଗଣିତ

ଆସନ୍ତା ଏପ୍ରିଲ ମାସରେ ରାଜ୍ୟସଭାର କେତେକ ସଦସ୍ୟଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ନିର୍ବାଚନ ଆୟୋଗ ୧୦ ଟି ରାଜ୍ୟକୁ ପ୍ରତିନିଧିତ୍ୱ କରୁଥିବା ଏହି ଆସନଗୁଡ଼ିକ ପାଇଁ ନିର୍ବାଚନ ବିଜ୍ଞପ୍ତି ଜାରି କରିଥିଲେ। ସୋମବାର ଓଡ଼ିଶା ସମେତ ତିନିଟି ରାଜ୍ୟର ୧୧ ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହୋଇଯାଇଛି। ଆମ ରାଜ୍ୟରେ ୪ଟି ଆସନରେ ହୋଇଥିବା ନିର୍ବାଚନରେ ବିଜେପିରୁ ୨ ଜଣ, ବିଜେଡିରୁ ଜଣେ ଓ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏଥିରେ ସଂଶ୍ଳିଷ୍ଟ ଘୋଡ଼ା ବେପାର ଓ କ୍ରସଭୋଟିଂକୁ ନେଇ ଚାଲିଥିବା ତର୍ଜମା ରାଜନୈତିକ ମହଲରେ ଉଷ୍ମତା ସୃଷ୍ଟି କରିଛି। ବିଧାନସଭାର ଦଳୀୟ ସ୍ଥିତିକୁ ଆକଳନ କଲେ ବିଜେଡି ଓ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ମିଳିତ ପ୍ରାର୍ଥୀ ଡକ୍ଟର ଦତ୍ତେଶ୍ୱର ହୋତାଙ୍କ ବିଜୟ ଏକପ୍ରକାର ନିଶ୍ଚିତ ହୋଇଯାଇଥିଲା। ଅପେକ୍ଷାକୃତ ବିଳମ୍ବରେ ନିର୍ବାଚନ ରଣାଙ୍ଗନରେ ଦିଲ୍ଲୀପ ରାୟଙ୍କ ଉପସ୍ଥିତି ନିର୍ବାଚନ ଗଣିତକୁ ଏପଟ ସେପଟ କରିଦେଇଛି। ରାଜନୈତିକ ପର୍ଯ୍ୟବେକ୍ଷକ ମହଲ ଏଭଳି କିଛି କାରସାଦୀ ହେବ ବୋଲି ଆକଳନ କରିଥିଲେ। ନିର୍ବାଚନ ରେସକୋର୍ସରେ ଘୋଡ଼ା ଚିହ୍ନଟ କରି କିଣାବିକା କରିବାରେ ତାଙ୍କର ପୂର୍ବ ଅଭିଜ୍ଞତା ଏଥର ମଧ୍ୟ କାମ ଦେଖାଇଛି। ତେବେ ଆମର କହିବାର କଥା ଦିଲ୍ଲୀପ ରାୟ ଯେ ବିଜେପିର ଦ୍ୱିତୀୟ ପସନ୍ଦ ନେତା ତାହା ନିର୍ବାଚନ ଫଳାଫଳରୁ ସ୍ପଷ୍ଟ ହୋଇଛି।

ରାଜ୍ୟ ବିଧାନସଭାରେ କ୍ଷମତାସୀନ ବିଜେପିର ସଭ୍ୟ ସଂଖ୍ୟା ୭୯ ହେଲେ ମଧ୍ୟ ଦଳକୁ ୩ ସ୍ୱାଧୀନ ସଭ୍ୟ ସମର୍ଥନ କରନ୍ତି। ତେଣୁ ଏହି ନିର୍ବାଚନ ରାଜନୀତି ଅଙ୍କକଷା ୮୨ ସଭ୍ୟଙ୍କୁ ନେଇ ଦଳ ସୁଚିନ୍ତିତ ଗୋଟିଚାଳନା କରିଥିଲା। ଦଳର ଘୋଷିତ ପ୍ରାର୍ଥୀ ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁଜିତ କୁମାରଙ୍କ ନିର୍ବାଚନ ନେଇ ସଂଖ୍ୟା ଦୃଷ୍ଟିରୁ କୌଣସି ପ୍ରତିବନ୍ଧକ ନ ଥିଲା। ୬୦ ସଦସ୍ୟଙ୍କ ସମର୍ଥନରେ ସେମାନେ ବିଜୟୀ ହେବା ଏକପ୍ରକାର ସୁନିଶ୍ଚିତ ଥିଲା। ସ୍ୱାଭାବିକ ଭାବେ ସମସ୍ତେ ଆଶା କରିବେ ଯେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପଙ୍କ ସପକ୍ଷରେ ଅବଶିଷ୍ଟ ୨୨ ସଦସ୍ୟଙ୍କ ଭୋଟ ମିଳିବ। କିନ୍ତୁ ପ୍ରଥମ ପସନ୍ଦ ଭୋଟ ପରେ ସେ ୨୩ ଭୋଟ ପାଇ ଡକ୍ଟର ହୋତାଙ୍କ ସମକକ୍ଷ ହୋଇଗଲେ। ଯେଉଁଥିପାଇଁ ଦ୍ୱିତୀୟ ପସନ୍ଦ ଭୋଟର ଆବଶ୍ୟକତା ସୃଷ୍ଟି ହୋଇଥିଲା। ବିଜେଡିରୁ ୮ ଓ କଂଗ୍ରେସରୁ ୩ ସଦସ୍ୟ ଦିଲ୍ଲୀପଙ୍କ ଘୋଡ଼ା ହେବା ପାଇଁ ରାଜି ହୋଇଯାଇଥିବାରୁ ତାଙ୍କୁ ଦ୍ୱିତୀୟ ପସନ୍ଦ ଭୋଟର ଆବଶ୍ୟକତା ନଥିଲା କହିଲେ ଚଳେ। ରାଜ୍ୟସଭାକୁ ନିର୍ବାଚିତ ହେବା ପାଇଁ ସର୍ବନିମ୍ନ ୩୦ ସଦସ୍ୟଙ୍କ ସମର୍ଥନର ଆବଶ୍ୟକତା ଥିବା ବେଳେ ବିଜେପିର ବଳକା ୨୨ ସଦସ୍ୟଙ୍କ ଭୋଟ ମିଳିଥିଲେ ଦିଲ୍ଲୀପ ପ୍ରଥମ ପସନ୍ଦରେ ୩୩ ସମର୍ଥନ ପାଇଥା'ନ୍ତେ। ହେଲେ ଏପ୍ରକାର ରାଜନୈତିକ ଅଙ୍କର ହିସାବ କେହି ପାଇନାହାନ୍ତି। ଏହାକୁ ଦଳର ରଣନୀତିକ ନିଷ୍ପତ୍ତି କହି ଦଳର କିଛି ପ୍ରମୁଖ ଏଡ଼ାଇ ଯାଇଥିଲେ ହେଁ ନିଷ୍ପତ୍ତି ପଛରେ ଆଉ କିଛି ରହସ୍ୟ ଥିବା ଭଳି ମନେ ହୁଏ।

ନବେ ଦଶକର ବିଜୁ ପଟ୍ଟନାୟକଙ୍କ ସରକାର ଓ ବିଜେଡି ପ୍ରତିଷ୍ଠା ସବୁ ରାଜନୈତିକ ଘଟଣାକ୍ରମରେ ଦିଲ୍ଲୀପ ରାୟଙ୍କ ପ୍ରମୁଖ ଭୂମିକା ରହିଆସିଛି। ପାଣ୍ଠି ସଂଗ୍ରହଠାରୁ ଆରମ୍ଭ କରି ବିଜେପି ସହ ମେଣ୍ଟ ଗଠନରେ ପ୍ରମୋଦ ମହାଜନଙ୍କ ସଂପୃକ୍ତ ପଛରେ ମଧ୍ୟ ଦିଲ୍ଲୀପ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ଏକଥା ସତ ଯେ ରାଜନୀତିରେ କେହି କାହାର ସ୍ଥାୟୀ ବନ୍ଧୁ କି ଶତ୍ରୁ ନୁହନ୍ତି। ତେବେ ବିଜୟ ମହାପାତ୍ରଙ୍କ ସହ ତାଙ୍କ ଯୋଡ଼ି ଏବେ ମଧ୍ୟ ଅତୁଟ ରହିଛି। ରାଜ୍ୟ ବିଜେପିର କ୍ଷମତା ରାଜନୀତିରେ ଏହି ଯୋଡ଼ିକୁ ମୁକାବିଲା କଲା ଭଳି ଶକ୍ତି ଓ ସାମର୍ଥ୍ୟ ଥିବା ନେତାଙ୍କ ସଂଖ୍ୟା ଅପେକ୍ଷାକୃତ କମ୍। ବିଶେଷକରି ଦିଲ୍ଲୀ ରାଜନୀତିରେ ଦିଲ୍ଲୀପଙ୍କ ଉପସ୍ଥିତି ନେଇ ଶଙ୍କାଗ୍ରସ୍ତ ଥିବା ନେତା ଏହି ନିର୍ବାଚନ ଗଣିତରେ ବିଭ୍ରାଟ ସୃଷ୍ଟି କରିବାକୁ ଚାହିଁଥିଲେ। ସେମାନେ ଆଶା କରିନଥିଲେ ଯେ ସେ ବିରୋଧୀ ଶିବିରରୁ ୧୧ ଜଣଙ୍କୁ କ୍ରସ ଭୋଟିଂ ପାଇଁ ପ୍ରବର୍ତ୍ତାଇ ପାରିବେ। ପ୍ରଥମ ପସନ୍ଦ ଭୋଟର ଦୃଶ୍ୟପଟ୍ଟ ସେମାନଙ୍କୁ ବାଧ୍ୟ କରିଥିଲା, ଦ୍ୱିତୀୟ ପସନ୍ଦ ଭୋଟ ଦିଲ୍ଲୀପଙ୍କ ସପକ୍ଷରେ ଦେବା ପାଇଁ। ରାଜ୍ୟସଭାରେ ବିଜେପି ନିଜର ସ୍ଥିତି ସୁଧାରିବା ସକାଶେ ସମସ୍ତ କଳ, ବଳ, କୌଶଳ ପ୍ରୟୋଗ କରୁଥିବା ବେଳେ ଏକ୍ଷେତ୍ରରେ ସାମାନ୍ୟ ତ୍ରୁଟିବିଚ୍ୟୁତି ହୋଇଥିଲେ ହାଇକମାଣ୍ଡ ଯେ କଠୋର ଆଭିମୁଖ୍ୟ ଗ୍ରହଣ କରିବେ ଏକଥା ସମସ୍ତେ ଜାଣନ୍ତି। ତେଣୁ ଦ୍ୱିତୀୟ ପସନ୍ଦ ଭୋଟ ବେଳେ ଦଳର ଛାମୁଆଁ ନେତା ସ୍ଥିତିକୁ ସୁଧାରି ନେଲେ। ଆମକୁ ଏଠାରେ ସ୍ୱୀକାର କରିବାକୁ ପଡ଼ିବ ଯେ ଦିଲ୍ଲୀ ବିଜେପି ରାଜନୀତିରେ ଦିଲ୍ଲୀପଙ୍କ ନିବିଡ଼ ସଂପର୍କ ରାଜ୍ୟର କିଛି ପ୍ରମୁଖ ନେତାଙ୍କ ପାଇଁ ଆଗାମୀ ଦିନରେ ବିପଦ ସୃଷ୍ଟି କରିବ।

ରାଜ୍ୟସଭା ନିର୍ବାଚନରେ ହୋଇଥିବା ଘୋଡ଼ା ବେପାରରେ ବିଜୟଙ୍କ ପୁତ୍ର ଅରବିନ୍ଦଙ୍କ ଭୂମିକାକୁ ଅଣଦେଖା କରାଯାଇପାରିବ ନାହିଁ। ବିଜେଡିର ବହୁ ଯୁବ ବିଧାୟକଙ୍କ ସହ ତାଙ୍କର ଥିବା ସଂପର୍କ ଏକ୍ଷେତ୍ରରେ ସହାୟକ ହୋଇଥିବା ପ୍ରକାଶ। ଦଳ ବିରୋଧୀ ରାଜନୀତି ପାଇଁ ବିଜେଡିରୁ ତାଙ୍କ ବହିଷ୍କାରର ଯଥାର୍ଥତାକୁ ଏହା ପ୍ରମାଣିତ କରୁଛି। ରାଜ୍ୟସଭା ପ୍ରାର୍ଥୀଙ୍କ ମତଦାନ ବେଳେ ଦୁଇଟି ରୋଚକ ଘଟଣା ସାମ୍ନାକୁ ଆସିଛି। ପ୍ରଭାବ ଓ ପ୍ରଲୋଭନ ମାଧ୍ୟମରେ ଘୋଡ଼ା କିଣିବା କିଛି ନୂଆକଥା ନୁହେଁ। ଯାହାକୁ ନେଇ ଆଜିର ଚର୍ଚ୍ଚା। ଅତୀତରେ ମଧ୍ୟ ସେହି ପନ୍ଥା ଅନୁସରଣ କରି ସେ ରାଜ୍ୟସଭାକୁ ଯାଇଥିଲେ। କିନ୍ତୁ ନୂଆ କଥା ହେଲା ଜୟଦେବ ଆସନରୁ ନିର୍ବାଚିତ ବିଧାୟକ ନବ କିଶୋର ମଲ୍ଲିକ ଧାଡ଼ିରେ ଠିଆ ହୋଇ ଭୋଟଦେବାକୁ ଯାଉଥିବା ବେଳେ ଜଣେ ବାହାରର ଲୋକ ତାଙ୍କ ହାତଧରି ଘୋଷାଡ଼ି ନେଲା ବେଳେ ପ୍ରତିରୋଧକାରୀଙ୍କୁ ସେ କହିଥିଲେ ତାଙ୍କୁ ଟଙ୍କା ଦେଇଛୁ। ଆମକୁ ଭୋଟ ନଦେଇ ଯିବେ କୁଆଡ଼େ। ଏଭଳି ଖୋଲା ଆକ୍ଷେପ ସମସ୍ତଙ୍କୁ ବିସ୍ମିତ କରିଥିଲା। ଏଭଳି କାରବାର ସବୁ ଲୁଚାଛପାରେ ଚାଲେ, ହେଲେ ତାହା ଏବେ ସୀମା ଟପିଯାଇଛି। ଅନ୍ୟ ଘଟଣାଟି ହେଲା ବିଜେପି ବିଧାୟିକା ଉପାସନା ମହାପାତ୍ରଙ୍କୁ ଦୁଇଟି ବାଲାଟ ପେପର ପ୍ରଦାନ। ପ୍ରଥମ ବାଲାଟ ପେପରରେ ଓଭର ରାଇଟିଂ କରିଥିବାରୁ ତାହା ଅକାମୀ ହୋଇଯିବାର ସମ୍ଭାବନା ଥିବାରୁ ରିଟର୍ଣ୍ଣିଂ ଅଫିସର ଦ୍ୱିତୀୟବାର ଦେଇଛନ୍ତି। ଏହି ଦ୍ୱିତୀୟ ବାଲାଟ ପେପରର ବୈଧତା ନେଇ ଆପତ୍ତି ଦର୍ଶାଯାଇଛି। ଆବଶ୍ୟକ ହେଲେ ପକ୍ଷ ଅଦାଲତର ଆଶ୍ରୟ ନେଇପାରନ୍ତି। ତେବେ ଏହି ଦୁଇଟି ଘଟଣାକୁ ନେଇ ମତଦାନ ବେଳେ ଉଚ୍ଚବାଚ ଓ ଧସ୍ତାଧସ୍ତି ହୋଇଥିବା ପ୍ରକାଶ।

ରାଜ୍ୟସଭା ନିର୍ବାଚନକୁ ନେଇ କେବଳ ଓଡ଼ିଶାରେ ଏଭଳି ବିବାଦୀୟ ପରିସ୍ଥିତି ଉପୁଜିଛି ଏକଥା ନୁହେଁ। ବିହାରର ୫ଟି ଆସନକୁ ନେଇ ମହାମେଣ୍ଟରେ କିଛି ବିଧାୟକଙ୍କ ଉଦ୍ଦେଶ୍ୟପୂର୍ଣ୍ଣ ଅନୁପସ୍ଥିତି ୫ ଜଣ ଏନଡିଏ ପ୍ରାର୍ଥୀଙ୍କ ବିଜୟପଥକୁ ସୁଗମ କରିଥିବା ବେଳେ ହରିଆନାରେ ୨ଟି ଆସନକୁ ନେଇ ଭୋଟରଙ୍କ ବୈଧତା ଗୋପନୀୟତା ପ୍ରସଙ୍ଗ ବିବାଦୀୟ ହୋଇପଡିଛି। ତେଣୁ ମତଦାନ ଓ ଗଣତି ବାଧାପ୍ରାପ୍ତ ହୋଇଥିଲା। ●

## ଡିଜିଟାଲ ଚିଡ଼ିଆଖାନା

ଡ. ବିମଳ ଷଡ଼ଙ୍ଗୀ

୨୦୨୬ ମସିହା ଫେବୃଆରୀ ୧୬ତାରିଖରୁ ୨୦ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଆୟୋଜିତ ଭାରତର 'କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀ -୨୦୨୬'କୁ ଭାରତର ବୈଷୟିକ ଜ୍ଞାନଧାରୀ ଓ ନୀତିପ୍ରଣେତାମାନେ 'ଗ୍ଲୋବାଲ୍ ସାଉଥ' ରେ ଆୟୋଜିତ ପ୍ରଥମ ବୃହତ୍ତମ 'ଅନ୍ତର୍ଜାତୀୟ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀ' ଭାବରେ ପ୍ରକାଶ କରିଛନ୍ତି। ଏହା ଅତ୍ୟନ୍ତ ପ୍ରେରଣାଦାୟକ ଓ ଆମୋଦଦାୟକ ମନେ ହେଉଥିଲେ ହେଁ ଏକ ଆଶଙ୍କା ମଧ୍ୟ ସୃଷ୍ଟି ହୁଏ। ତାହାହେଲା ମଣିଷ ପାଇଁ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଏକ ସୁରକ୍ଷିତ ଚିଡ଼ିଆଖାନା ନିର୍ମାଣକୁ ସ୍ୱାଗତ କରାଯାଉ ନାହିଁ ତ?

ଚିଡ଼ିଆଖାନାରେ ପଶୁ, ପକ୍ଷୀ ଓ ସରୀସୃପଙ୍କ ଜୀବନଶୈଳୀକୁ ଅନୁଧ୍ୟାନ କଲେ ସେମାନଙ୍କ ଭିତରେ ଗୋଟିଏ ଅଜବ ପ୍ରକାରର ବିରୋଧାଭାସ ଦେଖାଯାଏ। ବିନାଚେଷ୍ଟାରେ ସେମାନଙ୍କୁ ଖାଦ୍ୟ, ପାନୀୟ, ଚିକିତ୍ସା, ସୁରକ୍ଷା ଆଦି ସବୁକିଛି ସୁବିଧାରେ ମିଳିବା ଫଳରେ ସେମାନଙ୍କ ପ୍ରବୃତ୍ତି ଓ ଶିକାରୀ ଦକ୍ଷତା ଧୀରେଧୀରେ ଶେଷ ହୋଇଥାଏ। ସ୍ୱାଧୀନତା ସେମାନଙ୍କ ଅଭ୍ୟାସରୁ ଚାଲିଯାଇଥାଏ ଏବଂ ଜୀବନ ହୋଇଯାଏ ଏକ ଯନ୍ତ୍ରବତ ପରିଚାଳିତ ଅବସ୍ଥା; ସତେଯେପରି କେବଳ ମଣିଷର ମନୋରଞ୍ଜନ ପାଇଁ ସେମାନଙ୍କ ସୃଷ୍ଟି। ଆଧୁନିକତା ଦୌଡ଼ରେ ବିକଶିତ ବୈଷୟିକ ଜ୍ଞାନ ପ୍ରଭାବରେ କୃତ୍ରିମ ବୁଦ୍ଧିମତ୍ତା ଯେପରି ଭାବରେ ମନୁଷ୍ୟର ସମସ୍ତ କାର୍ଯ୍ୟକୁ ଧୀରେଧୀରେ ନିଜ ଅକ୍ତିଆରକୁ ନେଉଛି, ସେତେବେଳେ ଏହାକୁ ଚିଡ଼ିଆଖାନାରେ ପଶୁଙ୍କ ସହିତ ମନୁଷ୍ୟଙ୍କ ଜୀବନକୁ ତୁଳନା କରିବାକୁ ବାଧ୍ୟ କରିଛି।

କୃତ୍ରିମ ବୁଦ୍ଧିମତ୍ତା ଆଜି କେବଳ ଗଣନା କିମ୍ବା ସୂଚନା ଖୋଜିବାରେ ସୀମିତ ନାହିଁ। ଶିକ୍ଷା, ଚିକିତ୍ସା, ଆଇନ ପରାମର୍ଶ, କୃଷିଯୋଜନା, ଯାନବାହନ ଚଳାଚଳ, ଏପରିକି ସୃଜନଶୀଳତା ଆଦି ପ୍ରତ୍ୟେକ କ୍ଷେତ୍ରରେ ମନୁଷ୍ୟଙ୍କୁ ସହାୟତା ଦେବା ଆଳରେ ସମସ୍ତ କର୍ମର ସମାପ୍ତି କରି ମଣିଷକୁ ସଂପୂର୍ଣ୍ଣ କବଳିତ କରିଚାଲିଛି। ଏହାଫଳରେ ଚିଡ଼ିଆଖାନାର ପଶୁ ପରି ଯଦି ମନୁଷ୍ୟ ନିଜ ଦକ୍ଷତା, ବିଚାରଶକ୍ତି, କର୍ମ ଶକ୍ତି, ସୃଜନଶୀଳତା ଓ ପ୍ରୟାସ ଆଦିକୁ ସମ୍ପୂର୍ଣ୍ଣ ଭାବରେ ତ୍ୟାଗ କରି ଚାଲିଛି, ଯାହାକୁ କୁହାଯାଇପାରେ ଯେ ମଣିଷ ନିଜ ସ୍ୱାଧୀନତାକୁ ନିଜ ଆବିଷ୍କୃତ କୃତ୍ରିମ ବୁଦ୍ଧିମତ୍ତାର ସହାୟତାରେ ନିଜେ ତ୍ୟାଗ କରୁଛି। ଆମକୁ ମନେରଖିବାକୁ ପଡ଼ିବ ଯେ ସହଜ ଉପାୟ ପ୍ରଥମେ ଆମୋଦକର ହୋଇପାରେ; କିନ୍ତୁ ଯେତେବେଳେ ସହଜତା ଅଭ୍ୟାସରେ ପରିଣତ ହୋଇଯାଏ ସେତେବେଳେ ତାହା ଆଳସ୍ୟତାକୁ ଜନ୍ମ ଦେଇଥାଏ ଏବଂ ଆଳସ୍ୟ ମୃତ୍ୟୁର କାରଣ ହୋଇଥାଏ। ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତ୍ତା ସଂପୂର୍ଣ୍ଣ ଆସି ନ ଥିଲେ ବି ମଣିଷ ଖାଇବା ପାଇଁ ନିଜେ ରୋଷେଇ କରିବାରୁ ଦୂରେଇ ଯାଇଛି। ବଟନ ଚିପିଲେ ଘରେ ଖାଦ୍ୟ ଆସି ପହଞ୍ଚୁଛି। ଡାକ ଓ ହାତଲେଖା ଚିଠି ତ ବହୁଦିନରୁ ବନ୍ଦ। ବିଲଗୁଡ଼ିକରେ କାଁ ଭାଁ ଲଙ୍ଗଳ ଓ ହଳ ଦେଖିବାକୁ ମିଳୁଛି। ଶିକ୍ଷକଙ୍କ ଚକଖଡ଼ି ଓ ଡଷ୍ଟର ବଦଳରେ ସ୍ମାର୍ଟବୋର୍ଡର କରାମତି ଦେଖିବାକୁ ମିଳୁଛି। ହାତ ଲେଖାର ମାଧୁର୍ଯ୍ୟ କମିଗଲାଣି। ଏମିତି ଅନେକ ପରିବର୍ତ୍ତନ ପରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରବେଶ ମଣିଷକୁ ଆଉ ଏକ ଦୁନିଆକୁ ଟାଣିନେଉଛି।

ଚିଡ଼ିଆଖାନାରେ ପଶୁ ବନ୍ଦୀ ନ ଥିଲେ ମଧ୍ୟ ମୁକ୍ତ ନୁହେଁ। ସେହିପରି କୃତ୍ରିମ ବୁଦ୍ଧିମତ୍ତାର ନିର୍ଭରତା ମନୁଷ୍ୟ ବନ୍ଦୀ କରି ନ ପାରେ; ମାତ୍ର ତା'ର ସମସ୍ତ ସେବା, ସୁବିଧା, ସୁରକ୍ଷା ନିଜେ କରିବ ଏବଂ ବଦଳରେ ମଣିଷର ଅଜାଣତରେ ତା'ର ସମସ୍ତ କର୍ମ ଓ ଚିନ୍ତା କରିବାର ଶକ୍ତି ଅପହରଣ କରିନେବ। ମନୁଷ୍ୟ ଯେତେବେଳେ ପ୍ରଶ୍ନ କରିବା ଛାଡ଼ି ଦେଇଥାଏ ସେତେବେଳେ ସେ ଧୀରେଧୀରେ ଅନ୍ୟର ନିୟନ୍ତ୍ରିତ ହେବାରେ ଅଭ୍ୟସ୍ତ ହୋଇଯାଏ। ଏହାହିଁ ହେଉଛି 'ଡିଜିଟାଲ ଚିଡ଼ିଆଖାନାର' ସବୁଠାରୁ ବଡ଼ ବିପଦ, ଯାହା ଦେଖିବାକୁ ସୁରକ୍ଷିତ; କିନ୍ତୁ ନିର୍ବାକ ଭାବରେ ଦାସତ୍ୱର ଆହ୍ୱାନକୁ ସ୍ୱାଗତ କରିଥାଏ।

ଏହାର ସମାଧାନ ହେଉଛି କୃତ୍ରିମ ବୁଦ୍ଧିମତ୍ତାକୁ ବିରୋଧ କରିବା ନୁହେଁ, ବରଂ ଏହାକୁ ଏକ ଉପକରଣ ଭାବେ ବ୍ୟବହାର କରିବା। ଚିଡ଼ିଆଖାନାର ପଶୁ ଓ ଜଙ୍ଗଲର ପଶୁ ମଧ୍ୟରେ ମୂଳ ତଫାତ ହେଉଛି ଜଙ୍ଗଲ ପଶୁ ନିଜେ ନିଜ ଜୀବନକୁ ଚଳାଇବାର ସାମର୍ଥ୍ୟତା ଓ ବଞ୍ଚିବା ପାଇଁ ଅହରହ ଚେଷ୍ଟା। ମନୁଷ୍ୟ କୃତ୍ରିମ ବୁଦ୍ଧିମତ୍ତା ସହିତ ରହି ନିଜ ଚିନ୍ତନ, ନୀତିବୋଧ, ସୃଜନଶୀଳତା ଓ ଦାୟିତ୍ୱକୁ ସଜାଗ ରଖିବାକୁ ପଡ଼ିବ। ଶିକ୍ଷାରେ କେବଳ ଟେକ୍ନୋଲୋଜି ନୁହେଁ, ମାନବିକତା, ଦାର୍ଶନିକତା ଓ ସମାଲୋଚନାତ୍ମକ ଚିନ୍ତାକୁ ମଜବୁତ କରିବା ଆବଶ୍ୟକ। ମନୁଷ୍ୟ ଜୀବନର ସୌନ୍ଦର୍ଯ୍ୟ ଓ ସାର୍ଥକତା ରହିଛି କାର୍ଯ୍ୟ, ଚିନ୍ତା ଓ ଗତିଶୀଳତାରେ। ହାତ କାମ କରେ, ମନ ଚିନ୍ତାକରେ, ପାଦ ଚାଲେ। ଏହି ତିନୋଟି ମିଶି ମନୁଷ୍ୟକୁ ଜୀବନ୍ତ ଓ ସଚେତନ ରଖନ୍ତି। ଏହି ତିନିଟି କାମ କରିବା ବନ୍ଦ କରିଦେଲେ ଶାରୀରିକ ସ୍ଥାଣୁତା ସୃଷ୍ଟି ହୁଏ ଏବଂ ତାହା ମାନସିକ ସ୍ଥାଣୁତାକୁ ଜନ୍ମ ଦେଇଥାଏ। ସାମାଜିକ ଦୃଷ୍ଟିରୁ ମନୁଷ୍ୟ ଧୀରେଧୀରେ ନିଜର ଅଗ୍ରଗତିକୁ ସଙ୍କୁଚିତ କରିଥାଏ ଏବଂ ସୁବିଧା ପ୍ରାପ୍ୟ ଆଶାରେ ନିଜର କର୍ତ୍ତବ୍ୟ ଭୁଲିଯାଏ।

ଯେଉଁଠାରେ ସମାଜ ଦାନ ଓ ଦାୟିତ୍ୱହୀନତା ମାଧ୍ୟମରେ ଗତିକରେ ସେଠାରେ ଏପରି ଅବସ୍ଥାକୁ 'ସୁବିଧାଜନକ ଜୀବନ' ବୋଲି ଗ୍ରହଣ କରାଯାଏ। ଆଜିର ଅତ୍ୟାଧୁନିକ ପ୍ରଯୁକ୍ତି ଯୁଗରେ କୃତ୍ରିମ ବୁଦ୍ଧିମତ୍ତାର ଆଶଙ୍କା ଅତ୍ୟନ୍ତ ଗଭୀର। ଯଦି ଏପରି ସମୟରେ ହାତ ବଦଳରେ ଯନ୍ତ୍ର, ମନ ବଦଳରେ କୃତ୍ରିମ ବୁଦ୍ଧିମତ୍ତା ଏବଂ ପାଦ ବଦଳରେ ଯାନ ଉପରେ ସମ୍ପୂର୍ଣ୍ଣ ଭରସା କରାଯାଏ, ତେବେ ମନୁଷ୍ୟ ଦେଖିବାକୁ ସୁରକ୍ଷିତ ଲାଗିପାରେ; କିନ୍ତୁ ଭିତରେ 'ଜୀବନ୍ତ ଦେହ, ନିଷ୍କ୍ରିୟ ଆଶା'ର ଅବସ୍ଥା ଭିତରେ ରହିଯିବ। ସବୁସମୟରେ ମନୁଷ୍ୟ ପ୍ରଯୁକ୍ତି ବିଦ୍ୟାକୁ ଏକ ଉପକରଣ ଭାବେ ବ୍ୟବହାର କରିଛି। ସେହିପରି କୃତ୍ରିମ ବୁଦ୍ଧିମତ୍ତା ମଧ୍ୟ ଏକ ପ୍ରଯୁକ୍ତି ବିଦ୍ୟା, ଯାହା ଆମକୁ ସହାୟତା କରିପାରେ; କିନ୍ତୁ ନିଷ୍ପତ୍ତି ନେବାର ଦାୟିତ୍ୱ ମନୁଷ୍ୟଙ୍କର ହେବା ଆବଶ୍ୟକ। ଯଦି ଆମେ ପ୍ରତ୍ୟେକ ଚିନ୍ତା, ପ୍ରତ୍ୟେକ ନୀତିଗତ ନିଷ୍ପତ୍ତି କୃତ୍ରିମ ବୁଦ୍ଧିମତ୍ତା ଉପରେ ଛାଡ଼ିଦେବା ତେବେ ଆମର ବିଚାରଶକ୍ତି ଧୀରେଧୀରେ ଲୋପ ପାଇଯିବ। କୃତ୍ରିମ ବୁଦ୍ଧିମତ୍ତା ହେଉଛି ଦୀପ। ସେ ପଥ ଦେଖାଇପାରେ; କିନ୍ତୁ ଗନ୍ତବ୍ୟ ଚୟନ କରିବା ଆମ ହାତରେ। କେବଳ କୋଡିଂ, ଡାଟା ବା ଟେକ୍ନୋଲୋଜି ଶିଖିଲେ ହେବ ନାହିଁ, ତା' ସହିତ ଦାର୍ଶନିକତା, ନୀତିଶାସ୍ତ୍ର, ଇତିହାସ ଓ ସାହିତ୍ୟ ଶିକ୍ଷା ମଧ୍ୟ ଆବଶ୍ୟକ। ମନୁଷ୍ୟ ଯେଉଁ କାମରେ ସୃଜନଶୀଳତା, ସହାନୁଭୂତି ଓ ନୀତିଗତ ବିଚାର ଆବଶ୍ୟକ, ସେଠାରେ କୃତ୍ରିମ ବୁଦ୍ଧିମତ୍ତା ତାହାକୁ ପୂରଣ କରିପାରିବ ନାହିଁ।

କୃତ୍ରିମ ବୁଦ୍ଧିମତ୍ତାର ଯୁଗକୁ ନିୟନ୍ତ୍ରଣ ବିନା ଛାଡ଼ିଦେବାର ଅର୍ଥ ଚିଡ଼ିଆଖାନାର ଦ୍ୱାର ଖୋଲିଦେବା ସହିତ ସମାନ। ତେଣୁ ଦୃଢ଼ ନୀତି ଓ ଆଇନଗତ ଢାଞ୍ଚା ଆବଶ୍ୟକ। ତଥ୍ୟ ଗୋପନୀୟତା, ପକ୍ଷପାତ ରହିତ ନୀତି, ଦାୟିତ୍ୱର ସ୍ୱଚ୍ଛତା ସହିତ କୃତ୍ରିମ ବୁଦ୍ଧିମତ୍ତାର ନିଷ୍ପତ୍ତି ବଦଳରେ ମନୁଷ୍ୟଙ୍କ ନିଷ୍ପତ୍ତି ଶ୍ରେଷ୍ଠ ହେବା ଆବଶ୍ୟକ, ଯାହା ସ୍ୱାଧୀନତାର ସବୁଠାରୁ ବଡ଼ ରକ୍ଷାକବଚ। କୃତ୍ରିମ ବୁଦ୍ଧିମତ୍ତାର ଯୁଗର ଆଉ ଏକ ଆହ୍ୱାନ ଅତ୍ୟଧିକ ନିର୍ଭରଶୀଳତା। ପ୍ରତ୍ୟେକ କାମ ପାଇଁ ଯନ୍ତ୍ର ଉପରେ ଭରସା କଲେ ମନୁଷ୍ୟ ମନ ଅଶାନ୍ତ ହୋଇଥାଏ। ତେଣୁ ଡିଜିଟାଲ ସଂଯମ, ସଚେତନ ବ୍ୟବହାର ଅତ୍ୟାବଶ୍ୟକ। କୃତ୍ରିମ ବୁଦ୍ଧିମତ୍ତାର ଯୁଗ କେବଳ ବ୍ୟକ୍ତିଗତ ନୁହେଁ, ସାମାଜିକ ଗଣମାଧ୍ୟମ, ଶିକ୍ଷକ, ବୁଦ୍ଧିଜୀବୀ ସମସ୍ତେ ସମାଜରେ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। କୃତ୍ରିମ ବୁଦ୍ଧିମତ୍ତା ଆମକୁ ସହଜ କରୁ; କିନ୍ତୁ ନିଜର ଦାସ ନକରୁ। ଏହି ସନ୍ଦେଶ ସମାଜର ମୂଳମନ୍ତ୍ର ହେବା ଆବଶ୍ୟକ। କୃତ୍ରିମ ବୁଦ୍ଧିମତ୍ତାର ଯୁଗକୁ ପରିଚାଳନା କରିବାର ଅର୍ଥ ଏହାକୁ ରୋକିବା ନୁହେଁ, ବରଂ ମାନବିକତାକୁ ସଶକ୍ତ କରିବା। ମନୁଷ୍ୟ କେବଳ ଖାଇବା ଓ ବଞ୍ଚିବା ପାଇଁ ନୁହେଁ, କାମ କରିବା, ଚିନ୍ତା କରିବା ଓ ଉତ୍ତମ ଶିକ୍ଷା ମାଧ୍ୟମରେ ଆଗକୁ ବଢ଼ିବା ପାଇଁ ଜନ୍ମ ନେଇଛି। ଏହି ସତ୍ୟକୁ ବୁଝିବା ଓ ମାନବିକତାକୁ ସକ୍ରିୟ ରଖିବା ଆଜିର ଯୁଗର ସବୁଠାରୁ ବଡ଼ ଆହ୍ୱାନ। ବୁଦ୍ଧି, ବିବେକ, ସହାନୁଭୂତି ଓ ନୀତିକୁ କେନ୍ଦ୍ରରେ ରଖି ଆଗକୁ ବଢ଼ିଲେ କୃତ୍ରିମ ବୁଦ୍ଧିମତ୍ତା ଚିଡ଼ିଆଖାନା ତିଆରି କରିବାକୁ ସମର୍ଥ ନହୋଇ ମନୁଷ୍ୟର ସଚେତନ ସହଯୋଗୀ ଭାବରେ ରହିବ। ନଚେତ୍, ସୁବିଧାର ଆକର୍ଷଣରେ ମଣିଷ ପାଇଁ ଏକ ସୁନ୍ଦର ଓ ନିର୍ବାକ 'ଡିଜିଟାଲ ଚିଡ଼ିଆଖାନା' ତିଆରି କରିଦେବ। ●

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

## ଉଚ୍ଚତାପ ଓ ବୟସ ବୃଦ୍ଧି

ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

ଦିନକୁ ଦିନ ବଢ଼ିଚାଲିଛି ପୃଥିବୀର ତାପମାତ୍ରା। ଏହା ପ୍ରଭାବିତ କରୁଛି ପରିବେଶ ଓ ପରିସଂସ୍ଥା ସମେତ ସମଗ୍ର ଜୀବଜଗତକୁ। ଏ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ବଳିଷ୍ଠ ଭୂମିକା ନେଇଥିବା ମଣିଷ ମଧ୍ୟ ଏଥିରୁ ମୁକ୍ତ ନୁହେଁ। ନାନା ମତେ ସେ ଭୋଗୁଛି ଏହାର କୁପରିଣାମ ବିବିଧ ପ୍ରାକୃତିକ ବିପର୍ଯ୍ୟୟ, ଉତ୍ପାଦନ ହାନି, ଅକାଳ ବାର୍ଦ୍ଧକ୍ୟ ଆଦି ଜରିଆରେ।

ବିଗତ ବର୍ଷମାନଙ୍କରେ ଦକ୍ଷିଣ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ଦ୍ୱାରା ଲୋକଲୋଚନର ଗୋଚରକୁ ଆସିଛି ଏହି ଜଣାଶୁଣା ତୃତୀୟ ବିପତ୍ତିଟି ସଂପର୍କରେ। ଏହି ଗବେଷଣାର ନିଷ୍କର୍ଷ ଅନୁଯାୟୀ, ଦୀର୍ଘକାଳ ଧରି ଉଚ୍ଚତାପର ସମ୍ମୁଖୀନ ହେବା ମଣିଷର (ଅନ୍ୟାନ୍ୟ ଜୀବଜନ୍ତୁଙ୍କର ମଧ୍ୟ) ଜୈବିକ ବୟସ ବା 'ବାଇଓଲୋଜିକାଲ୍ ଏଜ୍'କୁ ଦ୍ରୁତ ବୃଦ୍ଧି କରିଥାଏ। ଜିନ୍‌ମାନଙ୍କ କ୍ରିୟାକଳାପରେ ପରିବର୍ତ୍ତନ ଆସିବା ଫଳରେ ବିବିଧ ରୋଗବ୍ୟାଧି ସମେତ ଏହା ଘଟୁଛି। ବିଶେଷକରି, ଶିଶୁ ଓ ବୟସ୍କ ଲୋକେ ଏହାଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି।

ଜୀବକୋଷ ଏବଂ ଶରୀରର ଅନ୍ୟାନ୍ୟ ବ୍ୟବସ୍ଥା କେତେ ସୁସ୍ଥ ଓ କାର୍ଯ୍ୟକ୍ଷମ ତାହାରି ଉପରେ ନିର୍ଭର କରିଥାଏ ଜଣେ ଲୋକର ଜୈବିକ ବୟସ। ଅନ୍ୟପକ୍ଷରେ, ସଂଖ୍ୟାଭିତ୍ତିକ ବୟସ ଜନ୍ମତାରିଖକୁ ନେଇ ଗଣନା କରାଯାଏ। ଯେତେବେଳେ ପୂର୍ବୋକ୍ତିଟି ଶେଷୋକ୍ତିଠାରୁ ଅଧିକ ହୋଇଯାଏ ତାହା ରୋଗ ଓ



ଅକାଳମୃତ୍ୟୁର ଆଶଙ୍କାକୁ ବଢ଼ାଇଦିଏ। ଅତ୍ୟଧିକ ତାପମାତ୍ରା ଜୈବିକ ବୟସକୁ କିପରି ବୃଦ୍ଧି କରେ ସେ କଥା ଅବୋଧ ହୋଇ ରହିଆସିଥିଲା। ଉପରୋକ୍ତ ଗବେଷକମାନଙ୍କ ଅଧ୍ୟୟନ ବର୍ତ୍ତମାନ ଏହା ଉପରେ ଆଲୋକପାତ କରିଛି ଗବେଷଣା ପତ୍ରିକା 'ସାଇନସ୍ ଆଡ୍‌ଭାନସେସ୍' (ଫେବୃୟାରୀ, ୨୦୨୫) ରେ ପ୍ରକାଶିତ ଏକ ନିବନ୍ଧ ମାଧ୍ୟମରେ। ଏଥିପାଇଁ କରାଯାଇଥିବା ଅଧ୍ୟୟନ (୨୦୧୦ରୁ ୨୦୧୬)ରେ ଭାଗ ନେଇଥିବା ବ୍ୟକ୍ତିମାନଙ୍କ ବାସସ୍ଥାନରେ ଗ୍ରୀଷ୍ମ ପ୍ରବାହର ତୀବ୍ରତା ନିୟମିତ ମପାଯାଇଥିଲା। ଏହି ତାପମାତ୍ରାଗୁଡ଼ିକର ସ୍ତରକୁ ଆମେରିକୀୟ ତାପସୂଚକାଙ୍କରେ ସୂଚୀତ କରାଯାଇଥିଲା। ଏଥିଅନୁଯାୟୀ ଏହା ୩୨ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହେଲେ ତାହାକୁ 'ସାବଧାନ', ୩୨ ରୁ ୩୯ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ହେଲେ 'ଅତିସାବଧାନ' ଏବଂ ୩୯ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ହେଲେ 'ବିପଦଜନକ' ସ୍ତରର ଅନ୍ତର୍ଭୁକ୍ତ କରାଗଲା।

ଉପରୋକ୍ତ ପରୀକ୍ଷାରୁ ଜଣାପଡ଼ିଥିଲା ଯେ କୌଣସି ଅଞ୍ଚଳର ବାର୍ଷିକ ତାପମାତ୍ରା 'ଅତିସାବଧାନ' ସ୍ତରରେ ୬ ମାସରୁ ଅଧିକ ଦିନ ରହିଲେ ସେଠାରେ ଅଧିବାସୀମାନଙ୍କ ଜୈବିକ ବୟସ ୧୪ ମାସ ହୋଇଯାଏ। କିନ୍ତୁ ୧୦ ଦିନରୁ କମ୍ ରହୁଥିବା ଅଞ୍ଚଳର ଅଧିବାସୀମାନଙ୍କ କ୍ଷେତ୍ରରେ ଏହା ଆଦୌ ଅନୁଭୂତ ହୁଏ ନାହିଁ। ଏହି ଅଧ୍ୟୟନରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଗବେଷକ ଇୟୁନିଓଙ୍ଗ୍ ଚୋଇଙ୍କ ସୂଚନା ଅନୁସାରେ ଅନ୍ୟାନ୍ୟ ବହୁ କାରକମାନ ବିଚାରକୁ ନେଇ ଆକଳନ କଲା ପରେ ସେମାନେ ଏହି ସଂପୃକ୍ତି ଦେଖିବାକୁ ପାଇଥିଲେ। ତାଙ୍କ ମତରେ ଏହାର କାରଣ ହେଲା ଯେ ବର୍ଷକୁ ୬ ମାସରୁ ଅଧିକ ସଂଖ୍ୟକ ଉଚ୍ଚତାପ ଦିବସ ହୋଇଥିବା ଅଞ୍ଚଳରେ ବାସ କରୁଥିବା ଲୋକଙ୍କ ଶରୀରରେ ବିଭିନ୍ନ ଜୈବିକ ପ୍ରକ୍ରିୟା ଦ୍ରୁତ ହୋଇଥିବାରୁ ସେମାନେ ଦ୍ରୁତ ବୟସ୍କ ହେବାକୁ ଲାଗନ୍ତି। 'ଅତିସାବଧାନ' ସ୍ତରରେ ଏହା ୬ ବର୍ଷରେ ୧.୦୯ ବର୍ଷ ଅଧିକ ହେଲା ବେଳେ 'ବିପଦଜନକ' ସ୍ତରରେ ୨.୪୮ ବର୍ଷ ଏବଂ ସାବଧାନ କିମ୍ବା ତହିଁରୁ କମ୍ ସ୍ତରରେ ୦.୦୫ ବର୍ଷ ହୋଇଥାଏ।

ଏହି ଅଧ୍ୟୟନରୁ ଜଣାପଡ଼ିଲା ଯେ ଦୀର୍ଘ ସମୟ ଧରି ଉଚ୍ଚତାପର ସମ୍ମୁଖୀନ ହେଲେ ଜିନ୍‌ର କ୍ରିୟାବିଧି ବଦଳିଯାଏ, ଯାହାକି ବିବିଧ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବା ସହିତ ଜୈବିକ ବୟସ ବୃଦ୍ଧି ପ୍ରକ୍ରିୟାକୁ ଦ୍ରୁତ କରେ। ଏହାର ଡିଏନ୍‌ଏ ଅଣୁରେ 'ମିଥାଇଲ୍' ଗ୍ରୁପ୍ ସଂଯୋଗୀକରଣ ବା 'ମେଥିଲେସନ' ଏକ ରାସାୟନିକ ପରିବର୍ତ୍ତନ। ଏହା ଜିନ୍‌ଗୁଡ଼ିକୁ ଚାଲୁ (ଅନ୍) ଓ ବନ୍ଦ (ଅଫ୍) ହେବାରେ ସୁଇଚ୍ ଭଳି କାର୍ଯ୍ୟ କରେ। ଏହି ସୁଇଚ୍‌ଗୁଡ଼ିକ ପରିବେଶ ଦ୍ୱାରା ପ୍ରଭାବିତ ହୁଅନ୍ତି ଏବଂ ଜିନ୍‌ର କାର୍ଯ୍ୟକଳାପରେ ପରିବର୍ତ୍ତନ ଆଣନ୍ତି। ପଶୁମାନଙ୍କଠାରେ ହୋଇଥିବା ପରୀକ୍ଷାରୁ ଜଣାପଡ଼ିଛି ଯେ ଅଧିକ ଉଚ୍ଚତାପ 'ଡିଏନ୍‌ଏର ମେଥିଲେସନ' ରୂପରେଖରେ ସ୍ଥାୟୀ ପରିବର୍ତ୍ତନ ଆଣେ। ଏହି ଗବେଷକଦଳର ଅନ୍ୟତମ ବରିଷ୍ଠ ସଦସ୍ୟ ଦକ୍ଷିଣ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ବାର୍ଦ୍ଧକ୍ୟ ବିଜ୍ଞାନ ବିଭାଗର ପ୍ରଫେସର ଜେନିଫୋରନିଆ ଏଇଲ ଶିରୋହୋଙ୍କ ମତରେ ଏହା ପ୍ରକୃତରେ ତାପ ଏବଂ ଆର୍ଦ୍ରତାର ସମାହାରର କାହାଣୀ। ବିଶେଷକରି, ଏହା ବୃଦ୍ଧମାନଙ୍କ ପାଇଁ ପ୍ରଯୁଜ୍ୟ। କାରଣ ସେମାନଙ୍କଠାରୁ ଯଥେଷ୍ଟ ପରିମାଣରେ ଝାଳ ବହେ ନାହିଁ। ଫଳରେ ଏହାର ବାଷ୍ପୀଭବନ ହେତୁ ସୃଷ୍ଟି ହେଉଥିବା ଶୀତଳୀକରଣ ପ୍ରକ୍ରିୟା ତାଙ୍କଠାରେ କମ୍ ହୁଏ। ସେଥିପାଇଁ ସେମାନଙ୍କଠାରେ ଜୈବିକ ବୟସ ଦ୍ରୁତ ହୋଇଥାଏ।

ଭାରତ ଭଳି ଦେଶ ଅଧିକ ଉଷ୍ମ ଏବଂ ଏଠାରେ ଗ୍ରୀଷ୍ମ ପ୍ରବାହ ଅତି ଉତ୍କଟ। ଏଣୁ ଏଠାରେ ତଦ୍‌ଜନିତ ସ୍ୱାସ୍ଥ୍ୟ ସମସ୍ୟା ସଙ୍ଗେ ସଙ୍ଗେ ବାର୍ଦ୍ଧକ୍ୟ ପ୍ରକ୍ରିୟା ଅଧିକ ଦ୍ରୁତ ହେବାର ଦେଖାଯାଏ। ଶରୀରର କ୍ରିୟା-ପ୍ରକ୍ରିୟା ଉପରେ ଉଚ୍ଚତାପର ପ୍ରଭାବ ସଂପର୍କରେ ଅଧ୍ୟୟନ ଏବେ ମଧ୍ୟ ଜାରି ରହିଛି। ମାଛ, କୁକୁଡ଼ା ଓ ମୂଷାମାନଙ୍କଠାରେ ଏହାର କ୍ରିୟାବିଧି ବହୁମାତ୍ରାରେ ପ୍ରମାଣିତ ହୋଇସାରିଲାଣି। ତେବେ ମଣିଷ କ୍ଷେତ୍ରରେ ତାହା ତଥାପି ସୀମିତ ଅଛି। ●

ଭୁବନେଶ୍ୱର, ମୋ: ୯ ୯୩୭୩୦୧୪୬୦

## କ୍ରାନ୍ତଦର୍ଶୀ କବି: କୃଷ୍ଣଚନ୍ଦ୍ର ତ୍ରିପାଠୀ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ହୃଦୟ-ଗହ୍ୱର ଯେତେବେଳେ ନିବିଡ଼ ଆତ୍ମୀୟତା, ସୁଗଭୀର ସହାନୁଭୂତି, ଅମାପ ଶ୍ରଦ୍ଧା, ସ୍ନେହ, ସମ୍ମାନବୋଧରେ ହୋଇଯାଏ ପରିପୂର୍ଣ୍ଣ, ସେତିକିବେଳେ କବିର ଲେଖନୀ ମୁନରୁ ଝରିଆସେ କିପରି ମାର୍ମିକ କବିତାର ନିର୍ଝର, ତାହାର ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ ହେଉଛନ୍ତି କବି କୃଷ୍ଣଚନ୍ଦ୍ର ତ୍ରିପାଠୀ। ଜୀବନ, ପୃଥିବୀ ଆଉ ମଣିଷ ପ୍ରତି କି ପ୍ରେମୋଚ୍ଛଳ ତାଙ୍କର କମନୀୟ ପ୍ରାଣସତ୍ତା! କାହା ଉଦ୍ଦେଶ୍ୟରେ ଅବା ସ୍ପନ୍ଦିତ ହୋଇନାହିଁ ତାଙ୍କର ରସୋଚ୍ଛଳ, ଲୁହପିଚ୍ଛିଳ ସୁନିର୍ମଳ କବି-ଆତ୍ମା! ପାଇକ ବୀରମାନଙ୍କ ଉଷ୍ମ ରୁଧିର ଧାରା ତାଙ୍କୁ ଆପ୍ଲୁତ କରିଛି। ଦୁଃଖ, ଦାରିଦ୍ର୍ୟ ନିପୀଡ଼ିତ ମଣିଷର ଅସହାୟତାରେ ସେ ନିତ୍ୟ ବିଗଳିତ। ଶ୍ରମଜୀବୀର ସ୍ୱେଦଧାରାରେ ସେ ଉଦ୍‌ବେଳିତ। ସେଥିପାଇଁ ତାଙ୍କ କବିତାର ପ୍ରତିଟି ଶବ୍ଦରେ ଭରି ରହିଛି ଅସୀମ କୋହ।

ଭାବାର୍ଦ୍ର କଣ୍ଠରୁ ସ୍ୱତଃସ୍ଫୁର୍ତ୍ତ ଭାବରେ ଯାହା ସ୍ଫୁରିତ ହୋଇ ଆସିଛି, ତାହାର ଅନ୍ୟ ନାମ ସନ୍ଧାନ କରିପାରୁ ନଥିବାରୁ ତାହାକୁ କବିତା ବୋଲି ବର୍ଣ୍ଣନା କରି ଆମେ ତୃପ୍ତିଲାଭ କରୁ। କୃଷ୍ଣଚନ୍ଦ୍ର ତ୍ରିପାଠୀ ସାହିତ୍ୟିକର ଦୃଷ୍ଟିରେ କବି। ଆଧ୍ୟାତ୍ମିକ ସାଧକ ଆଖିରେ ସେ ଜଣେ ମହାନ ଯୋଗୀ। ଛାତ୍ରମାନଙ୍କ ନିମିତ୍ତ ସେ ଜୀବନ-ପଥର ଅନ୍ତରଙ୍ଗ ଦିଗଦର୍ଶକ। ସେ ଯେତିକି ସ୍ୱଦେଶପ୍ରେମୀ, ସେତିକି ଅନୁରାଗଦୀପ୍ତ ନିଜ ଗୌରବମୟ ଜନ୍ମମାଟି ପାଇଁ। ଏଭଳି ଉଚ୍ଚତମସ୍ତରର ମାନବ-ସତ୍ତା ଏ ଧରଣୀ ବକ୍ଷକୁ ଅବତରଣ କରିଆସନ୍ତି କେତେ ଯୁଗରେ ହୁଏତ ଥରେ ଥରେ। ଯାହାଙ୍କ ଅନ୍ତର ଛନ୍ଦାୟିତ, ତାଙ୍କ କବିତାର ଶବ୍ଦପୁଞ୍ଜ ସ୍ୱତଃ ହୋଇଯାଆନ୍ତି ସୁସଜ୍ଜିତ। ତାଙ୍କ ଦ୍ୱାରା ରଚିତ କେଉଁ କବିତା ସମ୍ଭାର ପାଠକଶ୍ରେଣୀଙ୍କୁ ମୁଗ୍ଧ ଓ ସ୍ତବ୍ଧ କରି ନ ଦେଇଛି! ପ୍ରତିଟି ସଂକଳନର ନାମ ଉଚ୍ଚାରଣ କରିବା ମାତ୍ରକେ ଏକ ସୂକ୍ଷ୍ମ କମ୍ପନରେ ଥରିଉଠେ ଛାତି। 'ଆହୁତି', 'ମାଟିଦୀପ', 'ଅଗ୍ନିଶଙ୍ଖ', 'ଉତ୍ସ', 'ରୂପାୟନ', 'ସାଧକର ସ୍ୱପ୍ନ', 'ବେଳା ଓ ବୀଚି', 'ଆତ୍ମଲିପି', 'ନଦୀ ଓ ନୌକା' ଆଦିରେ ସ୍ଥାନିତ କବିତା ସବୁ କେତେ ଭାବଗ୍ରାହୀ, ଦରଦୀ ପାଠକ ତନ୍ମୟ ଚିତ୍ତରେ ଅନୁରାଗଭରା କଣ୍ଠରେ ଆବୃତ୍ତି କରି ଅପୂର୍ବ ଶିହରଣ ଅନୁଭବ କରିଛନ୍ତି, ତା'ର ହିସାବ ରଖିବା ସମ୍ଭବ ନୁହେଁ।

କବିତା ପ୍ରତି ଯେତେବେଳେ ପାଠକ ସମାଜ ବୀତସ୍ପୃହ, ସେତିକିବେଳେ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ଅନ୍ତରକୁ କବିତାର ଦେବୀସତ୍ତା ପ୍ରବେଶ କରିଛନ୍ତି ତାଙ୍କର ପ୍ରକୃତ ସ୍ୱରୂପ ନେଇ। ଏହି କାରଣରୁ ତ ତାଙ୍କ କବିତାରେ ନାହିଁ କୌଣସି କୃତ୍ରିମତା, କାରୁଣ୍ୟରେ ନାହିଁ ଛଳନା, ଆତ୍ମୀୟତାରେ ନାହିଁ ଅଭିନୟ-ଚାତୁର୍ଯ୍ୟ। ସେ ନିଜ ଅନ୍ତଃସ୍ଥଳରେ ଥିଲେ ଯାହା, ତାଙ୍କ କବିତା-କଳା ମଧ୍ୟ ଠିକ ତାହା। ମଣିଷକୁ ସିଏ ହୃଦୟଭରି ଭଲ ପାଇଛନ୍ତି। ଏହି କାରଣରୁ ସେ ସ୍ୱପ୍ନ ଦେଖିଛନ୍ତି ମଣିଷ-ସତ୍ତା ହେବ ଅଧିକ ପବିତ୍ର ଓ ସମ୍ପୂର୍ଣ୍ଣ ସ୍ୱଚ୍ଛ। କଳଙ୍କ-କାଳିମା-ମୁକ୍ତ ମାନବର ଅକପଟ ଜୀବନ ହିଁ ତ ସୁନ୍ଦର। ସେଥିପାଇଁ ଯେତେ ଅପ୍ରିୟ ହେଉନା କାହିଁକି, ଯାହା ସତ୍ୟ ତାହା ହିଁ ନିର୍ଭୟରେ ଉଚ୍ଚାରଣ କରିଛନ୍ତି କବି। କହିଛନ୍ତି: 'ସବୁ ଗରଳଠୁ ମଣିଷ ଗରଳ ଅତି ଉତ୍କଟତର, ହେ ମୋର ମଣିଷ ହେ ମୋର ମଣିଷ ହୃଦ ନିର୍ମଳ କର।' କି ଅନ୍ତର୍ଭେଦୀ ଆହ୍ୱାନ! ମଣିଷ ଆତ୍ମାର ଉତ୍ତରଣ ସକାଶେ କି ଆକୁଳ ନିବେଦନ ମର୍ମରିତ ଏଠାରେ!

ବାସ୍ତବିକ ଭୟଙ୍କର ବିଷଧର ସର୍ପଠାରୁ ମଣିଷର ଅହଂକାର, ଈର୍ଷା, ଅସୂୟା, ପ୍ରତିଶୋଧ ପରାୟଣତା, ଅପଶବ୍ଦର ଉଚ୍ଚାରଣ କେତେ କଳୁଷିତ, କେତେ ହାନିକାରକ ତାହା ତ ପ୍ରତି ମୁହୂର୍ତ୍ତରେ ପ୍ରମାଣିତ ହୋଇଯାଉଛି। ଦେଶଦେଶ ମଧ୍ୟରେ ଯୁଦ୍ଧର ହୁଙ୍କାର ଜାଳି ପୋଡ଼ି ନଷ୍ଟ କରିଦେଉଛି ସୁନ୍ଦରତର ପୃଥିବୀର ମହାନ ଐଶ୍ୱର୍ଯ୍ୟ। ବିଶ୍ୱକବି ରବୀନ୍ଦ୍ରନାଥ ମେସିନଗନ ଆଗରେ ଜୁଇ ଫୁଲର ଗୀତ ଗାଇବା ପାଇଁ ଦେଇଥିଲେ ଉଦବୋଧନ। ଆମ ପାରିପାର୍ଶ୍ୱିକ ବାତାବରଣ ଯେତିକି ବିଷାକ୍ତ ହୋଇଯାଇଥାଉ ନା କାହିଁକି ତଥାପି ଆମେ ସକାରାତ୍ମକ ପରିବର୍ତ୍ତନ ସକାଶେ ରହିବା ଜାଗ୍ରତ, ଉଦ୍ୟମଶୀଳ ଏବଂ ପ୍ରାର୍ଥନା-ମଗ୍ନ - ଏହା ହିଁ ହେଉଛି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ କବିତାର ସନ୍ଦେଶ। ସେ କେବଳ ସାମ୍ପ୍ରତିକ ସମାଜ ନିମିତ୍ତ କବିତା ଲେଖିନାହାନ୍ତି। ତାଙ୍କ ଆଖିରେ ଆଗାମୀ ପୃଥିବୀ ସକାଶେ ପ୍ରଲେପିତ ହୋଇ ରହିଥିଲା ଅକଳନୀୟ ସ୍ୱପ୍ନାଞ୍ଜନ। ସେ କେବଳ ତାଙ୍କ ସମୟକୁ ଦେଖି ନାହାନ୍ତି। ଦେଖିଛନ୍ତି ଭବିଷ୍ୟତ ପୃଥିବୀର ସଂକେତ। ସେ ତେଣୁ ଜୀବନବାଦୀ।

ଆଶା ଓ ବିଶ୍ୱାସର ସଂଗୀତରେ ପରିପୂର୍ଣ୍ଣ ତାଙ୍କ ହୃଦୟବତ୍ତା। ସେ ଆଗାମୀ ଯୁଗର ଆବାହକ। ସେ କ୍ରାନ୍ତଦର୍ଶୀ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ। ମାଟିଦୀପ କବିତା ସଂକଳନରୁ ଗୋଟିଏ ପଦ ଆବୃତ୍ତି କରିବା ଶେଷରେ: 'କାହିଁ ସେ ରାଇଜ କାହିଁ ସେ ଭୂଇଁ ଜୀବନ ଯେଉଁଠି ଜୀବନ ଚାହେଁ, ପଡ଼ିଗଲେ ଯହିଁ ଲକ୍ଷେ ହାତ ସରାଗେ ଧାଏଁ / କ୍ଷମତା ଓ ଧନ ଗାଦିରେ ବସି ଆହୁରି କ୍ଷମତା ଆହୁରି ଧନ, ପାଇବାକୁ ସାରା ଜୀବନ ଧରି କରୁନଥିବ କେ ଅନ୍ୱେଷଣ।' ଧନ ଓ କ୍ଷମତା ଆସକ୍ତିରୁ ମୁକ୍ତ ଏକ ଶୋଷଣ-ଶୂନ୍ୟ ପୃଥିବୀର ଭାବନା ଏ ପରିପ୍ରେକ୍ଷୀରେ ଆମର ଏକାନ୍ତ କାମ୍ୟ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ବ୍ରହ୍ମପୁର ସମବାୟ ବ୍ୟାଙ୍କ ଏଜେଣ୍ଟ ଚାକିରି ହରାଇବା ଘଟଣା

## ୧୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ନିର୍ଦ୍ଦେଶ

କଟକ,୧୮ ।୩(ସମିସ): ବ୍ରହ୍ମପୁର ସମବାୟ କେନ୍ଦ୍ରୀୟ ବ୍ୟାଙ୍କ ଲିମିଟେଡର ପୂର୍ବତନ ଦୈନିକ ଜମା ଏଜେଣ୍ଟ ମାନଙ୍କୁ ଚାକିରିରୁ ବିଦା କରାଯିବା ପ୍ରସଂଗକୁ ନେଇ ଚାଲିଥିବା ଦୀର୍ଘ ଦିନର ବିବାଦର ଅନ୍ତ ଘଟାଇଛନ୍ତି ହାଇକୋର୍ଟ। ଏହି ମାମଲାର ପ୍ରତିପକ୍ଷ ପୂର୍ବତନ ଜମା ଏଜେଣ୍ଟ ମାନଙ୍କୁ ଚାକିରିରେ ପୁଣି ଅବସ୍ଥାପିତ କରିବା ବଦଳରେ ସେମାନଙ୍କୁ ୧୦ଲକ୍ଷ ଟଙ୍କା ଲେଖାଁଏ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ବ୍ୟାଙ୍କ ସମ୍ପାଦକଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି. ରାଉତରାୟ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ବ୍ୟାଙ୍କ ପୂର୍ବରୁ ହାଇକୋର୍ଟ ରେଜିଷ୍ଟ୍ରିଙ୍କ ନିକଟରେ ୩୫ ଲକ୍ଷ ଟଙ୍କା ଜମା କରିସାରିଛି। ବାକି ୨୫ ଲକ୍ଷ ଟଙ୍କା ଆଗାମୀ ୩ ମାସ ମଧ୍ୟରେ ଜମା କରିବାକୁ ବ୍ୟାଙ୍କକୁ ନିର୍ଦ୍ଦେଶ ଦିଆଯାଇଛି; ଯଦି ଧାର୍ଯ୍ୟ ସମୟ ମଧ୍ୟରେ ବ୍ୟାଙ୍କ ଏହି ଅର୍ଥ ଜମା ନକରେ, ତେବେ ବାକି ଥିବା ଅର୍ଥ ଉପରେ ପ୍ରଥମ ମାସ ପାଇଁ ୧% ଏବଂ ପରବର୍ତ୍ତୀ ସମୟ ପାଇଁ ମାସିକ ୨% ସୁଧ ଦେବାକୁ ପଡ଼ିବ ବୋଲି ହାଇକୋର୍ଟ କହିଛନ୍ତି। ପ୍ରକାଶଥାଉକି, ବ୍ୟାଙ୍କ ପକ୍ଷରୁ ୧୯୯୮ରେ ଆରମ୍ଭ କରାଯାଇଥିବା 'ଦୈନିକ ଜମା ଯୋଜନା' ଅଧୀନରେ ୨୬ଜଣ ଏଜେଣ୍ଟଙ୍କୁ ନିଯୁକ୍ତ କରାଯାଇଥିଲା; ମାତ୍ର ୨୦୧୪-୧୫ ମସିହାରେ ବ୍ୟାଙ୍କ ଏହି ଯୋଜନାକୁ ବନ୍ଦ କରିଦେଇଥିଲା, ଯାହାଫଳରେ ଏଜେଣ୍ଟମାନେ ସେମାନଙ୍କର କାର୍ଯ୍ୟ ହରାଇଥିଲେ। ଏହା ବିରୋଧରେ କର୍ମଚାରୀମାନେ ଶିଳ୍ପ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୮ରେ ଟ୍ରିବ୍ୟୁନାଲ୍ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦେବା ସହ ୨୦ ପ୍ରତିଶତ ବାକିଆ ଦରମା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ବିରୋଧରେ ବ୍ୟାଙ୍କ ପରିଚାଳନା କର୍ତ୍ତୃପକ୍ଷ ଗତ ୨୦୧୯ରେ ହାଇକୋର୍ଟରେ ଏକ ରିଟ୍ ପିଟିସନ ଦାୟର କରିଥିଲେ। ଶୁଣାଣି ସମୟରେ ହାଇକୋର୍ଟ ଅବଗତ ହୋଇଥିଲେ ଯେ ବର୍ତ୍ତମାନ ସେହି ଜମା ଯୋଜନା ଓ ପଦ ଆଉ ଅସ୍ତିତ୍ୱରେ ନାହିଁ। ଏହାକୁ ଦୃଷ୍ଟିରେ ରଖି କୋର୍ଟ ଟ୍ରିବ୍ୟୁନାଲଙ୍କ ଆଦେଶରେ ସଂଶୋଧନ କରି ପ୍ରତିପକ୍ଷ ୫ଜଣଙ୍କୁ ୧୦ଲକ୍ଷ ଟଙ୍କା ଲେଖାଁଏ କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ■ ଅପହୃତ ଶିଶୁକନ୍ୟାକୁ ନେଇ ଉଦ୍‌ବେଗ

## ଉଦ୍ଧାର ପାଇଁ ପୁରୀ ଏସ୍‌ପିଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୮ ।୩(ସମିସ): ୩ ବର୍ଷ ପୂର୍ବରୁ ଅପହୃତା ଜଣେ ଶିଶୁକନ୍ୟାକୁ ଉଦ୍ଧାର କରାଯାଇ ନପାରିବା ଘଟଣାକୁ ନେଇ ହାଇକୋର୍ଟ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏହି ସମ୍ବେଦନଶୀଳ ମାମଲାର ଶୁଣାଣି କରି ପୁଲିସର କାର୍ଯ୍ୟାନୁଷ୍ଠାନ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ଶିଶୁଟିକୁ ତୁରନ୍ତ ଉଦ୍ଧାର କରିବା ପାଇଁ ପୁରୀ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଶିଶୁର ପିତାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯଦି ନାବାଳିକା ଶିଶୁଟିକୁ ତୁରନ୍ତ ଉଦ୍ଧାର କରା ନଯାଏ, ତେବେ ତା'ର ସୁରକ୍ଷା ନେଇ ହାଇକୋର୍ଟ ଆଶଙ୍କା ପ୍ରକଟ କରିଛନ୍ତି। ପୁରୀ ଏସପିଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନ, ଡାକ୍ତରଖାନା ଏବଂ ଶିଶୁ ମଙ୍ଗଳ କମିଟିର ସହାୟତା ନେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଶିଶୁର କୌଣସି ସନ୍ଧାନ ପାଇନାହାନ୍ତି ବୋଲି ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ଏଣୁ ଶିଶୁଟିକୁ ଖୋଜି ବାହାର କରିବା ପାଇଁ କୌଣସି ପ୍ରକାର ଅବହେଳା ନ କରିବାକୁ ହାଇକୋର୍ଟ କହିବା ସହ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଶିଶୁ ଉଦ୍ଧାର କାର୍ଯ୍ୟର ଅଗ୍ରଗତି ନେଇ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୬ ତାରିଖରେ ହେବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଖାର୍ଗ ଉପଦ୍ୱୀପରେ...

ଉସୁକାଇଥିଲେ। ମାତ୍ର ଏଥିରେ ସଫଳ ନ ହେବା ପରେ ଆମେରିକୀୟ ସେନା ହର୍ମୁଜ ପ୍ରଣାଳୀକୁ ନିଜ ଦଖଲକୁ ନେବା ପାଇଁ ଆକ୍ରମଣ କରିଛି ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ ପାଇଁ ବିପଦ ସୃଷ୍ଟି କରୁଥିବାରୁ ଆମେରିକା ଏହି ପଦକ୍ଷେପ ନେଇଛି ବୋଲି କୁହାଯାଉଛି। ବିଶ୍ୱର ମୋଟ୍ ତୈଳ ରପ୍ତାନୀର ଏକ-ପଞ୍ଚମାଂଶ ଏହି ଜଳପଥ ଦେଇ ଯାଇଥାଏ। ଇରାନ ଏହକୁ ବନ୍ଦ କରିଦେବା ଫଳରେ ସାରା ବିଶ୍ୱରେ ଶକ୍ତି ସଙ୍କଟ ଦେଖାଦେଇଛି। ଇରାନ ତାର ପରମାଣୁ କାର୍ଯ୍ୟକ୍ରମ କେବଳ ଶାନ୍ତିପୂର୍ଣ୍ଣ କାର୍ଯ୍ୟ ଯଥା ଶକ୍ତି ଉତ୍ପାଦନ ପାଇଁ ଉଦ୍ଦିଷ୍ଟ ବୋଲି କହୁଥିବା ସତ୍ତ୍ୱେ ଆମେରିକା ଏହାକୁ ବିଶ୍ୱାସ କରୁନାହିଁ। ଇରାନକୁ ପରମାଣୁ ଅସ୍ତ୍ର ନିର୍ମାଣରୁ ରୋକିବା ସମଗ୍ର ବିଶ୍ୱର ସ୍ୱାର୍ଥ ପାଇଁ ଜରୁରୀ ବୋଲି ଟ୍ରମ୍ପ ଦାବି କରୁଛନ୍ତି। ଅପରପକ୍ଷରେ ଇସ୍ରାଏଲ ସେନା (ଆଇଡିଏଫ୍) ତାର ଶକ୍ତିଶାଳୀ ବିମାନ ଆକ୍ରମଣରେ ଇରାନର ଗୁଇନ୍ଦା ବିଭାଗ ମନ୍ତ୍ରୀ ଇସମାଇଲ୍ ଖାତିବଙ୍କୁ ହତ୍ୟା କରିଥିବା ଦାବି କରିଛି। ଖାତିବ ଇରାନର ଆଭ୍ୟନ୍ତରୀଣ ସୁରକ୍ଷା ଓ ବିଦେଶରେ ଗୁଇନ୍ଦା ନେଟୱାର୍କର ମୁଖ୍ୟ ଥିଲେ। ମାତ୍ର ଇରାନ ଏହାକୁ ସ୍ୱୀକାର କରିନାହିଁ। ତେବେ ଇସ୍ରାଏଲ ଓ ଆମେରିକାର ଏହି କାର୍ଯ୍ୟାନୁଷ୍ଠାନ ପରେ ଯୁଦ୍ଧ ଆହୁରି ଭୟଙ୍କର ରୂପ ନେବ ବୋଲି ଆଶଙ୍କା କରାଯାଉଛି।

### ବିଧାନସଭାରେ 'ରାମ୍ ନାମ୍...

ସାହୁ, ଅନନ୍ତ ନାରାୟଣ ଜେନା ଗାମୁଛାରେ ଓ ଅରୁଣ ସାହୁ ଆଟିକା ଧରି ଖଇ ବିଞ୍ଚିଥିଲେ। ଅନ୍ୟ ବିଜେଡି ଓ କଂଗ୍ରେସ ବିଧାୟକମାନେ ରାମ ନାମ ସତ୍ୟ ହେ ହରି ନାମ ସତ୍ୟ ହେ ସ୍ଲୋଗାନ ଦେଇ ବିଧାନସୌଧ ଚାରିପାଖ ବୁଲିଥିଲେ।

ପୁଣି ୧୧ ଟା ୩୦ରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହରେ ସମାନ ଢଙ୍ଗରେ ପ୍ରତିବାଦ ଜାରି ରଖିଥିଲେ। ପ୍ରତୀକାତ୍ମକ ଶବକୁ ଟେବୁଲ୍ ଉପରେ ରଖି ଏହା ଚାରିପଟେ ବୁଲି ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ ବିରୋଧୀ। ଏହି ସମୟରେ ବିଜେପି ବିଧାୟକମାନେ ଗୃହରେ ବିରୋଧୀଙ୍କ ଶବ ପ୍ରତୀକାତ୍ମକ ପ୍ରତିବାଦକୁ କଡା ଭାଷାରେ ନିନ୍ଦା କରିଥିଲେ। ଏହା ବିଧାନସଭା ଗୃହ ପ୍ରତି ଅପମାନ ବୋଲି କହିଥିଲେ। ବିଜେପି ବିଧାୟକ ବିଜୟ ଦଳବେହେରା କହିଥିଲେ ଯେ ବିରୋଧୀ ଶସ୍ତା ରାଜନୀତି କରୁଛନ୍ତି। ଏସସିବି ଅଗ୍ନିକାଣ୍ଡ ଘଟଣା ଏକ ସମ୍ବେଦନଶୀଳ ଘଟଣା; ବିରୋଧୀ ମାନବିକତା ଦେଖାନ୍ତୁ। ଏହି ସମସ୍ୟାର ସମାଧାନ ପାଇଁ ସୁଚିନ୍ତିତ ପରାମର୍ଶ ଦିଅନ୍ତୁ। ସରକାର ଘଟଣା ଘଟିବା ପରେ ତୁରନ୍ତ ପ୍ରତିକ୍ରିୟାଶୀଳ ହୋଇଥିଲେ। ତଦନ୍ତ ରିପୋର୍ଟ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହେଲେ ବିରୋଧୀ ଅଯଥା ରାଜନୀତି କରୁଛନ୍ତି। ସେହିଭଳି ବିଜେପି ବିଧାୟକ ସନ୍ତୋଷ ଖଟୁଆ, ବାବୁ ସିଂ, ସିଦ୍ଧାନ୍ତ ମହାପାତ୍ର, ସନାତନ ବିଜୁଳି, ମନୋରଞ୍ଜନ ଦ୍ୟାନ୍ ସାମନ୍ତରାୟ, ଜଲେନ ନାଏକ, ବିଭୂତି ଭୂଷଣ ପ୍ରଧାନ, ସରୋଜ କୁମାର ପାଢ଼ୀ ଓ ମାନସ ଦତ୍ତ ପ୍ରମୁଖ ଏସସିବିରେ ଘଟିଥିବା ସମ୍ବେଦନଶୀଳ ଘଟଣାକୁ ନେଇ ବିରୋଧୀ ରାଜନୈତିକ ରୁଟି ସେକିବା ଉଚିତ୍ ନୁହେଁ ବୋଲି କହି ସମାଲୋଚନା କରିଥିଲେ। ବିରୋଧୀଙ୍କ ହଟ୍ଟଗୋଳ କାରଣରୁ ବାଚସ୍ପତି ଗୃହକୁ ଅପରାହ୍ଣ ୧୨ଟା ୨୪ରୁ ୪ଟା ଯାଏଁ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ଣରେ ମଧ୍ୟ ବିରୋଧୀ ସମାନ ଭାବରେ ପ୍ରତିବାଦ କରିବା ସହ ଗୃହକାର୍ଯ୍ୟରେ ଭାଗ ନେଇନଥିଲେ।

### ଏସ୍‌ସିବିରେ ପୁଣି...

ମଧ୍ୟରେ ଅସୁରକ୍ଷିତ ମନୋଭାବ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଟ୍ରମା ଆଇସିୟୁର ପ୍ରଥମ ମହଲାରେ ଗତ ରବିବାର ରାତି ପ୍ରାୟ ୨ଟା ୪୦ରେ ଘଟିଥିବା ଅଗ୍ନିକାଣ୍ଡରେ ମୃତ୍ୟୁ ସଂଖ୍ୟା ଏବେ ୧୩ରେ ପହଞ୍ଚିଛି। ଏହି ହୃଦୟବିଦାରକ ଘଟଣା ପରେ ମଧ୍ୟ ମେଡିକାଲର ବୈଦ୍ୟୁତିକ ସୁରକ୍ଷା ଓ ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ କୌଣସି ସ୍ଥାୟୀ ପରିବର୍ତ୍ତନ ନ ଆସିବା ଏବେ ପ୍ରଶାସନିକ ଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷକରି ସମ୍ବେଦନଶୀଳ ୟୁନିଟଗୁଡ଼ିକରେ ବାରମ୍ବାର ସର୍ଟ ସର୍କିଟ୍ ହେବା ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଚରମ ଅବହେଳାକୁ ଦର୍ଶାଉଛି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆଜିର ଅଗ୍ନିକାଣ୍ଡ ସମ୍ପର୍କରେ ସ୍ଥାନୀୟ ପୁଲିସ କିମ୍ବା ଏସସିବି କର୍ତ୍ତୃପକ୍ଷ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ଦେଇନାହାନ୍ତି। ତେବେ, ଏସସିବି ପରିସରରେ ରହିଥିବା ବୈଦ୍ୟୁତିକ ଭିତ୍ତିଭୂମିର ତୁରନ୍ତ ଅଡିଟ୍ ଓ ମରାମତି ପାଇଁ ସାଧାରଣରେ ଦାବି ହେଉଛି।

### ଓଡ଼ିଶାବାସୀଙ୍କ ହିତ ଲାଗି...

ମୋତେ ଏକ ଟ୍ରଷ୍ଟ ଖୋଲିବାକୁ ପରାମର୍ଶ ଦେଲେ। ଏସବୁ ବିଷୟରେ ସେମାନଙ୍କର ଦକ୍ଷତା ରହିଛି। ତେଣୁ ମୁଁ ବିଜୁ ବାବୁଙ୍କ ନାମରେ ଏକ ଟ୍ରଷ୍ଟ ଖୋଲିବାକୁ ନିଷ୍ପତ୍ତି ନେଇଥିଲି। ମୋର ନିଜସ୍ୱ ପାଣ୍ଠିରୁ ମାତ୍ର ଏକ ଲକ୍ଷ ଟଙ୍କାର କ୍ଷୁଦ୍ର ଅର୍ଥରାଶି ସହିତ ଏହା ଆରମ୍ଭ କରିଥିଲି। ଏହା ଓଡ଼ିଶାର ଜନସାଧାରଣଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ। ଏହି ଫାଉଣ୍ଡେସନ ପାଇଁ କୌଣସି ଅର୍ଥ ବିଜୁ ଜନତା ଦଳ କିମ୍ବା କୌଣସି ପାର୍ଟି ପାଣ୍ଠିରୁ ଆସିନାହିଁ। ଗଣମାଧ୍ୟମରେ ଏ ନେଇ ପ୍ରଚାରିତ ନକରାତ୍ମକ ଖବରଗୁଡ଼ିକର କୌଣସି ଭିତ୍ତି ନାହିଁ ବୋଲି ନବୀନ ସ୍ପଷ୍ଟ କରିଦେଇଛନ୍ତି।

### ୪ ମହଲା କୋଠାରେ...

ମହଲାରେ ରହୁଥିଲେ। ମୃତକଙ୍କ ମଧ୍ୟରେ ୩ ଜଣ ଶିଶୁକନ୍ୟା (୩, ୬, ୨୫ ବର୍ଷର) ଏବଂ ଜଣେ ୭୦ ବର୍ଷୀୟା ବୃଦ୍ଧା ଅଛନ୍ତି। ମୋଟ ୯ ଜଣଙ୍କର ପ୍ରାଣହାନୀ ଘଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀ ଜାତୀୟ ସହାୟତା ପାଣ୍ଠି (ପିଏମ୍‌ଏନ୍‌ଆର୍‌ଏଫ୍)ରୁ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଓ ଆହତଙ୍କ ପାଇଁ ୫୦, ୦୦୦ ଟଙ୍କାର ଅନୁକମ୍ପାମୂଳକ ରାଶି ଘୋଷଣା କରିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏହି ଅଗ୍ନିକାଣ୍ଡର ଉଚ୍ଚସ୍ତରୀୟ ମାଜିଷ୍ଟ୍ରେଟ୍ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦିଲ୍ଲୀ ଅଗ୍ନିଶମ ବାହିନୀ ୧୦ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ଜୀବନ ବଞ୍ଚାଇବାକୁ ଯାଇ ୨ ଜଣ ବ୍ୟକ୍ତି କୋଠାରୁ ତଳକୁ ଡେଇଁ ପଡ଼ିଥିଲେ, ଯେଉଁଥିପାଇଁ ସେମାନେ ଗୁରୁତର ଭାବେ ଆହତ ହୋଇଥିଲେ।

### କାର୍ ଚାର୍ଜିଂ ବେଳେ...

ଭୁଶୁଡ଼ି ପଡ଼ିଥିଲା। ଘରର ଦ୍ୱାରାଗୁଡ଼ିକ ଡିଜିଟାଲ ଲକ୍ ହୋଇଥିବାରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହେବା ପରେ ତାହା ଖୋଲି ନଥିଲା। ଫଳରେ ଭିତରେ ଥିବା ଲୋକମାନେ ବାହାରକୁ ବାହାରି ପାରି ନଥିଲେ। ବୁଧବାର ଭୋର୍ ପ୍ରାୟ ୩ଟା ୩୦ରୁ ୪ଟା ୩୦ ମଧ୍ୟରେ ଏହି ଘଟଣା ଘଟିଥିଲା। ଘଟଣାରେ ଆହତ ହୋଇଥିବା ୪ ଜଣ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ମୃତକଙ୍କ ପାଇଁ ୨ ଲକ୍ଷ ଟଙ୍କା, ଆହତଙ୍କ ପାଇଁ ୫୦, ୦୦୦ ଟଙ୍କା ସହାୟତା ରାଶି ଘୋଷଣା କରାଯାଇଛି। ଏହି ଘଟଣା ଏବେ ଇଲେକ୍ଟ୍ରିକ ଚାର୍ଜିଂ ସମୟରେ ସତର୍କତା ଓ ଘରର ଡିଜିଟାଲ ସୁରକ୍ଷା ବ୍ୟବସ୍ଥା କୁନେଇ କଡ଼ା ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ତିନି ମାସ ତଳୁ...

ପାଇଁ ମୁମ୍ବାଇ ଯିବା ସମୟରେ ପୁଣି ସେହି ଯୋଜନାକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯିବାକୁ ଉଦ୍ୟମ ଆରମ୍ଭ ହେଲା। ବିଭିନ୍ନ ଅଭିଯୋଗ ଯୋଗୁଁ ୨୦୨୪ରେ ବିଜେଡି ଟିକଟରୁ ବଞ୍ଚିତ କିଛି ପୁରୁଖା ନେତାଙ୍କ ସହ ବିଜୟ ମହାପାତ୍ର ଯୋଗସୂତ୍ର ସ୍ଥାପନ କରିଥିଲେ। ଯାଜପୁର ଜିଲ୍ଲାର ଓଲାଶୁଣି ଗୁମ୍ଫାରେ କିଛି ପୁରୁଣା ନେତାଙ୍କ ବୈଠକରେ ଏ ସମ୍ପର୍କରେ ସମ୍ୟକ ଆଲୋଚନା ହୋଇଥିଲା। ଏପରିକି ବିଜେଡିର ଅସନ୍ତୁଷ୍ଟ ନେତାମାନଙ୍କ ସହ ଯୋଗାଯୋଗ ପାଇଁ ମଧ୍ୟ ଚେଷ୍ଟା କରାଯାଇଥିଲା। ମାତ୍ର ୨୦୨୫ ଡ଼ିସେମ୍ବରରେ କଂଗ୍ରେସରୁ ମହମ୍ମଦ ମୋକିମ୍ ବହିଷ୍କାର ପରେ ରାଜ୍ୟ ରାଜନୀତିରେ ଏକ ନୂଆ ସମୀକରଣ ଆରମ୍ଭ କରିବା ପାଇଁ ପଟ୍ଟ ପ୍ରସ୍ତୁତ କରିଥିଲା। ୧୫ ଡ଼ିସେମ୍ବରରେ ମୋକିମ୍‌ଙ୍କ ବହିଷ୍କାରର ୩ ଦିନ ପରେ ବିଜୟ ମହାପାତ୍ରଙ୍କ ବାସଭବନରେ ତାଙ୍କ ଉପସ୍ଥିତି ହିଁ ଅନେକ କିଛି ଘଟଣାକୁ ଇଙ୍ଗିତ କରିଥିଲା। ସେହି ସମୟରେ ବିଜୟ ମଧ୍ୟ ଏ ସମ୍ପର୍କରେ ଇସାରା ଦେଇଥିଲେ। ୨୦୨୬ରେ ଓଡ଼ିଶା ରାଜନୀତିରେ ଅନେକ ନୂଆ ଘଟଣା ଦେଖିବାକୁ ମିଳିବ ଓ ନୂଆ ଦଳ କିପରି ଗଠନ ହୁଏ ସେ ସମ୍ପର୍କରେ ମୋକିମ୍ ଜାଣିବାକୁ ଚାହୁଁଥିଲେ ବୋଲି ବିଜୟ ଦେଇଥିବା ଟିପ୍ପଣୀକୁ ବୋଧହୁଏ ସେତେବେଳେ ଅନେକ ବିଶେଷ ଗୁରୁତ୍ୱ ଦେଇ ନ ଥିଲେ। ସେବେଠାରୁ ବିଜେଡି ଓ କଂଗ୍ରେସରେ ବିଭାଜନ ସହ ମୋକିମ୍‌ଙ୍କ ନୂଆ ଦଳର ଗଠନର ମୂଳଦୂଆ ପକାଇବା ଲକ୍ଷ୍ୟ ରଖାଯାଇଥିଲା। ଏପରିକି କଂଗ୍ରେସ ଓ ଜନତାକୁ ମିଶାଇ ମୋକିମ୍ ଓଡ଼ିଶା ଜନତା-କଂଗ୍ରେସ ଦଳ ଗଠନ ଘୋଷଣା କରିଥିଲେ।

ତିନି ମାସ ତଳୁ ରାଜ୍ୟସଭା ନିର୍ବାଚନରେ ଦିଲ୍ଲୀପଙ୍କ ବିଜୟ ପଥ ପ୍ରସ୍ତୁତ କରାଯାଇଥିବା ବିଜୟ ଯାହା କହିଛନ୍ତି, ତାହା ଆଦୌ ମିଛ ନୁହେଁ। ବିଜୟ ଓ ତାଙ୍କ ସହଯୋଗୀମାନେ ୧୮ ଜଣ ବିଜେଡି ବିଧାୟକ ଓ ସେମାନଙ୍କ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରିଥିଲେ। ଡ଼ିସେମ୍ବର ଶେଷ ସପ୍ତାହରେ ନବୀନ ପଟ୍ଟନାୟକଙ୍କ ନିକଟରେ ଏ ସମ୍ପର୍କରେ ସବିଶେଷ ସୂଚନା ପହଞ୍ଚିଥିଲା। ମାତ୍ର ନବୀନ ଯେ ସେମାନଙ୍କ ଯୋଜନା ସମ୍ପର୍କରେ ସୂଚନା ପାଇବେ ସେ କଥା ବିଜୟ ମହାପାତ୍ର ଭାବି ନ ଥିଲେ। ବିଜୟ ଓ ତାଙ୍କ ସହଯୋଗୀମାନଙ୍କ ପରବର୍ତ୍ତୀ ପଦକ୍ଷେପକୁ ନବୀନ ଅପେକ୍ଷା କରିଥିଲେ। ଜାନୁଆରୀ ୧୫ ତାରିଖରେ ସନାତନ ମହାକୁଡ଼ଙ୍କ ସହ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବିତ କରିଥିଲେ।

ଯେଉଁ କାରଣ ଥାଉ ନା କାହିଁକି ରାଜ୍ୟସଭା ନିର୍ବାଚନରେ ଦିଲ୍ଲୀପ କେବେ ବି ବିଜେପି ପାଇଁ ପ୍ରଥମ ପସନ୍ଦ ନ ଥିଲେ ଏହା ସତ୍ୟ। ତେବେ ସଂଖ୍ୟା ଦୃଷ୍ଟିରୁ ନବୀନ କେବେ ବି ୪ର୍ଥ ଆସନ ପାଇଁ ପ୍ରାର୍ଥୀ ଦେବେ ନାହିଁ; ଏହାର ସୁଯୋଗରେ ଦିଲ୍ଲୀପ ସ୍ୱାଧୀନ ପ୍ରାର୍ଥୀ ଭାବରେ ନିର୍ବାଚିତ ହେବେ ବୋଲି ବିଜୟ ଓ ତାଙ୍କ ସହଯୋଗୀମାନେ ମନେ କରିଥିଲେ। ମାତ୍ର ନବୀନ ସମସ୍ତଙ୍କୁ ଚମକାଇ ଦେଇ ମିଳିତ ପ୍ରାର୍ଥୀ ଘୋଷଣା କରିବା ଓ କଂଗ୍ରେସ ମିଳିତ ପ୍ରାର୍ଥୀଙ୍କୁ ସମର୍ଥନ କରିବା ଖେଳକୁ ବିଗିଡ଼ାଇ ଦେଇଥିଲା। ଏହାପରେ ବିଜେପି ୨ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିଲେ ହେଁ ଦିଲ୍ଲୀପଙ୍କୁ ପ୍ରାର୍ଥୀ କରି ନ ଥିଲା। ମାତ୍ର ଦିଲ୍ଲୀପ ସ୍ୱାଧୀନ ପ୍ରାର୍ଥୀ ହେବାକୁ ଆଗ୍ରହ ପ୍ରକାଶ ପରେ ତାଙ୍କୁ ସମର୍ଥନ ଦେବାକୁ ବିଜେପି ଘୋଷଣା କରିଥିଲା। ଦିଲ୍ଲୀପଙ୍କୁ ବିଜେପି ସମର୍ଥନ କରୁଥିବାରୁ ତାଙ୍କ ସପକ୍ଷରେ ଭୋଟ ଦେଲେ ଇଡ଼ି ଓ ସିବିଆଇ ମାମଲାରୁ ସୁରକ୍ଷିତ ରହିବେ ବୋଲି ବିଶ୍ୱାଳ-ତ୍ରିପାଠୀ ଏଣ୍ଡ କୋଙ୍କୁ ବିଜୟ ବୁଝାଇବାକୁ ସକ୍ଷମ ହେଲେ। ମାତ୍ର ଦୀର୍ଘଦିନ ଧରି ରହିବା ସତ୍ତ୍ୱେ ବିଜୟ ଓ ଦିଲ୍ଲୀପ ଯେଉଁ ଦଳର ପୂର୍ଣ୍ଣ ଆସ୍ଥାଭାଜନ ହୋଇ ପାରିଲେ ନାହିଁ; ସେହି ଦଳ ବିଶ୍ୱାଳ, ତ୍ରିପାଠୀଙ୍କ ପରି ନେତାଙ୍କୁ ଆଦର କରି କୋଳରେ ବସାଇବ ସେ କଥା ସେମାନେ ସମ୍ଭବତଃ ବୁଝି ନ ପରି ବିଜୟଙ୍କ ରାଜନୀତି ପଶାପାଲିର ଗୋଟି ହୋଇଗଲେ।

ଯେଉଁ ଦିନଠାରୁ ନବୀନ ଏହାର ସୂଚନା ପାଇଲେ, ସେବେଠାରୁ ବିଜେପି ଘୋଡ଼ାବେପାର କରିବ ବୋଲି କହି ଆସୁଥିଲେ। ଥରେ ନୁହେଁ, ବାରମ୍ବାର ଏ କଥା ଦୋହରାଇଥିଲେ। ଦଳୀୟ ବିଧାୟକମାନଙ୍କୁ ନବୀନ ନିବାସକୁ ନିୟମିତ ଡ଼ାକି ଦଳୀୟ ଶୃଙ୍ଖଳା କଥା ବୁଝାଇଥିଲେ। ମାତ୍ର ନବ ମଲ୍ଲିକ, ରମାକାନ୍ତ ଭୋଇ, ଚକ୍ରମଣି କହଁର ଯେ ଦଳ ପିଠିରେ ଛୁରି ଭୁଷିବେ ଏ କଥା ନବୀନ ଓ ଦଳର ଅନ୍ୟ ନେତାଙ୍କ ପାଇଁ ଅକଳ୍ପନୀୟ ଥିଲା। ଏହା ସତ୍ତ୍ୱେ ମିଳିତ ପ୍ରାର୍ଥୀ ଓ ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରଥମ ପସନ୍ଦ ଭୋଟ ସମାନ ରହିଲା। ରାଜ୍ୟସଭା ନିର୍ବାଚନ ଫଳ ପ୍ରକାଶ ଓ ଏହାପରେ ବିଜୟ ମହାପାତ୍ରଙ୍କ ୩ ମାସ ତଳର ଯୋଜନା ସଂକ୍ରାନ୍ତ ସ୍ୱୀକାରୋକ୍ତି ପରେ ଅରବିନ୍ଦଙ୍କ ନିଲମ୍ବନର କାରଣ ଆଉ କେହି ଖୋଜୁ ନାହାନ୍ତି। ମାତ୍ର ଏହାପରେ ରାଜ୍ୟରେ ଯେଉଁ ସମୀକରଣ ହେବ, ତାହା କ୍ରସ ଭୋଟିଂ କରିଥିବା ବିଧାୟକ ପାଇଁ ଭଲ ହେବ କି ମନ୍ଦ ହେବ; ତାହା କେବଳ ସମୟ କହିବ।


## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 519, dated. 16.03.2026, I, KIABATI ODA , W/o- Dumar Oda, Permanent Resident of Village - Kusumi, PO - Temara, PS - Kosagumuda, Dist- Nabarangpur, Odisha, Pin - 764061, declare that I have changed my name from SRABANI ODA to KIABATI ODA. Henceforth, I shall be known as **KIABATI ODA** for all purposes.

Sd/- Kiabati Oda

## AFFIDAVIT

By virtue of an Affidavit before Notary Public, Malkangiri, I **Sailendra Debnath,** aged about 73 Years, S/o.: Murali Debnath, resident of D.N.K, Netaji Nagar, PO./P.S./ Dist.: Malkangiri, declare by this Affidavit No.: 715/2026, Dated: 18/03/2026, that I have changed my name from Sailen Debnath to **Sailendra Debnath**. Henceforth I shall be known as **Sailendra Debnath** for all future purposes.

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 540, dated 17.03.2026, I, PREMNATH BHOTRA, S/o- Late. Ujwalmoni Bhotra, Permanent Resident of - C. H. Colony, Nabarangpur, PS - Nabarangpur, Dist - Nabarangpur, Odisha, Pin - 764059, declare that I have changed my name from PREMA NATH NAG to PREMNATH BHOTRA. Henceforth, I shall be known as **PREMNATH BHOTRA** for all purposes.

Sd/- Premnath Bhotra

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 239, dated 16.03.2026, I, PURNA CHANDRA HARIJAN, S/o - Late. Pitu Harijan Permanent Resident of Village - Hirli, PO - Agnipur, PS - Nabarangpur, Dist- Nabarangpur, Odisha, Pin - 764059, declare that I have changed my name from JISUDAN HIAL to PURNA CHANDRA HARIJAN. Henceforth, I shall be known as **PURNA CHANDRA HARIJAN** for all purposes.

Sd/- Purna Chandra Harijan

## AFFIDAVIT

I, **SWAYAMSHREE MISHRA,** W/o- Suresh Kumar Mishra residing At- Plot No - 39(P), Khata No- 328, Duplex - 42, 12 Milestone, Bhagabanpur, Po-Patrapada, Ps- Tamando, Bhubaneswar, Dist- Khordha, State- Odisha, Pin- 751019 declare by this affidavit on dtd. 17.03.2026 that now onwards I shall be known as **SWYANSHREE MISHRA** W/o-Suresh Kumar Mishra for all future purposes.

Sd- SWYANSHREE MISHRA

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 551, dated 18.03.2026, I, KETAN JANI, S/o - Krutibas Jani Permanent Resident of Village - Patramunda, PO - Taragam, PS - Nabarangpur, Dist- Nabarangpur, Odisha, Pin - 754059, declare that I have changed the name of my Daughter from JAGESWARI JANI to MAHESWARI JANI. Henceforth, she shall be known as **MAHESWARI JANI** for all purposes.

Sd/- Ketan Jani

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 533, dated 17.03.2026, I, PARAMO SANTA, W/o- Tripati Santa, Permanent Resident of Village - Dhanubhangaguda, PO - Baghsiuni, PS - Nabarangpur, Dist- Nabarangpur, Odisha, Pin - 764059, declare that I have changed my name from SURI SANTA to PARAMO SANTA. Henceforth, I shall be known as **PARAMO SANTA** for all purposes.

Sd/- Paramo Santa

## AFFIDAVIT

By virtue of an affidavit no- 673, dated- 5/3/2026 sworn before Executive Magistrate, Banpur, declare that I, Ananda Kumar Ghadei, aged about- 46 years, S/o- Krushna Chandra Ghadei of Address At- Mali Sahi, Po- Bhimpur, P.s- Banpur, Dist-Khordha, Odisha, Pin-752031, declare that I have changed my name from Ananda Kumar Ghadai to Ananda Kumar Ghadei. Henceforth, I Ananda Kumar Ghadai & Ananda Kumar Ghadei both are one and same person. But now onwards I shall be known as Ananda Kumar Ghadei, for all future purposes.

Ananda Kumar Ghadei

## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. MCSW-Shotpeening-25-26-32

**କାର୍ଯ୍ୟର ନାମ :** 48 (ଅଠଚାଳିଶି) ମାସ ଅବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ LHB କୋଚ୍‌ଗୁଡ଼ିକର SS-I, SS-II ଓ SS-III ସମୟରେ LHB ବଗି କଏଲ୍ ସ୍ପ୍ରିଙ୍ଗଗୁଡ଼ିକର ଶଟ୍ ପିନିଙ୍ଗ୍ ଏବଂ ଫସ୍ଫେଟାଇଜିଙ୍ଗ୍ (Phosphatising) ।

**ବିଜ୍ଞାପିତ ମୂଲ୍ୟ :** ₹ 9,69,32,082.00, EMD : ₹ 6,34,700/-, ଶେଷ ହେବା ଅବଧି : 48 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା.19.03.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.02.04.2026ରିଖ 1500 ଘଟିକାରେ ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH), CRW/ମଞ୍ଚେଶ୍ୱର

PR-1239/Q/25-26

## AFFIDAVIT

By virtue of an affidavit No.127 before the Executive Magistrate, Golamunda, dtd.17/03/26, I, Kulidei Rana, residing At/Po-Sanchergaon, P.S. Golamunda, Dist.Kalahandi, State Odisha, PIN – 766036, have changed my name from "Somabari Rana" to "Kulidei Rana". Henceforth, I shall be known as **"Kulidei Rana"** for all purposes.

## AFFIDAVIT

By virtue of an affidavit no- 857, dated- 17/03/2026 sworn before Executive Magistrate, Banpur, declare that I, Ranjulata Paikaraya, aged about 39 years, W/o- Arun Paikaraya of Address At/P.o- Balugaon, P.s- Balugaon, Dist-Khordha, Odisha, Pin-752030, declare that I have changed my name from Ranju Paikaraya to Ranjulata Paikaraya. Henceforth, I Ranju Paikaraya & Ranjulata Paikaraya both are one and same person. But now onwards I shall be known as **Ranjulata Paikaraya,** for all future purposes.

Ranjulata Paikaraya

## ବିଜ୍ଞାପିତ ଅଞ୍ଚଳ ପରିଷଦ କାଶୀନଗର, ଗଜପତି

ସଂଖ୍ୟା ୫୫୯ — ତାରିଖ: ୧୭.୦୩.୨୦୨୬

### ବିଜ୍ଞାପନ

13001/676/2526

ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ମିତ ଭେଣ୍ଡିଙ୍ଗ୍ ଜୋନ୍ (୩୫ଟି ଦୋକାନ) ଆବଣ୍ଟନ ନିମନ୍ତେ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦବାସୀଙ୍କ ଠାରୁ ଦରଖାସ୍ତ ଅହ୍ୱାନ କରାଯାଉଅଛି । ଏଥି ନିମନ୍ତେ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ରୁ ୫୦୦.୦୦ ଟଙ୍କା ଦେଇ ଦରଖାସ୍ତ ନେଇ ଏବଂ ଦରଖାସ୍ତରେ ଦର୍ଶାଇଥିବା କାଗଜପତ୍ର / ପ୍ରମାଣପତ୍ର ସହିତ ଆବେଦନ କରିବେ । ତାରିଖ ୨୬ -୦୩-୨୦୨୬ ସମୟ ଅପରାହ୍ନ ଘ ୫.୩୦ ଟିକା ଭିତରେ ପରିଷଦର କାର୍ଯ୍ୟାଳୟରେ ଆବେଦନ କରିପାରିବେ ଓ ଅନ୍ୟାନ୍ୟ ବିବରଣୀ ପରିଷଦ କାର୍ଯ୍ୟାଳୟରୁ ପାଇପାରିବେ ।

କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, କାଶୀନଗର

OIPR-13001/13156/1/25-26/0001

## AFFIDAVIT

By virtue of an affidavit sworn before Executive Magistrate Bhubaneswar, on dated 24.11.2025, I Narasingh Majhi resident at Ramaguda, Po/Ps-Tikiri, Dist- Rayagada, PIN-765015, declare that I have changed the name of my Son from Bibeka Majhi to Bibekananda Majhi. Henceforth, He shall be known as **BIBEKANANDA MAJHI** for all future purposes.

## AFFIDAVIT

By virtue of an affidavit no- 672, dated- 5/3/2026 sworn before Executive Magistrate, Banpur, declare that I, Shantilata Ghadei, aged about- 38 years, W/o- Ananda Kumar Ghadei of Address At- Mali Sahi, Po- Bhimpur, Ps- Banpur, Dist- Khordha, Odisha, Pin-752031, declare that I have changed my name from Santilata Ghadai to Shantilata Ghadei. Henceforth, I Santilata Ghadai & Shantilata Ghadei both are one and same person. But now onwards I shall be known as **Shantilata Ghadei,** for all future purposes.

Shantilata Ghadei

## CUTTACK CHRISTIAN EDUCATION BOARD, CUTTACK

No. CCEB/Secretary (I/C) 2024-27 / Date 17.03.2026

### ବିଜ୍ଞାପନ

ଏତଦଦ୍ୱାରା କଟକ ଖ୍ରୀଷ୍ଟିଆନ ଏଜୁକେଶନ ବୋର୍ଡର ସମସ୍ତ ଆଜୀବନ ସଭ୍ୟସଭ୍ୟାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ଆସନ୍ତା ତା୨୭/୩/୨୦୨୬ରିଖ ଅପରାହ୍ନ ୪ ଘଟିକା ସମୟରେ ଖ୍ରୀଷ୍ଟ ମହାବିଦ୍ୟାଳୟ ପ୍ରାଙ୍ଗଣରେ ଥିବା ହଲ୍‌ରେ ସି.ସି.ଇ.ବି. ର ଧାରା 6(A) ଅନୁଯାୟୀ ସାଧାରଣ ସଭା ହେବା ବିଷୟ ଗତ ତା୯/୨/୨୦୨୬ରିଖ କଟକ ଖ୍ରୀଷ୍ଟିୟାନ ଏଜୁକେଶନ ବୋର୍ଡର କାର୍ଯ୍ୟକାରୀ ସଭାରେ ନିର୍ଦ୍ଧାରିତ ହୋଇଅଛି । ଏହି ସଭାରେ ସି.ସି.ଇ.ବି. ର ବାର୍ଷିକ ବିବୃତି ସହିତ ଆର୍ଥିକ ବିବରଣୀ ଓ ବଜେଟ୍ ଉପସ୍ଥାପନ କରାଯିବ ।

ଏଣୁ ଆପଣମାନେ ସି.ସି.ଇ.ବି ଦ୍ୱାରା ପ୍ରଦାନ କରାଯାଇଥିବା ପରିଚୟ ପତ୍ର ଦେଖାଇ ଏହି ସଭାରେ ଯୋଗଦାନ ପୂର୍ବକ ସମସ୍ତ କାର୍ଯ୍ୟରେ ସହଯୋଗ କରିବା ନିମନ୍ତେ ବିନୀତ ଅନୁରୋଧ କରାଯାଉଅଛି ।

କାର୍ଯ୍ୟକାରୀ ସଂପାଦକ
ଖ୍ରୀଷ୍ଟିଆନ ଏଜୁକେଶନ ବୋର୍ଡ, କଟକ

## AFFIDAVIT

I Sarojini Malareddi, W/o- Late Tyagaraju Melareddi, Resident At- Plot No- 126, Flat No- 301, Madhusudan Nagar, Unit - 4, Bhubaneswar, Dist-Khurdha, PIN- 751001, Odisha, declare by this affidavit No- 185 on 16.03.2026 that now onwards I shall be known as **SAROJINI MALAREDDI** for all future purposes.

## AFFIDAVIT

By virtue of an affidavit no- 752, dated- 11/3/2026 sworn before Executive Magistrate, Banpur, declare that I, Sarat Kumar Das, aged about- 62 years, S/o- Dhaneswar Das of Address At- Kolathadiha, Po- Narendrapur, Ps- Banpur, Dist- Khordha, Odisha, Pin-752031, declare that I have changed my name from Rohit Kumar Das to Sarat Kumar Das. Henceforth, I Rohit Kumar Das & Sarat Kumar Das both are one and same person. But now onwards I shall be known as **Sarat Kumar Das**, for all future purposes.

Sarat Kumar Das

## GOVERNMENT OF ODISHA

25001/346/2526

## OFFICE OF THE SUPERINTENDING ENGINEER RURAL WORKS DIVISION, KUCHINDA

E-mail: eerw_kuchinda@yahoo.com

### OFFICE ORDER

Due to no Bidder in Sl No. (01) S/R to Road from NH-6 to Khairidhi Road in the District of Sambalpur for the year 2025-26. Tender Bid ID / 22 / RWD / Kuchinda / 2025-26 is hereby Cancelled.

Superintending Engineer
Rural Works Division, Kuchinda

OIPR-25001/25151/1/25-26/0025

## AFFIDAVIT

I, Sabari Roy, W/o- Late Rathilal Roy, resident of Vill.- Khaliapali, Po.- Bardol, Ps./ Dist.- Bargarh state vide affidavit no. 442 dtd.07.04.2025 that, my actual name is **Sabari Roy, DOB- 01.07.1951** but in my Aadhar card no. 6054 1287 2099 my name has been wrongly mentioned as Sahebani Roy, DOB- 01.07. 1960. That **Sabari Roy, DOB- 01.07.1951** and **Sahebani Roy, DOB- 01.07.1960** is one and same person.

## Affidavit for Minor

By virtue of an affidavit no- 674, dated- 5/3/2026 sworn before Executive Magistrate, Banpur, declare that I, Ananda Kumar Ghadei, aged about- 46 years, S/o- Krushna Chandra Ghadei of Address At- Mali Sahi, Po- Bhimpur, P.s- Banpur, Dist- Khordha, Odisha, Pin-752031, declare that I have changed the name of my minor son from Chitan Kumar Ghadai to Chitan Kumar Ghadei. Henceforth, he shall be known as **Chitan Kumar Ghadei** for all purposes.

Chitan Kumar Ghadei

13001/690/2526

## OFFICE OF THE MUNICIPAL COUNCIL: DEOGARH

e-mail: eo-deogarhmncp@gov.in

Notice No. 847 /DM, Dt. 18/03/2026

### Corrigendum notice to tender call notice No-627./DM, DT.05.03.2026

Key Correction made in the notice for the work-- Privatization of Sanitation work Deogarh Municipal Council for ward no.-01 to 11.

The quantity of unskilled sweepers -104 nos in column no-3. the EMD Amount Rs.@1% of annual turnover cost only in favour of Executive Officer Deogarh Municipal Council Deogarh. Vide Bank guarantee No..................... Date..................... may be read as the EMD Amount Rs.@1% of annual quoted rate only in favour of Executive Officer Deogarh Municipal Council Deogarh. Vide Bank guarantee/DD No..................... Date.......................

Executive Officer
Deogarh Municipality

OIPR-13001/13088/1/25-26/0023

## Notice (for Minor)

By virtue of an affidavit sworn before The Executive Magistrate, Dharamgarh, Dist-kalahandi, dated 16/03/2026, I, Dibakar Pod, Address: Village/Po-Beheraguda, Ps-Koksara, Dist-Kalahandi, Odisha-766103 declare that I have changed the name of my daughter from **PRAMILA POD to HARMILA POD.** Henceforth, she shall be known as **HARMILA POD** for all purposes.

DIBAKAR POD

## OFFICE OF THE MUNICIPAL COUNCIL: RAYAGADA

DIST–RAYAGADA, PIN CODE–765001, ODISHA

E-mail ID – rayagadam.hud@nic.in, rayagadam.hud@gmail.com

Letter No. 1266 Date: 17/01/26

### Quotation Call Notice

13001/698/2526

Sealed Quotations are hereby invited from local established firms to provide Annual Maintenance contract service in respect of Centralized Air Conditioners and split AC's installed at Biju Patnaik Auditorium, Rayagada Municipality. The details of the service required and other terms and conditions relating to the award of Contract are given in the Annexure-I. The Quotations should reach in the office of Executive Officer, Rayagada Municipality on or before Dt 31.03.2026 by 1.00 P.M through speed post / courier or by hand and will be open on same day at 4.00 PM in the presence of Quotationer or their authorized agent if present.The Quotationer should submit the PAN Card & GST registration certificate enclosing with the Quotation paper along with covering letter. The Quotation received after due date and time will not be entertained.The paper cost of Rs 1000/- (Non-Refundable) and EMD Rs 10,000/- (Refundable) should be furnished in shape of Bank Draft/Bankers Cheque from any nationalized bank in favour of "Executive Officer, Rayagada Municipality" and attach the same with the quotation paper.This Quotation paper along with annexure available in office website www.rayagadamunicipality.in for wide publication and download.

The undersigned reserves the right to cancel / reject any or all the quotation without assigning any reason thereof.

Executive Officer
Rayagada Municipality

OIPR-:13001/13150/1/25-26/0006

## AFFIDAVIT

By virtue of an affidavit (CF No.128, dtd- 17/03/2026) sworn before The Executive Magistrate, Bhubaneswar. I, **Satya Prakash Parida,** aged about 52 years, S/o Sankarsan Pratihary (Natural Father), Biswanath Parida (Adopting Father), resident of At/Po- Baharana, Ps- Niali, Dist- Cuttack, PIN- 754004, State- Odisha declare that I have changed my name from **Satya Prakash Pratihary** to **Satya Prakash Parida.** Henceforth, I shall be known as **Satya Prakash Parida** (new name) for all purposes.

Satya Prakash Parida

## Affidavit for Minor

By virtue of an affidavit no- 489, dated- 16/2/2026 sworn before Executive Magistrate, Banpur, declare that I, Chandrakala jena, aged about- 44 years, W/o- Kalu Jena of Address At/Po- Badasireipur, P.s- Banpur, Dist- Khordha, Odisha, Pin-752031, declare that I have changed the name of my minor son from Sudhakar jena to Alok Kumar Jena. Henceforth, he shall be known as **Alok Kumar Jena** for all purposes.

Alok Kumar Jena

ସକାଳ THE SAKALA



www.sakalaepaper.com

■ ଜିଲ୍ଲାପାଳଙ୍କୁ ଡମ୍ ସମାଜର ଦାବିପତ୍ର

# ଡମ ଭାଷା, ସଂସ୍କୃତି, ପରମ୍ପରାକୁ ମାନ୍ୟତା ଦାବି

ରାୟଗଡା,୧୮।୩(ସମିସ): ରାୟଗଡ଼ା ଜିଲ୍ଲା ଡମ୍ ସମାଜର ନେତୃମଣ୍ଡଳୀ ବୁଧବାର ରାୟଗଡା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କୁ ଭେଟି ବିଭିନ୍ନ ଦାବି ଉପରେ ଆଲୋଚନା କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ଡମ ସମାଜ ପକ୍ଷରୁ ଦିଆଯାଇଥିବା ଦାବି ଗୁଡ଼ିକ ମଧ୍ୟରେ ମୁଖ୍ୟ ଦାବି ହେଉଛି ଡମ୍ ଭାଷାର ସୁରକ୍ଷା ତାହାର ପ୍ରଚାର ପ୍ରସାର ଓ ଡମ୍ ଭାଷାକୁ ମାନ୍ୟତା ପ୍ରଦାନ କରିବା, ଡମ୍ ବାଜା ସଂସ୍କୃତି ପରମ୍ପରା ପର୍ବପର୍ବାଣୀକୁ ମାନ୍ୟତା ପ୍ରଦାନ, ପ୍ରତ୍ୟେକ ଜିଲ୍ଲା ମୁଖ୍ୟାଳୟରେ ଡମ୍ ଭବନ ନିର୍ମାଣ, ଅନୁସୂଚୀତ ଜାତି ଅନୁସୂଚୀତ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ସ୍କୁଲମାନଙ୍କରେ ଅନୁସୂଚୀତ ଜାତି ପିଲାଙ୍କ ପାଇଁ ୧୦ ପ୍ରତିଶତ ସିଟ୍ ସଂରକ୍ଷଣ ପର୍ଯ୍ୟାପ୍ତ ନାହିଁ ତେଣୁ ଅତିରିକ୍ତ ସିଟ୍ ବ୍ୟବସ୍ଥା କରିବା, ରାୟଗଡ଼ା ସହରର ନୂଆସାହି, ଆମ୍ବଗୁଡ଼ା, ଶ୍ରୀରାମ ନଗର,ଆରକେ ନଗର, ରାମା ଟକିଜ ନିକଟସ୍ଥ ଡମ୍ ସାହି, ଫରେଷ୍ଟ ଅଫିସ୍ ପଛପଟ ସାହି, ମହିଳା କଲେଜ ପଛ ଡମ୍ ସାହି, ଢେପ ସାହି ଓ ରାୟଗଡ଼ା ସହର ଅନ୍ୟ ଡମ୍ ସାହି ଏବଂ ଜେକେପୁରର ହଳଦିପଡ଼ା, ଅରବିନ୍ଦ ନଗର, ନୁଆପଡ଼ା, ଗେଟିପଡ଼ା, କଳାହାଣ୍ଡିପଡା, ବାପୁଜୀ ନଗର, ସାନ ଚାନ୍ଦିଲି, ବଡ଼ ଚାନ୍ଦିଲି ସମେତ ଅନ୍ୟ ଛୋଟ ବଡ଼ ଡମ୍ ସାହି ବା ପଡ଼ାବାସିନ୍ଦାଙ୍କୁ ଘର ଡିହ ପଟ୍ଟା ସହ ଘର ନିର୍ମାଣ କରି ଦେବା, ବିଧାନସଭା ଓ ଲୋକସଭା କ୍ଷେତ୍ରର ସୀମା ନିର୍ଦ୍ଧାରଣ ସମୟରେ ବର୍ତ୍ତମାନ ରାୟଗଡ଼ାର ତିନୋଟି ବିଧାନସଭା ଆସନକୁ ବଢ଼ାଇ ୬ ଗୋଟି ବିଧାନସଭା ଆସନ କରିବା। ବର୍ଦ୍ଧିତ ତିନୋଟି ଆସନ ମଧ୍ୟରୁ ରାୟଗଡ଼ାକୁ ସାଧାରଣ ବର୍ଗ, କାଶୀପୁର ଓ କଲ୍ୟାଣସିଙ୍ଗପୁରକୁ ନେଇ ଏସସି ନିମନ୍ତେ ଅନ୍ୟ ଗୋଟିଏ ମହିଳାଙ୍କ



ନିମନ୍ତେ ସଂରକ୍ଷିତ କରିବାକୁ ଓ ରାୟଗଡ଼ାକୁ ଗୋଟିଏ ଲୋକସଭା ଆସନ କରିବାକୁ ଦାବି ଉଲ୍ଲେଖ କରାଯାଇଛି। ଜିଲ୍ଲାପାଳ ଜିଲ୍ଲା ପ୍ରଶାସନ ଦ୍ୱାରା ଯାହା ସମ୍ଭବ ତାହା ସେ ପୂରା କରିବେ ଏବଂ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ଅବଗତ କରାଇବେ ବୋଲି କହିଥିଲେ। ଆଲୋଚନା ସମୟରେ ଜିଲ୍ଲା ସଭାପତି ଧନୀରାମ ନାଏକ, ସାଧାରଣ ସମ୍ପାଦକ ଜନାର୍ଦ୍ଦନ ଗରଡା, କାର୍ଯ୍ୟକାରୀ ସଭାପତି ତ୍ରିନାଥ ବିଭର, ଚିତ୍ରସେନ୍ ସୁନା, ଉପସଭାପତି ବୃନ୍ଦାବନ ନାଏକ, ଉପଦେଷ୍ଟା ରାମ ଗରଡ଼ିଆ, ସମ୍ପାଦକ ବିସୁ ଖୋସଲା ଓ ସୁଧାକର ଖୋରା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଆକ୍ରମଣରେ ଗୁରୁତର ବ୍ୟବସାୟୀଙ୍କ ମୃତ୍ୟୁ

ଅମ୍ବାଦଳା,୧୮।୩(ସମିସ):





ରାୟଗଡା ଜିଲ୍ଲାର ଅମ୍ବାଦଳା ଅଞ୍ଚଳରେ ଗତ ୨୫ ତାରିଖରେ ଆକ୍ରମଣରେ ଗୁରୁତରେ ଆହତ ହୋଇଥିବା ଯୁବ ବ୍ୟବସାୟୀ ଟୁଟୁ ସାବତଙ୍କ ଆଜି ମୃତ୍ୟୁ ହୋଇଛି। ଘଟଣା ପରେ ୨୧ ଦିନ ଧରି କୋମାରେ ରହି ଜୀବନ ସହ ଯୁଦ୍ଧ କରୁଥିବା ଟୁଟୁଙ୍କର ଆଜି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଅନ୍ୟପଟରେ ବ୍ୟବସାୟୀ ଟୁଟୁଙ୍କ ମୃତ୍ୟୁ ପରେ ପରିବାର ଲୋକ ଓ ଗ୍ରାମବାସୀ ହତ୍ୟାକାରୀକୁ ଗିରଫ କରିବାକୁ ଦାବି କରି ଅମ୍ବାଦଳା ଥାନା ସମ୍ମୁଖରେ ୬ ଘଣ୍ଟା ଧରି ରାଜପଥକୁ ଅବରୋଧ କରିଥିଲେ। ସୂଚନାନୁଯାୟୀ, ଫେବୃଆରୀ ୨୫ ତାରିଖରେ ଅମ୍ବାଦଳାରେ ବ୍ୟବସାୟୀଙ୍କ ଉପରେ ଆକ୍ରମଣ ଘଟଣାକୁ ପ୍ରଥମେ ସାଧାରଣ ସଡକ ଦୁର୍ଘଟଣା ବୋଲି ଧରାଯାଇଥିଲା। କିନ୍ତୁ ପରେ ଘଟଣାକୁ ନେଇ ବିଭିନ୍ନ ସନ୍ଦେହ ଉଠିବା ପରେ ପରିବାର ଲୋକ ଯୋଜନାବଦ୍ଧ ଭାବେ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ଦେଶ୍ୟ ରଖି ଆକ୍ରମଣ କରାଯାଇଥିବା ନେଇ ଅଭିଯୋଗ କରିଥିଲେ। ଘଟଣାକୁ ୨୨ ଦିନ ବିତିଥିଲେ

➤ ହତ୍ୟାକାରୀଙ୍କୁ ଗିରଫ ଦାବିରେ ୬ ଘଣ୍ଟା ରାସ୍ତା ଅବରୋଧ
➤ ୨୨ଦିନ ପରେ ବି ଘଟଣାର ଟେର୍ ପାଉନି ପୁଲିସ

ମଧ୍ୟ ପୋଲିସ ହାତରେ କୌଣସି ଠୋସ ସୁରାଗ ନଥିବା ଅଭିଯୋଗ ହୋଇଛି। ଆଜି ବ୍ୟବସାୟୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ହେବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ହତ୍ୟାକାରୀଙ୍କୁ ଶୀଘ୍ର ଗିରଫ କରିବା ଦାବିରେ ସ୍ଥାନୀୟ ଲୋକ ଓ ପରିବାରଲୋକ ଆଜି ରାସ୍ତାକୁ ଓହ୍ଲାଇଥିଲେ। ଥାନା ସମ୍ମୁଖରେ ଦୀର୍ଘ ୬ ଘଣ୍ଟା ଧରି ରାଜ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ଫଳରେ ଯାତାୟାତ ପୂରାପୂରି ଠପ୍ ହୋଇଯାଇଥିଲା। ଅଞ୍ଚଳରେ ତିବ୍ର ଉତ୍ତେଜନା ପ୍ରକାଶ ପାଇଥିଲା ଓ ପୋଲିସ ପ୍ରଶାସନ ଉପରେ ଚାପ ବଢ଼ିଥିବା ଦେଖାଯାଇଛି। ଘଟଣା ସ୍ଥଳରେ ବିଷମ କଟକ ଏସ୍‌ଡିପିଓ ସନ୍ତୋଷିନୀ ଓରାମ୍, ଅମ୍ବାଦଳା ଆଇଆଇସି ସୂର୍ଯ୍ୟଚନ୍ଦ୍ର ପାଢ଼ୀ ପହଞ୍ଚି ଆନ୍ଦୋଳନକାରୀ ବୁଝାସୁଝା କରିଥିଲେ। ହତ୍ୟାକାରୀକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀ ରାସ୍ତାରୋକରୁ ହଟିଥିଲେ। ପରେ ଆନ୍ଦୋଳନକାରୀମାନେ ହତ୍ୟାକାରୀଙ୍କୁ ଗିରଫ ଦାବି କରି ଶୋଭାଯାତ୍ରା କରି ସହର ପରିକ୍ରମା କରିଥିବା ଦେଖିବାକୁ ମିଳିଥିଲା। ଗାଁରେ ବିଳମ୍ବିତ ରାତ୍ରରେ ମୃତଦେହ ପହଞ୍ଚିବା ପରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା।

# ମାର୍ଚ୍ଚ ଶେଷ ସୁଦ୍ଧା ମାଲକାନଗିରିରୁ ଉଡିବ ବିମାନ

ମାଲକାନଗିରି, ୧୮।୩(ସମିସ): ବହୁ ପ୍ରତିକ୍ଷିତ ମାଲକାନଗିରିରୁ ଭୁବନେଶ୍ୱର ବିମାନ ସେବା ଚଳିତ ମାସ ଶେଷ ସୁଦ୍ଧା ଆରମ୍ଭ ହେବାକୁ ଯାଉଛି। ଏନେଇ ଏକ ସ୍ୱତନ୍ତ୍ର ବୈଷୟିକ ଦଳ ମାଲକାନଗିରି ଜିଲ୍ଲାର ବିମାନ ବନ୍ଦର ପରିଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ ପରିବହନ ବିଭାଗର ଉଚ୍ଚସ୍ତରୀୟ ଦଳ ଏବଂ ଇଣ୍ଡିଆ ୱାନ୍ ଏୟାର କମ୍ପାନୀର ବୈଷୟିକ ଦଳ ମାଲକାନଗିରି ପହଞ୍ଚି ବିମାନ ବନ୍ଦର ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଜ୍ୟ ସରକାରଙ୍କ ବେସାମରିକ ବିମାନ ଚଳାଚଳ ପରାମର୍ଶଦାତା ସୁରେଶ ଚନ୍ଦ୍ର ହୋତା ଓ ସୁରକ୍ଷା ପରାମର୍ଶ ଦାତା ମନୋଜ କୁମାର ଦାସଙ୍କ ନେତୃତ୍ୱରେ ଏହି ଟିମ୍ ମାଲକାନଗିରିର ବିମାନ ବନ୍ଦରକୁ ତନତନ କରି ଯାଞ୍ଚ କରିଛନ୍ତି। ବିଶେଷ କରି ରନ୍‌ୱେ ଏବଂ ବିମାନବନ୍ଦର ପାଚେରୀ, ସୁରକ୍ଷା ବ୍ୟବସ୍ଥା, ସିସିଟିଭି କ୍ୟାମେରା, ଟିକଟ କାଉଣ୍ଟର ଠାରୁ ଆରମ୍ଭ କରି ବିମାନ ବନ୍ଦରର ସମସ୍ତ ଗୃହ ଗୁଡିକ ମଧ୍ୟ ଯାଞ୍ଚ କରିଛନ୍ତି। ତେବେ ସାମାନ୍ୟ କିଛି ତ୍ରୁଟି ଥିବା ବେଳେ ତୁରନ୍ତ ଏହି ତ୍ରୁଟି ଗୁଡିକୁ ସମାଧାନ କରିବାକୁ ରାସ୍ତା ଓ ଗୃହ ନିର୍ମାଣ




## ସ୍ଥିତି ସମୀକ୍ଷା କଲେ ବୈଷୟିକ ଦଳ

ବିଭାଗକୁ ଦଳ ନିର୍ଦ୍ଦେଶ ଦେଇଛନ୍ତି। ବିମାନ ଚଢ଼ିବା ପାଇଁ ସ୍ୱତନ୍ତ୍ର ସିଡି ସମେତ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସୁଯୋଗ ଗୁଡିକ ଯେପରି ଯାତ୍ରୀମାନେ ପାଇପାରିବେ ସେନେଇ ମଧ୍ୟ ତୁରନ୍ତ ପଦ କ୍ଷେପ ନେବାକୁ ଏହି ଦଳ ନିଷ୍ପତ୍ତି ନେଇଛି। ପ୍ରଥମାର୍ଥରେ ଜୟପୁର ଠାରୁ ଭୁବନେଶ୍ୱର ଯାଉଥିବା ଇଣ୍ଡିଆ ୱାନ ଏୟାର ବିମାନକୁ ପରୀକ୍ଷା ମୂଳକ ଭାବେ ମାଲକାନଗିରି ପର୍ଯ୍ୟନ୍ତ ସଂପ୍ରସାରଣ କରାଯାଇ ଏଠାରୁ ଜୟପୁର ସଂଯୋଗ କରି ଏହି ବିମାନ ଉଡିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ପ୍ରଥମେ ନଅ ଜଣିଆ ଯାତ୍ରୀବାହି ବିମାନଟି ଚଳାଚଳ କରିବା ନେଇ ସୂଚନା ମିଳିଛି। ଆଗାମୀ ଦୁଇଦିନ ମଧ୍ୟରେ ପୁଣି ରନ୍‌ୱେରେ ପରୀକ୍ଷାମୂଳକ ଭାବେ ବିମାନ ଅବତରଣ କରିବା ନେଇ ମଧ୍ୟ ସୂଚନା ମିଳିଛି। ପ୍ରକାଶ ଥାଉ କି, ୨୦୨୪ ନିର୍ବାଚନ ପୂର୍ବରୁ ପୂର୍ବତନ ସରକାର ଏହି ବିମାନ ବନ୍ଦରକୁ ଉଦ୍‌ଘାଟନ କରିଥିଲେ। ଦୁଇବର୍ଷ ବିତିଯାଇଥିଲେ ସୁଦ୍ଧା ଏଠାରୁ କୌଣସି ଯାତ୍ରୀବାହୀ ବିମାନ ଉଡି ପାରି ନଥିଲା। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗ ତରଫରୁ ଅନୁମତି ମିଳି ନଥିବା ସରକାର କହିଥିବା ବେଳେ ବର୍ତ୍ତମାନ ଏହି ଘରୋଇ ବିମାନ ଉଡିବାକୁ ଅନୁମତି ମିଳିଥିବା ଜଣାପଡିଛି। ତେବେ ନିମ୍ନମାନର ବିମାନ ବନ୍ଦର ନିର୍ମାଣ ଓ ପାଚେରୀ ଗୁଡିକ ବାରମ୍ବାର ଭୁସୁଡିବା ସହ ବିମାନ ବନ୍ଦର ଗୃହ କାର୍ଯ୍ୟ ଗୁଡିକ ଅଧପନ୍ତରିଆ ହୋଇ ରହିଥିବା, ବିଜୁଳି ସଂଯୋଗ ହୋଇ ନଥିବା, ସୁରକ୍ଷା ଅଭାବରୁ ଅବତରଣ ସ୍ଥାନରେ ଗାଈଗୋରୁଙ୍କ ଅବାଧ ଚଳାଚଳ ହେଉଥିଲା। କେନ୍ଦ୍ର ସରକାରଙ୍କ ଉଡାନ ଯୋଜନାରେ ଏହି ବିମାନ ଚଳାଚଳ ହେବା ନେଇ ସୂଚନା ମିଳିଛି। ଚଳିତ ମାସ ଶେଷ ସୁଦ୍ଧା ସମସ୍ତ କାର୍ଯ୍ୟ ସମାପ୍ତ କରି ମାଲକାନଗିରିରୁ ବିମାନ ଚଳାଚଳ ଆରମ୍ଭ ହେବ ବୋଲି ସମୀକ୍ଷା କରିଥିବା ଅଧିକାରୀ ଦଳ ପ୍ରକାଶ କରିଛନ୍ତି। ଏହି ସମୀକ୍ଷକ ଦଳ ଅତିରିକ୍ତ ଜିଲ୍ଲାପାଳ ଓ ଅନ୍ୟାନ୍ୟ ବିଭାଗର ମୁଖ୍ୟଙ୍କ ସହ ମଧ୍ୟ ଆଲୋଚନା କରିଥିଲେ।

# ଅସହାୟ ବୃଦ୍ଧାଙ୍କ ଜୀବନ ବଞ୍ଚାଇଲେ ଯୁବଗୋଷ୍ଠୀ

ପଦ୍ମପୁର,୧୮।୩(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ଡିବିରିସିଙ୍ଗ୍ ଗ୍ରାମର କିଛି ଯୁବଗୋଷ୍ଠୀଙ୍କ ଉଦ୍ୟମ ଯୋଗୁଁ ଜଣେ ଅସହାୟ ବୃଦ୍ଧାଙ୍କ ଜୀବନ ବଞ୍ଚିଯାଇଛି। ଗ୍ରାମର ଯୁବଗୋଷ୍ଠୀଙ୍କ ଏଭଳି ମହତ୍ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯିବା ସହ ଅନ୍ୟ ପାଇଁ ଯୁବଗୋଷ୍ଠୀ ଉଦାହରଣ ସୃଷ୍ଟି କରିଛନ୍ତି। ସୂଚନାଯୋଗ୍ୟ, ଡିବିରିସିଙ୍ଗ୍ ଗ୍ରାମରେ ଅସହାୟ ଅବସ୍ଥାରେ ରହିଅସୁଛନ୍ତି ବୃଦ୍ଧ ଦମ୍ପତି ଶ୍ରୀନିବାସ ପାତିକା (୮୫ବର୍ଷ) ଓ ତାଙ୍କର ପତ୍ନୀ କୁମାରୀ ପାତିକା(୭୮)। ଶ୍ରୀନିବାସଙ୍କ ମେରୁ ହାଡ଼ ସମସ୍ୟା ଯୋଗୁଁ ସେ ଠିକ୍ ଭାବେ ଚାଲି ପାରୁନଥିବା ବେଳେ ପତ୍ନୀ କୁମାରୀ ପାତିକାଙ୍କ ଆଖିକୁ ଦିଶୁନି କି କାନକୁ ଠିକ୍ ଭାବେ ଶୁଭୁନାହିଁ। ତାଙ୍କର ନିଜ ବୋଲି କେହି ନ ଥିବାରୁ ବହୁ କଷ୍ଟରେ ଚଳୁଥିଲେ। ଏହି ସମୟରେ ହଠାତ୍ ଘରର ଏରୁଣ୍ଡିବନ୍ଧ କବାଟ ବାଜି ବୃଦ୍ଧାଙ୍କ ବାମ ଗୋଡ ଆଙ୍ଗୁଠି କଟି ଯାଇଥିଲା। କୌଣସି ଉପାୟ ନପାଇ ବୃଦ୍ଧା ଜଣକ ଚିକିତ୍ସା ବଦଳରେ ଏକ କପଡାରେ ଗୋଡ଼ ଆଙ୍ଗୁଳିକୁ ଗୁଡ଼ାଇ ଦେଇଥିଲେ। ଦୀର୍ଘ ଏକମାସ ଧରି ଚିକିତ୍ସା ହୋଇ ନ ଥିବାରୁ ତାଙ୍କ କ୍ଷତ ସ୍ଥାନଟି



ପଚିସଢି ପୋକ ସାଲୁବାଲୁ ଅବସ୍ଥାରେ ପଡ଼ିରହିଥିଲା। ବୃଦ୍ଧାଙ୍କ କ୍ରନ୍ଦନ ଶୁଣି ଗ୍ରାମର କିଛି ଯୁବକ ବୃଦ୍ଧାଙ୍କ ଘର ଭିତରକୁ ଯାଇ ଯନ୍ତ୍ରଣାରେ ବୃଦ୍ଧା ଜଣକ ଛଟପଟ ହେଉଥିବା ଦେଖି ସଙ୍ଗେ ସଙ୍ଗେ ପରସ୍ପର ଭିତରେ କିଛି ଟଙ୍କା ଆଦାୟ କରି ତାଙ୍କୁ ଗତକାଲି ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ପଦ୍ମପୁର ଡାକ୍ତରମାନେ ବୃଦ୍ଧାଙ୍କ ଚିକିତ୍ସା କରିବା ପରେ ଅଧିକ ଚିକିତ୍ସା ସହ ଶଲ୍ୟ ଚିକିତ୍ସା ପାଇଁ ରାୟଗଡ଼ା ପଠାଇଥିବା ଜଣାପଡିଛି। ତେବେ ବୃଦ୍ଧାଙ୍କୁ ମେଡିକାଲ ପହଞ୍ଚାଇ ମାନବିକତା ଦେଖାଇଥିବା ଗ୍ରାମର ସିଫେନ୍ସନ୍ କାଡ୍ରକା, ପ୍ରିୟରଞ୍ଜନ ବେନିଆ, ବିନେଶ୍ ପାତିକା, ନିମଳା ଲିମାଙ୍କ ସହ ଅନ୍ୟମାନଙ୍କ ଏଭଳି ମହତ୍ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି। ବୃଦ୍ଧଦମ୍ପତି ଦ୍ୱୟ ଏକ ହଜାର ଟଙ୍କା ଲେଖାଏଁ ଭତ୍ତା ପାଉଥିବା କହୁଥିବା ବେଳେ ଭତ୍ତା ଆଣିବାକୁ ମଧ୍ୟ ସକ୍ଷମ ହୋଇପାରୁ ନାହାନ୍ତି ବୋଲି ବୃଦ୍ଧ ଶ୍ରୀନିବାସ ପାତିକା କୋହଭରା କଣ୍ଠରେ କହିଛନ୍ତି।

● ସୋଲାର ପ୍ରକଳ୍ପ ଅଚଳ

# ପିଇବା ପାଣି ପାଇଁ ହନ୍ତସନ୍ତ ୨୦୦ ପରିବାର



ଅମ୍ବାଦଳା,୧୮।୩(ସମିସ): ରାୟଗଡା ଜିଲ୍ଲା ମୁନିଗୁଡା ବ୍ଲକ୍ ଅମ୍ବାଦଳା ବଡ଼ସାହିରେ ପିଇବା ପାଣି ସମସ୍ୟା ଗୁରୁତର ରୂପ ନେଇଛି। ଗାଁରେ ସ୍ଥାପିତ ସୋଲାର ପାଣି ଯୋଗାଣ ବ୍ୟବସ୍ଥା ଦୀର୍ଘଦିନ ଧରି ଅଚଳ ରହିଥିବାରୁ ପ୍ରାୟ ୨୦୦ ପରିବାର ଦୈନିକ ପାଣି ପାଇଁ ହୀନସ୍ତା ହେଉଛନ୍ତି। ସୋଲାର ବ୍ୟବସ୍ଥା ବନ୍ଦ ହୋଇଯିବା ପରେ ଗାଁବାସୀ ନଳକୂପ ଉପରେ ନିର୍ଭର କରିବାକୁ ବାଧ୍ୟ ହୋଇଛନ୍ତି। ପ୍ରତିଦିନ ସକାଳଠାରୁ ନଳକୂପ ପାଖରେ ଗରା ମାଠିଆ ଧରି ମହିଳାମାନେ ଲମ୍ବା ଲାଇନ ଲଗାଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ପାଣି ଆଣିବାକୁ ପଡୁଥିବାରୁ ଦୈନିକ ଜୀବନ ବ୍ୟାପକ ଭାବରେ ପ୍ରଭାବିତ ହେଉଛି। ସ୍ଥାନୀୟ ଲୋକମାନଙ୍କ କହିବା ଅନୁସାରେ, ସମସ୍ୟା ସମ୍ପର୍କରେ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ତିବ୍ର ଗ୍ରୀଷ୍ମରେ ପାଣି ସମସ୍ୟା ଆଉ ଗୁରୁତର ହେବା ସମ୍ଭାବନା ଥିବାରୁ ଗାଁବାସୀ ଚିନ୍ତାବ୍ୟକ୍ତ କରିଛନ୍ତି। ଶୀଘ୍ର ସୋଲାର ପାନୀୟ ଜଳ ପ୍ରକଳ୍ପ ମରାମତି କରି ପିଇବା ପାଣିର ସ୍ଥାୟୀ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଉକ୍ତ ପାନୀୟ ଜଳ ସମସ୍ୟାକୁ ନେଇ ମୁନିଗୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୃଷ୍ଣଚନ୍ଦ୍ର ଦଳପତିଙ୍କୁ ପଚାରିବାରୁ ସମସ୍ୟା ଆଜି ଜାଣିବା ପରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଛି; ଖୁବ୍‌ଶୀଘ୍ର ସାମାଧାନ କରାଯିବ ବୋଲି କହିଛନ୍ତି।

# ପୌରପରିଷଦର ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା

ରାୟଗଡା,୧୮।୩(ସମିସ):

ଆଜି ରାୟଗଡା ପୌର ପରିଷଦ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ ସହରରେ ବର୍ଜ୍ୟବସ୍ତୁ ପରିଚାଳନା ନେଇ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ଜ୍ୟୋତି ମହଲ ଛକ ଠାରୁ ଆରମ୍ଭ ହୋଇ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ କପିଳାସ ଛକଠାରେ ଶେଷ ହୋଇଥିଲା। ପର୍ଯ୍ୟାୟ କ୍ରମେ ରାୟଗଡା ସହରର ସମସ୍ତ ୱାର୍ଡ ଏବଂ ଛକ ମାନଙ୍କରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ଜଣାପଡ଼ିଛି। ଏହି ସମୟରେ ବିଭିନ୍ନ ଘର ଏବଂ ଦୋକାନୀଙ୍କୁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ (ଥରେ ବ୍ୟବହୃତ ପ୍ଲାଷ୍ଟିକ)ର ଅପକାରିତା ଏବଂ ଏହାର ନିଷେଧାଦେଶ ସମ୍ପର୍କରେ ସଚେତନ କରାଯାଇଥିଲା। ସରକାରଙ୍କ ଦ୍ୱାରା ନିଷିଦ୍ଧ ହୋଇଥିବା ପ୍ଲାଷ୍ଟିକ ପଲିଥିନ୍, ପ୍ଲାଷ୍ଟିକ ପତାକା, ଚକୋଲେଟ୍ ଷ୍ଟିକ୍, ପ୍ଲାଷ୍ଟିକ ପ୍ଲେଟ୍, କପ୍, ଗ୍ଲାସ୍, ଚାମଚ, ଷ୍ଟ୍ର ଏବଂ ଟ୍ରେ ଆଦି ବ୍ୟବହାର ନ କରିବାକୁ ଅନୁରୋଧ କରାଯାଇଥିଲା। ଏହି ସଚେତନତା ଶୋଭାଯାତ୍ରାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ପରିଚାଳକ, ପୌର ପରିଷଦର ପୌରାଧକ୍ଷ




ପି. ମହେଶ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର, ସମ୍ପୃକ୍ତ ୱାର୍ଡ କାଉନସିଲର, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, କନିଷ୍ଠ ପରିମଳ ଯନ୍ତ୍ରୀ, ପରିମଳ ନିରୀକ୍ଷକ ଏବଂ ପୌରପରିଷଦର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ରାୟଗଡା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କୁଳଦିପ ସାଧାରଣ ଜନତାଙ୍କୁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବର୍ଜନ କରିବାକୁ ଅନୁରୋଧ କରିଥିଲେ। ସେହିପରି ପୌରାଧକ୍ଷ ଶ୍ରୀ ପଟ୍ଟନାୟକ ସମସ୍ତ ଗୃହମାଲିକ ଓ ବ୍ୟବସାୟୀମାନଙ୍କୁ ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀ ଗଚ୍ଛିତ ନ ରଖିବା ପାଇଁ ସତର୍କ କରାଇବା ସହିତ ଏହାର ଅବମାନନା କଲେ ଆଇନ ଅନୁଯାୟୀ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି। ସହରକୁ ସ୍ୱଚ୍ଛ ଏବଂ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ସହଯୋଗ କାମନା କରାଯାଇଛି।

# ଭତ୍ତା ଟଙ୍କା କଥା ପଚାରିବାରୁ ବିଷପିଇଦେଲା ଭିନ୍ନକ୍ଷମ ଝିଅ

ପଦ୍ମପୁର,୧୮।୩(ସମିସ): ଭତ୍ତା ଟଙ୍କା କଥା ମା ପଚାରିବାରୁ ବିଷପିଇଦେଲା ମାନସିକ ଭିନ୍ନକ୍ଷମ ଝିଅ। ଏଭଳି ଏକ ଅଭାବନୀୟ ଘଟଣା ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ୍ ନାଇରା ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ତୁଳସୀ ଅଧିକାରୀଙ୍କ ଝିଅ ମାମିନୀ ଅଧିକାରୀ (୧୯) ଜନ୍ମରୁ ମାନସିକ ଭିନ୍ନକ୍ଷମ। ସେ ଗତକାଲି ନାଇରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ଦିବ୍ୟାଙ୍ଗ ଭତ୍ତା ୧ ହଜାର ଟଙ୍କା ନେଇ ଆସିଥିଲେ। ଆଜି ମା ତୁଳସୀକୁ ଝିଅ ୫ ଶହ ଟଙ୍କା ଦେବାରୁ ଆଉ ୫ ଶହ କୁଆଡେ ପକାଇଦେଲୁକି ବୋଲି ମା ପଚାରିଥିଲେ। ଏହାପରେ ଝିଅ ବିଲରେ ପକାଇବାକୁ ରଖାଯାଇଥିବା କପା ଔଷଧ ପିଇଦେଇ ଥିବା ମା’ କହିଛନ୍ତି। ସଙ୍ଗେ ସଙ୍ଗେ ପରିବାର ଲୋକେ ତାଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ମଧୁମିତା ଚିକିତ୍ସା କରି ଅଧିକ ଚିକିତ୍ସା ପାଇଁ ତାଙ୍କୁ ବ୍ରହ୍ମପୁର ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିବା ଜଣାପଡିଛି।

# ପୂର୍ବତନ ଜିଲ୍ଲାପାଳଙ୍କୁ ବିଦାୟ ସମ୍ବର୍ଦ୍ଧନା

● ଭାବବିହ୍ୱଳ ହେଲେ ଆଦିବାସୀ ସମାଜ କର୍ମକର୍ତ୍ତା



ମାଲକାନଗିରି,୧୮।୩(ସମିସ): ଜଣେ ପ୍ରଶାସକ ଯେତେବେଳେ ଜନସାଧାରଣଙ୍କ ସହ ନିଜକୁ ଯୋଡ଼ି ଦିଅନ୍ତି, ସେତେବେଳେ ବିଦାୟ ବେଳା ଅତି କଷ୍ଟଦାୟକ ହୋଇଥାଏ। ଏହାର ଏକ ଜ୍ୱଳନ୍ତ ଉଦାହରଣ ଆଜି ମାଲକାନଗିରି ଜିଲ୍ଲାରେ ଦେଖିବାକୁ ମିଳିଛି। ପୂର୍ବତନ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ବିଦାୟ ଦେବା ସମୟରେ ଜିଲ୍ଲା ଆଦିବାସୀ ମହାସଂଘର ସଦସ୍ୟମାନେ ଅତ୍ୟନ୍ତ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଜିଲ୍ଲାପାଳଙ୍କ ବାସଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ଭାବପ୍ରବଣ ପରିବେଶ ସୃଷ୍ଟି ହୋଇଥିଲା। ଶ୍ରୀ ଉପାଧ୍ୟାୟଙ୍କ ସ୍ନେହୀ ବ୍ୟବହାର ଓ ଜିଲ୍ଲାର ଉନ୍ନତି ପାଇଁ ତାଙ୍କର ନିରନ୍ତର ପ୍ରୟାସକୁ ମନେ ପକାଇ ସେଠାରେ ଉପସ୍ଥିତ ଥିବା ହରିବନ୍ଧୁ ଗୋଲରୀ, ଜାରାଶବର ମାଡ଼ି, ପ୍ରଭାକର ହନ୍ତାଳ, ଘେନୁ ମୁଦୁଲି, ବନ୍ଧୁ ମୁଦୁଲି, ଗୋପୀ ପାଙ୍ଗି, ସନାତନ କୱାସୀ, ସୋମା ମାଡକାମୀ, ମୁକା ମାଡକାମୀଙ୍କ ସମେତ ସମସ୍ତ ଆଦିବାସୀ ନେତୃବୃନ୍ଦ ନିଜର ଲୁହକୁ ରୋକି ପାରିନଥିଲେ। ନିଜର ଜଣେ ଆତ୍ମୀୟଙ୍କୁ ହରାଇଲା ଭଳି ସେମାନେ ଅତି ଶ୍ରଦ୍ଧାର ସହ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ତାଙ୍କ ସ୍ୱଳ୍ପ ଦିନର କାର୍ଯ୍ୟକାଳ ସମୟ ମଧ୍ୟରେ ମାରିୱାଡ଼ା ଗ୍ରାମର ୩୯ ଜଣ ହିତାଧିକାରୀଙ୍କୁ ଘରଡିହ ଜମି ଦଖଲ ଦେଇ ସେ ସେମାନଙ୍କ ଜୀବନରେ ଆଶାର ଆଲୋକ ଭରିଥିଲେ। ଦୂର ପଞ୍ଚାୟତରେ ଜନଶୁଣାଣି କରି ପ୍ରଶାସନକୁ ଲୋକଙ୍କ ପାଖକୁ ନେଇଥିବାରୁ ସେ ଆବାଳବୃଦ୍ଧ ବନିତାଙ୍କ ଅତି ପ୍ରିୟ ହୋଇପାରିଥିଲେ। ଜନଜାତି ସମ୍ପ୍ରଦାୟର ସଂସ୍କୃତି ଓ ଅଧିକାରକୁ ସୁରକ୍ଷା ଦେବାରେ ତାଙ୍କର ଅବଦାନ ସବୁଦିନ ପାଇଁ ମନେରହିବ ବୋଲି ଉପସ୍ଥିତ ବ୍ୟକ୍ତିବିଶେଷ କହିଥିଲେ। ଶେଷରେ ପାରମ୍ପାରିକ ବାଜା ଓ ନୃତ୍ୟର ତାଳେ ତାଳେ ତାଙ୍କୁ ବିଦାୟ ଦିଆଯାଇଥିଲେ। ବିଦାୟ ବେଳେ ସମସ୍ତଙ୍କ ଆଖିରେ ଥିବା ଲୁହର ଧାର ଶ୍ରୀ ଉପାଧ୍ୟାୟଙ୍କ ପ୍ରତି ଥିବା ଗଭୀର ଭଲପାଇବା ଓ ସମ୍ମାନକୁ ପ୍ରତିପାଦିତ କରିଥିଲା।

# ରାୟଗଡ଼ା ଷ୍ଟେସନରେ ଦିବ୍ୟାଙ୍ଗଙ୍କ ପାଇଁ ସୁବିଧା ଦାବି

ରାୟଗଡ଼ା,୧୮।୩(ସମିସ): ରାୟଗଡ଼ା ରେଳ ଷ୍ଟେସନରେ ଦିବ୍ୟାଙ୍ଗଙ୍କ ନିମନ୍ତେ ବିଭିନ୍ନ ସୁବିଧା ଯୋଗାଇବା ପାଇଁ ପୂର୍ବତଟ ରେଳବାଇର ୱାଲଟିୟର ରେଳ ଡିଭିଜନର ଡିଭିଜନାଲ ରେଳବାଇ ମ୍ୟାନେଜର (ଡିଆରଏମ) ଲଳିତ ବୋହାରା ଏବଂ ବରିଷ୍ଠ ଡିଭିଜନାଲ କର୍ମସିଆଲ ମ୍ୟାନେଜର କେ.ପବନ କୁମାରଙ୍କୁ ଭେଟି ଦାବି ଜଣାଇବା ସହ ଏକ ଦାବିପତ୍ର ପ୍ରଦାନ କରିଛି ଓଡିଶା ବିକଳାଙ୍ଗ ମଞ୍ଚ(ଓଭିଏମ) ରାୟଗଡ଼ା ଜିଲ୍ଲା ଶାଖା। ରାୟଗଡ଼ା ରେଳ ଷ୍ଟେସନରେ ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଏବଂ ରୋଗୀମାନଙ୍କ ପାଇଁ ଇ-ରିକ୍ସା ବ୍ୟବସ୍ଥା କରାଗଲେ ସେମାନେ ଉପକୃତ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଅନ୍ୟ ଦାବି ଗୁଡିକ ମଧ୍ୟରେ ଟ୍ରେନର ଦିବ୍ୟାଙ୍ଗ କୋଚ ସମ୍ମୁଖ କିମ୍ବା ପଛ ପାଶ୍ୱର୍ରେ ସଠିକ୍ ସ୍ଥାନ ଘୋଷଣା କରିବା ବାଧ୍ୟତାମୂଳକ କରିବା, ରେଳ ଷ୍ଟେସନରେ ଷ୍ଟଲ ଆବଣ୍ଟନ ପାଇଁ ଭିନ୍ନକ୍ଷମ ଭାଇଭଉଣୀମାନଙ୍କ



ପାଇଁ ସଂରକ୍ଷଣ ୨ ପ୍ରତିଶତରୁ ୫ ପ୍ରତିଶତକୁ ବୃଦ୍ଧି କରିବା, ରେଳ ବିକାଶ କମିଟିରେ ଅତି କମରେ ଜଣେ ଭିନ୍ନକ୍ଷମ ସଦସ୍ୟଙ୍କୁ ନିଯୁକ୍ତ କରାଇବା, ୪ ପ୍ରତିଶତ ସଂରକ୍ଷଣ ଆଧାରରେ ରେଳବାଇରେ

## ୱାଲଟିୟର ଡିଆରଏମ୍‌ଙ୍କୁ ଭେଟି ଦାବି ଜଣାଇଲା ଓଭିଏମ୍

ଭିନ୍ନକ୍ଷମମାନଙ୍କ ପାଇଁ ଚାକିରି ସୁବିଧା କରାଇବା, ବନ୍ଦେ ଭାରତ, ଅମୃତ ଭାରତ, ରାଜଧାନୀ ଭଳି ପ୍ରମୁଖ ଟ୍ରେନଗୁଡିକରେ ଭିନ୍ନକ୍ଷମ ଯାତ୍ରୀଙ୍କ ପାଇଁ ଟିକେଟରେ ୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିବା ଭଳି ଦାବି ଉଲ୍ଲେଖ ରହିଛି। ଭିନ୍ନକ୍ଷମ ବ୍ୟକ୍ତିଙ୍କ କଲ୍ୟାଣ ପାଇଁ ଓଡିଶା ବିକଳାଙ୍ଗ ମଞ୍ଚ ରାୟଗଡ଼ା ଜିଲ୍ଲା ଶାଖା ପକ୍ଷରୁ ଦାବି କରାଯାଇଥିବା ରାୟଗଡ଼ା ଜିଲ୍ଲା ଶାଖା ସାଧାରଣ ସଂପାଦକ ଜଳେନ୍ଦ୍ର ବାଡେଲି ପ୍ରକାଶ କରିଛନ୍ତି।

# ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ଓ ଗଣିତ ମେଳା



ଚନ୍ଦ୍ରପୁର,୧୮।୩(ସମିସ): ରାୟଗଡା ଜିଲ୍ଲା ଚନ୍ଦ୍ରପୁର ବ୍ଲକର ପିଏମ୍ ଶ୍ରୀ ସରକାରୀ (ଏସ୍ଏସ୍‌ଡି) ଉଚ୍ଚ ବିଦ୍ୟାଳୟଠାରେ ଗଣିତ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଷଷ୍ଠଶ୍ରେଣୀ ଠାରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୩୦୦ ପିଲାଙ୍କୁ ନେଇ ୨୦ ଟି ଗ୍ରୁପ୍ କରାଯାଇଥିଲା। ପ୍ରତ୍ୟେକ ଗ୍ରୁପ୍‌ରେ ଗଣିତ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଯଥା - ଲ.ସା.ଗୁ ଓ ଗ.ସା.ଗୁ, ବିଭିନ୍ନ କୋଣର ପରିମାପ, ଭଗ୍ନାଂଶର ବିଭିନ୍ନ ପ୍ରକ୍ରିୟା, ବୃତ୍ତ ର କ୍ଷେତ୍ରଫଳ ଓ ବିଭିନ୍ନ ଚାର୍ଟ,ଘନ ବସ୍ତୁର ଘନତ୍ୱ ଏବଂ କ୍ଷେତ୍ରଫଳ, ସଂଖ୍ୟା ର ବର୍ଗ ଏବଂ ଘନ ଆଦି ବିଷୟରେ ଛାତ୍ରମାନେ ଉପସ୍ଥାପନ କରିଥିଲେ। ବିଜ୍ଞାନର ହାଇବ୍ରିଡ ପାୱାର ପ୍ଲାଣ୍ଟ, ସୌର ଚାଳିତ ବିଦ୍ୟୁତ୍‌ବତୀ, ସ୍ମାର୍ଟ ମେଡିକାଲ୍, ସ୍ମାର୍ଟ ଭିଲେଜ, ସୌର ଜଗତ, ରକେଟ ଓ ଉଦ୍ଭିଦର ବିଭିନ୍ନ ଅଂଶ ଇତ୍ୟାଦି ଉପସ୍ଥାପନା କରିଥିଲେ। ଏଥିରେ ଗଣିତ,ବିଜ୍ଞାନ ଶିକ୍ଷକ ଏବଂ ଅନ୍ୟ ଶିକ୍ଷକମାନେ ସହଯୋଗ କରିଥିଲେ। ଗଣିତ ଏବଂ ବିଜ୍ଞାନ ପ୍ରତ୍ୟେକ ବିଷୟରେ ତିନୋଟି ଛାତ୍ର ଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାସ୍କର ଗମାଙ୍ଗଙ୍କ ତତ୍ତ୍ୱାବଧାନରେ ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠି ଶିକ୍ଷା ଅଧିକାରୀ,ଚନ୍ଦ୍ରପୁର ଗଣେଶ ଶବର, ସମ୍ମାନୀତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶିଙ୍ଗନା ତାଡିଙ୍ଗି, ବାଳିକା ଉଚ୍ଚ ବିଦ୍ୟାଳୟ,ଚନ୍ଦ୍ରପୁରର ବିଜ୍ଞାନ ଶିକ୍ଷକ ଗୁରୁପ୍ରସାଦ ପରିଡ଼ା ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାସ୍କର ଗମାଙ୍ଗ, କୃଷି ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ,ବିଜ୍ଞାନ ଶିକ୍ଷକ ମକର ଡୁଇକା, ଶିକ୍ଷକ କୁନା ମାଝୀ, ବଳଭଦ୍ର କୁଟ୍ରୁକା,ସୁନିଲ ମହାନ୍ତି,ଶ୍ରୀକାନ୍ତ ହୋତା,ରୁଦ୍ର ନାରାୟଣ ବାଗ ସହଯୋଗ କରିଥିଲେ। ବିଦ୍ୟାଳୟର କୃଷି ଶିକ୍ଷକ ପ୍ରଦିପ କୁମାର୍ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୂଡାନ୍ତ ପର୍ଯ୍ୟାୟରେ ରେଳ ଓଭରବ୍ରିଜ୍ ପୁନରୁଦ୍ଧାର କାର୍ଯ୍ୟ

# ଆଜିଠୁ ଦୁଇ ଚକିଆ ଯାନ ଚଳାଚଳ ପାଇଁ ଅନୁମତି



### ୨୯ରୁ ସ୍ୱାଭାବିକ ହେବ ସମସ୍ତ ଗାଡି ଚଳାଚଳ

ରାୟଗଡ଼ା,୧୮।୩(ସମିସ): ତିନି ଦଶନ୍ଧି ଧରି ରାୟଗଡ଼ା ସହରର ଲାଇଫଲାଇନ ପାଲଟିଥିବା ୩୨୬ନମ୍ବର ଜାତୀୟ ରାଜପଥର ରେଳ ଓଭରବ୍ରିଜର ଆବଶ୍ୟକୀୟ ପୁନରୁଦ୍ଧାର/ମରାମତି କାର୍ଯ୍ୟ ଏବେ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏନେଇ ଜିଲ୍ଲାପାଳ କାର୍ଯ୍ୟାଳୟର ଚିନ୍ତନ କକ୍ଷରେ ଆଜି ଅପରାହ୍ନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଗତ ଜାନୁଆରୀ ମାସ ୧୦ତାରିଖରୁ କାର୍ଯ୍ୟ ସମାପ୍ତି ପର୍ଯ୍ୟନ୍ତ ଏହି ବ୍ରିଜ ଉପରେ ସର୍ବସାଧାରଣଙ୍କ ଯାତାୟାତ ଉପରେ ଜିଲ୍ଲା ପ୍ରଶାସନ ତରଫରୁ କଟକଣା ଲଗାଯାଇଥିଲା। ତେବେ ଏହି ଓଭରବ୍ରିଜର ମରାମତି କାର୍ଯ୍ୟ ଚୂଡାନ୍ତ ପର୍ଯ୍ୟାୟରେ ଥିବାରୁ ଏହା ଉପରେ ପ୍ରଥମ ପର୍ଯ୍ୟାୟରେ ଦୁଇ ଚକିଆ ଯାନ ଯାତାୟାତ ପାଇଁ ଜିଲ୍ଲାପାଳ ଅନୁମତି ପ୍ରଦାନ କରିଛନ୍ତି। ବର୍ତ୍ତମାନ ଓଭରବ୍ରିଜରେ ସୁରକ୍ଷା ପାଚେରୀ ସମେତ ୩୬ଟି ଏକ୍ସପାନସେନ୍ ଜଏଂଟଗୁଡିକ ଏବଂ ପିଚୁ ରାସ୍ତା କାମ ସଂପୂର୍ଣ୍ଣ ହୋଇଥିବା ବେଳେ ପିଚୁ ଉପରେ ମାସ୍ଟିକ ସ୍ତର ପକାଯିବାକୁ ବାକି ରହିଛି। ଯାହା ଆଗାମୀ ୧୦ଦିନରେ ସଂପୂର୍ଣ୍ଣ ହେବାକୁ ଥିବା ବେଳେ ଦୁଇ ଚକିଆ ଯାନକୁ ଗୁରୁବାର ସକାଳ ୭ଟାରୁ ରାତ୍ର ୯ଟା ପର୍ଯ୍ୟନ୍ତ ଚଳାଚଳ ନିମନ୍ତେ ଆଂଶିକ ଅନୁମତି ପ୍ରଦାନ କରାଯାଇଥିବା ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ରାୟଗଡା ସହରରେ ବସବାସ କରୁଥିବା ତେଲେଗୁ ସମ୍ପ୍ରଦାୟଙ୍କ ଗୁରୁବାର ଦିନ ନବବର୍ଷ ଉଗାଦି ପର୍ବ ରହିଥିବା ବେଳେ ସମସ୍ତଙ୍କ ଅନୁରୋଧ କ୍ରମେ ସର୍ବସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଦୁଇ ଚକିଆ ଯାନ ଚଳାଚଳ ପାଇଁ ଅନୁମତି ଦିଆଯାଇଥିବା ମଧ୍ୟ କୁହାଯାଇଛି। ସେହିପରି ରାତ୍ର ୯ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ମାସ୍ଟିକ ସ୍ତର ପକାଇବା କାମ ରାତିସାରା ଚାଲୁ ରହିବ ଏବଂ ବର୍ତ୍ତମାନକୁ ଦୁଇ ଚିକିଆ ଯାନ ବ୍ୟତିତ ସମସ୍ତ ଭାରୀଯାନ ଅଦ୍ୟାଦେଶ ପର୍ଯ୍ୟନ୍ତ ପୂର୍ବ ନିର୍ଦ୍ଦେଶ ଅନୁଯାୟୀ ଚଳାଚଳ କରିବେ ବୋଲି କହିଛନ୍ତି। ଓଭରବ୍ରିଜ ପୁନରୁଦ୍ଧାର କାର୍ଯ୍ୟ ଆଗାମୀ ଦଶ ଦିନ ମଧ୍ୟରେ ସଂପୂର୍ଣ୍ଣ ହେବା ପରେ ଆସନ୍ତା ମାର୍ଚ୍ଚ ୨୯ ତାରିଖରୁ ସମସ୍ତ ଭାରୀଯାନ ଚଳାଚଳ କରିବେ ବୋଲି ଜିଲ୍ଲାପାଳ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ଉପ ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଅତିରିକ୍ତ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଦେବରାଜ ଟାକ୍ରିଙ୍କ ସମେତ ବିଭାଗୀୟ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ମାଲକାନଗିରି,୧୮।୩(ସମିସ): ମାଲକାନଗିରି ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ୧୪ ବର୍ଷରୁ କମ୍ ବୟସ୍କ ବାଳକ ଓ ବାଳିକାମାନଙ୍କ ପାଇଁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ- ଆରମ୍ଭ ହୋଇଛି। ଆଜିଠାରୁ ଜିଲ୍ଲାର ତିନୋଟି ପ୍ରମୁଖ ସ୍ଥାନରେ ଏହି ଚୟନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଖେଳାଳିମାନଙ୍କୁ ସୁବିଧା ପ୍ରଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚିତ୍ରକୋଣ୍ଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟ (ମାଥିଲି ଓ ଖଇରପୁଟ ବ୍ଲକ ପାଇଁ), ମାଲକାନଗିରି ଜିଲ୍ଲା କ୍ରୀଡ଼ା କମ୍ପ୍ଲେକ୍ସ (ମାଲକାନଗିରି, କୋରୁକୋଣ୍ଡା, କାଲିମେଲା ଓ ପୋଡ଼ିଆ ବ୍ଲକ ପାଇଁ) ଠାରେ ଶିବିର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ମୋଟ ୫୮୯ ଜଣ ଛାତ୍ରଛାତ୍ରୀ ପଞ୍ଜିକରଣ କରିଛନ୍ତି। ଆଜି ପ୍ରଥମ ଦିନରେ ୮ ଜଣ ନୂତନ ପ୍ରତିଭା ସିଧାସଳଖ ପଞ୍ଜିକରଣ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ପ୍ରଥମ ଦିନ ଅର୍ଥାତ୍ ୧୮ ମାର୍ଚ୍ଚରେ ଆଥଲେଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ୨୩୧ ଜଣ ଖେଳାଳି ସାମିଲ ହୋଇଥିଲେ। ଆସନ୍ତା ୨୨ ମାର୍ଚ୍ଚ ରେ ଖୋ-ଖୋ ପ୍ରତିଯୋଗିତା ପାଇଁ ୨୮୪ ଜଣ ଖେଳାଳି ପଞ୍ଜିକୃତ ହୋଇଛନ୍ତି। ଆସନ୍ତା ୨୫ ମାର୍ଚ୍ଚରେ ଭଲିବଲ୍ ଚୟନ ପ୍ରକ୍ରିୟାରେ ୭୪ ଜଣ ଖେଳାଳି ଭାଗ ନେବେ। ଜିଲ୍ଲାର ଏହି କୁନି ପ୍ରତିଭାମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ଆଗାମୀ ଦିନରେ ସେମାନଙ୍କୁ ରାଜ୍ୟ ଓ ଜାତୀୟସ୍ତର ପାଇଁ ପ୍ରସ୍ତୁତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ଡୁରୁକ୍ ସୂଚନା ଦେଇଛନ୍ତି। ଏହାକୁ ଆୟୋଜନ କରିବାରେ କ୍ରୀଡ଼ା ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ବଜ୍ରପାତରେ ୪ ଗୋରୁ ମୃତ

ଟିକିରି,୧୮।୩(ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ରେଙ୍ଗା ପଞ୍ଚାୟତ ଅନ୍ତର୍ଗତ ସେମିଲିଗୁଡା ଗ୍ରାମର ବାତ୍ରୀ ମାଝୀ, କୁମଦ ଚନ୍ଦ୍ର ମାଝୀ, ଲିଙ୍ଗନା ମାଝୀ ଓ ମାଲକୀ ମାଝୀଙ୍କର ୪ଗୋଟି ଗୋରୁଙ୍କ ବଜ୍ରପାତରେ ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ମଙ୍ଗଳବାର ସକାଳେ କାଳବୈଶାଖୀ ବର୍ଷା ହୋଇଥିଲା। ଏହି ସମୟରେ ସେମିଲିଗୁଡା ଗ୍ରାମର ତଳମସାଣି ପଦା ପାଖରେ ଥିବା ପଣସ ଗଛଠାରେ ବଜ୍ରପାତ ହୋଇଥିଲା। ଉକ୍ତ ସମୟରେ ଗଛ ତଳେ ଥିବା ଚାରୋଟି ଗୋରୁ ବଜ୍ରପାତର ଶିକାର ହୋଇ ମୃତ୍ୟୁବରଣ କରିଥିଲେ। ମୃତ ଗୋରୁ ମାଲିକଙ୍କୁ କ୍ଷତିପୂରଣ ବାବଦକୁ ପ୍ରଶାସନ ତରଫରୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ନବୋଦୟ ପରୀକ୍ଷାରେ ୫ ଛାତ୍ରଛାତ୍ରୀଙ୍କ ସଫଳତା



କାକିରିଗୁମ୍ମା,୧୮।୩(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ କାକିରିଗୁମ୍ମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୫ ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ନବୋଦୟରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଯଶ ରାଜ ବିଶୋଇ ୯୧.୨୪, ତନୁଶ୍ରୀ ସାହୁ ୮୭.୫୦, ପ୍ରଶାନ୍ଦୀତନୟା ବିଶୋଇ ୮୭.୫, ହରେକୃଷ୍ଣ ବିଶୋଇ ୮୧, ହିମାଂଶୁ ମୁଦୁଲି ୮୦ ପ୍ରତିଶତ ମାର୍କ ରଖି ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ଏହି ସଫଳତା ପାଇଁ ଛାତ୍ରଛାତ୍ରୀ ତାଙ୍କ ଗୁରୁ ଓ ପରିବାର ବର୍ଗଙ୍କୁ ଶ୍ରେୟ ଦେଇଛନ୍ତି।

# ତାତିରୁ ସାମାନ୍ୟ ଆଶ୍ୱସ୍ତି ଦେଲା ବର୍ଷା

## ପବନରେ କିଛି ସ୍ଥାନରେ ଭାଙ୍ଗିଲା ଗଛ ଓ କଚ୍ଚା ଘର

ମାଲକାନଗିରି,୧୮।୩(ସମିସ): ସାରା ରାଜ୍ୟରେ ଗ୍ରୀଷ୍ମ ଆରମ୍ଭରୁ ପାରଦ ବଢିଆବରେ ଲାଗିଥିବା ବେଳେ ମାଲକାନଗିରି ଜିଲ୍ଲାରେ ମଧ୍ୟ ପାରଦ ଉପର ମୁହା ସହ ୪୦ ଡିଗ୍ରୀ ଆଡକୁ ଅଗ୍ରସର ରହିଛି। ଏହାରି ମଧ୍ୟରେ ବୁଧବାର ସନ୍ଧ୍ୟାରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ପବନ ସାଙ୍ଗକୁ କୁଆପଥର ବର୍ଷା ହୋଇଥିବା ଦେଖିବାକୁ ମିଳିଛି। ଗତ ଦୁଇଦିନ ମଧ୍ୟରେ ଜିଲ୍ଲାରେ ପାଗ ସାମାନ୍ୟ କୋହଲା ଥିବା ବେଳେ ବୁଧବାର ସନ୍ଧ୍ୟାରୁ ଜିଲ୍ଲା ସଦର ମହକୁମା ସମେତ ବିଭିନ୍ନ ସ୍ଥାନରେ ପବନ ସାଙ୍ଗକୁ କୁଆ ପଥର ବର୍ଷା ହୋଇଥିବା ବେଳେ ଏହା ଜିଲ୍ଲାବାସୀଙ୍କୁ ତାତିରୁ ସାମାନ୍ୟ ଆଶ୍ୱସ୍ତି ଦେଇଛି। ତେବେ ପବନ ସାଙ୍ଗକୁ ବର୍ଷା ହେତୁ ପାଗରେ ପରିବର୍ତ୍ତନ ହୋଇଥିବା ସହ ତାତି କମିଥିବା ବେଳେ ଦୀର୍ଘ ଦିନ ପରେ କୁଆ ପଥର ବର୍ଷାକୁ ଲୋକେ ବେସ ଉପଭୋଗ ମଧ୍ୟ କରିଛନ୍ତି। ତେବେ ଏହି ପବନ ବର୍ଷା ଯୋଗୁଁ କିଛି ସ୍ଥାନରେ ଗଛ ଡାଳ ଭାଙ୍ଗି ପଡି ଥିବା ସହ ଘର ମଧ୍ୟ କ୍ଷତି ଗ୍ରସ୍ତ ହୋଇଛି। ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ନୂଆଗୁଡା ଗ୍ରାମରେ ସମ୍ଭୁ ହଲବା ନାମକ ବ୍ୟକ୍ତିଙ୍କ କଚ୍ଚା ଘର ଉପରେ ଗଛ ପଡ଼ି ଘରଟିର କିଛି ଅଂଶ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।

# ରେଳଧାରଣାରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ରାୟଗଡ଼ା,୧୮।୩ (ସମିସ): ରାୟଗଡ଼ା-ଟିଟିଲାଗଡ ରେଳ ସେକ୍ସନର ଥେରୁବାଲି-ବିଷମକଟକ ରେଳ ଧାରଣା କିମି ୩୦୬/୩୦-୩୨ ମଧ୍ୟରେ ଆଜି ସକାଳେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତହେଦ ଠାବ କରିଛି ସରକାରୀ ରେଳବାଇ ପୋଲିସ (ଜିଆରପି)। ଥେରୁବାଲି-ବିଷମକଟକ ମଧ୍ୟରେ ଥିବା କୁମ୍ଭାରପଡା ଗ୍ରାମ ନିକଟ ରେଳ ଧାରଣା ନିକଟରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇ ସ୍ଥାନୀୟ ରେଳବାଇ କର୍ମଚାରୀମାନେ ଷ୍ଟେସନ ମାଷ୍ଟରଙ୍କୁ ସୂଚନା ଦେଇଥିଲେ। ଖବରପାଇ ରାୟଗଡ଼ା ଜିଆରପିଏସ ଡିଏସପି ପ୍ରଭାତ କୁମାର ତ୍ରିପାଠୀ ଏବଂ ରାୟଗଡ଼ା ଜିଆରପି ଥାନା ଅଧିକାରୀ ବିନୟପ୍ରକାଶ ମିଂଜଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତକାରୀ ଅଧିକାରୀ ଏଏସଆଇ ସୁକାଂଶୁ ପଟ୍ଟନାୟକଙ୍କ ସହ ସହଯୋଗୀ ପୋଲିସ କର୍ମଚାରୀ ଏଏସଆଇ ମାଣିକ ଚନ୍ଦ୍ର ଗୌଡ, କନଷ୍ଟେବଳ ଅରୁଣ ପ୍ରଧାନ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଶବ ଜବତ କରି ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବେଚ୍ଛଦ ପାଇଁ ଆଣିଥିଲେ। ଅଜଣା ବ୍ୟକ୍ତି ଜଣକ ରେଳ ଧାରଣା ପାର ହେବା ସମୟରେ ଏକ ମାଲବାହୀ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ଓଷ୍ଟାର ବ୍ଲକ୍‌ସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ



ମାଲକାନଗିରି,୧୮।୩(ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ତଥା ଓଷ୍ଟା ମାଲକାନଗିରିର ବ୍ଲକ୍‌ସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ କୋରୁକୋଣ୍ଡା ବ୍ଲକ୍ ପ୍ରହଲ୍ଲାଦ ବିଦ୍ୟାପୀଠ, ଆପନାମାଳାଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୋରୁକୋଣ୍ଡା ବ୍ଲକର କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଓଷ୍ଟାର ଜିଲ୍ଲା ସଭାପତି ଅଲେଖ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲ୍ଲା ଓଷ୍ଟା ସାଧାରଣ ସଂପାଦକ ମନୋଜ ମହାପାତ୍ର, ଯୁଗ୍ମ ସଂପାଦକ ଦୀନବନ୍ଧୁ ବେଜ, ଉପସଭାପତି ସୂର୍ଯ୍ୟକାନ୍ତ ପାଣିଗ୍ରାହୀ, କୋରୁକୋଣ୍ଡା ବ୍ଲକ ସଂପାଦକ ସୂର୍ଯ୍ୟ ନାରାୟଣ ନାୟକ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ବାରିକ ପ୍ରମୁଖ ଅଂଶ ଗ୍ରହଣ କରି ଶିକ୍ଷକ ସଂଗଠନର ବ୍ଲକ ସ୍ତରୀୟ କାର୍ଯ୍ୟକର୍ତ୍ତା ଚୟନ କରିଥିଲେ। ଜିଲ୍ଲା ସଂପାଦକ ମନୋଜ କୁମାର ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସାଂଗଠନିକ ବୈଠକରେ କୋରୁକୋଣ୍ଡା ବ୍ଲକ ପାଇଁ ସର୍ବ ସମ୍ମତିକ୍ରମେ ସଭାପତି ପ୍ରଦୀପ କୁମାର ଦାସ, ଉପସଭାପତି କବିତା ଖଟେଇ ଓ ତପନ କୁମାର ପାତ୍ର, ସଂପାଦକ ସୂର୍ଯ୍ୟ ନାରାୟଣ ନାୟକ, ସହ ସଂପାଦକ ପ୍ରକାଶ ଚନ୍ଦ୍ର ମହାରଣା, ବାବୁଲା ନାୟକ, ରାଜ୍ୟ କାଉନସିଲର ସଦସ୍ୟ ସୁକୁମାର ଦେ ଏବଂ ଜିଲ୍ଲା କାଉନସିଲର ସଦସ୍ୟ ଭାବରେ ମାନସ ରଂଜନ ପଣ୍ଡା ଚୟନିତ ହୋଇଥିଲେ।

# ନବୋଦୟ ପରୀକ୍ଷାରେ ଦିନମଜୁରିଆ ଓ ସମାଜସେବୀଙ୍କ ପୁଅଙ୍କ ସଫଳତା



କୋରାପୁଟ,୧୮।୩(ସମିସ): ଗତକାଲି ପ୍ରକାଶ ପାଇଥିବା ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଫଳ ଅନୁଯାୟୀ କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତ ଡୁମୁରିପୁଟ ଅଞ୍ଚଳର ଦୁଇଜଣ ଛାତ୍ର ସଫଳତା ହାସଲ କରିଛନ୍ତି। ସଫଳତା ପାଇଥିବା ଏନ୍. ସଙ୍ଗୀତ କୁମାର ଏବଂ ସୁଦର୍ଶନ ମାଝୀ ସ୍ଥାନୀୟ ଏକ ଇଂରାଜୀ ମାଧ୍ୟମ ଘରୋଇ ବିଦ୍ୟାଳୟର ଛାତ୍ର ବୋଲି ଜଣା ପଡ଼ିଛି। ଏନ, ସଙ୍ଗୀତ କୁମାର ଡୁମୁରିପୁଟ ହାଟପଦାର ଯୁବ ସମାଜସେବୀ ଏନ ବସନ୍ତ କୁମାର ଏବଂ ସବିତା ସୁବୁଦ୍ଧିଙ୍କ ପୁଅ ହୋଇଥିବା ବେଳେ ସୁଦର୍ଶନ ମାଝୀଙ୍କ ବାପା ଡୁମୁରିପୁଟ ଗ୍ରାମର ମଙ୍ଗଳା ମାଝୀ ଜଣେ ଦିନ ମଜୁରିଆ ବୋଲି ଜଣା ପଡ଼ିଛି।

# ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା

ପଡିଆ,୧୮।୩(ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ସମ୍ମିଳନୀ କକ୍ଷରେ ଆଇଟିସି ମିଶନ ସୁନହରାକାଲ ସହଯୋଗରେ ପରିଚାଳିତ ଆଇଜିଡି ଏନଜିଓ ପକ୍ଷରୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଦିବାସୀ ଅଧ୍ୟୁଷିତ ପଡିଆ ଓ କାଲିମେଲା ବ୍ଲକର ବିଭିନ୍ନ ପଞ୍ଚାୟତରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକୁ ସୁଦୃଢ଼ ପାଇଁ ଏହି ସଂସ୍ଥା ପକ୍ଷରୁ ନିଆଯାଇଥିବା ପଦକ୍ଷେପ ବାବଦରେ ଆଲୋଚନା କରାଯାଇଛି। ଏଥିସହ ସମ୍ପ୍ରତି ସ୍ଥିତିରେ ସ୍ୱାସ୍ଥ୍ୟର ସ୍ଥିତି ପରଖି ସ୍ୱାସ୍ଥ୍ୟ ସୂଚକାଙ୍କ ଗୁଡିକୁ ସୁଦୃଢ ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରାଯିବା ଦିଗରେ ଆଲୋଚନା ହୋଇଛି। ମୁଖ୍ୟ ଅତିଥି ଭାବେ ପଡିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଶ୍ୱିନି କୁମାର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପଡିଆ ସ୍ୱାସ୍ଥ୍ୟ ଅଧିକାରୀ ଡଃ ବଳରାମ ପଠାଲ, ପଡିଆ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡଃ ପରମାନନ୍ଦ ମହାପାତ୍ର, ଆଇଟିସି ମିଶନ ସୁନହରାକାଲର ପ୍ରୋଗ୍ରାମ ଅଫିସର ଭାନମ ଗୀତା ପ୍ରଭଲ୍ଲୀକା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଆଇଜିଡି ଏନଜିଓର ରାଜ୍ୟ ମୁଖ୍ୟ ଡଃ ମୁକେଶ କୁମାର ସାହୁ ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ପଡିଆ ବ୍ଲକ ଓଡିଶା ଜୀବିକା ମିଶନର ପ୍ରୋଗ୍ରାମ ମ୍ୟାନେଜର ଅମିତ୍ କୁମାର ନମଦାସ ଉପସ୍ଥିତ ଥିଲେ। ଆଇଜିଡି ଏନଜିଓର ଝିଲି ସିଲ, ନୟାମୀ ଖରା ଓ ଗୋବିନ୍ଦ ସରଦାର ପ୍ରମୁଖ ସହଯୋଗ କରିଥିଲେ।

# ଆଶାଦେବୀଙ୍କ ବିୟୋଗ



ଉମରକୋଟ,୧୮।୩(ସମିସ): ନବରଙ୍ଗପୁର ଜିଲ୍ଲା 'ଉତ୍କଳ ମେଲ'ର ଜିଲ୍ଲା ପ୍ରତିନିଧି ଜିତେନ୍ଦ୍ର କୁମାର ଦାସଙ୍କ ମା' ଆଶା ଦେବୀ (୬୮) ଙ୍କ ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ରାୟପୁରର ଏକ ଘରୋଇ ହସ୍ପିଟାଲରେ ଦୀର୍ଘ ୧୫ ଦିନ ହେବ ହୃଦ୍‌ଜନିତ ରୋଗରେ ଚିକିତ୍ସିତ ହେଉଥିଲେ। ଆଶା ଦେବୀ ଜଣେ ଭଦ୍ର, ବନ୍ଧୁବସଳ, ମେଳାପୀ ଓ ଧର୍ମପରାୟଣ ମହିଳା ଥିଲେ। ତାଙ୍କ ଶେଷ ସମୟରେ ଦୁଇ ପୁଅ ଜିତେନ୍ଦ୍ର କୁମାର ଦାସ, ସୁନିଲ ଦାସ, ଝିଅ ରିନା, ଜ୍ୱାଇଁ ରାଜେଶ, ଦୁଇ ବୋହୂ ପୂଜା, ପ୍ରୀତି, ନାତି ବିଟ୍ଟୁ, ବାବୁ, ପ୍ରିୟାଂଶୁ ଓ ପରିବାରର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ। ରାୟପୁର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା। ବଡ ପୁଅ ଜିତେନ୍ଦ୍ର ମୁଖାଗ୍ନି ଦେଇଥିଲେ। ପ୍ରେସ କ୍ଲବ ଉମରକୋଟ ପକ୍ଷରୁ ଶୋକସନ୍ତପ ପରିବାରକୁ ସମବେଦନା ଜ୍ଞାପନ କରାଯାଇଥିଲା।

## ଧାନ ଉଠୁ ନ ଥିବା ନେଇ ଚାଷୀ ପ୍ରଶାସନ ଦ୍ୱାରସ୍ଥ

# ଖୁବଶୀଘ୍ର ବାହାର ମିଲରଙ୍କ ଦ୍ୱାରା ଉଠିବ ଧାନ



ମାଲକାନଗିରି, ୧୮।୩(ସମିସ): ମାଲକାନଗିରି ଜିଲ୍ଲାର ବିଭିନ୍ନ ଧାନ ମଣ୍ଡିରେ ଚାଷୀଙ୍କ ଧାନ ପଡି ରହିଥିବା ବେଳେ ଧାନ ନ ଉଠିବାକୁ ନେଇ ଚାଷୀ ଆଜି ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଉପ ଜିଲ୍ଲାପାଳଙ୍କୁ ଦାବି ଜଣାଇ ଯଥାଶୀଘ୍ର ବଳକା ଥିବା ଧାନକୁ କ୍ରୟ କରିବାକୁ ଅନୁରୋଧ କରିଛନ୍ତି। ପ୍ରତି ବର୍ଷ ଫେବ୍ରୁଆରି ୧୫ ତାରିଖ ମଧ୍ୟରେ ଚାଷୀଙ୍କ ଠାରୁ ଧାନ କ୍ରୟ ପ୍ରାୟ ଶେଷ ହେଉଥିବା ବେଳେ ଚଳିତ ବର୍ଷ କିନ୍ତୁ ଏଥିରେ ଓଲଟା ଚିତ୍ର ଦେଖିବାକୁ ମିଳିଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହାସହ ଆଗାମୀ ୨୫ ତାରିଖ ମଧ୍ୟରେ ଧାନ କ୍ରୟ ନ କରାଗଲେ ଚାଷୀ ପୁଣି ରାଜ ରାସ୍ତାରେ ଆନ୍ଦୋଳନ କରିବା ସହ ଜିଲ୍ଲାରେ ବନ୍ଦ ଡାକରା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଯାହାକୁ ନେଇ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରକାଶ କରିଛନ୍ତି ଯେ, ଚାଷୀଙ୍କ ସହ ଆଲୋଚନା ହୋଇଛି। ଜିଲ୍ଲାର ବିଭିନ୍ନ ସ୍ଥାନରେ ବଳକା ରହିଥିବା ଧାନକୁ କ୍ରୟ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି। ଜିଲ୍ଲାରେ ମିଲରଙ୍କ ସଂଖ୍ୟା କମ ରହିଥିବା ବେଳେ ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ୨ ଜଣ ମିଲର କମ ଅଂସ ଗ୍ରହଣ କରିଛନ୍ତି। ଚଳିତ ବର୍ଷ ଜିଲ୍ଲାର ୨୭ ଜଣ ମିଲର ଧାନ କ୍ରୟ କରୁଥିବା ବେଳେ ଏନେଇ ଆମେ ସରକାରଙ୍କୁ ଅବଗତ କରିଥିଲୁ। ଏନେଇ ସରକାର ଦୃଷ୍ଟି ଦେଇ ଜିଲ୍ଲା ବାହାର ମିଲରଙ୍କୁ ମାଲକାନଗିଇର ଜିଲ୍ଲାରେ ଧାନ କ୍ରୟ ପାଇଁ ସୁଯୋଗ ଦିଆଯାଇଛି। ବାହାର ଜିଲ୍ଲା ଭାବେ ବର୍ତ୍ତମାନ କୋରାପୁଟ ଜିଲ୍ଲାରୁ ୬ଜଣ ମିଲରଙ୍କୁ ଧାନ କ୍ରୟ ପାଇଁ ଦାଇତ୍ୱ ଦିଆଯାଇଛି। ୬ ଜଣଙ୍କ ମଧ୍ୟରୁ ଜଣେ ମିଲର ମାଲକାନଗିରିରେ ଧାନ କ୍ରୟ ପାଇଁ ସମସ୍ତ ପ୍ରକ୍ରିୟା ଶେଷ କରିଥିବା ଅନ୍ୟମାନେ ମଧ୍ୟ ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ପ୍ରୟାସ କରୁଛନ୍ତି। ସେହିପରି ରାୟଗଡା ଜିଲ୍ଲାରୁ ମଧ୍ୟ ଜଣଙ୍କୁ ଧାନ କ୍ରୟ ଦାଇତ୍ୱ ଦିଆଯାଇଥିବା ବେଳେ ଅନ୍ୟ ଜିଲ୍ଲାର ମିଲର ମାନଙ୍କ ସହ ଆଲୋଚନା ଚାଲିଛି। ଖୁବ ଶୀଘ୍ର ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ କରିବା ସହ ଧାର୍ଯ୍ୟ ଲକ୍ଷକୁ ପୂର୍ଣ୍ଣ କରିବୁ ବୋଲି ଶ୍ରୀ ଭୋଇ ପ୍ରକାଶ କରିଛନ୍ତି। ଗତ ବର୍ଷ ୧୪.୪୨ ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ ହୋଇଥିବା ବେଳେ ଚଳିତ ବର୍ଷ ବର୍ତ୍ତମାନ ସୁଧା ୧୪.୫ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ ହୋଇ ସାରିଛି, ଆହୁରି ପ୍ରାୟ ୨ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ କରିବାକୁ ଲକ୍ଷ ରଖାଯାଇଛି। କୌଣସି ଚାଷୀ ବ୍ୟସ୍ତ ହେବାର ଆବଶ୍ୟକତା ନାହି, ପ୍ରଶାସନ ଏଦିଗରେ ତତ୍ପର ରହିଥିବା ସହ ପଦକ୍ଷେପ ନେଇଥିବା ଉପଜିଲ୍ଲାପାଳ ଶ୍ରୀ ଭୋଇ ପ୍ରକାଶ କରିଛନ୍ତି।

# ୮୨ ବର୍ଷିୟା ମହିଳାଙ୍କ ଚକ୍ଷୁଦାନ କଲେ ପରିବାର



ରାୟଗଡ଼ା,୧୮।୩(ସମିସ): ରାୟଗଡା ଜିଲ୍ଲାରେ ୮୨ ବର୍ଷିୟ ଜଣେ ବରିଷ୍ଠ ମହିଳାଙ୍କ ଦେହାନ୍ତ ପରେ ତାଙ୍କ ପରିବାର ସଦସ୍ୟମାନେ ତାଙ୍କ ଚକ୍ଷୁଦାନ କରିଛନ୍ତି। ମୃତ ମହିଳା ଜଣକ ହେଲେ ଓଦି ସରସ୍ୱତୀ। ସେ ରାୟଗଡ଼ା ସହରର କସ୍ତୁରୀ ନଗର ୪ର୍ଥ ସାହିରେ ନିଜ ପୁଅ ଓଦି ନାଗେଶ୍ୱର ରାଓ ଓ ବୋହୂଙ୍କ ସହ ରହୁଥିଲେ। ସେ ଜୀବନକାଳରେ ସରଳ, ଧାର୍ମିକ,ମିଷ୍ଟଭାଷୀ ଓ ପରୋପକାରୀ ସ୍ୱଭାବର ଥିଲେ। ସେ ସଦା ସମୟରେ ଅନ୍ୟମାନଙ୍କ ସହାୟତା କରିବାକୁ ଆଗ୍ରହୀ ଥିବାରୁ ପରିବାର ଲୋକମାନେ ତାଙ୍କ ଶେଷ ଇଚ୍ଛାକୁ ସମ୍ମାନ ଦେଇ ଏହି ଚକ୍ଷୁଦାନ ପଦକ୍ଷେପ ନେଇଥିବା କୁହାଯାଉଛି। ଉକ୍ତ ବରିଷ୍ଠ ମହିଳା ନାଗରିକଙ୍କ ଦେହାନ୍ତ ଚଳିତ ମାର୍ଚ୍ଚ ମାସ ୧୫ତାରିଖରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ହୋଇଥିଲା। ପରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଦୃଷ୍ଟିଦାନ ଚକ୍ଷୁ ବ୍ୟାଙ୍କର ଡାକ୍ତରୀ ଦଳ ଆବଶ୍ୟକ ବୈଜ୍ଞାନିକ ପ୍ରଣାଳୀରେ ପ୍ରକ୍ରିୟା ସମ୍ପନ୍ନ କରି ଚକ୍ଷୁ ସଂଗ୍ରହ କରିଥିବା ଚକ୍ଷୁ ବ୍ୟାଙ୍କ ଅଧିକାରୀ ବିଜୟ ବଳ କହିଛନ୍ତି। ପ୍ରକାଶ ଥାଉ କି, ମୃତ ବୃଦ୍ଧା ଓଦି ସରସ୍ୱତୀ ତୃତୀୟ ଚକ୍ଷୁଦାନକାରୀ ହୋଇଥିବା ବେଳେ ଏଥିପୂର୍ବରୁ ଆନ୍ଧ୍ର ପ୍ରଦେଶର ଜି.ତାତାଜୀ ଓ ରାୟଗଡ଼ା ଜିଲ୍ଲା ସଦର ବ୍ଲକ ଚାନ୍ଦିଲି ଥାନା ଅନ୍ତର୍ଗତ ବୀରନାରାୟଣପୁର ଗ୍ରାମର ନୁକା ସାରକାଙ୍କ ପୁଅ ଚାଂଟି ସାରକା ନାମକ ୧୯ ବର୍ଷିୟ ଯୁବକଙ୍କ ଆକସ୍ମିକ ମୃତ୍ୟୁ ପରେ ତାଙ୍କ ପରିବାର ଲୋକେ ମୃତକଙ୍କ ଚକ୍ଷୁଦାନ କରିଥିଲେ।



## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୨.୩୮ ● ପାଉଣ୍ଡ ୧୨୩.୪୦
- ୟୁରୋ ୧୦୬.୫୯ ● ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୪,୯୧୦ (ନୂଆଦିଲ୍ଲୀ)
- ରୁପା : ୨,୭୫,୧୦୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୭୦୪.୦୦
- ନିଫ୍ଟି ୨୩,୭୭୭.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

### ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ

# ଅଧା ଆମେରିକୀୟ ଦେଇପାରୁନାହାନ୍ତି ଘର ଭଡ଼ା

ୱାଶିଂଟନ୍,୧୮।୩(ଏଜେନ୍ସି): ଇରାନ ସହିତ ୧୯ ଦିନିଆ ଯୁଦ୍ଧରେ ଜଡିତ ଆମେରିକାର ଅର୍ଥନୀତି ଧୀରେ ଧୀରେ ବିଗିଡିବାରେ ଲାଗିଛି। ଏଥିରେ ସେଠାକାର ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲିଗଲାଣି। ଯାହାଫଳରେ ଆମେରିକାର ଗୃହ ବଜାରର ସ୍ଥିତି ଖରାପ ହେଲାଣି। ହାଉସିଂ କ୍ଷେତ୍ରରେ ଦେଖାଦେଇଥିବା ସଙ୍କଟ ଆହୁରି ଗଭୀର ହେବାରେ ଲାଗିଛି। ପରିସ୍ଥିତି ବର୍ତ୍ତମାନ ଏମିତି ହୋଇଛି ଯେ ୪୯% ଆମେରିକୀୟ ସେମାନଙ୍କ ନିୟମିତ ଭଡ଼ା କିମ୍ବା ବନ୍ଧକ ବାବଦ ଦେୟ ଦେଇପାରୁନାହାଁନ୍ତି। ଅର୍ଥାତ୍ ଅଧା ଆମେରିକୀୟ ସେମାନଙ୍କର ଘର ଭଡ଼ା ଦେଇପାରୁନାହାଁନ୍ତି। ଏକ ସର୍ଭେ ଅନୁଯାୟୀ, ଗତ ବର୍ଷ ମେ ମାସରେ ଏହି ସଂଖ୍ୟା ୪୪% ଥିଲା, ଯାହା ଗୋଟିଏ ବର୍ଷରୁ କମ୍ ସମୟ ମଧ୍ୟରେ ୫% ବୃଦ୍ଧି ଘଟିଥିବା ଦର୍ଶାଉଛି। ଘର ଭଡ଼ା ଏବଂ ଋଣ ପରିଶୋଧ ପାଇଁ ଟଙ୍କା ସଞ୍ଚୟ କରିବା ଲାଗି ଲୋକଙ୍କୁ ଖାଦ୍ୟ ଉପରେ କଟକଣା ଲଗାଇବାକୁ ପଡୁଛି। ଏପରିକି ସେଠାରେ ଲୋକଙ୍କୁ ଛୁଟି ଛାଡିବାକୁ ପଡୁଛି ଏବଂ ଡାକ୍ତରୀ ଚିକିତ୍ସା ସ୍ଥଗିତ ରଖିବାକୁ ପଡୁଛି।

ରେଡଫିନ୍ ସର୍ଭେ ଅନୁଯାୟୀ, ଜେନ୍ ଜେଡ୍‌ର ୬୭% କିମ୍ବା ନୂତନ ପିଢ଼ି ଘର କିଣିବା କଷ୍ଟକର ପାଉଛନ୍ତି। ଜେନ୍ ଏକ୍ସ ପାଇଁ ଏହି ସଂଖ୍ୟା ୫୩% ଏବଂ ବେବି ବୁମର୍ସ ପାଇଁ ୩୬%। ୧୯୯୭ ରୁ ୨୦୧୨ ମଧ୍ୟରେ ଜନ୍ମିତ ଲୋକଙ୍କୁ ଜେନ୍ ଜେଡ୍ କୁହାଯାଏ। ସେହିପରି ୧୯୬୫ ରୁ ୧୯୮୦ ମଧ୍ୟରେ ଜନ୍ମିତ ଲୋକଙ୍କୁ ଜେନ୍ ଏକ୍ସ କୁହାଯାଏ। ୧୯୪୬






ରୁ ୧୯୬୪ ମଧ୍ୟରେ ଜନ୍ମିତ ପିଢ଼ିକୁ ବେବି ବୁମର୍ସ କୁହାଯାଏ। ଆମେରିକାରେ ବର୍ତ୍ତମାନ ପରିସ୍ଥିତି ଏମିତି ହୋଇଛି ଯେ, ଜେନ୍ ଏକ୍ସଙ୍କୁ ସେମାନଙ୍କର ଜିନିଷପତ୍ର ବିକ୍ରି କରିବାକୁ ପଡୁଛି। ଅନେକ ଯୁବକ ଟଙ୍କା ସଞ୍ଚୟ କରିବା ପାଇଁ ସେମାନଙ୍କ ପିତାମାତାଙ୍କ ଘରକୁ ଯାଉଛନ୍ତି। ପରିସ୍ଥିତି ଏପରି ସ୍ତରରେ ପହଞ୍ଚିଛି ଯେ ଆମେରିକାରେ ଏକ ସାଧାରଣ ଘର କିଣିବା ପାଇଁ ବାର୍ଷିକ ୧୧୧,୦୦୦ ଡଲାର ଆୟ ଆବଶ୍ୟକ, ଯାହା ଦେଶର ମଧ୍ୟମ ପାରିବାରିକ ଆୟ ଅପେକ୍ଷା ୨୫,୦୦୦ ଡଲାର ଅଧିକ। ଆମେରିକାରେ ଗୃହ ନିର୍ମାଣ କ୍ଷେତ୍ର କେବେ ବି ମହଙ୍ଗା ହୋଇନାହିଁ। ଏଭଳି ସ୍ଥିତି ଯୋଗୁ ଆମେରିକା ମାନ୍ଦାବସ୍ଥାରେ ପଡ଼ିବାର ସମ୍ଭାବନା ଧୀରେ ଧୀରେ ବୃଦ୍ଧି ପାଇବାରେ ଲାଗିଛି।

ଫେବୃଆରୀରେ ଆଗାମୀ ୧୨ ମାସରେ ମାନ୍ଦାବସ୍ଥାର ସମ୍ଭାବନା ୪୮.୬ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ୨୦୨୦ ମହାମାରୀ ପରେ ସର୍ବାଧିକ। ଗତ ୬ ମାସରେ ଏହା ୧୫ ପ୍ରତିଶତ ବୃଦ୍ଧି ପାଇଛି। ଏହି ସମ୍ଭାବନା ମୁଡିଜ୍‌ର ଅର୍ଥନୈତିକ ସୂଚକାଙ୍କ ଉପରେ ଆଧାରିତ।

ଆମେରିକାରେ ସମ୍ପ୍ରତି ନିଯୁକ୍ତି ବଜାର ସ୍ଥିତି ଖରାପ ହେବା ପରେ ମାନ୍ଦାବସ୍ଥାର ସମ୍ଭାବନା ବୃଦ୍ଧି ପାଇଛି। ମାର୍ଚ୍ଚ ମାସରେ ଏହା ୫୦ ପ୍ରତିଶତ ଅତିକ୍ରମ କରିବ ବୋଲି ଆଶା କରାଯାଉଛି କାରଣ ଇରାନ ଯୁଦ୍ଧ ଅଶୋଧିତ ତୈଳ ମୂଲ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ଘଟାଇଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ତଥ୍ୟକୁ ଦେଖିଲେ, କୋଭିଡ୍-୧୯ ମହାମାରୀ ବ୍ୟତୀତ ପ୍ରତ୍ୟେକ ମାନ୍ଦାବସ୍ଥା ପୂର୍ବରୁ ତୈଳ ମୂଲ୍ୟ

## ବନ୍ଧକ ବାବଦ ଦେୟ ପଇଠରେ ଖିଲାପ

## ସମସ୍ୟାରେ 'ଜେନ୍ ଜି'

ବୃଦ୍ଧି ପାଇଛି। ଆମେରିକାରେ ତୈଳ ଏବଂ ଗ୍ୟାସ ମୂଲ୍ୟ ସମ୍ପ୍ରତି ଯଥେଷ୍ଟ ବୃଦ୍ଧି ପାଇଛି। ମଙ୍ଗଳବାର ଦେଶରେ ପେଟ୍ରୋଲ ମୂଲ୍ୟ ପ୍ରତି ଗ୍ୟାଲନ୍ ୩.୭୨ ଡଲାରରେ ପହଞ୍ଚିଛି, ଯାହା ୨୦୨୩ ଅକ୍ଟୋବର ୭ ପରଠାରୁ ସର୍ବାଧିକ। ଫେବୃଆରୀ ୨୮ ରେ ଇରାନ ସହିତ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହାର ମୂଲ୍ୟ ପ୍ରତି ଗ୍ୟାଲନ୍ ୭୪ ସେଣ୍ଟ ବୃଦ୍ଧି ପାଇଛି। ଗତ ମାସରେ ମୂଲ୍ୟ ୨୬.୯ ପ୍ରତିଶତ ବୃଦ୍ଧି ପାଇଛି, ଯାହା କାଟ୍ରିନା ହରିକେନ୍ ପରେ ସର୍ବାଧିକ ମାସିକ ବୃଦ୍ଧି ବୋଲଇ କୁହାଯାଉଛି।

# ପୁଣି ରସାତଳକୁ ଗଲା ଟଙ୍କା

## ୧ ଡଲାର= ୯୨.୮୯ ଟଙ୍କା

ମୁମ୍ବଇ, ୧୮।୩(ଏଜେନ୍ସି): ମଧ୍ୟ ପ୍ରାଚ୍ୟ ଅସ୍ଥିରତା ମଧ୍ୟରେ କ୍ରମଶଃ ଦୁର୍ବଳ ହେବାରେ ଲାଗିଚଇ ଭାରତୀୟ ମୁଦ୍ରା 'ଟଙ୍କା'। ବୁଧବାର ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ୪୯ ପଇସା ହ୍ରାସ ଘଟି ଏହା ପ୍ରତି ଡଲାର ୯୨.୮୯ ଟଙ୍କାରେ ବନ୍ଦ ହୋଇଛି। ଆମେରିକା ମୁଦ୍ରାର ସୁଦୃଢ଼ତା ଏବଂ ବିଦେଶୀ ନିବେଶକଙ୍କ ଦ୍ୱାରା ବଜାରରୁ ନିରନ୍ତର ପାଣ୍ଠି ପ୍ରତ୍ୟାହାର ଯୋଗୁଁ ଟଙ୍କା ଚାପରେ ରହିଛି। ଫୋରେକ୍ସ ବ୍ୟବସାୟୀମାନେ କହିଛନ୍ତି ଯେ ପଶ୍ଚିମ ଏସିଆରେ ବଢୁଥିବା ସଂଘର୍ଷ ମଧ୍ୟରେ ବିଶ୍ୱ ବଜାରରେ ଅଶୋଧିତ ତୈଳର ଉଚ୍ଚ ମୂଲ୍ୟ ମଧ୍ୟ ବଜାର ଭାବନାକୁ ଦୁର୍ବଳ କରିଛି। ଆନ୍ତଃବ୍ୟାଙ୍କ ବିଦେଶୀ ମୁଦ୍ରା ବଜାରରେ ଟଙ୍କା ୯୨.୪୨ ରେ କାରବାର ଆରମ୍ଭ କରିଥିଲା ଏବଂ ଅଧିକାଂଶ ସମୟ ପାଇଁ ଏହାର ମୂଲ୍ୟ ୯୨.୪୧-୯୨.୮୯ ସ୍ତରରେ କାରବାର କରିଥିଲା। କାରବାର ଶେଷ ବେଳକୁ ଏହା ପ୍ରତି ଡଲାର ୯୨.୮୯ର ରେକର୍ଡ ସର୍ବନିମ୍ନ ସ୍ତରରେ ବନ୍ଦ ହୋଇଥିଲା, ଯାହା ଏହାର ପୂର୍ବ ବନ୍ଦ ରେକର୍ଡ ଭାଙ୍ଗିଥିଲା।

ଆଜି ଡଲାର ତୁଳନାରେ ଭାରତୀୟ ମୁଦ୍ରା ତୀବ୍ର ହ୍ରାସର ସମ୍ମୁଖୀନ ହୋଇ ଏହାର ମୂଲ୍ୟରେ ୪୯ ପଇସାର ତୀବ୍ର ହ୍ରାସ ଘଟିଥିଲା। ମଙ୍ଗଳବାର କାରବାରରେ ଟଙ୍କା ୯୨.୪୭ର ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିଲା ଏବଂ ଏହା ପ୍ରତି ଡଲାର ୯୨.୪୦ ରେ ବନ୍ଦ ହୋଇଥିଲା। ଫିନରେକ୍ସ ଟ୍ରେଜେରୀ ଆଡଭାଇଜର୍ସ ଏଲଏଲପିର ଟ୍ରେଜେରୀ ମୁଖ୍ୟ ଅନିଲ କୁମାର ବଂଶାଲି କହିଛନ୍ତି, ବିଶ୍ୱର ପ୍ରମୁଖ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ମୁଦ୍ରା ନୀତି ସମୀକ୍ଷା ବୈଠକ ପୂର୍ବରୁ ଟଙ୍କା ଏକ ନୂତନ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହି ସମୟରେ, ବିଶ୍ୱର ୬ଟି ପ୍ରମୁଖ ମୁଦ୍ରା ବିରୁଦ୍ଧରେ ଡଲାର ସ୍ଥିତି ସୁଦୃଢ଼ ରହି, ଡଲାର ସୂଚକାଙ୍କରେ ୦.୦୫% ବୃଦ୍ଧି ପାଇଛି। ବୁଧବାର ବିଶ୍ୱ ତୈଳ ବେଞ୍ଚମାର୍କ ବ୍ରେଣ୍ଟ କ୍ରୁଡ୍ ବ୍ୟାରେଲ ପିଛା ୧୦୩.୪ ଡଲାରରେ ପ୍ରାୟ ସ୍ଥିର ରହିଛି। ଘରୋଇ ଷ୍ଟକ୍ ବଜାର କଥା କହିଲେ, ବିଏସଇ ସେନସେକ୍ସ ୬୩୩.୨୯ ପଏଣ୍ଟ ବୃଦ୍ଧି ପାଇ ୭୬,୭୦୪.୧୩ ପଏଣ୍ଟରେ ବନ୍ଦ ହୋଇଛି, ଯେତେବେଳେ କି ଏନ୍‌ଏସ୍‌ଇ ନିଫ୍‌ଟିରେ ୧୯୬.୪୫ ପଏଣ୍ଟ ବୃଦ୍ଧି ପାଇ ୨୩,୭୭୭.୮୦ ପଏଣ୍ଟରେ ବନ୍ଦ ହୋଇଛି। ଷ୍ଟକ୍ ବଜାର ତଥ୍ୟ ଅନୁଯାୟୀ, ବିଦେଶୀ ମୁଦ୍ରା ହାର ୧୦.୪୫ ପ୍ରତିଶତ ବୃଦ୍ଧି ପାଇ ୧୦.୭୫ ପ୍ରତିଶତ ହୋଇଛି। ବୁଧବାର ଦିନ ବଜାରରେ ସଂସ୍ଥାଗତ ନିବେଶକମାନେ ୨୭୧୪.୩୫ କୋଟି ଟଙ୍କାର ସେୟାର ବିକ୍ରି କରି ନିଟ୍ ବିକ୍ରେତା ଥିଲେ।

### ବଢ଼ିବ କି ସର୍ବନିମ୍ନ ଇପିଏଫ୍ ପେନସନ୍

# ମାସିକ ୧୦୦୦ ଟଙ୍କା ପେନ୍‌ସନ୍ ବହୁତ କମ୍: ସଂସଦୀୟ କମିଟି

ନୂଆଦିଲ୍ଲୀ, ୧୮।୩ (ଏଜେନ୍ସି): ବଢ଼ିବ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ(ଇପିଏଫ୍‌ଓ) ସଦସ୍ୟଙ୍କ ପେନସନ୍। ଇପିଏଫ୍ ସଦସ୍ୟ ପାଉଥିବା ମାସିକ ସର୍ବନିମ୍ନ ପେନ୍‌ସନ୍‌ରେ ପରିବର୍ତ୍ତନ କରିବାକୁ ଯାଉଛନ୍ତି ସରକାର। ଏଥିପାଇଁ ଏକ ସଂସଦୀୟ କମିଟି ସୁପାରିଶ କରିଛି। ଇପିଏଫଓ କର୍ମଚାରୀ ପେନସନ୍ ଯୋଜନା-୧୯୯୫ ଆଧାରରେ ଦୀର୍ଘଦିନ ଧରି ଥିବା ସର୍ବନିମ୍ନ ମାସିକ ପେନସନ ଯୋଜନା ୧୦୦୦ ଟଙ୍କାରେ ପରିବର୍ତ୍ତନ କରିବାକୁ କମିଟି ତରଫରୁ ସୁପାରିଶ କରାଯାଇଛି। ଏହି ସୁପାରିଶ ସେହି ସମୟରେ ହୋଇଛି ଯେତେବେଳେ ପେନ୍‌ସନ୍‌ଧାରୀମାନେ ପେନ୍‌ସନ୍ ରାଶିକୁ ୭୫୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ଦାବି କରୁଛନ୍ତି। କମିଟିର କହିବାନୁଯାୟୀ, ମାତ୍ର ୧୦୦୦ ଟଙ୍କାରେ ଆଜିର ସମୟରେ ଚଳିହେବନି। ଯାହା ଅଧିକ ସମସ୍ୟା ସୃଷ୍ଟି କରିବ।

**ମାସିକ ୭୫୦୦ ଟଙ୍କା କରିବାକୁ ହେଉଛି ଦାବି**

ଗତ ମାର୍ଚ୍ଚ ମାସରେ ବିଭିନ୍ନ ଇପିଏଫ୍ ପେନସନଧାରୀ ଦିଲ୍ଲୀର ଜନ୍ତର ମନ୍ତରଠାରେ ଏକାଠି ହୋଇଥିଲେ। ସେମାନେ ପେନସନ ରାଶିକୁ ୭୫୦୦ ଟଙ୍କା କରିବା ପାଇଁ ଦାବି କରିଥିଲେ। ଇପିଏଫଓ କର୍ମଚାରୀ ପେନ୍‌ସନ୍ ଯୋଜନା-୧୯୯୫ ଆଧାରରେ ଏହି ରାଶି ବୃଦ୍ଧି କରିବାକୁ ସେମାନେ ଦାବି କରିଥିଲେ। ଶ୍ରମ ଏବଂ କୌଶଳ ବିକାଶ ସମ୍ବନ୍ଧିତ ଏକ କମିଟି ନିଜ ୧୫ତମ ରିପୋର୍ଟରେ କହିଛନ୍ତି ଯେ, କର୍ମଚାରୀଙ୍କୁ ସର୍ବନିମ୍ନ ମାସିକ ପେନସନ୍ ମିଳିବା ଆବଶ୍ୟକ। କାରଣ ଅନେକ କର୍ମଚାରୀ ବାର୍ଦ୍ଧକ୍ୟ ଏବଂ ରୋଗରେ ପୀଡିତ। ତେଣୁ ସର୍ବନିମ୍ନ ୧୦୦୦ ଟଙ୍କା ପେନସନ ରାଶି ସବୁ ଅଭାବକୁ ପୂରା କରିପାରିବନାହିଁ। ଅନେକ ପେନସନଭୋଗୀ ସର୍ବନିମ୍ନ ରାଶି ବୃଦ୍ଧି ପାଇଁ ଦାବି କରୁଛନ୍ତି। ଏ ନେଇ କମିଟି ଅଭିଯୋଗ ମଧ୍ୟ ପାଇଛନ୍ତି। କମିଟି ଆହୁରି କହିଛନ୍ତି ଯେ, ବର୍ତ୍ତମାନ ମିଳୁଥିବା ପେନ୍‌ସନ୍ ଆଜିର ସମୟ ପାଇଁ ପର୍ଯ୍ୟାପ୍ତ ନୁହେଁ। ଦରଦାମ ବଢୁଛି। ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେବାକୁ ପଡିବ। ଏବେ ଯେଉଁ ପେନସନ ମିଳୁଛି ତାହା ପର୍ଯ୍ୟାପ୍ତ ନୁହେଁ କିମ୍ବା ଅଭାବକୁ ପୂରଣ କରିବାରେ ଅସମର୍ଥ। ତେଣୁ କମିଟି କେନ୍ଦ୍ର ଶ୍ରମ ମନ୍ତ୍ରାଳୟକୁ ସର୍ବନିମ୍ନ ପେନସନ ବୃଦ୍ଧି ପାଇଁ ସୁପାରିଶ କରିଛି।

ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ, ସରକାର ପୂର୍ବରୁ ଅନେକ ଯୋଜନାରେ ପେନ୍‌ସନ୍‌ଭୋଗୀଙ୍କୁ ସହାୟତା ଦେଉଛନ୍ତି। ଏଥିରେ ଇପିଏଫଓରେ ପ୍ରଦାନ କରାଯାଉଥିବା ୧୦୦୦ ଟଙ୍କା ସାମିଲ ଅଛି। ତେଣୁ ଏହି ଅର୍ଥରାଶିର ତୁରନ୍ତ ସମୀକ୍ଷା କରାଯିବା ଆବଶ୍ୟକ। ଏହାକୁ ସମ୍ମାନଜନକ ସ୍ତରକୁ ଆଣିବା ଜରୁରୀ। ଠିକାଶ୍ରମିକଙ୍କୁ ଇପିଏଫ୍‌ଓ ଏବଂ ଇଏସ୍‌ଆଇ ସୁବିଧା ମିଳିବା ଦରକାର ବୋଲି କମିଟି ସୁପାରିଶ କରିଛି।

# ଏସିଆନ୍ ପେଣ୍ଟ୍‌ସ୍‌ର ଡ୍ୟାମ୍ପ ପ୍ରୁଫ୍ ଅଭିଯାନ

ନୂଆଦିଲ୍ଲୀ,୧୮।୩(ଏଜେନ୍ସି): ଏସିଆନ୍ ପେଣ୍ଟ୍‌ସ୍ ପକ୍ଷରୁ ଡ୍ୟାମ୍ପ ପ୍ରୁଫ୍ ନାମରେ ଏକ ପ୍ରଚାର ଅଭିଯାନ ଆରମ୍ଭ କରାଯାଇଛି। ୧୩ବର୍ଷରୁ ଅଧିକ କାଳ ଧରି ଏସିଆନ୍ ପେଣ୍ଟସ ଡ୍ୟାମ୍ପ ପ୍ରୁଫ୍ ବାସଗୃହ ମାଲିକମାନଙ୍କୁ ସେମାନଙ୍କ ବାସଗୃହଗୁଡିକୁ ପାଣି ଝରିବା ଏବଂ ପ୍ରତିକୂଳ ପାଗ ପରିସ୍ଥିତିରେ ସୁରକ୍ଷା ଦେବାରେ ସହାୟତା କରିଆସୁଛି। ଏହି ସମାଧାନ ଏକ ମୋଟା ୱାଟର ପ୍ରୁଫିଂ ଆସ୍ତରଣ ସୃଷ୍ଟି କରିଥାଏ ଯାହା କାନ୍ଥରେ ଭେଦ କରିବାକୁ ରୋକିଥାଏ ଏବଂ ଭାରତର ପ୍ରତିକୂଳ ଜଳବାୟୁରେ ଦୀର୍ଘସ୍ଥାୟୀ ସୁରକ୍ଷା ପ୍ରଦାନ କରିଥାଏ ବ୍ରାଣ୍ଡର ସଦ୍ୟତମ ଚଳଚ୍ଚିତ୍ରରେ ରଣବୀର କପୁର ଏବଂ ସୌରଭ ଶୁକ୍ଳା ସ୍ଥାନ ପାଇଥିବାବେଳେ ଏହା ବୁଦ୍ଧିମାନ, ମଜାଦାର ତଥା ତୀବ୍ର ବାକ୍ୟ ବିନିମୟ ହେଉଥିବା ଜୀବନ୍ତ କାହାଣୀ ବର୍ଣ୍ଣନା କରୁଛି। ବାସଗୃହ ମାଲିକମାନଙ୍କର ଦୈନନ୍ଦିନ ଚିନ୍ତାରୁ ସୃଷ୍ଟି ଏହି ଚଳଚ୍ଚିତ୍ର ମୌସୁମୀ ଋତୁରେ ଟେରାସ୍‌ରୁ ପାଣି ଝରିବା ଠାରୁ ନେଇ ଖୋଲା ଛାତର ତାପମାତ୍ରା ପର୍ଯ୍ୟନ୍ତ ସାଧାରଣ ସମସ୍ୟାଗୁଡିକୁ ଧରି ରଖିଛି ଏବଂ ସେଗୁଡିକୁ ଏକ ନିୟୋଜନକାରୀ ତଥା ଆମୋଦକାରୀ କଥୋପକଥନରେ ପରିବର୍ତ୍ତିତ କରୁଛି।

# ଜୟଆଲୁକ୍କାସ୍‌ର ମେକିଂ ଚାର୍ଜରେ ସିଧା ୪୦% ରିଆତି

ଭୁବନେଶ୍ୱର,୧୮।୩(ସମିସ): ଅଳଙ୍କାର ବ୍ରାଣ୍ଡ ଜୟଆଲୁକ୍କାସ୍ ଏହାର ଗ୍ରାହକମାନଙ୍କ ଲାଗି ଏକ ବିଶେଷ ସୀମିତ ସମୟର ଅଫର୍ ଘୋଷଣା କରିଛି। ଏଥିରେ ଗ୍ରାହକମାନେ ସମସ୍ତ ଜୁଏଲାରୀ କଲେକ୍‌ସନ୍‌ର ସୁବିସ୍ତୃତ ରେଞ୍ଜରେ ମେକିଂ ଚାର୍ଜ ଉପରେ ସିଧା ୪୦% ରିଆତି ଉପଭୋଗ କରିପାରିବେ। ଏହି ଅଫର୍ ୧୮ ମାର୍ଚ୍ଚରୁ ୨୨ ମାର୍ଚ୍ଚ ପର୍ଯ୍ୟନ୍ତ ଜୟଆଲୁକ୍କାସ୍‌ର ଶୋ'ରୁମଗୁଡିକରେ ଉପଲବ୍ଧ ରହିବ। ସମୟ ଅତୀତ ପାରମ୍ପରିକ ଡିଜାଇନରୁ ଆଧୁନିକ ସୃଷ୍ଟି ପର୍ଯ୍ୟନ୍ତ ଏହି ଅଫରରେ ଗ୍ରାହକମାନେ ଅତିରିକ୍ତ ମୂଲ୍ୟ ସହିତ ଅଳଙ୍କାରରେ ନିବେଶ କରିବା ପାଇଁ ଉତ୍ତମ ସୁଯୋଗ ପାଇବେ। ଏହାବାଦ୍ ଜୟଆଲୁକ୍କାସ୍ ୧୮ ମାର୍ଚ୍ଚରୁ ୧୮ ଅପ୍ରେଲ ପର୍ଯ୍ୟନ୍ତ ଭବିଷ୍ୟତ୍ କ୍ରୟ ପାଇଁ ଯୋଜନା କରୁଥିବା ଲୋକମାନଙ୍କ ପାଇଁ ଏକ ଏକ୍ସକ୍ଲୁସିଭ ଆଡଭାନ୍ସ ବୁକିଂ ଅଫର ଆରମ୍ଭ କରୁଛି। ଗ୍ରାହକମାନେ କେବଳ ୧୦% ପୂର୍ବ ରାଶି ଦେଇ ବର୍ତ୍ତମାନ ସୁନା ଦରକୁ ଚଳିତବର୍ଷ ମେ' ୨ ତାରିଖ ପର୍ଯ୍ୟନ୍ତ ସୁରକ୍ଷିତ ରଖିପାରିବେ, ଯାହା ଅଧିକ ଲଚିଲତା ଏବଂ ସୁନା ମୂଲ୍ୟର ସମ୍ଭାବ୍ୟ ତରଙ୍ଗ ରୋଧ କରିବାରେ ସାହାଯ୍ୟ କରିବ। ଅଭିଯାନ ସମ୍ପର୍କରେ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ଡଃ ଜୟଆଲୁକ୍କାସ୍ କହିଛନ୍ତି, ଏହା ଅଳଙ୍କାର କ୍ରୟ ପାଇଁ ଏକ ଦୃଢ଼ ଏବଂ ଗୁରୁତ୍ୱପୂର୍ଣ୍ଣ ସମୟ କାରଣ ଅନେକ ଗ୍ରାହକ ବିବାହ, ବିଶେଷ ଅବସର ଏବଂ ଦୀର୍ଘକାଳୀନ ନିବେଶ ପାଇଁ ପୂର୍ବରୁ ଯୋଜନା କରିଥାନ୍ତି। ଜୟଆଲୁକ୍କାସ୍‌ରେ ଆମେ କେବଳ ଅସାଧାରଣ ଅଳଙ୍କାର ନୁହେଁ, ବରଂ ଅର୍ଥପୂର୍ଣ୍ଣ ମୂଲ୍ୟ ମଧ୍ୟ ପ୍ରଦାନ କରିବାରେ ପ୍ରତିବଦ୍ଧ।

Joyalukkas
World's favourite jeweller

**ଏକ୍ସକ୍ଲୁସିଭ ଆଡଭାନ୍ସ ଗୋଲ୍ଡ ବୁକିଂ ଅଫର**

# ନାଲକୋ ପକ୍ଷରୁ ସର୍ବଭାରତୀୟ ବିକ୍ରେତା ସମ୍ମିଳନୀ




ଭୁବନେଶ୍ୱର, ୧୮।୩(ସମିସ): ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ପକ୍ଷରୁ ଭୁବନେଶ୍ୱରଠାରେ ଏକ ସର୍ବଭାରତୀୟ ବିକ୍ରେତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜାତୀୟ ଏସସି-ଏସଟି ହବ୍ (ଏନଏସଏସଏଚଓ), ଏମଏସଏମଇ, ଭାରତୀୟ ପ୍ରାପ୍ୟ ବିନିମୟ ଲିମିଟେଡ୍ (ଆରଏକ୍ସଆଇଏଲ), ଏବଂ ସରକାରୀ ଇ-ମାର୍କେଟ ପ୍ଲେସ (ଜିଇଏମ) ସମେତ ପ୍ରମୁଖ ଅଂଶୀଦାରମାନଙ୍କୁ ନେଇ ଉପସ୍ଥାପନା ଏବଂ ମତ ବିନିମୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ବୈଠକରେ ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ଅଧ୍ୟକ୍ଷତା କରିଥିଲେ। ଏଥିରେ ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ଉତ୍ପାଦନ), ଅଭୟ କୁମାର ବେହୁରିଆ, ନିର୍ଦ୍ଦେଶକ (ଅର୍ଥ), ଅନିଲ କୁମାର ସିଂହ, ନିର୍ଦ୍ଦେଶକ (ବାଣିଜ୍ୟିକ)ଙ୍କ ସମେତ ପି.କେ. ଗୁପ୍ତା, ନିର୍ଦ୍ଦେଶକ (ଏମଏସଏମଇ.-ଡିଏଫଓ) ପ୍ରମୁଖ ଉପସ୍ଥିତ ରହି ଅଭିଭାଷଣ ପ୍ରଦାନ କରିଥିଲେ।

# କଟକରେ ବିଦ୍ୟୁତ୍ ଭିତ୍ତିଭୂମିକୁ ସୁଦୃଢ଼ କଲା ଟିପିସିଓଡିଏଲ

ଭୁବନେଶ୍ୱର,୧୮।୩(ସମିସ): ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ସଫଳତାର ସହ କଟକରେ ଇଏଚଟି ଟାୱାର ସ୍ଥାନାନ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିଛି, ଯାହା ସହରର ବିଦ୍ୟୁତ୍ ବିତରଣ ଭିତ୍ତିଭୂମିକୁ ଯଥେଷ୍ଟ ସୁଦୃଢ଼ କରିଛି। ଏହି ପ୍ରକଳ୍ପର ଅଂଶବିଶେଷ ସ୍ୱରୂପ, ପାୱାର ନେଟୱାର୍କର ବିଶ୍ୱସନୀୟତା ଏବଂ ସହନଶୀଳତା ବୃଦ୍ଧି କରିବା ପାଇଁ ଦୁଇଟି ୩୩ କେଭି ୪ - ୱେ ରିଙ୍ଗ୍ ମେନ୍ ୟୁନିଟ୍ ସହିତ ୧୦.୫ କିଲୋମିଟର ଭୂତଳ କେବୁଲ୍ କାର୍ଯ୍ୟକ୍ଷମ କରାଯାଇଛି। ସହରର ପ୍ରମୁଖ ଅଞ୍ଚଳଗୁଡ଼ିକରେ ବିଶ୍ୱସନୀୟ ବିଦ୍ୟୁତର ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିକାଶକୁ ସହାୟତା କରିବା ପାଇଁ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। ଏହି ନୂତନ ବ୍ୟବସ୍ଥା ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲ, ରେଭେନ୍ସା ବିଶ୍ୱବିଦ୍ୟାଳୟ, ନ୍ୟାସନାଲ ଲ ୟୁନିଭରସିଟି ଓଡ଼ିଶା ଏବଂ କଟକ ରେଲୱେ ଷ୍ଟେସନ ଭଳି ପ୍ରମୁଖ ଅନୁଷ୍ଠାନଗୁଡ଼ିକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରିବ।

# ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଓମେନ୍‌ସ ସ୍ମଲ୍ ବିଜନେସ୍ ବ୍ୟାଙ୍କିଙ୍ଗ ଅଭିଯାନ

ମୁମ୍ବଇ,୧୮।୩: ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଓମେନ୍‌ସ ସ୍ମଲ୍ ବିଜନେସ୍ ବ୍ୟାଙ୍କିଙ୍ଗର ଶୁଭାରମ୍ଭ କରାଯାଇଛି। ମହିଳାଙ୍କ ନେତୃତ୍ୱାଧୀନ ସଂସ୍ଥାଗୁଡ଼ିକୁ ସୁଲଭ ଓ ଢ଼ାଂଚାଗତ ଆର୍ଥିକ ସମାଧାନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ଉତ୍ସର୍ଗୀକୃତ ଅଭିଯାନ ପ୍ରସ୍ତୁତ କରାଯାଇଛି। ଏଥିରେ ବ୍ୟାପକ ବ୍ୟାଙ୍କିଙ୍ଗ ଓ ଚଳନ୍ତୀ ଖାତା ସୁବିଧା ମିଳିବ। ଏହା ମହିଳାଙ୍କ ମାଲିକାନାର ବ୍ୟବସାୟର ଅଭିବୃଦ୍ଧି ଓ ସ୍ଥାୟିତ୍ୱକୁ ସମର୍ଥନ କରିବା ପାଇଁ ଏକ ସାମଗ୍ରିକ ବ୍ୟାଙ୍କିଂ ଅନୁଭୂତି ପ୍ରଦାନ କରିବ। ଏହି ଅଭିଯାନରେ ମହିଳାଙ୍କ ଦ୍ୱାରା ପରିଚାଳିତ ଏମଏସଏମଇଗୁଡ଼ିକ ଅଗ୍ରାଧିକାର ଭିତ୍ତିକ ମୂଲ୍ୟ, ସମ୍ଭାବ୍ୟ ସୁଧ ହାର ଲାଭ ଆଦି ସିକ୍ୟୁରଡ୍ ଓ କ୍ରେଡିଟ୍ ଗ୍ୟାରେଂଟି ଋଣ ଉପରେ ପାଇପାରିବେ। ଏଥି ସହିତ ଦୈନନ୍ଦୀନ ବ୍ୟବସାୟ କାରବାର ଓ ନଗଦ ପରିଚାଳନାକୁ ସମର୍ଥନ କରିବା ପାଇଁ ଚଳନ୍ତୀ ଖାତା ଲାଭ ମିଳିବ।

# ଏସ୍‌ଆର୍‌ଏମ୍‌ଆଇଏସ୍‌ଟି ଅନ୍ତର୍ଜାତୀୟ ନର୍ସିଂ ସମ୍ମିଳନୀ

ମୁମ୍ବଇ,୧୮।୩: ସାଂସ୍କୃତିକ ଦକ୍ଷତା ଏକ ହାଲୁକା ଦକ୍ଷତା ନୁହେଁ; ଏହା ପ୍ରକୃତରେ ରୋଗୀ-କୈନ୍ଦ୍ରିକ ସ୍ୱାସ୍ଥ୍ୟସେବାର ମୂଳଦୁଆ ବୋଲି ଏସ୍‌ଆର୍‌ଏମ୍‌ଆଇଏସ୍‌ଟି ଆନ୍ତର୍ଜାତୀୟ ନର୍ସିଂ ସମ୍ମିଳନୀରେ ଯୋଗଦେଇ ହେଲଥବ୍ରିଜ୍‌ର ପ୍ରତିଷ୍ଠାତା ଏବଂ ଭାରତର ଗ୍ଲେନିଗଲ୍ସ ହସ୍ପିଟାଲର ପୂର୍ବତନ କଣ୍ଟ୍ରି ନର୍ସିଂ ନିର୍ଦ୍ଦେଶକ ଡକ୍ଟର ଜୋଥି କ୍ଲାରା ମାଇକେଲ୍ କହିଛନ୍ତି। ଏହି ସମ୍ମିଳନୀ କଟ୍ଟାନକୁଲାଥୁରର ଏସ୍‌ଆର୍‌ଏମ୍ ମେଡିକାଲ କଲେଜ କ୍ୟାମ୍ପସର ହିପୋକ୍ରେଟ୍ସ ଅଡିଟୋରିୟମ୍‌ରେ ଉଦ୍‌ଘାଟିତ ହୋଇଥିଲା। ଏଥିରେ ଏସ୍‌ଆର୍‌ଏମ୍ ମେଡିକାଲ କଲେଜ ହସ୍ପିଟାଲ ଏବଂ ଗବେଷଣା କେନ୍ଦ୍ରର ଡିନ୍ (ମେଡିକାଲ୍) ପ୍ରଫେସର ଡକ୍ଟର ଆର. ଜୟନ୍ତୀ, ଏସ୍‌ଆର୍‌ଏମ୍ କଲେଜ ଅଫ୍ ନର୍ସିଂର ଡିନ୍ ପ୍ରଫେସର (ଡକ୍ଟର) ହେଲେନ୍ ଶାଜି ଜେ.ସି., କାନାଡାର ଡାଲହାଉସି ବିଶ୍ୱବିଦ୍ୟାଳୟର ବିଶ୍ୱବିଦ୍ୟାଳୟ ଶିକ୍ଷାଦାନ ଫେଲୋ ଏବଂ ସ୍ନାତକ ଅଧ୍ୟୟନ ଏକାଡେମିକ୍ସର ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ଶୀନା ହୌକ, କାନାଡାର ଡାଲହାଉସି ବିଶ୍ୱବିଦ୍ୟାଳୟର ନର୍ସିଂ ସ୍କୁଲର ନିର୍ଦ୍ଦେଶକ ଏବଂ ସହାୟକ ଡିନ୍ (ଗବେଷଣା), ସ୍ୱାସ୍ଥ୍ୟ ଫ୍ୟାକଲ୍ଟିର ସହାୟକ ଡିନ୍ (ଗବେଷଣା) ପ୍ରଫେସର ରୁଥ୍ ମାର୍ଟିନ୍-ମିସେନର ପ୍ରମୁଖ ଯୋଗଦେଇଥିଲେ।




# ସ୍ୱିଗୀ 'ସି ଦ ଚେଞ୍ଜ' ୨୦୨୬ କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୮।୩ (ସମିସ): ଭାରତର ରନ୍ଧନ କଳା ଓ ବ୍ୟବସାୟ ପରିଦୃଶ୍ୟକୁ ନୂଆ ରୂପ ଦେଉଥିବା ମହିଳାମାନଙ୍କୁ ସମ୍ମାନିତ କରିବା ପାଇଁ ଭାରତର ଅନ୍-ଡିମାଣ୍ଡ କନ୍‌ଭିନିଏନ୍ସ ପ୍ଲାଟଫର୍ମ ସ୍ୱିଗି ପକ୍ଷରୁ ନିକଟରେ ନୂଆଦିଲ୍ଲୀଠାରେ 'ସି ଦ ଚେଞ୍ଜ'ର ୨୦୨୬ ସଂସ୍କରଣର ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ବ୍ୟକ୍ତିଙ୍କ ମଧ୍ୟରେ ଭୁବନେଶ୍ୱରର ଲିପ୍ସା ଶତପଥୀ ଓ ତମସା ମିଶ୍ର ଅନ୍ତର୍ଭୁକ୍ତ ଅଛନ୍ତି। 'ଫ୍ରମ ଭିଜନ ଟୁ ଭେଂଚର' ଟ୍ୟାଗ୍‌ଲାଇନ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଗଜେନ୍ଦ୍ର ସିଂହ ଶେଖାୱତ ଓ ସ୍ୱିଗିର ସହ-ପ୍ରତିଷ୍ଠାତା, ଏମ୍‌ଡି ଓ ଗ୍ରୁପ ସିଇଓ ଶ୍ରୀହର୍ଷା ମାଜେଟି ଦୁଇଟି ବର୍ଗ ଯଥା ଏଂଟ୍ରପ୍ରେନ୍ୟୋର ଅଫ୍ ଦ ଇୟର ଓ ସେଫ୍ ଅଫ୍ ଦ ଇୟରରେ ଏଫଆଣ୍ଡବି ଇଣ୍ଡଷ୍ଟ୍ରୀର ୨୮ ଜଣ ମହିଳାଙ୍କୁ ସମ୍ମାନିତ କରିଛନ୍ତି। ଏହି ସମ୍ମାନଗୁଡିକ ରନ୍ଧନ କଳା କ୍ଷେତ୍ରରେ ଉଦ୍ଭାବନ ଓ ବ୍ୟବସାୟିକ ସଫଳତା ପ୍ରତି ସେମାନଙ୍କର ଅବଦାନକୁ ସ୍ୱୀକୃତି ପ୍ରଦାନ କରିଛି। ଲିପ୍ସା ଓ ତମସା ଏକ ହୋମ୍ କିଚେନ ଭାବେ ଭିଡମ୍ପଲିଙ୍ଗ ଡାଇନାଷ୍ଟିର ଆରମ୍ଭ କରିଥିଲେ।

# ହୋଣ୍ଡା କାରର୍ସ ଇଣ୍ଡିଆ ପକ୍ଷରୁ ସର୍ବଭାରତୀୟ ଟେଷ୍ଟ ରନ୍ ଆରମ୍ଭ




ଭୁବନେଶ୍ୱର,୧୮।୩ : ଭାରତରେ ପ୍ରିମିୟମ କାର୍‌ର ଏକ ଅଗ୍ରଣୀ ନିର୍ମାତା ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚସିଆଇଏଲ), ଏହାର ଆଗାମୀ ବ୍ୟାଟେରୀ ଇଲେକ୍ଟ୍ରିକ ଭେଇକିଲ (ବିଇଭି) ଏସୟୁଭିର ପ୍ରଥମ ସର୍ବଭାରତୀୟ ସ୍ତରୀୟ ଟେଷ୍ଟ ରନ୍‌ର ଆରମ୍ଭ କରିଛି। ଏହା ହୋଣ୍ଡାର ଇଲେକ୍ଟ୍ରିକ ମୋବିଲିଟି ଯାତ୍ରାରେ ଏବଂ ଭାରତୀୟ ଗ୍ରାହକଙ୍କ ପାଇଁ ଏକ ନୂଆ ଇଲେକ୍ଟ୍ରିକ ଏସୟୁଭିର ଭବିଷ୍ୟତ ଉନ୍ମୋଚନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପର ଆରମ୍ଭ କରିଛି। ବିଶ୍ୱବ୍ୟାପୀ ହୋଣ୍ଡା ଜିରୋ ଆଲଫା ଭାବେ ପରିଚିତ ଏହି ମଡେଲର ପ୍ରୋଟୋଟାଇପକୁ ଜାପାନ ମୋବିଲିଟି ଶୋ ୨୦୨୫ରେ ଉନ୍ମୋଚନ କରାଯାଇଥିଲା। ଏହି ଟେଷ୍ଟିଂ ପ୍ରୋଗ୍ରାମ ଜାତୀୟ ରାଜପଥ, ସହରାଞ୍ଚଳ ରାସ୍ତା ଓ ଆହ୍ୱାନପୂର୍ଣ୍ଣ ଭୂଭାଗ ସମେତ ଭାରତୀୟ ଚାଳନା ସ୍ଥିତିର ଏକ ବିସ୍ତୃତ ଶୃଙ୍ଖଳାରେ ଏହି ଯାନକୁ ମୂଲ୍ୟାୟନ କରିବ ବୋଲି ହୋଣ୍ଡା କାର୍‌ସ ଇଣ୍ଡିଆର ଅଧ୍ୟକ୍ଷ ଓ ସିଇଓ ତାକାସି ନାକାଜିମା କହିଛନ୍ତି।

# ଏଏମ୍ / ଏନ୍‌ଏସ୍ ଇଣ୍ଡିଆକୁ ୭ଟି ପୁରସ୍କାର



ଭୁବନେଶ୍ୱର, ୧୮।୩(ସମିସ): ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ର ଘୋରାବୁରହାଣି- ସାଗାସାହି ଏବଂ ଠାକୁରାଣୀ ଲୁହାପଥର ଖଣି ୪୩ତମ ବାର୍ଷିକ ମେଟାଲିଫେରସ୍ ମାଇନ୍ସ ସେଫ୍ଟି ଫୋର୍ଟନାଇଟ୍ ୨୦୨୫ରେ ଏକାଧିକ ବର୍ଗରେ ଅସାଧାରଣ ନିରାପତ୍ତା, ଦୀର୍ଘସ୍ଥାୟିତ୍ୱ ଏବଂ ଦକ୍ଷତାର ପ୍ରଦର୍ଶନ ପାଇଁ ସାତୋଟି ପୁରସ୍କାର ହାସଲ କରିଛି । ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟ (ଡିଜିଏମ୍‌ଏସ୍), ଭୁବନେଶ୍ୱର କ୍ଷେତ୍ର ୧ ଏବଂ କ୍ଷେତ୍ର ୨ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୧୪ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା ।ଠାକୁରାଣୀ ଖଣି ୪ଟି ପୁରସ୍କାର ହାସଲ କରିଛି, ଯେଉଁଥିରେ ନିରାପତ୍ତା ଏବଂ ଉତ୍କର୍ଷତା ପ୍ରତି ଉତ୍ସର୍ଗୀକୃତ ମନୋଭାବ ପାଇଁ, ସୁରକ୍ଷା ପରିଚାଳନା ଯୋଜନା, ନିରାପତ୍ତା ଏବଂ ବୈଧାନିକ ଅନୁପାଳନ ବର୍ଗରେ ପ୍ରଥମ ପୁରସ୍କାର, ଲିଡ୍ ଇଣ୍ଡିକେଟର, ଜରୁରୀକାଳୀନ ପ୍ରସ୍ତୁତି, ମକ୍ ଡ୍ରିଲ୍ ଏବଂ ଦୁର୍ଘଟଣା ପରିସଂଖ୍ୟାନ ବର୍ଗରେ ଦ୍ୱିତୀୟ ପୁରସ୍କାର, ନବସୃଜନ ଏବଂ ଡିଜିଟାଇଜେସନ୍ ବର୍ଗରେ ଦ୍ୱିତୀୟ ପୁରସ୍କାର ଏବଂ ମେକାନିକାଲ୍ ରକ୍ଷଣାବେକ୍ଷଣ ବର୍ଗରେ ତୃତୀୟ ପୁରସ୍କାର ଅନ୍ତର୍ଭୁକ୍ତ ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟାର ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ଦାନଧର୍ମ କରନ୍ତୁ।

## ଆଜିର ଐତିହ୍ୟ

- ୧୯୨୦- ଆମେରିକୀୟ ସିନେଟ୍ ବର୍ସାୟ ସନ୍ଧିକୁ ଖାରଜ କରିଦେଲା।
- ୧୯୭୨- ଭାରତ ବାଂଲାଦେଶ ମୈତ୍ରୀ ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୮୨- ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଜେବି କୃପାଳିନୀଙ୍କ ଦେହାନ୍ତ।
- ୨୦୧୩- ବ୍ରାଜିଲ୍‌ରେ ରିଓଡି ଜେନେରିଓରେ ଭୂସ୍ଖଳନରେ ୧୪ଜଣ ଲୋକଙ୍କ ମୃତ୍ୟୁ।

# ମେଣ୍ଢା ଚରେଇବା ପାଇଁ ୬ ମାସ ଯାତ୍ରା



ଅନେକ ଲୋକ ସେମାନଙ୍କ ନିଆରା କାର୍ଯ୍ୟ ଶୈଳୀ ପାଇଁ ଜଣାଯାନ୍ତି। ଉତ୍ତରପ୍ରଦେଶ ଫତେହପୁରର ବାବୁଲାଲ ପାଲ ମଧ୍ୟ ତାଙ୍କର ନିଆରା କାମ ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ବାବୁଲାଲ ଜଣେ ମେଷ ପାଳକ। ସେ ତାଙ୍କ ମେଣ୍ଢାଗୁଡ଼ିକୁ କେବଳ ଚରାଇବା ପାଇଁ ବର୍ଷକରେ ଛଅମାସ ଉତ୍ତର ପ୍ରଦେଶରୁ ମଧ୍ୟ ପ୍ରଦେଶ ଯାତ୍ରା କରନ୍ତି। ଉତ୍ତର ପ୍ରଦେଶରେ ଅଧିକ ପାହାଡ଼, ଜଙ୍ଗଲ ନ ଥିବାରୁ ସେ ନିଜର ଶତାଧିକ ମେଣ୍ଢାଗୁଡ଼ିକୁ ଚରାଇବାକୁ ମଧ୍ୟ ପ୍ରଦେଶ ନେଇ ଯାଆନ୍ତି। ୬୦ ବର୍ଷିୟ ବାବୁଲାଲ୍‌ଙ୍କ କହିବାନୁଯାୟୀ, ନବରାତ୍ରୀରୁ ସେ ତାଙ୍କର ୫୦୦ ମେଣ୍ଢାଙ୍କୁ ଧରି ଘରୁ ବାହାରି ଆସନ୍ତି। ଯେଉଁଠି, ଜଙ୍ଗଲ ପାହାଡ଼ ଦେଖନ୍ତି ସେଠାରେ ମେଣ୍ଢାଗୁଡ଼ିକୁ ଚରାନ୍ତି। ସମୟ ସରିଗଲା ପରେ ସେ ପୁଣିଥରେ ମେଣ୍ଢା ଧରି ଘରକୁ ପ୍ରତ୍ୟାବର୍ତ୍ତନ କରନ୍ତି। କାରଣ ଏହି ସମୟରେ ତାଙ୍କ ଅଞ୍ଚଳରେ ଜମିରେ ଚାଷ କାର୍ଯ୍ୟ ଚାଲେ। ଏପରି ସ୍ଥଳେ ମେଣ୍ଢାମାନଙ୍କୁ ଜମିରେ ଚରାଇବା ସମ୍ଭବ ହୁଏ ନାହିଁ। ଏଥିପାଇଁ ସେ ବାଧ ହୋଇ ମେଣ୍ଢାଗୁଡ଼ିକୁ ଚରାଇବା ପାଇଁ ମଧ୍ୟପ୍ରଦେଶକୁ ନେଇ ଆସନ୍ତି। ନବରାତ୍ରୀ ତଥା ଅକ୍ଟୋବରରୁ ନଭେମ୍ବର ମାସରେ ସେ ମେଣ୍ଢା ପଲଙ୍କୁ ଧରି ବାହାରନ୍ତି। ପାଖାପାଖି ଛଅମାସ ପରେ ହୋଲି ପୂର୍ବରୁ ଘରେ ପହଞ୍ଚି ଯାଆନ୍ତି। କାରଣ ଏହାରି ମଧ୍ୟରେ ଫସଲ କଟାକଟି ସରି ଯାଇଥାଏ। ଫଳରେ ତାଙ୍କ ଅଞ୍ଚଳରେ ଖରା ଓ ବର୍ଷାଦିନେ ମେଣ୍ଢା ଚରାଇବା ସୁବିଧାଜନକ ହୋଇଥାଏ। କେବଳ ମେଣ୍ଢାମାନଙ୍କୁ ଚରାଇବା ଉଦ୍ଦେଶ୍ୟରେ ତାଙ୍କୁ ଘରୁ ପାଞ୍ଚରୁ ଛଅ ମାସ ବାହାରେ ରହିବାକୁ ପଡ଼େ। ସେ ଯେଉଁଠାରେ ରୁହନ୍ତି ସ୍ଥାନୀୟ ଲୋକେ ତାଙ୍କୁ ଅଟା, ଚାଉଳ, ପାଣି ଆଦି ଯୋଗାଇ ଦିଅନ୍ତି। ଖାଦ୍ୟପାନୀୟ ସାମଗ୍ରୀ ଏବଂ ମେଣ୍ଢାଗୁଡ଼ିକର ଔଷଧ ପତ୍ର ଆଦି ସେ ଘୋଡ଼ାରେ ଲଦି ଆଣନ୍ତି। କେବଳ ସେ ନୁହଁନ୍ତି, ତାଙ୍କର ପୂର୍ବପୁରୁଷ ମଧ୍ୟ ଏହି କାର୍ଯ୍ୟ କରୁଥିବା ବାବୁଲାଲ କହିଛନ୍ତି। ସେ ୫୦୦ ମେଣ୍ଢାଙ୍କୁ ନେଇ ଛଅମାସ ଧରି ଶହ ଶହ କିଲୋମିଟର ଯାତ୍ରା କରନ୍ତି। ତାଙ୍କ ସହ ଆଉ ଚାରିଜଣ ମଧ୍ୟ ଥାଆନ୍ତି। ସେ ଏକାକୀ ୫୦୦ ମେଣ୍ଢାଙ୍କୁ ଚରାଇବା ସମ୍ଭବ ନୁହେଁ ବୋଲି ବାବୁଲାଲ କୁହନ୍ତି।

# 'ୱେଲକମ୍ ଟୁ ଜଙ୍ଗଲ' ରିଲିଜ୍ ପୂର୍ବରୁ 'ୱେଲକମ୍ ୪' କାମ ଆରମ୍ଭ

ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ହାତରେ ଏବେ ଏକାଧିକ ଫିଲ୍ମ ରହିଛି। ତନ୍ମଧ୍ୟରେ 'ଭାଗମ୍ ଭାଗ୍ ୨', 'ହେରାଫେରି ୩', 'ହୈବାନ୍', 'ଭୂତ୍ ବଙ୍ଗଲା', 'ୱେଲକମ୍ ଟୁ ଦ ଜଙ୍ଗଲ' ଆଦି ଫିଲ୍ମ ରହିଛି। 'ୱେଲକମ୍ ଟୁ ଦ ଜଙ୍ଗଲ' 'ୱେଲକମ୍' ସିରିଜ୍‌ର ତୃତୀୟ ଫିଲ୍ମ। ଏଥିରେ ଏକାଧିକ କଳାକାର ଅଭିନୟ କରୁଥିବାରୁ ଦର୍ଶକେ ଏବେ ଏହାର ରିଲିଜ୍‌କୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ଫିଲ୍ମର ସୁଟିଂ ସରି ଯାଇଛି। କେବଳ ଗୋଟିଏ ଗୀତର ସୁଟିଂ ବାକି ଅଛି। ଦର୍ଶକେ 'ୱେଲକମ୍' ସିରିଜ୍‌ର ତୃତୀୟ ଫିଲ୍ମକୁ ଅପେକ୍ଷା କରିଥିବାବେଳେ ଏହାର ପ୍ରଯୋଜକ ଫିରୋଜ ନାଡିୟାଡୱାଲା ଏବେ ଏହାର ଚତୁର୍ଥ ଫିଲ୍ମ ବିଷୟରେ ଘୋଷଣା କରିଛନ୍ତି। ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ଫିରୋଜ କହିଛନ୍ତି, 'ଏହାର କାହାଣୀ ଏବେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଛି। ଏହି ଫିଲ୍ମରେ ଭିନ୍ନ ସଂସ୍କୃତିର ସଙ୍ଗୀତ ଦେଖିବାକୁ ମିଳିବ। ମଧ୍ୟ ପ୍ରାଚ୍ୟ, ଆଫ୍ରିକା, ଯୁକ୍ତରାଷ୍ଟ୍ର ଆମେରିକା, ଚୀନ୍ ଆଦି ଦେଶର ସଙ୍ଗୀତ ଦେଖିବାକୁ ମିଳିବ। ଏଥିରେ ଏକାଧିକ କଳାକାର ଖଳନାୟକ ଭୂମିକାରେ ଦେଖାଯିବେ। ଇତିମଧ୍ୟରେ ଆମେ 'ୱେଲକମ୍ ୩'ର ସୁଟିଂ ପୂରା ସାରି ଦେଉଛୁ। ଏହାର ଶ୍ରେୟ ଅକ୍ଷୟ କୁମାର, ଅରଶଦ ୱର୍ସି, ସୁନୀଲ ସେଟ୍ଟି, ଅହମ୍ମଦ ଖାନ୍‌ଙ୍କୁ ଯିବ।' 'ୱେଲକମ୍ ୩' ବଜେଟ୍ ରହିଛି ୪୦୦ କୋଟି। ଏହା ଜୁନ୍ ୨୬ରେ ପରଦାକୁ ଆସିବ।



# କାର୍ କିଣିବା ପୂର୍ବରୁ ଦେଖାଯାଏ ପାର୍କିଂ ପ୍ରମାଣପତ୍ର



ବିଶ୍ୱର ପ୍ରାୟ ଅଧିକାଂଶ ଦେଶରେ ଗାଡ଼ି କିଣିବାବେଳେ ପେମେଣ୍ଟ ଓ ରେଜିଷ୍ଟ୍ରେସନ୍‌କୁ ଗୁରୁତ୍ୱ ଦିଆଯାଏ। ହେଲେ ଜାପାନରେ ଏହାକୁ ନେଇ ଭିନ୍ନ ନିୟମ ଦେଖିବାକୁ ମିଳିଥାଏ। ଏଠାରେ କାର୍ କିଣିବା ପୂର୍ବରୁ ମାଲିକଙ୍କୁ ଗାଡ଼ି ପାର୍କିଂ ପାଇଁ ବୈଧ ସ୍ଥାନ ଅଛି କି ନାହିଁ ତାହା ଦର୍ଶାଇବାକୁ ପଡ଼ିଥାଏ। ତେବେ ଏହି ନିୟମ ଜାପାନର ଅର୍ବାନ୍ ପ୍ଲାନିଂ ଓ ଟ୍ରାଫିକ୍ ମ୍ୟାନେଜମେଣ୍ଟ ପଲିସିର ଏକ ଅଂଶ ବିଶେଷ। ଏହି ନିୟମ ଜାପାନରେ 'ଶାକୋ ଶୋମିଶୋ' ଭାବେ ଜଣାଯାଏ। ଏହାର ଅର୍ଥ ପାର୍କିଂ ସ୍ପେଶ୍ ସାର୍ଟିଫିକେଟ୍। ପାର୍କିଂ ପ୍ରମାଣପତ୍ର ସିଷ୍ଟମ ଅନୁଯାୟୀ, କାର୍ ପଞ୍ଜୀକୃତ ପାଇଁ ଯୋଜନା କରୁଥିବା ବ୍ୟକ୍ତିଙ୍କୁ ପ୍ରଥମେ ତାଙ୍କ ପାଖରେ ପାର୍କିଂ ପାଇଁ ସ୍ଥାନ ଅଛି ବୋଲି ସୁନିଶ୍ଚିତ କରିବାକୁ ପଡ଼ିଥାଏ। ଏହା ବିନା ଅଧିକାରୀ କାର୍‌କୁ ପଞ୍ଜୀକୃତ କରିବା ପାଇଁ ଅନୁମତି ଦିଅନ୍ତିନି। ତେବେ ଏହି ପ୍ରମାଣପତ୍ର ସ୍ଥାନୀୟ ପୁଲିସ୍ ଷ୍ଟେସନ୍ ଦ୍ୱାରା ଯାଞ୍ଚ କରିବା ପରେ ଜାରି କରାଯାଏ। ଏଥିରୁ ପ୍ରମାଣିତ ହୋଇଥାଏ ଯେ, ଗାଡ଼ି ମାଲିକଙ୍କ ପାଖରେ ପାର୍କିଂ ପାଇଁ ସ୍ଥାନ ଅଛି ଏବଂ ଏଥିପାଇଁ ସେ ସର୍ବସାଧାରଣ ସ୍ଥାନକୁ ଅକ୍ତିଆର କରିବେ ନାହିଁ। ଜାପାନରେ ଏଭଳି ନିୟମ ସହରରେ କମ୍ ସ୍ଥାନକୁ ଦୃଷ୍ଟିରେ ରଖି କରାଯାଇଛି। ଟୋକିଓ ଏବଂ ଓସାକା ଭଳି ସହରରେ ଜନସଂଖ୍ୟା ଅଧିକ ଥିବାରୁ ଏଠାରେ ରାସ୍ତା ଘାଟରେ ପାର୍କିଂ କରିବା ଦ୍ୱାରା ଶୀଘ୍ର ଜାମ ହେବାର ଆଶଙ୍କା ଥାଏ। ତେବେ ଏହି ନିୟମ ଫୁଟ୍‌ପାଥ ତଥା ରାସ୍ତାକଡ଼ରେ ବେଆଇନ୍ ପାର୍କିଂ ସମସ୍ୟାକୁ କମ୍ କରିବାରେ ସହାୟକ ହୋଇଥାଏ। ପ୍ରତି ମାଲିକଙ୍କ ପାଖରେ ଗାଡ଼ି ପାର୍କିଂ ପାଇଁ ସ୍ଥାନ ଥିଲେ, ସ୍ୱାଭାବିକ ଭାବେ ଏହା ସର୍ବସାଧାରଣ ସ୍ଥାନରେ ଗାଡ଼ି ପାର୍କିଂକୁ ରୋକିଥାଏ। ଏଥିସହ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଟ୍ରାଫିକ୍ ପରିଚାଳନା, ଗାଡ଼ି ଯାତାୟତକୁ ଶୃଙ୍ଖଳିତ କରିବା। ଜାପାନରେ ପାର୍କିଂ ସିଷ୍ଟମ ଅନୁଯାୟୀ, ପାର୍କିଂ ସ୍ଥାନ ମାଲିକଙ୍କ ଘର କିମ୍ବା କାର୍ଯ୍ୟସ୍ଥଳୀରୁ ସମାନ ଦୂରତାରେ ରହିବା ଜରୁରି। ପାର୍କିଂ ସ୍ଥାନ ଘରଠାରୁ ଦୁଇକିଲୋମିଟର ଭିତରେ ହେବା ଆବଶ୍ୟକ। ତେବେ ପାର୍କିଂ ସାର୍ଟିଫିକେଟ୍‌କୁ ମଧ୍ୟ ପୁଲିସ ଦ୍ୱାରା ଭେରିଫାଏ କରିବାକୁ ପଡ଼ିଥାଏ। ଏଥିପାଇଁ ସ୍ଥାନୀୟ ଅଧିକାରୀ ଦରଖାସ୍ତକୁ ରିଭ୍ୟୁ କରିଥାନ୍ତି। ଏଥିସହ ପାର୍କିଂ ସ୍ଥାନ ଅଛି କି ନାହିଁ ତାହା ଯାଞ୍ଚ କରିଥାନ୍ତି। ଅବଶ୍ୟ ପାର୍କିଂ ସ୍ଥାନଟି ମାଲିକଙ୍କର ନିଜ ମାଲିକାନା ନ ହେଲେ ମଧ୍ୟ ଚଳିବ। ଅଧିକାଂଶ ଲୋକେ କାର ପାର୍କିଂ ପାଇଁ ଭଡ଼ାରେ ସ୍ଥାନ ନେଇଥାନ୍ତି।

# ଡିଜିଟାଲ ଦୁନିଆର ରାଣୀ

**ସାମାଜିକ ଗଣମାଧ୍ୟମ ଏବେ ରୋଜଗାରର ପ୍ରମୁଖ ମାଧ୍ୟମ ପାଲଟିଛି। ଅନେକ ମହିଳା ଏହାକୁ ଉପଯୋଗ କରି ଡିଜିଟାଲ ଦୁନିଆରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରୁଛନ୍ତି। ଏହାଦ୍ୱାରା ସେମାନଙ୍କ ଅନ୍ତର୍ନିହିତ କଳା, ଦକ୍ଷତା ଏବଂ ସୃଜନଶୀଳତାକୁ ଲୋକଲୋଚନକୁ ଆଣୁଛନ୍ତି। ଫେଶନ, କମେଡ଼ି, ଲାଇଫ୍‌ଷ୍ଟାଇଲ୍ ଭଳି କଣ୍ଟେଣ୍ଟମାନ ପ୍ରସ୍ତୁତ କରି ଏହି କ୍ରିଏଟରମାନେ ଲୋକପ୍ରିୟ ହେଉଛନ୍ତି। ତେବେ ଭାରତରେ ପ୍ରସିଦ୍ଧି ଲାଭ କରିଥିବା ସେହିଭଳି କେତେକ ଲୋକପ୍ରିୟ ମହିଳା ଡିଜିଟାଲ୍ କ୍ରିଏଟର୍ସଙ୍କୁ ନେଇ ଏହି ଉପସ୍ଥାପନା।**

### ଜନ୍ନତ୍ ଜୁବେର

ଜନ୍ନତ୍ ଜୁବେର ଭାରତର ଲୋକପ୍ରିୟ ମହିଳା ଡିଜିଟାଲ କ୍ରିଏଟର୍ସ ଭାବେ ବେଶ୍ ପରିଚିତ। ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ୫୧.୭ ମିଲିୟନରୁ ଉର୍ଦ୍ଧ୍ୱ ପ୍ରଶଂସକ ଅଛନ୍ତି। ଟେଲିଭିଜନ ସିରିଏଲ୍‌ରୁ ଅଭିନୟ ଆରମ୍ଭ କରିଥିବା ଜନ୍ନତ୍ ସାମାଜିକ ଗଣମାଧ୍ୟମରେ ବେଶ୍ ଲୋକପ୍ରିୟ। ସେ ଫେଶନ, ବିୟୁଟି ଏବଂ ଲାଇଫ୍‌ଷ୍ଟାଇଲ୍ ଜଡ଼ିତ କଣ୍ଟେଟ୍ ପ୍ରସ୍ତୁତ କରିଥାନ୍ତି। ସେହିପରି ତାଙ୍କ ରିଲ୍‌ସ ଏବଂ ଫଟୋସୁଟ୍ ଯୁବପିଢ଼ିଙ୍କର ଖୁବ୍ ପସନ୍ଦ। ସେ ଇନ୍‌ଷ୍ଟାଗ୍ରାମ୍‌ରେ ବିଭିନ୍ନ ବ୍ରାଣ୍ଡଗୁଡ଼ିକ ପ୍ରମୋସନ୍ କରି ବେଶ୍ ମୋଟା ଅଙ୍କର ଅର୍ଥ ଉପାର୍ଜନ କରିଥାନ୍ତି।



### ଅନୁଷ୍କା ସେନ୍



୨୩ ବର୍ଷୀୟା ଅନୁଷ୍କା ସାମାଜିକ ଗଣମାଧ୍ୟମରେ ପ୍ରସିଦ୍ଧି ଲାଭ କରିଥିବା କ୍ରିଏଟର୍ସଙ୍କ ମଧ୍ୟରୁ ଜଣେ। ସେ ଟେଲିଭିଜନ ସିରିଏଲ୍‌ରେ ଶିଶୁ କଳାକାର ଭାବେ ଅଭିନୟ କରିଥିଲେ। ଏହାପରେ ସାମାଜିକ ଗଣମାଧ୍ୟମରେ ଲୋକପ୍ରିୟ ହୋଇଥିଲେ। ଏଥିରେ ତାଙ୍କର କୋଟି କୋଟି ପ୍ରଶଂସକ ରହିଛନ୍ତି। ସେ ବିଶେଷ କରି ଫେଶନ, ଲାଇଫ୍‌ଷ୍ଟାଇଲ୍ ଏବଂ ଟ୍ରେଣ୍ଡିଂ ରିଲ୍‌ସ ଆଦି କଣ୍ଟେଣ୍ଟ ପ୍ରସ୍ତୁତ କରନ୍ତି। ଯାହାକୁ ଦର୍ଶକେ ଖୁବ୍ ପସନ୍ଦ କରନ୍ତି।

### ପ୍ରାଜକ୍ତା କୋଲି



ସାମାଜିକ ଗଣମାଧ୍ୟମରେ ଲୋକପ୍ରିୟ କମେଡ଼ି କ୍ରିଏଟର୍ସ ଭାବେ ପ୍ରାଜକ୍ତା କୋଲି ବେଶ୍ ପରିଚିତ। ସେ MostlySane ନାମରେ ଜଣାଶୁଣା। ତାଙ୍କର ୟୁଟ୍ୟୁବ୍‌ରେ ୭ ମିଲିୟନରୁ ଉର୍ଦ୍ଧ୍ୱ ସବ୍‌ସ୍କ୍ରାଇବର ଅଛନ୍ତି। ତେବେ ସେ ନିତିଦିନିଆ ଜୀବନରେ ଘଟୁଥିବା ଜିନିଷକୁ ଆଧାର କରି କୌତୁକିଆ କଣ୍ଟେଣ୍ଟ ପ୍ରସ୍ତୁତ କରିଥାନ୍ତି। ଏହାକୁ ଯୁବପିଢ଼ି ବେଶ୍ ପସନ୍ଦ କରନ୍ତି। ସାମାଜିକ ଗଣମାଧ୍ୟମରେ ଲୋକପ୍ରିୟ ହେବା ପରେ ସେ ଏବେ ଫିଲ୍ମ ଏବଂ ୱେବ୍ ସିରିଜ୍‌ରେ ମଧ୍ୟ କାର୍ଯ୍ୟ କରୁଛନ୍ତି।

### କୁଶା କପିଲା

କୁଶା କପିଲା ଲୋକପ୍ରିୟ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର, କଣ୍ଟେଣ୍ଟ କ୍ରିଏଟର୍ ଏବଂ କମେଡ଼ିଆନ୍ ଭାବେ ବେଶ୍ ପରିଚିତ। ଲାଇଫ୍‌ଷ୍ଟାଇଲ୍ କଣ୍ଟେଟ୍ ସମେତ ବହୁ ମଜାଳିଆ ଭିଡିଓ ପ୍ରସ୍ତୁତ କରି ସେ ଲୋକପ୍ରିୟ ହୋଇଛନ୍ତି। ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ୪.୪ ମିଲିୟନ୍ ପ୍ରଶଂସକ ରହିଛନ୍ତି। କଣ୍ଟେଣ୍ଟ କ୍ରିଏଟର୍ ସହ ସେ ଜଣେ ସଫଳ ଉଦ୍ୟୋଗୀ। ତାଙ୍କ ଭିଡିଓ, ଷ୍ଟାଇଲ୍ ଏବଂ କଣ୍ଟେଣ୍ଟ ଲୋକଙ୍କୁ ଖୁବ୍ ପସନ୍ଦ। ଏହା ବ୍ୟତୀତ ସେ ଅନେକ ଫିଲ୍ମ ଏବଂ ୱେବ୍‌ସିରିଜ୍‌ରେ ମଧ୍ୟ ନଜର ଆସିଛନ୍ତି।



## ସୁଶ୍ରୀ

# ତ୍ୱଚାରେ ଚମକ ଚାହୁଁଥିଲେ...



**ସାଧାରଣତଃ ଧୂଳି, ମଳି ଏବଂ ପ୍ରଦୂଷଣର ପ୍ରଭାବରେ ଆସି ତ୍ୱଚା କଳା ପଡ଼ିଯାଏ। ତେଣୁ ଦାମୀ ପ୍ରସାଧନ ନ ଲଗାଇ ଘରେ ଥିବା ଜିନିଷ ଉପଯୋଗ କରି ତ୍ୱଚାରେ ଚମକ ଆଣିପାରିବେ। ଏଥିପାଇଁ କ୍ଷୀର ସରରେ ହଳଦୀ ମିଶାଇ ଲଗାଇ ପାରିବେ।**

- ହଳଦୀ ଏବଂ ସର ଲଗାଇଲେ ଏହା ତ୍ୱଚାର ଶୁଷ୍କପଣ ଦୂର କରିଥାଏ। ଏଥିସହ ଚମକ ଆଣିଥାଏ।
- ତ୍ୱଚାର ଗଭୀରକୁ ଯାଇ ସଫା କରିବା ସହ ତ୍ୱଚାକୁ ହାଇଡ୍ରେଟ୍ ରଖିଥାଏ। ସେହିପରି ତ୍ୱଚାରେ ଟ୍ୟାନିଙ୍ଗ୍ ସମସ୍ୟା ଥିଲେ ତାହା ଦୂର କରିଥାଏ।
- ଏହା ତ୍ୱଚାରେ ଥିବା ଅତିରିକ୍ତ ମଇଳାକୁ ସଫା କରି ସନବର୍ଣ୍ଣରୁ ତ୍ୱଚାକୁ ସୁରକ୍ଷା ଦେଇଥାଏ।
- ତ୍ୱଚା ଶୁଷ୍କ ଥିଲେ ଏହାକୁ ଲଗାଇ ପାରିବେ। ଏହାକୁ ସପ୍ତାହରେ ଦୁଇ ତିନିଥର ଲଗାଇଲେ ସୁଫଳ ମିଳିଥାଏ।

# ଶାଢ଼ିକୁ ସୁନ୍ଦର ବେଲ୍ଟ

**ମହିଳାମାନେ ସାଧାରଣତଃ ପର୍ବପର୍ବାଣି, ବିବାହ, ବ୍ରତଘର ଆଦି ବିଶେଷ ଦିନଗୁଡ଼ିକରେ ଶାଢ଼ି ପିନ୍ଧିବାକୁ ପସନ୍ଦ କରନ୍ତି। ତେବେ ଶାଢ଼ିକୁ ଅଧିକ ସୁନ୍ଦର ଏବଂ ଷ୍ଟାଇଲିଶ୍ କରିବାକୁ ଚାହୁଁଥିଲେ, ଏଥିରେ ବେଲ୍ଟ ପିନ୍ଧି ପାରିବେ।**

### ଫ୍ଲୋରାଲ୍ ଟାଏ-ଅପ୍ ବେଲ୍ଟ

ଏ ପ୍ରକାର ବେଲ୍ଟ ବିଶେଷ କରି କକ୍‌ଟେଲ୍ ପାର୍ଟିରେ ପିନ୍ଧି ପାରିବେ। ଏହା ସୁନ୍ଦର ଦିଶିବା ସହ ଏଥିରୁ ଏକ ଷ୍ଟାଇଲିସ୍ ଲୁକ୍ ମିଳିଥାଏ। ଏହାକୁ ପ୍ଲେନ୍ ଶାଢ଼ିରେ ପିନ୍ଧିଲେ ଭଲ ମାନିଥାଏ।

### ମେଟାଲ୍ ବେଲ୍ଟ



ଏହି ମେଟାଲ୍ ଡିଜାଇନ୍ ବେଲ୍ଟ ଆଧୁନିକ ଆଉଟ୍‌ଫିଟ୍ ତଥା ଗାଉନ୍ ଆଦିକୁ ଭଲ ମାନିଥାଏ। ଅବଶ୍ୟ ଚାହିଁଲେ ଏହାକୁ ଶାଢ଼ିରେ ପିନ୍ଧି ନିଜକୁ ଏକ ଆକର୍ଷଣୀୟ ଲୁକ୍ ଦେଇ ପାରିବେ।

### ଗୋଲ୍‌ଡେନ୍ ବେଲ୍ଟ

ଗୋଲ୍‌ଡେନ୍ ବେଲ୍ଟ ଶାଢ଼ିକୁ ଷ୍ଟାଇଲିଶ୍ କରିଥାଏ। ଏହାକୁ ନିଜ ଅଣ୍ଟା ସାଇଜ୍ ଅନୁସାରେ ସେଟ୍ କରି ପିନ୍ଧି ପାରିବେ।



## ମୋ ହାଣ୍ଡିଶାଳରୁ...

# ଗାର୍ଲିକ୍ ପନିର ବଟରଫ୍ଲାଏ



### ଆବଶ୍ୟକ ସାମଗ୍ରୀ

ପନିର୍ – ୨୫୦ ଗ୍ରାମ୍, ଆଳୁ – ଦୁଇଟି, ରସୁଣ ପେଷ୍ଟ – ଏକ ଚାମଚ, ଲଙ୍କାଗୁଣ୍ଡ- ଏକ ଚାମଚ, ଗୋଲମରିଚ ଗୁଣ୍ଡ- ଅଧା ଚାମଚ, ଲେମ୍ବୁରସ- ଏକ ଚାମଚ, ତେଲ – ଆବଶ୍ୟକତା ଅନୁସାରେ , ଲୁଣ – ସ୍ୱାଦ ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ

ପନିର୍‌କୁ ଛୋଟ ଖଣ୍ଡରେ କାଟି ବାଉଲ୍‌ରେ ରଖି ଗୋଲମରିଚ ଗୁଣ୍ଡ, ଲଙ୍କାଗୁଣ୍ଡ, ରସୁଣପେଷ୍ଟ, ଲେମ୍ବୁରସ, ଲୁଣ ଦେଇ ଗୋଳାଇ ରଖନ୍ତୁ। ଏହାପରେ ଆଳୁରୁ ଚୋପା ଛଡ଼େଇ ଏହାକୁ ଚିପ୍ସ ଭଳି ଗୋଲାକାର କରି ପତଳାରେ କାଟନ୍ତୁ। ଏହାପରେ ଆଳୁ ମଝିରେ ଗୋଟିଏ ପନିର୍ ଖଣ୍ଡ ରଖି ଏହା ମଝିରେ ଟୁଥ୍‌ପିକ୍ ଦେଇ ସେଟ୍ କରନ୍ତୁ। ଏହିପରି ଭାବେ ସମସ୍ତ ଆଳୁମଝିରେ ପନିର୍ ରଖି ପ୍ରସ୍ତୁତ କରନ୍ତୁ। ଏହାପରେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ ଦିଅନ୍ତୁ। ଏହାପରେ ପ୍ରସ୍ତୁତ କରି ରଖିଥିବା ପନିର୍ ସବୁକୁ ଦେଇ ଛାଣନ୍ତୁ। ସୁନେଲି ରଙ୍ଗ ହୋଇଗଲେ ପ୍ଲେଟ୍‌କୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ଗାର୍ଲିକ ପନିର୍ ବଟରଫ୍ଲାଏ'।

# କୁଲଦୀପଙ୍କ ରିସେପ୍ସନ୍‌ରେ ଗମ୍ଭୀର, ଜାଡେଜା, ପନ୍ତ



ଲକ୍ଷ୍ନୌ, ୧୮ ।୩ (ଏଜେନ୍ସି): ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଭାରତୀୟ କ୍ରିକେଟ ଦଳର ସଦସ୍ୟ କୁଲଦୀପ ଯାଦବ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବାନ୍ଧବୀ ବଂଶିକା ଚଡ୍ଢାଙ୍କ ହାତ ଧରିଛନ୍ତି କୁଲଦୀପ। ଗତ ୧୪ ତାରିଖରେ ବିବାହ ଉତ୍ସବ ମସୁରୀରେ ଅନୁଷ୍ଠିତ ହୋଇଥିଲା। ଏହାପରେ କୁଲଦୀପ ତାଙ୍କ ଘରୋଇ ସହର ଲକ୍ଷ୍ନୌରେ ଗତକାଲି ବିବାହ ଭୋଜିର ଆୟୋଜନ କରିଥିଲେ। ଯେଉଁଥିରେ କ୍ରିକେଟ୍ ଜଗତ ସମେତ ରାଜନୀତିର ଅନେକ ପ୍ରମୁଖ ବ୍ୟକ୍ତି ଯୋଗଦେଇଥିଲେ। ଯେଉଁଥିରେ ବହୁ ପୂର୍ବତନ ଓ ବର୍ତ୍ତମାନର ଭାରତୀୟ କ୍ରିକେଟର୍ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଟିମ ଇଣ୍ଡିଆର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର, ଋଷଭ ପନ୍ତ, ଯୁବ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ପ୍ରମୁଖ ରହିଥିଲେ। ସେହିଭଳି ପୂର୍ବତନ କ୍ରିକେଟର ଶିଖର ଧାୱନ ତାଙ୍କ ପତ୍ନୀ ସୋଫି ସାଇନଙ୍କ ସହିତ ରିସେପସନରେ ଯୋଗ ଦେଇଥିଲେ। ପତ୍ନୀ ରିଭାବାଙ୍କ ସହ ରବୀନ୍ଦ୍ର ଜାଡେଜା ଆସି ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ମଧ୍ୟ କୁଲଦୀପଙ୍କ ରିସେପସନରେ ସାମିଲ ହୋଇଥିଲେ।

## ପାଇଲଟ୍ ବନିଲେ ଗ୍ଲେନ୍ ଫିଲିପ୍ସ



ୱେଲିଂଟନ, ୧୮ ।୩ (ଏଜେନ୍ସି): ନ୍ୟୁଜିଲାଣ୍ଡର ତାରକା କ୍ରିକେଟର୍ ଗ୍ଲେନ ଫିଲିପ୍ସ କେବଳ ଯେ କ୍ରିକେଟ୍ ପଡ଼ିଆରେ ତାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ଦେଖାନ୍ତି ତାହା ନୁହେଁ। ପଡ଼ିଆ ବାହାରେ ମଧ୍ୟ ଅନ୍ୟାନ କ୍ଷେତ୍ରରେ ଫିଲିପ୍ସଙ୍କ ଅଲ୍‌ରାଉଣ୍ଡ କ୍ଷମତା ରହିଛି। ଫିଲିପ୍ସ ଏବେ ବିମାନ ଚଳାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦିନକ ତଳେ ଫିଲିପ୍ସ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର କରିଥିଲେ। ଯେଉଁଥିରେ ତାଙ୍କୁ ବିମାନ ଅବତରଣ କରୁଥିବା ଦେଖିବାକୁ ମିଳିଥିଲା। ଏଥିପୂର୍ବରୁ ଆର୍ଡମୋରେ ଫ୍ଲାଇଙ୍ଗ ସ୍କୁଲରେ ପ୍ରଶିକ୍ଷଣ ନେଉଥିବାର ଏକ ଫଟୋ ଫିଲିପ୍ସ ମଧ୍ୟ ସେୟାର କରିଥିଲେ। ପ୍ରକାଶଯୋଗ୍ୟ କ୍ରିକେଟର୍ ବନିବା ପୂର୍ବରୁ ଫିଲିପ୍ସ ପିଲାଦିନେ ଜଣେ ପାଇଲଟ୍ ହେବା ଓ ବିମାନ ଚଳାଚଳ କ୍ଷେତ୍ରରେ ପ୍ରବେଶ କରିବା ପାଇଁ ବଡ଼ ଆଗ୍ରହୀ ଥିଲେ। ଯଦି ମୁଁ କ୍ରିକେଟ୍ ଖେଳୁ ନ ଥାନ୍ତି ତେବେ ହୁଏତ ଜଣେ ପାଇଲଟ ହୋଇଥାନ୍ତି। ଯଦି ଏବେବି ମୋତେ କାମ କରିବାକୁ ପଡ଼େ ତେବେ ପାଇଲଟ୍ ହେବା ମୋର ପ୍ରଥମ ପସନ୍ଦ ବୋଲି ଫିଲିପ୍ସ କହିଛନ୍ତି।

# କମିନ୍ସଙ୍କ ଅନୁପସ୍ଥିତିରେ ନେତୃତ୍ୱ ନେବେ ଇଶାନ

**ଆଇପିଏଲ୍-୧୯**

ହାଇଦରାବାଦ୍, ୧୮ ।୩ (ଏଜେନ୍ସି)

ବିଶ୍ୱର ସବୁଠୁ ବ୍ୟୟବହୁଳ ଟି-୨୦ କ୍ରିକେଟ୍ ଲିଗ୍ ଆଇପିଏଲ୍‌ର ୧୮ତମ ସଂସ୍କରଣ ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ସନରାଇଜର୍ସ ହାଇଦରାବାଦ୍ ଫ୍ରାଞ୍ଚାଇଜ ଏକ ବଡ଼ ନିଷ୍ପତ୍ତି ନେଇଛି। ଅଭିଜ୍ଞ ଅଷ୍ଟ୍ରେଲୀୟ କ୍ରିକେଟର୍ ତଥା ଦଳର ନିୟମିତ ଅଧିନାୟକ ପ୍ୟାଟ୍ କମିନ୍ସ ଆଘାତଜନିତ ସମସ୍ୟା ଲାଗି ପ୍ରାରମ୍ଭିକ ପର୍ଯ୍ୟାୟରେ କେତୋଟି ମ୍ୟାଚରେ ଖେଳିପାରିବେ ନାହିଁ। ତେଣୁ ତାଙ୍କ ସ୍ଥାନରେ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ୱିକେଟ୍‌କିପର ବ୍ୟାଟର୍ ଇଶାନ କିଶାନଙ୍କୁ ସନରାଇଜର୍ସର ସାମୟିକ ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଅନ୍ୟତମ ବିସ୍ଫୋରକ ବ୍ୟାଟର୍ ଅଭିଷେକ ଶର୍ମା ଉପ-ଅଧିନାୟକ ଭାର ସମ୍ଭାଳିବେ। ଗତବର୍ଷ ସାଉଦୀ ଆରବର ଜେଦ୍ଦାରେ ଅନୁଷ୍ଠିତ ମେଗା ଖେଳାଳି ନିଲାମୀରେ ପନ୍ତଙ୍କୁ ହାଇଦରାବାଦ୍ ଫ୍ରାଞ୍ଚାଇଜ ୧୧.୨୫ କୋଟି ଟଙ୍କାରେ କ୍ରୟ କରିଥିଲା। ଏଥିପୂର୍ବରୁ ପନ୍ତ ମୁମ୍ବାଇ ଇଣ୍ଡିଆନ୍ସ ଓ ଗୁଜରାଟ ଲାୟନ୍ସରୁ ଖେଳିସାରିଥିଲେ। ବର୍ତ୍ତମାନ ସୁଦ୍ଧା ପନ୍ତ ଆଇପିଏଲ୍‌ରେ ୧୨୫ ମ୍ୟାଚ୍ ଖେଳି ୩୪.୧୬ ହାରରେ ୩.୫୫୩ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୨ଟି ଶତକ ଓ ୧୯ଟି ଅର୍ଦ୍ଧଶତକୀୟ ପାଳି ସାମିଲ ରହିଛି।



ପ୍ରକାଶଯୋଗ୍ୟ କମିନ୍ସଙ୍କ ପିଠିରେ ଯନ୍ତ୍ରଣା ଲାଗିଛି। ଏଥିରୁ ସେ ସମ୍ପୂର୍ଣ୍ଣ ଫିଟ୍ ହୋଇ ନ ଥିବାରୁ ତାଙ୍କର ଏଥର ଆଇପିଏଲ୍ ଖେଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ମାର୍ଚ୍ଚ ୨୮ ତାରିଖରେ ଉଦ୍‌ଘାଟନୀ ଦିବସରେ ଡିଫେଣ୍ଡିଂ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହ ଖେଳି ସନରାଇଜର୍ସ ଏହାର ଅଭିଯାନ ଆରମ୍ଭ କରିବ।

## ୮ ନମ୍ବର ଜର୍ସି ପିନ୍ଧିବେ ଧୋନି !




ଆଇପିଏଲ୍ ଆରମ୍ଭ ହେବାକୁ ଆଉ ଦୁଇ ସପ୍ତାହରୁ କମ୍ ସମୟ ବାକି ରହିଥିବାବେଳେ ଏକ ପୋଷ୍ଟ ହଇଚଇ ସୃଷ୍ଟି କରିଛି। ଯେଉଁଥିରେ ପାଞ୍ଚଥରର ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍ସ (ସିଏସକେ)ର ତାରକା ଖେଳାଳି ମହେନ୍ଦ୍ର ସିଂ ଧୋନି ତାଙ୍କର ଚିରାଚରିତ ପସନ୍ଦର ୭ ନମ୍ବର ଜର୍ସି ଛାଡ଼ିବା ନେଇ ସଙ୍କେତ ମିଳିଛି। ଏହା ବଦଳରେ ଧୋନିଙ୍କୁ ଏଥର ୮ ନମ୍ବର ଜର୍ସି ପରିଧାନ କରି ଖେଳିବେ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର୍ ଧରିଛି। ଧୋନି ଫେସବୁକରେ ଏକ ଭିଡିଓ ସେୟାର କରି ଲେଖିଛନ୍ତି ଯେ କିଛି ନମ୍ବର ତୁମ ସହିତ ରହିଥାଏ। ମୋ ପାଇଁ ନମ୍ବର-୭ ସେମାନଙ୍କ ମଧ୍ୟରୁ ଗୋଟିଏ। କିନ୍ତୁ ଆଜି ମୁଁ ଏହାକୁ ୮'ରେ ପରିବର୍ତ୍ତନ କରୁଛି। କିନ୍ତୁ ଆଇପିଏଲ୍ କ୍ୟାରିୟରର ଶେଷ ପର୍ଯ୍ୟାୟରେ ଧୋନି କାହିଁକି ତାଙ୍କ ପସନ୍ଦର ଜର୍ସିକୁ ପରିବର୍ତ୍ତନ କରୁଛନ୍ତି ତାହାକୁ ନେଇ ତାଙ୍କର କୋଟି କୋଟି ପ୍ରଶଂସକଙ୍କ ମନରେ ପ୍ରଶ୍ନ ଉଠିଛି। ତେବେ ପ୍ରଦର୍ଶିତ କରାଯାଇଥିବା ଜର୍ସିଟି ନୀଳ ରଙ୍ଗର ହୋଇଥିବାରୁ ଏହାକୁ ନେଇ ମଧ୍ୟ ନାନା ଆଲୋଚନା ହେଉଛି। ଯେହେତୁ ସିଏସକେର ଜର୍ସି ହଳଦିଆ ରଙ୍ଗର ତେଣୁ ଏହା ପଛରେ ଆଉ କିଛି କାରଣ ରହିଥାଇପାରେ ବୋଲି ଚର୍ଚ୍ଚା ହେଉଛି। ପ୍ରକାଶଯୋଗ୍ୟ ଧୋନି ୭ ଜୁଲାଇ ୧୯୮୧ରେ ଜନ୍ମଗ୍ରହଣ କରିଥିଲେ। ଯେଉଁଥି ପାଇଁ ୨୦୦୪ରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପଦାର୍ପଣ କରିବା ପରଠାରୁ ଧୋନି ଏହି ନମ୍ବରର ଜର୍ସି ପରିଧାନ କରୁଛନ୍ତି। ଏପରିକି ଆଇପିଏଲ୍‌ରେ ମଧ୍ୟ ସେ ଏହାକୁ ପିନ୍ଧୁଛନ୍ତି। ତେବେ ଧୋନି ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବା ପରେ ୨୦୨୩ରେ ବିସିସିଆଇ ନଂ-୭ ଜର୍ସିକୁ ଅବସର ଦେଇଥିଲା।

## ୨ ବିଲିୟନ ଟପିବାରେ ଆର୍‌ସିବି ବିକ୍ରୟ ମୂଲ୍ୟ



ନୂଆଦିଲ୍ଲୀ, ୧୮ ।୩ (ଏଜେନ୍ସି): ଆଇପିଏଲ୍ ଅନ୍ୟତମ ଲୋକପ୍ରିୟ ଦଳ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ଡିଫେଣ୍ଡିଂ ଚାମ୍ପିଅନ ଆର୍‌ସିବିର ବିକ୍ରୟ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନିଲାମ ୨ ବିଲିୟନ ଡଲାର (ଭାରତୀୟ ମୁଦ୍ରାରେ ୧୮ ହଜାର ୫୭୪ କୋଟି) ଟଙ୍କା ଟପିପାରେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ ଆର୍‌ସିବି ଫ୍ରାଞ୍ଚାଇଜକୁ କ୍ରୟ କରିବା ପାଇଁ ଦୁଇଟି ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଚୂଡ଼ାନ୍ତ ଦାବିଦାର ଭାବେ ଉଭା ହୋଇଛନ୍ତି। ସ୍ୱିଡିସ ପ୍ରାଇଭେଟ ଇକ୍ୱିଟି ଫାର୍ମ 'ଇକ୍ୱିଟି' ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ବିଡ୍ ଦାଖଲ କରାଯାଇଛି। ଦୌଡ଼ରେ ରହିଥିବା ଦ୍ୱିତୀୟ ପକ୍ଷ ହେଲା ମଣିପାଲ ହସ୍ପିଟାଲର ରଞ୍ଜନ ପାଇ, ଆମେରିକାର ପ୍ରାଇଭେଟ ଇକ୍ୱିଟି ଫାର୍ମ କୋଲବର୍ଗ କ୍ରାଭିସ ରବର୍ଟସ ଆଣ୍ଡ କୋ (କେକେଆର୍) ଏବଂ ସିଙ୍ଗାପୁରଭିତ୍ତିକ ନିବେଶ ଗୋଷ୍ଠୀ ଟେମାସେକ ସହିତ ଜଡ଼ିତ ସଂଘ। ବର୍ତ୍ତମାନ ଉଭୟ ପକ୍ଷ ମଧ୍ୟରେ ଏକ ସିଧାସଳଖ ପ୍ରତିଯୋଗିତା ହେବାକୁଯାଉଛି। ମାର୍ଚ୍ଚ ୩୧ ସୁଦ୍ଧା ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରେ ବୋଲି ବର୍ତ୍ତମାନର ଆରସିବି ମାଲିକ ୟୁନାଇଟେଡ୍ ସ୍ପିରିଟ ଲିମିଟେଡ୍ ପକ୍ଷରୁ କୁହାଯାଇଛି। ତେବେ ଅନ୍ୟତମ ଆଗ୍ରହୀ ମାଞ୍ଚେଷ୍ଟର ୟୁନାଇଟେଡର ସହ-ମାଲିକ ଗ୍ଲାଜର୍ସ ଓ ଆଦର ପୁନାୱାଲା ଆର୍‌ସିବିକୁ କିଣିବା ଦୌଡ଼ରୁ ଓହରିଯାଇଛନ୍ତି।

## ନ୍ୟୁ ସାଉଥ୍ ୱେଲ୍ସର କୋଚ୍ ହେଲେ ହାଡିନ୍

ସିଡନୀ, ୧୮ ।୩ (ଏଜେନ୍ସି): ଅଷ୍ଟ୍ରେଲିଆର ପୂର୍ବତନ ୱିକେଟକିପର ବ୍ୟାଟର୍ ବ୍ରାଡ୍ ହାଡିନ ନ୍ୟୁ ସାଉଥ୍ ୱେଲ୍ସ ଦଳର ମୁଖ୍ୟ କୋଚ୍ ନିଯୁକ୍ତ ହୋଇଛନ୍ତି। ଗ୍ରେଗ ଶିପର୍ଡଙ୍କ ସ୍ଥାନରେ ୪୮ ବର୍ଷୀୟ ହାଡିନଙ୍କୁ ଏହି ଗୁରୁଦାୟିତ୍ୱ ମିଳିଛି। ଅଷ୍ଟ୍ରେଲିଆର ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସିଫେଲ୍ଡ ଶିଲ୍ଡ ଅଧାରୁ ଗ୍ରେଗ୍‌ଙ୍କୁ କୋଚ୍ ପଦରୁ ହଟାଇ ଦିଆଯାଇଥିଲା। ହାଡିନ ଏଥିପୂର୍ବରୁ ଖେଳାଳି ଭାବେ ନ୍ୟୁ ସାଉଥ୍ ୱେଲ୍ସ ପକ୍ଷରୁ ଘରୋଇ କ୍ରିକେଟରେ ମଧ୍ୟ ପ୍ରତିନିଧିତ୍ୱ କରିଥିଲେ। ଏବେ କୋଚ୍ ଭାବେ ସେହି ଦଳକୁ ପ୍ରଶିକ୍ଷଣ ଦେବେ। ପ୍ରଶିକ୍ଷଣ କ୍ଷେତ୍ରରେ ହାଡିନଙ୍କ ଏଥିପୂର୍ବରୁ ଅଭିଜ୍ଞତା ରହିଛି। ଡାରେନ ଲେହମ୍ୟାନ ଓ ଜଷ୍ଟିନ ଲାଙ୍ଗର ଯେତେବେଳେ ଅଷ୍ଟ୍ରେଲିଆ ଦଳର ମୁଖ୍ୟ କୋଚ୍ ରହିଥିଲେ ହାଡିନ ସେ ସମୟରେ ସହାୟକ କୋଚ୍ ଭାବେ ଜାତୀୟ ଦଳରେ କାର୍ଯ୍ୟ କରିଥିଲେ। ସେହିଭଳି ଆଇପିଏଲ୍‌ରେ ସନରାଇଜର୍ସ ହାଇଦରାବାଦ ଓ ପଞ୍ଜାବ କିଙ୍ଗ୍‌ସର କୋଚିଂ ଟିମ୍‌ରେ ମଧ୍ୟ ହାଡିନ କାମ କରିଛନ୍ତି।

## ଏଲ୍‌ଏଲ୍‌ସିସି କପ୍ କ୍ୱାର୍ଟରରେ ରେଡ୍ ଷ୍ଟାର



ଭୁବନେଶ୍ୱର, ୧୮ ।୩ (ସମିସ): ସ୍ଥାନୀୟ ଆଇଆର୍‌ସି ଭିଲେଜରେ ଚାଲିଥିବା ଏଲଏଲସିସି କପ୍ ୧୪ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ରେଡ୍ ଷ୍ଟାର୍ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବୁଧବାର ଖେଳାଯାଇଥିବା ପ୍ରି-କ୍ୱାର୍ଟର ମ୍ୟାଚରେ ରେଡ୍ ଷ୍ଟାର୍ ୪୫ ରନରେ କଟକର ଜୁଭେନାଇଲ କ୍ଲବକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରି ରେଡ୍ ଷ୍ଟାର୍ ୩୫ ଓଭରରେ ୮ ୱିକେଟ୍ ହରାଇ ୨୩୩ ରନ ସଂଗ୍ରହ କରିଥିଲା। ଓମ୍ ଶ୍ରୀ ସାହୁ ସର୍ବାଧିକ ୫୬, ଅମିତ ସାହୁ ୪୯ ଓ ଶେଖ ମହମ୍ମଦ ରିୟାଜ ୨୮ ରନ କରିଥିଲେ। ରେଡ୍ ଷ୍ଟାରର ୮ଜଣ ବ୍ୟାଟରଙ୍କ ମଧ୍ୟରୁ ୬ଜଣ ରନଆଉଟ୍ ହୋଇଥିଲେ। ଜବାବରେ ଜୁଭେନାଇଲ କ୍ଲବ ୯ ୱିକେଟରେ ୧୮୯ ରନ କରିବାକୁ ସମର୍ଥ ହୋଇଥିଲା। ଅମ୍ରିତ କୁମାର ମହାନ୍ତି ୬୩ ରନର ପାଳି ଖେଳିଥିଲେ ମଧ୍ୟ ଦଳକୁ ବିଜୟୀ କରାଇପାରି ନ ଥିଲେ। ବିଜୟୀ ରେଡ୍ ଷ୍ଟାର୍ ପକ୍ଷରୁ ରିୟାଜ ଓ ଡିଏସ ରାଉତ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଓମକୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା।

## ଜାତୀୟ ପାରା ଆଥଲେଟିକ୍ସ ଉଦ୍‌ଘାଟିତ

ଭୁବନେଶ୍ୱର, ୧୮ ।୩ (ସମିସ): ଜାତୀୟ ପାରା ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ୨୪ତମ ସଂସ୍କରଣ ବୁଧବାର କଳିଙ୍ଗ ଷ୍ଟାଡିୟମରେ ଉଦଘାଟିତ ହୋଇଯାଇଛି। ପାରା ଅଲିମ୍ପିକ କମିଟି ଅଫ୍ ଇଣ୍ଡିଆ, ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତା ଶନିବାର ଉଦଯାପିତ ହେବ। ଏହି ଚାମ୍ପିଅନସିପ୍‌ରେ ବିଏସଏଫ୍ ଓ ସର୍ଭିସେସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡ (ଏସଏସ୍‌ସିବି) ସମେତ ୨୮ଟି ରାଜ୍ୟର ୧୪୬୦ ପାରା କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି। ଯେଉଁଥିରେ ଆୟୋଜକ ଓଡ଼ିଶାର ୪୦ ଜଣିଆ ଦଳ ଅଂଶଗ୍ରହଣ ସାମିଲ ରହିଛନ୍ତି। ଏଥିରେ ୧୪୫ଟି ମେଡାଲ୍ ଇଭେଣ୍ଟ ଅନୁଷ୍ଠିତ ହେବ। ପୂର୍ବାହ୍ନ ୯ଟାରୁ ୧୧ଟା ଏବଂ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖେଳ ଅନୁଷ୍ଠିତ ହେବ। ପାରା ଅଲିମ୍ପିକ ଚାମ୍ପିଅନ ମାରିୟାପ୍ପାନ ଥଙ୍ଗାଭେଲୁ, ସୁମିତ ଆଣ୍ଟିଲ, ନବଦୀପ୍ ସିଂହ, ପ୍ରବୀଣ କୁମାର, ଦେବେନ୍ଦ୍ର ସିଂହ ଗୁରଜାରଙ୍କ ଭଳି ଅନ୍ତର୍ଜାତୀୟ ତାରକାଙ୍କୁ ଦେଖିବାକୁ ମିଳିବ।

**ସେନେଗାଲ୍‌ଠାରୁ ଛଡ଼ାଇ ନିଆଗଲା ଆଫ୍‌କନ୍ ଟାଇଟଲ୍**

# ମରକ୍କୋକୁ ମିଳିଲା ବିଜୟୀ ଟ୍ରଫି



କାଏରୋ,୧୮ ।୩(ଏଜେନ୍ସି): ଆଫ୍ରିକୀୟ ଫୁଟବଲ ଜଗତରେ ଏକ ଚକିତ କଲାଭଳି ଘଟଣା ସାମ୍ନାକୁ ଆସିଛି। ଆଫ୍ରିକୀୟ ଫୁଟବଲ କନଫେଡ଼େରେସନ (କାଫ୍) ସେନେଗାଲକୁ ତା'ର ଆଫକନ (ଆଫ୍ରିକା କପ୍ ଅଫ୍ ନେସନ୍ସ) ଟାଇଟଲରୁ ବଞ୍ଚିତ କରିଛି। ଫାଇନାଲ ମ୍ୟାଚରେ ମରୋକ୍କୋ ବିରୋଧରେ ଏକ ପେନାଲ୍ଟି ନିଷ୍ପତ୍ତିକୁ ପ୍ରତିବାଦ କରି ସେନେଗାଲ ପଡ଼ିଆ ଛାଡ଼ି ଚାଲିଯାଇଥିବାରୁ ଏହି କଠୋର ଦଣ୍ଡ ଦିଆଯାଇଛି। କାଫ୍ ମରୋକ୍କୋକୁ ୩-୦ ଗୋଲରେ ବିଜୟୀ ଘୋଷଣା କରିବା ସହ ଟ୍ରଫି ପ୍ରଦାନ କରିଛି। ଏହାପୂର୍ବରୁ ବିଶ୍ୱ କ୍ରୀଡ଼ା ଇତିହାସରେ ଏମିତି ୪ଟି ବଡ଼ ଘଟଣା ଘଟିଛି, ଯେଉଁଠାରେ ଦଳଗୁଡ଼ିକ ଜିତିବା ପରେ ମଧ୍ୟ ନିଜର ଟାଇଟଲ ହରାଇଛନ୍ତି। ଏହି ନିଷ୍ପତ୍ତି ବିରୋଧରେ ସେନେଗାଲ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି। ଏହି ଘଟଣା ଫୁଟବଲ ଜଗତରେ ଅନୁଶାସନର ଗୁରୁତ୍ୱକୁ ପୁଣିଥରେ ପ୍ରମାଣିତ କରିଛି। ସୂଚନାଯୋଗ୍ୟ ଯେ, ଗତ ଜୁନଆରୀ ୧୮ରେ ଆଫ୍ରିକା ମହାଦେଶର ଏହି ସର୍ବବୃହତ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଖେଳାଯାଇଥିଲା। ମ୍ୟାଚର ଶେଷ ସମୟରେ ଅର୍ଥାତ ଷ୍ଟପେଜ ଟାଇମ୍‌ରେ ମରୋକ୍କୋ ସପକ୍ଷରେ ଏକ ବିବାଦୀୟ ପେନାଲ୍ଟି ଦିଆଯାଇଥିଲା। ଏହାକୁ ବିରୋଧ କରି ସେନେଗାଲ ଖେଳାଳି ଓ କୋଚ୍ ପ୍ରାୟ ୧୫ ମିନିଟ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ଏହାପରେ ଅନୁରୋଧକ୍ରମେ ସେନେଗାଲ ଖେଳିଥିଲା ଓ ୧-୦ ଗୋଲରେ ବିଜୟୀ ହୋଇ ଟ୍ରଫି ଜିତିଥିଲା। କିନ୍ତୁ ନିୟମ ଅନୁଯାୟୀ ମରୋକ୍କୋକୁ ୩-୦ ଗୋଲରେ ବିଜୟୀ ଘୋଷିତ କରାଯାଇଥିଲା। ଫଳରେ ମରୋକ୍କୋ ଏବେ ଆଗାମୀ ଫିଫା ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛି।

**ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ କ୍ରିକେଟ୍**

# ରାମେଶ୍ୱରକୁ ହରାଇ ସେମିରେ ଆର୍‌ୱାଇସିସି




ଭୁବନେଶ୍ୱର, ୧୮ ।୩ (ସମିସ)

ଅନ୍ତିମ ତଥା ୪ର୍ଥ ଦଳ ଭାବେ ରାଉରକେଲା ୟୁଥ୍ କ୍ରିକେଟ୍ କ୍ଲବ (ଆରୱାଇସିସି) ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ସ୍ଥାନୀୟ ବିଜେବି ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ୪ର୍ଥ କ୍ୱାର୍ଟର ଫାଇନାଲ ମୁକାବିଲାରେ ରାଉରକେଲା ଦଳ ୮୯ ରନରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ରାଉରକେଲା ୪୦ ଓଭରରେ ୬ ୱିକେଟ୍ ହରାଇ ୨୭୧ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରତୀତ ସିଂହ ୧୧୭ ବଲରେ ୧୦୮ ରନର ଶତକୀୟ ପାଳି ଖେଳିଥିଲେ। ସେହିଭଳି ଅଙ୍କିତ ପ୍ରସାଦ ଗୁପ୍ତା ୫୦ ରନ କରି ଉପଯୁକ୍ତ ସହାୟତା ଦେଇଥିଲେ। ରାମେଶ୍ୱର ଫିଲ୍ଡର ନୈରାଶ୍ୟଜନକ ପ୍ରଦର୍ଶନ କରି ୫ଟି କ୍ୟାଚ୍ ଡ୍ରପ୍ କରିଥିଲେ। ଜବାବରେ ରାମେଶ୍ୱର ୧୮୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ନିମ୍ନକ୍ରମରେ ଆଶୁତୋଷ ନାୟକ ୪ଟି କ୍ରମାଗତ ଛକା ମାରି ୨୪ ବଲରୁ ସର୍ବାଧିକ ୪୩ ରନ କରିଥିଲେ। ଆଶିଷ ତିୱାରୀ ୫ଟି ଓ ପିଣ୍ଟୁ ୪ଟି ୱିକେଟ୍ ନେଇ ରାଉରକେଲାକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପ୍ରତୀତଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରତୀକ ମହାନ୍ତି, ଅଜିତ କୁମାର ବିଶ୍ୱାଳ ଓ ଆଦିଲ ଭୂୟାଁ ଅତିଥି ଭାବେ ଯୋଗଦେଇଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂ ଓ ଆୟୋଜକ ମୁକ୍ତେଶ୍ୱର କ୍ଲବ ସାମ୍ନାସାମ୍ନି ହେବେ।

## ଭାରତୀୟ ଲନବଲ୍ ଦଳରେ ରାଜେଶ୍ୱରୀ



ଭୁବନେଶ୍ୱର, ୧୮ ।୩ (ସମିସ): ଏପ୍ରିଲ ୫ରୁ ଜାତୀୟ ରାଜଧାନୀ ନୂଆଦିଲ୍ଲୀରେ ଏସିଆନ ଲନ୍‌ବଲ ଚାମ୍ପିଅନସିପ୍‌ର ୧୭ତମ ସଂସ୍କରଣ ଆରମ୍ଭ ହେବ। ଏଥିରେ ଭାରତୀୟ ଦଳରୁ ଅଂଶଗ୍ରହଣ କରିବା ଲାଗି ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ରାଜେଶ୍ୱରୀ ସେଠ୍ ମନୋନୀତ ହୋଇଛନ୍ତି। ଚୟନ ଶିବିରରେ ପ୍ରଭାବୀ ପ୍ରଦର୍ଶନ କରି ରାଜେଶ୍ୱରୀ ଜାତୀୟ ଦଳରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଏହି ଅବସରରେ ରାଜେଶ୍ୱରୀଙ୍କୁ ରାଜ୍ୟ ଲନବଲ୍ ସଂଘର ସମ୍ପାଦକ ସୁମିତ ପୁରୋହିତ, ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି। ରାଜେଶ୍ୱରୀ ଜାତୀୟ ଦଳରେ ସ୍ଥାନ ପାଇବା ଆମ ରାଜ୍ୟ ପାଇଁ ଖୁସିର ବିଷୟ ବୋଲି ସମ୍ପାଦକ କହିଛନ୍ତି।

**ଦେବେନ୍ଦ୍ର ପ୍ରଧାନ ମେମୋରିଆଲ୍ ଫୁଟ୍‌ବଲ**

# ୫-୧ ଗୋଲରେ ଜିତିଲା ୟୁନିଟ୍-୬ ସଂଘ



ଭୁବନେଶ୍ୱର, ୧୮ ।୩ (ସମିସ): ଡ. ଦେବେନ୍ଦ୍ର ପ୍ରଧାନ ମେମୋରିଆଲ୍ ପ୍ରଥମ ଅଲ୍ ଓଡ଼ିଶା ଫୁଟ୍‌ବଲ ଚାମ୍ପିଅନସିପ୍‌ର ତୃତୀୟ ଦିବସରେ ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏସନ ବିଜୟୀ ହୋଇଛି। ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ଗ୍ରାଉଣ୍ଡରେ ବୁଧବାର ଅନୁଷ୍ଠିତ ମ୍ୟାଚରେ ୟୁନିଟ୍-୬ ଦଳ ଅବଦୁଲ୍ଲଙ୍କ ହ୍ୟାଟ୍ରିକ ବଳରେ ୫-୧ ଗୋଲରେ କଟକର ବିଡ଼ାନାସୀ କ୍ଲବକୁ ପରାସ୍ତ କରିଥିଲା। ୟୁନିଟ୍-୬ ପକ୍ଷରୁ ପ୍ରଥମାର୍ଦ୍ଧରେ ୩ଟି ଓ ଦ୍ୱିତୀୟାର୍ଦ୍ଧରେ ଦୁଇଟି ଗୋଲ୍ ସ୍କୋର ହୋଇଥିଲା। ଅବଦୁଲ୍ଲ ମ୍ୟାଚର ୩୦ତମ, ୩୭ତମ ଓ ୬୮ତମ ମିନିଟରେ ୩ଟି ଗୋଲ୍ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦ୍ର ମୁର୍ମୁ ଓ ଅଗଷ୍ଟାଇନ ଗୋଟିଏ ଲେଖାଏ ସ୍କୋର କରିଥିଲେ। ସେହିଭଳି ବିଡ଼ାନାସୀ ୮୬ତମ ମିନିଟରେ ଗୋଟିଏ ଗୋଲ୍ ଶୁଝିଥିଲା। ଅବଦୁଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ୩ ହଜାର ଟଙ୍କା ପୁରସ୍କାର ପାଇଥିଲେ। ମନ୍ତ୍ରୀ ରବି ନାରାୟଣ ନାଏକ, ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି, ବିଧାୟକ ଅଶୋକ ମହାନ୍ତି, ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସୁରେଶ ସ୍ୱାଇଁ, ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଦୁର୍ଗାମାଧବ ନାୟକ, ଶିବ ଶଙ୍କର ପଣ୍ଡା, ସୁଜିତ ପାତ୍ର ଓ ଶିବ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଆସନ୍ତାକାଲି ସମଲେଶ୍ୱରୀ କ୍ଲବ୍ ସହ କଟକର ମଙ୍ଗଳା କ୍ଲବ୍‌ର ମୁକାବିଲା ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS